# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୫/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 25/2019 | ★★★★

୪୫ଶ ଭାଗ ୧୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଗୋୟଲ ହୋଇପାରନ୍ତି ଅର୍ଥମନ୍ତ୍ରୀ

ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ପାଳିରେ ଅର୍ଥମନ୍ତ୍ରୀ ହେବାକୁ ଯାଉଛନ୍ତି। ଅସୁସ୍ଥତା କାରଣରୁ ଅରୁଣ ଜେଟ୍‌ଲୀ ଏହି ପଦ ଗ୍ରହଣ କରିବେ ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଛି। ୧୭

୧୮

## ମେରିକମ୍‌ଙ୍କୁ ସ୍ୱର୍ଣ୍ଣ

ଏମ୍.ସି. ମେରିକମ୍ ଇଣ୍ଡିଆନ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ପୂର୍ବତନ ଜାତୀୟ ଚାମ୍ପିୟନ ଭାନଲାଲ ଦୁଆତିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## ଥେରେସାଙ୍କ ଇସ୍ତଫା ଘୋଷଣା



**ଲଣ୍ଡନ,୨୪।୫**

ବ୍ରେକ୍‌ଜିଟ୍ ବିଫଳତାକୁ ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ଇସ୍ତଫା ଘୋଷଣା କରିଛନ୍ତି। ନୂଆ ପ୍ରଧାନମନ୍ତ୍ରୀଙ୍କ ପାଇଁ ବାଟ ଛାଡିଦେବା ଲାଗି ସେ ଜୁନ୍ ୭ରେ ଇସ୍ତଫା ଦେବେ ବୋଲି ଶୁକ୍ରବାର କହିଛନ୍ତି। ୨୦୧୬ ଜୁନ୍‌ରେ ୟୁରୋପୀୟ ସଂଘ(ଇୟୁ)ରୁ ବ୍ରିଟେନ ଓହରିଯିବା ଲାଗି ଗଣଭୋଟ ହୋଇଥିଲା। ଏହା ପରେ ଥେରେସା ବ୍ରିଟେନ ପ୍ରଧାନମନ୍ତ୍ରୀ ହୋଇଥିଲେ। ବ୍ରେକ୍‌ଜିଟ୍‌କୁ ସମ୍ପୂର୍ଣ୍ଣ କରିବା ତାଙ୍କର ପ୍ରଥମ କାର୍ଯ୍ୟ ଥିଲାବେଳେ ସେ ଏଥିରେ ବିଫଳ ହୋଇଛନ୍ତି। ☞ପୃଷ୍ଠା-୪

ଗୁଳିମାଡ଼ରେ ଆହତ ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ମୃତ୍ୟୁ



୪



ଗୁଜରାଟର ସୁରଟ୍‌ସ୍ଥିତ ଏକ କୋଚିଂ ସେଣ୍ଟରରେ ଶୁକ୍ରବାର ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି।

## ■ କୋଚିଂ ସେଣ୍ଟର୍‌ରେ ଭୟଙ୍କର ଅଗ୍ନିକାଣ୍ଡ

# ୧୯ ଛାତ୍ର ମୃତ

- ■ ୧୫ ଜଣ ୪ ମହଲାରୁ ଡେଇଁପଡ଼ିଲେ
- ■ ମୃତଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା
- ■ ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ■ ଆହତଙ୍କ ଚିକିତ୍ସା ଓ ସହାୟତା ଲାଗି ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ

**ସୁରଟ୍,୨୪।୫**

ଗୁଜରାଟର ସୁରଟ୍‌ସ୍ଥିତ ଏକ କୋଚିଂ ସେଣ୍ଟରରେ ଶୁକ୍ରବାର ଅପରାହ୍ନରେ ହଠାତ୍ ନିଆଁ ଲାଗିଯିବାରୁ ୧୯ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନେକେ ଗୁରୁତର ମଧ ହୋଇଛନ୍ତି। ଅଧିକାଂଶ ଛାତ୍ରଙ୍କ ବୟସ ୧୪ରୁ ୧୭ ବର୍ଷ ମଧ୍ୟରେ ହେବ। ନିଆଁରୁ ବର୍ତ୍ତିବା ଲାଗି ୧୫ ଜଣ ଛାତ୍ର କୋଚିଂ ସେଣ୍ଟରର ତୃତୀୟ ଓ ଚତୁର୍ଥ ମହଲା ଛାତରୁ ଭୟରେ ଡେଇଁ ପଡ଼ିଥିବା ଜଣାପଡ଼ିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅନେକ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଗୁଜରାଟ ସରକାରଙ୍କୁ ଆହତଙ୍କ ଚିକିତ୍ସା ଲାଗି ସମସ୍ତ ପ୍ରକାର ସହାୟତା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରାହ୍ନ ୩.୩୦ରେ ସର୍ଥାନା ଅଞ୍ଚଳରେ ଥିବା ତକ୍ଷଶିଳା ବାଣିଜ୍ୟିକ କମ୍ପ୍ଲେକ୍ସର ଚତୁର୍ଥ ମହଲାରେ ନିଆଁ ଲାଗିଥିଲା। ନିମିଷକ ମଧ୍ୟରେ ଏହା ଭୟଙ୍କର ରୂପ ଧାରଣ କରି ତୃତୀୟ ମହଲାକୁ ବ୍ୟାପିଯାଇଥିଲା। ଭୟରେ ପିଲାମାନେ ନିଜର ଜୀବନରକ୍ଷା କରିବା ଲାଗି ପ୍ରାଣବିକଳରେ ଦୌଡ଼ିବା ସହ ଛାତରୁ ଡେଇଁବାକୁ ଆରମ୍ଭ କରିଥିଲେ। ଏଭଳି ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପ୍ରବଳ ଧୂଆଁ ଚାରିଆଡ଼େ ବ୍ୟାପିଯିବା ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ☞ପୃଷ୍ଠା-୪




# ଖୁବ୍‌ଶୀଘ୍ର ନୂଆ ମନ୍ତ୍ରିମଣ୍ଡଳ ଶପଥ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମନ୍ତ୍ରି ପରିଷଦର ଇସ୍ତଫା ଶୁକ୍ରବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ପ୍ରଦାନ କରିଛନ୍ତି। ଏହାକୁ ରାଜ୍ୟପାଳ ଗ୍ରହଣ କରିଛନ୍ତି। ନୂତନ ସରକାର ଗଠନ ହେବା ଯାଏ ଦାୟିତ୍ୱରେ ରହିବାକୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୨୭ କିମ୍ବା ୨୯ ତାରିଖରେ ନୂତନ ମନ୍ତ୍ରିମଣ୍ଡଳ ଗଠନ ହେବା ନେଇ ସୂଚନା ମିଳିଛି। ରାଜଭବନଠାରେ ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରସ୍ତୁତି ମଧ ଆରମ୍ଭ ହୋଇଛି। ଏ ଯାଏ ବିଧିବଦ୍ଧ କୌଣସି ଘୋଷଣା କରାଯାଇ ନ ଥିଲେ ମଧ ରବିବାର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନୂତନ ସରକାର ଗଠନ କରିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯିବ। ପଞ୍ଚମଥର ଲାଗି ବିଜେଡି ପୁଣି କ୍ଷମତାକୁ ଫେରିଛି। ଚଳିତ ନିର୍ବାଚନରେ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠ ଆସନ ମିଳିଛି। ପଞ୍ଚମଥର ଲାଗି ନବୀନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହା ପୂର୍ବରୁ ଅର୍ଥାତ୍ ଆସନ୍ତା ରବିବାର ପୂର୍ବାହ୍ନରେ ବିଜେଡିର ନବ ନିର୍ବାଚିତ ☞ପୃଷ୍ଠା-୪



- ■ ୨୭/୨୯ରେ ହୋଇପାରେ ଉତ୍ସବ
- ■ ଇସ୍ତଫା ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ
- ■ ୨୬ରେ ବିଜେଡି ବିଧାୟକ ଦଳ ବୈଠକ

### ଜୁନ ୧୧ରୁ ବିଧାନସଭା

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଆସନ୍ତା ଜୁନ ୧୧ରୁ ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ସଂସଦୀୟ ବ୍ୟାପାର ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୩ ତାରିଖ ଯାଏ ଚାଲିବ। ଜୁନ ୧୭ ତାରିଖରେ ୨୦୧୯-୨୦ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ ହେବ। କାମଚଳା ବାଚସ୍ପତି ଅଧିବେଶନ ପରିଚାଳନା କରିବେ। ପଞ୍ଚଦଶ ବିଧାନସଭାରେ ପ୍ରଦୀପ କୁମାର ଅମାତ ବାଚସ୍ପତି ଦାୟିତ୍ୱ ନିର୍ବାହ କରୁଥିଲେ। ଷୋଡ଼ଶ ବିଧାନସଭାରେ ଅମାତ କିମ୍ବା ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କୁ ବାଚସ୍ପତି ଆସନରେ ବିଜେଡି ବସାଇ ପାରେ ବୋଲି କୁହାଯାଉଛି।

# ଲୋକ ସଭା ଭଙ୍ଗ ସୁପାରିସ

### କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି



**ନୂଆଦିଲ୍ଲୀ,୨୪।୫(ପି.ଟି.)**

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିପୁଳ ବିଜୟଲାଭ କରିବାର ଦିନକ ପରେ କେନ୍ଦ୍ର କ୍ୟାବିନେଟର ସ୍ୱତନ୍ତ୍ର ବୈଠକ ବସିଛି। ଷୋଡ଼ଶ ଲୋକ ସଭା ଭଙ୍ଗ ପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଏହାସହ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏଥିସକାଶେ ସୁପାରିସ କରାଯାଇଛି। ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବ। ଏହା ପୂର୍ବରୁ ସପ୍ତଦଶ ଲୋକ ସଭା ଗଠନ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏନ୍‌ଡିଏ-୧ ସରକାରର ଶେଷ କ୍ୟାବିନେଟ ବୈଠକ ବସିଛି। ଲୋକ ସଭା ଭଙ୍ଗକରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇ ରାଷ୍ଟ୍ରପତିଙ୍କୁ ସୁପାରିସ କରାଯାଇଛି। ୩ ନିର୍ବାଚନ କମିଶନର ଖୁବ୍‌ଶୀଘ୍ର ରାଷ୍ଟ୍ରପତିଙ୍କୁ ଭେଟି ନବନିର୍ବାଚିତ ଏମ୍‌ପିଙ୍କ ତାଲିକା ପ୍ରଦାନ କରିବେ। ଏହା ପରେ ନୂଆ ଲୋକ ସଭା ଗଠନ ପ୍ରକ୍ରିୟା ଆରମ୍ଭ ହେବ।





NATIONAL EGG CO-ORDINATION COMMITTEE 24.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ପିସିସି ସଭାପତି ନିରଞ୍ଜନଙ୍କ ଇସ୍ତଫା

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ରାଜ୍ୟରେ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଛି। ଦଳକୁ ମାତ୍ର ୯ଟି ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରେ ସଫଳତା ମିଳିଛି। ଫଳରେ ଏଥର କଂଗ୍ରେସକୁ ରାଜ୍ୟରେ ବିରୋଧୀ ଦଳ ମାନ୍ୟତା ହରାଇବାକୁ ପଡିଛି। ଦଳର ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ନିରଞ୍ଜନ ପଟ୍ଟନାୟକ ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ଖବରଦାତା ସମ୍ମିଳନୀ କରି ନିରଞ୍ଜନ କହିଛନ୍ତି, ନୈତିକତା ଦୃଷ୍ଟିରୁ ସେ ସଭାପତି ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ପତ୍ର ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦିଆଯାଇଛି। ସାରା ଦେଶରେ ମୋଦି ବାତ୍ୟା ପ୍ରଭାବିତ ହେବାରୁ ଟଳିପଡିଲୁ। ରାଜ୍ୟରେ ନବୀନ ଓ ଦେଶରେ ମୋଦିଙ୍କୁ ଲୋକେ ବିଶ୍ୱାସ କଲେ। ନୀତି, ଆଦର୍ଶବାନ ଯୁବପିଢି ନେତୃତ୍ୱ ପାଇଁ ଆଗେଇ ଆସନ୍ତୁ। କଂଗ୍ରେସରେ ଅଛି, ଆଗକୁ ମଧ ରହି ଦଳକୁ ମଜଭୁତ କରିବେ ବୋଲି ନିରଞ୍ଜନ କହିଛନ୍ତି। ସୂଚନାଯୋଗ୍ୟ ଯେ, ☞ପୃଷ୍ଠା-୪

### ପ୍ରଚାର କମିଟି ଅଧ୍ୟକ୍ଷ ପଦ ଛାଡିଲେ ଭକ୍ତ



ନିରଞ୍ଜନ ପଟ୍ଟନାୟକ



ଭକ୍ତ ଚରଣ ଦାସ


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ସର୍ବସାଧାରଣଙ୍କ ମୋଟରଯାନ ନିମନ୍ତେ High Security Registration Plate (HSRP) ଲଗାଇବା ବାବଦରେ ସୂଚନା

- ❖ ଭାରତ ସରକାରଙ୍କ ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର S.O.6052(E) ତା-୦୯.୧୨.୨୦୧୮ ଏବଂ ଜ୍ଞାପନ ତା-୧୮.୦୪.୨୦୧୯ ଅନୁସାରେ, ତା-୦୧.୦୪.୨୦୧୯ ଦିନ କିମ୍ବା ପରେ ନିର୍ମିତ ସମସ୍ତ ମୋଟରଯାନଗୁଡିକରେ **High Security Registration Plate (HSRP)** ଲଗାଇବା ବାଧ୍ୟତାମୂଳକ ଅଟେ।
- ❖ ମୋଟରଯାନ ନିର୍ମାତାମାନେ, ସେମାନେ ପ୍ରସ୍ତୁତ କରୁଥିବା ସମସ୍ତ ନୂତନ ମୋଟରଯାନରେ HSRP ଲଗାଇ କ୍ରେତା/ଗ୍ରାହକଙ୍କୁ ବିକ୍ରୟ କରିବେ ଏବଂ ଏଥିପାଇଁ ସେମାନେ **ଅଲଗା ମୂଲ୍ୟ ଦାବି କରିପାରିବେ ନାହିଁ**, କାରଣ ଉକ୍ତ HSRP ର ମୂଲ୍ୟ ମୋଟରଯାନର ସମୁଦାୟ ମୂଲ୍ୟ ସହିତ ଯୋଡାଯାଇଅଛି।
- ❖ ଜନସାଧାରଣ ଏବଂ କ୍ରେତାମାନଙ୍କୁ ଜଣାଇ ଦିଆଯାଉଅଛି କି, ନୂତନ ଯାନ କିଣିବା ସମୟରେ ସେମାନେ ମୋଟରଯାନ ନିର୍ମାତା କିମ୍ବା ତାଙ୍କ ଅଧିକୃତ ବିକ୍ରେତାଙ୍କୁ HSRP ବାବଦରେ **ଅଧିକ ମୂଲ୍ୟ ଦେବେ ନାହିଁ**।
- ❖ ମୋଟରଯାନ ନିର୍ମାତା (Original Equipment Manufacturers) ମାନଙ୍କଦ୍ୱାରା HSRP ସମ୍ବନ୍ଧୀୟ ସମସ୍ତ ତଥ୍ୟ **VAHAN database** ରେ **upload** କରାଯିବା ପରେ ହିଁ RTO ଅଫିସ୍‌ରେ Regirstration Certificate(RC) print ହୋଇପାରିବ ଏବଂ ଗାଡି ମାଲିକ/କ୍ରେତାମାନଙ୍କୁ ଦିଆଯାଇପାରିବ।

**ପରିବହନ ଆୟୁକ୍ତ**
**ଓଡିଶା, କଟକ**


### ଆଜିର ସମ୍ପାଦକୀୟ

ଅବେଳରେ ସାକ୍ଷାତ୍‌କାର

### ଆଜିର ମନ୍ତବ୍ୟ

“ ସରକାରଙ୍କ ଏହି ପାଳିର ସୂର୍ଯ୍ୟାସ୍ତ ହୋଇଥିଲେ ମଧ ଉଜ୍ଜ୍ୱଳତା ଜାରି ରହିବ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୧.୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛନ୍ତି।
-କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ





ବିହାରରେ ଏନ୍‌ଡିଏର ବିଜୟ ପରେ ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦଳୀୟ ପ୍ରାର୍ଥୀମାନେ ସମ୍ବର୍ଦ୍ଧନା ଦେଉଛନ୍ତି।


ପୁଡୁଚେରୀ ବିଧାନସଭାର ପୂର୍ବତନ ବାଚସ୍ପତି ଭି. ବୈଦିଲିଙ୍ଗମ୍ (ବାମ) ଲୋକ ସଭାକୁ ନିର୍ବାଚିତ ହେବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ (ଡାହାଣ)।


ଡେରାଡୁନ୍‌ରେ ମୁହଁରେ ରଙ୍ଗ ବୋଳି ବିଜୟ ଉତ୍ସବ ମନାଉଛନ୍ତି ଜଣେ ଭାଜପା ସମର୍ଥକ।



ଉଧମପୁର ଆସନରେ ବିଜୟୀ ହେବା ପରେ ଜମ୍ମୁସ୍ଥିତ ଭାଜପା କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଖଣ୍ଡା ଧରିଛନ୍ତି।

# ଆସନ ବଞ୍ଚାଇପାରିଲେ ୧୯୭ ଏମ୍‌ପି

ନୂଆଦିଲ୍ଲୀ,୨୪।୫(ପି.ଟି.)

୨୦୧୪ରେ ନିର୍ବାଚିତ ହୋଇଥିବା ୫୪୩ ଏମ୍‌ପିଙ୍କ ମଧ୍ୟରୁ ଏଥର ସାଧାରଣ ନିର୍ବାଚନରେ ୧୯୭ ଜଣ ନିଜ ଆସନ ବଞ୍ଚାଇପାରିଛନ୍ତି। ସେମାନଙ୍କ ମଧ୍ୟରେ ୨୭ ମହିଳା ଏମ୍‌ପି ଅଛନ୍ତି।

୭ ପର୍ଯ୍ୟାୟ ଲୋକ ସଭା ନିର୍ବାଚନର ୫୪୨ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଫଳାଫଳ ଆସିବା ପରେ ଜଣାପଡ଼ିଛି ଯେ, ସାରା ଦେଶର ୧୪୫ ଭାଜପା ଏମ୍‌ପି ନିଜ ଆସନ ସୁରକ୍ଷିତ ରଖିପାରିଛନ୍ତି। ସେମାନଙ୍କ ମଧ୍ୟରେର କିରେନ୍ ରିଜିଜୁ, ନୀତୀନ ଗଡ଼କରୀ, ବାବୁଲ ସୁପ୍ରିୟୋ ଅଛନ୍ତି। ବିହାରରେ ୧୨ ଭାଜପା ଏମ୍‌ପି ନିଜ ଭାଗ୍ୟ ପରୀକ୍ଷାରେ ସଫଳ ହୋଇଛନ୍ତି। କଂଗ୍ରେସର ସୁପାଉଆଲ ଏମ୍‌ପି ପରାଜିତ ହୋଇଛନ୍ତି। ସେହିପରି ପାଟନା ସାହିବରୁ କଂଗ୍ରେସ ଟିକେଟରେ ଲଢ଼ିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ମଧ୍ୟ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଜେଡିୟୁର ୨ ଏବଂ ଏଲ୍‌ଜେପିର ୩ ଏମ୍‌ପି ନିଜ ନିଜ ଆସନରେ ଜିତିଥିବାବେଳେ ଆର୍‌ଜେଡିର ୩ ଏମ୍‌ପି ହାରିଯାଇଛନ୍ତି।


ନୀତୀନ ଗଡ଼କରୀ


କିରେନ୍ ରିଜିଜୁ


ଶ୍ରୀପଦ ୟାସୁ ନାଏକ

ଜାତୀୟ ରାଜଧାନୀ ଦିଲ୍ଲୀର ୫ ଏମ୍‌ପି ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଆନ୍ଧ୍ରପ୍ରଦେଶରେ ଶାସକ ଟିଡିପିର ୯ଏମ୍‌ପିଙ୍କ ମଧ୍ୟରୁ ମାତ୍ର ୨ ଜଣ ନିଜ (ବିଜୟୱାଡ଼ା ଓ ଗୁଣ୍ଟୁର) ଆସନ ରକ୍ଷା କରିପାରିଛନ୍ତି। ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି କଡପା ଓ ରାଜାମ୍‌ପେଟ ଆସନରେ ସ୍ଥିତାବସ୍ଥା ବଜାୟ ରଖିଛି। ଆସାମରେ କଂଗ୍ରେସ ଓ ଭାଜପାର ଦୁଇଜଣ ଲେଖାଏ ଏମ୍‌ପି ଥିଲେ। ଭାଜପା ଏମ୍‌ପି ନିଜ ଦୁଇ ଆସନରେ ପୁନର୍ବାର ବିଜୟୀ ହୋଇଥିବାବେଳେ କଂଗ୍ରେସକୁ ଗୋଟିଏ ଆସନ ହରାଇବାକୁ ପଡ଼ିଛି। ଏଆଇୟୁଡିଏଫ୍ ଅଧ୍ୟକ୍ଷ ବଦ୍‌ରୁଦ୍ଦିନ୍ ଅଜମଲ ଧୁବ୍ରି ଆସନରେ ଜିତିଛନ୍ତି। ଲାକ୍ଷାଦ୍ୱୀପର ଏନ୍‌ସିପି ଏମ୍‌ପି ମହମ୍ମଦ ଫୈଜାଲ ପିପି ନିଜ ଆସନରେ ଜିତିଛନ୍ତି। ସିପିଆଇଏମ୍ ତ୍ରିପୁରାରେ ଦଳୀୟ ୨ ଏମ୍‌ପିଙ୍କୁ ଟିକେଟ ଦେଇଥିଲା। କିନ୍ତୁ



ଉଭୟ ଆସନକୁ ଭାଜପା ଛଡ଼ାଇନେଇଛି। ତେଲେଙ୍ଗାନାରେ ଟିଆର୍‌ଏସ୍ ୬ ଏମ୍‌ପିଙ୍କୁ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦେଇଥିଲେ ହେଁ ସେମାନଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇଛନ୍ତି। ୪ ଆସନ ଭାଜପା ହାତକୁ ଯାଇଛି। ସେହିପରି ତାମିଲନାଡୁରେ ଏଆଇଏଡିଏମ୍‌କେ ତା'ର ୭ ଏମ୍‌ପିଙ୍କ ଉପରେ ଭରସା କରିଥିଲା। ହେଲେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ନିଜ ଆସନ ରକ୍ଷାକରି ପାରିନାହାନ୍ତି। ମୋଦି ହାୱା ସତ୍ତ୍ୱେ କନ୍ୟାକୁମାରୀ ଏମ୍‌ପି ନିଜ ଆସନରେ ପୁନଃ ନିର୍ବାଚିତ ହୋଇପାରି ନାହାନ୍ତି। ପଶ୍ଚିମବଙ୍ଗରେ ଟିଏମ୍‌ସି ଯେଉଁ ୨୩ ଏମ୍‌ପିଙ୍କୁ ଟିକେଟ ଦେଇଥିଲା, ସେମାନଙ୍କ ମଧ୍ୟରୁ ମାତ୍ର ୯ ଜଣ ନିଜ ଗଡ଼ରେ ସଫଳ ହୋଇଛନ୍ତି। ଭାଜପା ଆସାନସୋଲ ଆସନରେ ବାବୁଲ ସୁପ୍ରିୟୋଙ୍କୁ ଟିକେଟ ଦେଇଥିବାବେଳେ ସେ ବିଜୟୀ ହୋଇଛନ୍ତି। ଅନୁରୂପ ଭାବେ ରାଜସ୍ଥାନରେ ୧୬ ଏମ୍‌ପିଙ୍କୁ ଭାଜପା ଟିକେଟ ଦେଇଥିଲା, ଯେଉଁମାନେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ମହାରାଷ୍ଟ୍ରରେ ଭାଜପାର ୧୫ ଏମ୍‌ପିଙ୍କ ମଧ୍ୟରୁ ୧୪ ଜିତିଛନ୍ତି। ଶିବସେନାର ସମସ୍ତ ୧୫ ଏମ୍‌ପି ନିଜ ଆସନରେ ସଫଳ ହୋଇଛନ୍ତି। ପଞ୍ଜାବ କଥା ଦେଖିଲେ କଂଗ୍ରେସର ୩ ଏମ୍‌ପି ନିଜ ଆସନରେ ଜିତିଥିବାବେଳେ ଶିରୋମଣି ଅକାଳୀ ଦଳର ୨ ଏମ୍‌ପି ବିଜୟୀ ହୋଇଛନ୍ତି। ଲୋକ ସଭାରେ ଏଏପିରୁ ପ୍ରତିନିଧିତ୍ୱ କରୁଥିବା ଭଗବନ୍ତ ମାନ୍ ନିଜ ଆସନରେ ବିଜୟୀ ହୋଇଛନ୍ତି। ଓଡ଼ିଶାରେ ବିଜେଡିର ୪ ଏମ୍‌ପିଙ୍କୁ ଦଳ ଟିକେଟ ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣ ଜିତିଛନ୍ତି। ସୁନ୍ଦରଗଡ଼ ଆସନର ଜୁଏଲ୍ ଓରାମ ଭାଜପା ଟିକେଟରେ ଲଢ଼ି ନିଜ ସ୍ଥିତି ବଜାୟ ରଖିଛନ୍ତି। ଶିଲଂର କଂଗ୍ରେସ ଏମ୍‌ପି ଭିନ୍‌ସେଣ୍ଟ ପାଲା ମଧ୍ୟ ନିଜ ଆସନରେ ସଫଳ ହୋଇଛନ୍ତି। ଗୋଆରେ ଭାଜପା ୨ ଏମ୍‌ପିଙ୍କୁ ଟିକେଟ ଦେଇଥିଲା। ଶ୍ରୀପଦ ୟାସୁ ନାଏକ ନର୍ଥ ଗୋଆ ଆସନରେ ଜିତିଥିବାବେଳେ ନରେନ୍ଦ୍ର କେଶବ ସାୱିକର ସାଉଥ୍ ଗୋଆରେ ହାରି ଯାଇଛନ୍ତି। ଗୁଜରାଟରେ ଭାଜପାର ୧୬ ଏମ୍‌ପି ନିଜ ନିଜ ଆସନରେ ସଫଳତା ହାସଲ କରିଛନ୍ତି। ହରିୟାଣାର ୫ ଭାଜପା ଏମ୍‌ପି ନିଜ ଆସନରେ ଜିତିଥିବାବେଳେ ରୋହତକର କଂଗ୍ରେସ ଏମ୍‌ପି ଦୀପେନ୍ଦ୍ର ସିଂ ହୁଡାଙ୍କୁ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ହିମାଚଳ ପ୍ରଦେଶର ୪ ଭାଜପା ଏମ୍‌ପିଙ୍କ ମଧ୍ୟରୁ ୨ ଜଣ (ହମିରପୁର ଓ ମଣ୍ଡି) ଜିତିଛନ୍ତି। ଜମ୍ମୁରେ ଭାଜପା ପୁଣିଥରେ ଟିକେଟ ଦେଇଥିବା ଯୁଗଳ କିଶୋର ବିଜୟୀ ହୋଇଛନ୍ତି। ଅନନ୍ତନାଗ ଆସନର ଏମ୍‌ପି ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଶ୍ରୀନଗର ଆସନରେ ପୁନର୍ବାର ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡରେ ଭାଜପା ୮ ଏମ୍‌ପିଙ୍କୁ ଟିକେଟ ଦେଇଥିବାବେଳେ ୭ ବିଜୟୀ ହୋଇଛନ୍ତି। ୨ ଜେଏମ୍‌ଏମ୍ ଏମ୍‌ପିଙ୍କ ମଧ୍ୟରୁ ଜଣେ ଜିତିଛନ୍ତି। କର୍ଣାଟକର ୮ ଭାଜପା ଏମ୍‌ପିଙ୍କ ମଧ୍ୟରୁ ୭ ଜିତିଛନ୍ତି। କଂଗ୍ରେସର ୭ ଏମ୍‌ପି ହାରିଯାଇଛନ୍ତି। ନାଗାଲାଣ୍ଡ, ମଣିପୁର, ସିକିମ, ଛତିଶଗଡ଼, ପୁଡୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କୌଣସି ସିଟିଙ୍ଗ୍ ଏମ୍‌ପି ନିର୍ବାଚନ ମଇଦାନକୁ ପୁନର୍ବାର ଓହ୍ଲାଇ ନ ଥିଲେ।

## ଏଥର ଲୋକ ସଭାରେ ୨୭ ମୁସଲମାନ ଏମ୍‌ପି

ନୂଆଦିଲ୍ଲୀ,୨୪।୫(ପି.ଟି.): ଏଥର ଲୋକ ସଭାକୁ ୨୭ ଜଣ ମୁସଲମାନ ଏମ୍‌ପି ନିର୍ବାଚିତ ହୋଇଛନ୍ତି ଯାହା କି ଦଶନ୍ଧିରେ ସର୍ବାଧିକ। ଗତ ଲୋକ ସଭାରେ ୨୩ ମୁସଲମାନ ଏମ୍‌ପି ଥିଲେ। ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ସର୍ବାଧିକ ମୁସଲମାନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ଭାଜପା ୬ ମୁସଲମାନ ପ୍ରାର୍ଥୀ ଦେଇଥିଲେ ହେଁ ସେମାନଙ୍କ ମଧ୍ୟରୁ କେହି ଜିତିନାହାନ୍ତି। ପ୍ରମୁଖ ବିଜୟୀ ମୁସଲମାନ ପ୍ରାର୍ଥୀ ହେଲେ ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ ଅବ୍‌ଦୁଲ୍ଲା, ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ ଓୱାଇସି, ସମାଜବାଦୀ ପାର୍ଟି ନେତା ଆଜମ ଖାନ୍। ୟୁପି ଓ ପଶ୍ଚିମବଙ୍ଗରୁ ୬ ଜଣ ଲେଖାଏ ମୁସଲମାନ ପ୍ରାର୍ଥୀ ଜିତିଥିବାବେଳେ କେରଳ, ଜମ୍ମୁ-କଶ୍ମୀରରୁ ୩ ଜଣ ଲେଖାଏ ଏବଂ ଆସାମ ଓ ବିହାରରୁ ୨ ଜଣ ଲେଖାଏ ମୁସଲମାନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ପଞ୍ଜାବ, ମହାରାଷ୍ଟ୍ର, ତାମିଲନାଡୁ, ଲାକ୍ଷାଦ୍ୱୀପ ଏବଂ ତେଲେଙ୍ଗାନାରୁ ଜଣେ ଲେଖାଏ ଜିତିଛନ୍ତି। ତୃଣମୂଳ କଂଗ୍ରେସରୁ ସର୍ବାଧିକ ୫ ମୁସଲମାନ ଏମ୍‌ପି ଜିତିଛନ୍ତି।

▪ ସୁପର୍ ରିଚ୍‌ଙ୍କୁ ମିଶ୍ରଫଳ

# ସବୁଠାରୁ ଧନୀ ପ୍ରାର୍ଥୀ ଅମାନତ ହରାଇଲେ

ନୂଆଦିଲ୍ଲୀ,୨୪।୫

ସପ୍ତଦଶ ଲୋକସଭା ନିର୍ବାଚନ ସୁପର ରିଚ୍‌ଙ୍କ ଲାଗି ମିଶ୍ର ଫଳାଫଳ ଆଣିଦେଇଛି। ୫ ସୁପର ରିଚ୍ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଥିବାବେଳେ ୫ ପରାଜୟ ବରଣ କରିଛନ୍ତି। ସବୁଠାରୁ ଧନୀ ପ୍ରାର୍ଥୀ ବିହାରର ରମେଶ କୁମାର ଶର୍ମା ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବାବେଳେ ଅମାନତ୍ ହରାଇଥିବା ଜଣାପଡ଼ିଛି।

ଦେଶର ସବୁଠାରୁ ୧୦ ଧନୀ ପ୍ରାର୍ଥୀଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ୩, ବିହାରର ୨ ଓ ତାମିଲନାଡୁ, କର୍ନାଟକ ଓ ତେଲେଙ୍ଗାନାର ଜଣେ ଲେଖାଏ ପ୍ରାର୍ଥୀ ଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲନାଥ ବିଜୟୀ ହୋଇଥିବାବେଳେ ଜ୍ୟୋତିରାଦିତ୍ୟ ସିନ୍ଧିଆ ପରାଜୟ ବରଣ କରିଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଦେଶର ସବୁଠାରୁ ଧନୀ ପ୍ରାର୍ଥୀ ରମେଶ କୁମାର ଶର୍ମା ପାଟଳିପୁତ୍ର ଆସନରୁ ଲଢ଼ି ମାତ୍ର ୧,୫୫୬ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ୧,୧୦୭ କୋଟି ଟଙ୍କା ବୋଲି ନିର୍ବାଚନ ସତ୍ୟପାଠରୁ ଜଣାପଡ଼ିଛି।


ରମେଶ କୁମାର ଶର୍ମା

ଦେଶର ସପ୍ତମ ଧନୀ ପ୍ରାର୍ଥୀ କଂଗ୍ରେସର ଉଦୟ ସିଂ ବିହାରର ପୂର୍ଣ୍ଣିଆ ଲୋକସଭା ଆସନରୁ ୨, ୬୩,୪୬୧ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଛନ୍ତି। ତାଙ୍କ ପାଖରେ ୩୪୧ କୋଟି ଟଙ୍କାର ସମ୍ପତ୍ତି ଅଛି। ଅନ୍ୟ ପରାଜିତ ପ୍ରାର୍ଥୀଙ୍କ ମଧ୍ୟରେ ତେଲେଙ୍ଗାନାର ଚେଭେଲାରୁ କଂଗ୍ରେସର କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ ଟିଆର୍‌ଏସ୍ ପ୍ରାର୍ଥୀଙ୍କଠାରୁ ୧୪, ୩୧୭ ଭୋଟରେ ହାରିଛନ୍ତି। ବିଶ୍ୱେଶ୍ୱରଙ୍କ ସମ୍ପତ୍ତିର ମୂଲ୍ୟ ୮୯୫ କୋଟି ଟଙ୍କାରୁ ଅଧିକ। କଂଗ୍ରେସର ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଲକ୍ଷାଧିକ ଭୋଟରେ ଗୁନା ଆସନରୁ ଭାଜପା ପ୍ରାର୍ଥୀ କ୍ରିଷ୍ଣପାଲ ସିଂଙ୍କଠାରୁ ହାରିଛନ୍ତି। ଦେଶର ପଞ୍ଚମ ଧନୀ ପ୍ରାର୍ଥୀଭାବେ ସେ ୩୭୪ କୋଟି ଟଙ୍କା ସମ୍ପତ୍ତିର ମାଲିକ।

# ପୁରି, ଆଲ୍‌ଫୋନ୍ସ ପରାଜିତ

ନୂଆଦିଲ୍ଲୀ,୨୪।୫(ପି.ଟି.)

ଭାଜପାରୁ ପ୍ରାର୍ଥୀ ହୋଇଥିବା ୨ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କୁ ଛାଡିଦେଲେ ଅନ୍ୟମାନେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଆର.କେ. ସିଂ, ସତ୍ୟପାଲ ସିଂ ଏବଂ ଅର୍ଜୁନ ରାମ ମେଘୱାଲ ଅନ୍ୟତମ। କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ହରଦୀପ ସିଂ ପୁରି ଏବଂ କେ.ଜେ. ଆଲଫୋନ୍ସ ପରାଜିତ ହୋଇଛନ୍ତି। ପୂର୍ବତନ ଆଇଏଫ୍‌ଏସ୍ ଅଫିସର ପୁରି ପଞ୍ଜାବର ଅମୃତସର ଆସନରୁ ଏବଂ ପୂର୍ବତନ ଆଇଏଏସ୍ ଅଫିସର ଆଲଫୋନ୍ସ କେରଳର ଏର୍ନାକୁଲମ୍ ଆସନରୁ ହାରିଛନ୍ତି।

# ସି.ଆର୍. ପାଟିଲ ସର୍ବାଧିକ ବ୍ୟବଧାନରେ ବିଜୟୀ

ନୂଆଦିଲ୍ଲୀ,୨୪।୫(ପି.ଟି.)

ଗୁଜରାଟର ନଭସାରି ଆସନରେ ଭାଜପା ପ୍ରାର୍ଥୀ ସି.ଆର୍. ପାଟିଲ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କୁ ସର୍ବାଧିକ ୬.୮୯ ଲକ୍ଷ ଭୋଟ ବ୍ୟବଧାନରେ ପରାସ୍ତ କରି ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୧୪ ଅକ୍ଟୋବର ଉପନିର୍ବାଚନରେ ମହାରାଷ୍ଟ୍ରର ବିଦ୍ ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କ କନ୍ୟା ପ୍ରୀତମ ମୁଣ୍ଡେ ସର୍ବାଧିକ ୬.୯୬ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଥିଲେ। ସେହିପରି ସର୍ବନିମ୍ନ ବ୍ୟବଧାନରେ ବିଜୟୀ ପ୍ରାର୍ଥୀ ମଧ୍ୟ ଭାଜପାରୁ। ଉତ୍ତରପ୍ରଦେଶର ମଛଲିସହର ଆସନରୁ ଭୋଳାନାଥ



ସର୍ବନିମ୍ନ ୧୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପାଟିଲଙ୍କ ଦଳୀୟ ସହକର୍ମୀ ସଞ୍ଜୟ ଭାଟିଆ, କ୍ରିଷନ୍ ପାଲ୍, ସୁଭାଷ ଚନ୍ଦ୍ର ବହେରିଆ ୬ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିବାବେଳେ ଅନ୍ୟ ୧୨ରୁ ଉର୍ଦ୍ଧ୍ୱ ଭାଜପା ପ୍ରାର୍ଥୀ ୫ ଲକ୍ଷରୁ ଅଧିକ ଭୋଟରେ ଜିତିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀରୁ ୪.୭୯ ଲକ୍ଷ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଗାନ୍ଧୀନଗର ଆସନରୁ ୫.୫୭ ଲକ୍ଷ ଭୋଟ ବ୍ୟବଧାନରେ ଜିତିଛନ୍ତି।

# ମହାରାଷ୍ଟ୍ର: ଏକତୃତୀୟାଂଶରୁ ଅଧିକ ଏମ୍‌ପି ନୂଆ

ମୁମ୍ବାଇ,୨୪।୫(ପି.ଟି.)

ମହାରାଷ୍ଟ୍ରର ୪୮ ଏମ୍‌ପିଙ୍କ ମଧ୍ୟରୁ ୨୦ ଜଣ ପ୍ରଥମ ଥର ଲାଗି ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାରୁ ୧୧ ଜଣ, ଶିବସେନାରୁ ୪ ଏବଂ ଏନ୍‌ସିପିରୁ ୨ ଜଣ ଅଛନ୍ତି। ଏହା ବ୍ୟତୀତ କଂଗ୍ରେସ ଏବଂ ଏଆଇଏମ୍‌ଆଇଏମ୍‌ରୁ ଜଣେ ଲେଖାଏ ନୂଆ ମୁହଁ ଲୋକ ସଭାକୁ ଯାଇଛନ୍ତି। ଅନ୍ୟପକ୍ଷରେ ଭାଜପା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ହଂସରାଜ ଅହିର, ଶିବସେନା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଅନନ୍ତ ଗୀତେ ହାରିଛନ୍ତି। ସେହିପରି ଶିବସେନା ଏମ୍‌ପି ଶିବାଜୀ ଅଧାଲରାଓ ପାଟିଲ, ଆନନ୍ଦ ଅଦସୁଲ ଏବଂ ଚନ୍ଦ୍ରକାନ୍ତ ଖୈର ପରାଜିତ ହୋଇଛନ୍ତି।

# ମମତାଙ୍କ ଗଡ଼ରେ ୧୮ ଭାଜପା ପ୍ରାର୍ଥୀ ବିଜୟୀ

କୋଲକାତା,୨୪।୫(ପି.ଟି.)

ପଶ୍ଚିମବଙ୍ଗର ୪୨ ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୮ଟି କବ୍‌ଜା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ୨୨ ଆସନରେ ଜିତିବାକୁ ସକ୍ଷମ ହୋଇଥିବାବେଳେ କଂଗ୍ରେସକୁ ୨ଟି ଆସନ ମିଳିଛି। ୨୦୧୪ରେ ତୃଣମୂଳ କଂଗ୍ରେସ ୩୪ ଆସନରେ ଜିତିଥିଲା। ଏଥର ଅଧିକ ଆସନରେ ଜିତି କେନ୍ଦ୍ରରେ ବଡ଼ ଭୂମିକା ନେବାକୁ ମମତା ଆଶାବାଦୀ ଥିଲେ।

# ୧୮ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ କଂଗ୍ରେସ ଶୂନ୍ୟ

ନୂଆଦିଲ୍ଲୀ,୨୪।୫(ପି.ଟି.)

ଏହି ନିର୍ବାଚନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କଂଗ୍ରେସ ଶୂନ୍ୟ ହୋଇଛି। ୨୦୧୪ ନିର୍ବାଚନରେ କଂଗ୍ରେସରୁ ମାତ୍ର ୪୪ ଏମ୍‌ପି ନିର୍ବାଚିତ ହୋଇଥିବାବେଳେ ଏଥର ସଂଖ୍ୟା ୫୨ରେ ସୀମିତ ରହିଛି। ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ଚଣ୍ଡିଗଡ, ଦାଦ୍ରା ଓ ନଗର ହାଭେଲି, ଡାମନ ଓ ଡିଉ, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଲାକ୍ଷାଦ୍ୱୀପ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ଦିଲ୍ଲୀ, ରାଜସ୍ଥାନ, ସିକିମ୍, ତ୍ରିପୁରା ଏବଂ ଉତ୍ତରାଖଣ୍ଡ କଂଗ୍ରେସ ଶୂନ୍ୟ ହୋଇଛି।

# ପ୍ରତିନିଧିତ୍ୱ କରିବେ ୭୮ ମହିଳା


ସ୍ମୃତି ଇରାନୀ


ସୋନିଆ ଗାନ୍ଧୀ


ରୀତା ବହୁଗୁଣା ଜୋଷୀ

ନୂଆଦିଲ୍ଲୀ,୨୪।୫(ପି.ଟି.)

**ସପ୍ତଦଶ ଲୋକ ସଭାରେ ନୂଆ ରେକର୍ଡ**

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇ ଫଳ ପ୍ରକାଶ ପାଇଛି। ଜୁନ୍ ୩ ପୂର୍ବରୁ ଗଠନ ହେବାକୁ ଥିବା ସପ୍ତଦଶ ଲୋକ ସଭାକୁ ଦେଶର ବିଭିନ୍ନ ଭାଗରୁ ଭିନ୍ନ ଭିନ୍ନ ରାଜନୈତିକ ଦଳର ୭୮ ମହିଳାଙ୍କୁ ମତଦାତା ନିର୍ବାଚିତ କରିଛନ୍ତି। ନିମ୍ନ ସଦନକୁ ଏତେ ସଂଖ୍ୟକ ମହିଳା ପୂର୍ବରୁ କେବେ ନିର୍ବାଚିତ ହୋଇ ନ ଥିଲେ। ଲୋକ ସଭାରେ କିଛି ଦିନ ମଧ୍ୟରେ ଯେଉଁ ୫୪୨ ଏମ୍‌ପି ଶପଥଗ୍ରହଣ କରିବେ, ସେମାନଙ୍କ ମଧ୍ୟରୁ ୭୮ ହେଉଛନ୍ତି ମହିଳା। କେବଳ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ୧୧ ଜଣ ଲେଖାଏ ମହିଳା ଏମ୍‌ପି ଲୋକ ସଭାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ୭ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ମଇଦାନରେ ୭୨୪ ମହିଳା ପ୍ରାର୍ଥୀ ଥିଲେ। କଂଗ୍ରେସ ସର୍ବାଧିକ ୫୪ ମହିଳାଙ୍କୁ ଟିକେଟ ଦେଇଥିବାବେଳେ ଭାଜପା ୫୩ ଜଣଙ୍କୁ ପ୍ରାର୍ଥୀ କରିଥିଲା। ୧୭ତମ ଲୋକ ସଭାର ୧୪% ଏମ୍‌ପି ମହିଳା। ୧୯୫୨ ମସିହାରୁ ଅଦ୍ୟାବଧି ଏହା ଏକ ରେକର୍ଡ। ଷୋଡ଼ଶ ଲୋକ ସଭାରେ ୬୪ ଓ ପଞ୍ଚଦଶ ଲୋକ ସଭାରେ ୫୨ ମହିଳା ପ୍ରତିନିଧିତ୍ୱ କରୁଥିଲେ। ବର୍ତ୍ତମାନ ୪୧ ସିଟିଙ୍ଗ୍ ମହିଳା ଏମ୍‌ପିଙ୍କ ମଧ୍ୟରୁ ୨୭ ଜଣଙ୍କ ମଧ୍ୟରେ ଥିବା ସୋନିଆ ଗାନ୍ଧୀ, ହେମାମାଳିନୀ ଓ କିରନ୍ ଖେର ସେମାନଙ୍କ ଆସନରେ ଜିତିଛନ୍ତି। ଅନ୍ୟପକ୍ଷରେ ଭାଜପାର ପ୍ରଜ୍ଞା ସିଂ ଠାକୁର କଂଗ୍ରେସର ଦିଗ୍‌ବିଜୟ ସିଂଙ୍କଠାରୁ ଭୋପାଳ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ଅମେଠି ଆସନ ଛଡ଼ାଇନେବାରେ ସକ୍ଷମ ହୋଇଛନ୍ତି। ଏଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା ଅନ୍ୟ ପ୍ରମୁଖ ମହିଳାଙ୍କ ମଧ୍ୟରେ ଅଛନ୍ତି ଡିଏମ୍‌କେର କାନିମୋଝି(ଟୁଟିକୋରିନ୍) ଓ ଭାଜପାର ରୀତା ବହୁଗୁଣା ଜୋଷୀ (ଆଲ୍ଲାହାବାଦ)। ସେହିପରି ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଲକେଟ ଚାଟାର୍ଜୀ ହୁଗୁଳି ଆସନରୁ ବିଜୟୀ ହୋଇଛନ୍ତି। ବିଏସ୍‌ପି ୨୪, ଟିଏମ୍‌ସି ୨୩, ସିପିଏମ୍ ୧୦, ସିପିଆଇ ୪, ଏନ୍‌ସିପି ଜଣେ ମହିଳାଙ୍କୁ ଟିକେଟ ଦେଇଥିଲା। ମଇଦାନରେ ୨୨୨ ମହିଳା ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିଲେ। ପ୍ରକାଶ ଯେ, ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ସଂରକ୍ଷଣ ପାଇଁ ପ୍ରସ୍ତାବିତ ବିଲ୍ ପାର୍ଲାମେଣ୍ଟରେ ପଡ଼ିରହିଛି।

# ହାରିଲେ ବାପପୁଅ

**ଭବାନୀପାଟଣା,୨୪।୫(ଡି.ଏନ.ଏ.):** କଳାହାଣ୍ଡି ଜିଲାର ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା, ଏଆଇସିସି ସଦସ୍ୟ ତଥା ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଏଥର ନିର୍ବାଚନରେ ଶୋଚନୀୟ ଭାବେ ପରାଜିତ ହୋଇଛନ୍ତି। ଏଥିସହିତ ତାଙ୍କ ପୁଅ ତଥା ଯୁବନେତା ସାଗର ଚରଣ ଦାସ ମଧ୍ୟ ଚଳିତ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିଥିଲେ । ସେ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକଙ୍କଠାରୁ ପରାଜିତ ହୋଇଛନ୍ତି। ଉଭୟେ ନିଜ ପ୍ରତିଦ୍ୱନ୍ଦୀମାନଙ୍କଠାରୁ ପରାଜିତ ହୋଇ ତୃତୀୟ ସ୍ଥାନରେ ରହିଛନ୍ତି।

## ଏଭରେଷ୍ଟଠୁ ବି ଆହୁରି ଉଚ୍ଚକୁ ଚଢ଼ି ଚାଲିଗଲେ କଳ୍ପନା




# ପଶ୍ଚିମ ଓଡ଼ିଶା ଛଟପଟ

**ଭୁବନେଶ୍ୱର, ୨୪।୫ (ବ୍ୟୁରୋ):** ତାତିରୁ ମିଳୁନି ତ୍ରାହି। ଝାଞ୍ଜି ପବନରେ ଅସ୍ତବ୍ୟସ୍ତ ସାରା ରାଜ୍ୟ। ବିଶେଷକରି ପଶ୍ଚିମ ଓଡ଼ିଶା ତାତିରେ ଛଟପଟ ହେଉଛି। ଯଦିଓ ରାଜ୍ୟର କେତେକ ଅଞ୍ଚଳରେ ଦୁଇଦିନ ହେବ ସାମାନ୍ୟ ବର୍ଷା ହେଉଛି, ତଥାପି ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଶୁକ୍ରବାର ୧୦ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିବା ବେଳେ ୫ସହର ୪୩ଡିଗ୍ରୀ ତାପମାତ୍ରାରେ ସିଝିଥିଲା। ଟିଟିଲାଗଡ଼ ୪୪.୨ଡିଗ୍ରୀରେ ଉତ୍ତପ୍ତ ସହର ପାଲଟିଥିଲା। ସମ୍ବଲପୁର ୪୩.୯, ହୀରାକୁଦ ୪୩.୮, ତାଳଚେର ୪୩.୭, ଝାରସୁଗୁଡ଼ା ୪୩.୬, ସୋନପୁର ୪୩.୨, ବଲାଙ୍ଗୀର ୪୨.୭, ଭବାନୀପାଟଣା ୪୧.୫, ମାଲକାନଗିରି ୪୧ ଓ ସୁନ୍ଦରଗଡ଼ରେ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଶନିବାର ମାଲକାନଗିରି, କୋରାପୁଟ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରର ଗୋଟିଏ କିମ୍ବା ଦୁଇଟି ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି।

# କଳ୍ପନାଙ୍କ ମରଶରୀର ଆଣିବା ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୨୪।୫**

ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ମହିଳା ପର୍ବତାରୋହୀ କଳ୍ପନା ଦାଶଙ୍କ ପରଲୋକ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। କଳ୍ପନାଙ୍କ ଭଳି ସାହସୀ ତଥା ଦୃଢମନା ମହିଳା ରାଜ୍ୟର ପର୍ବତାରୋହଣ ପ୍ରତି ରୁଚି ରଖୁଥିବା ଯୁବପୀଢ଼ିଙ୍କ ପ୍ରେରଣା ବୋଲି ସେ କହିଛନ୍ତି। କଳ୍ପନାଙ୍କ ମରଶରୀର ଆଣିବା ବ୍ୟବସ୍ଥା ଓଡ଼ିଶା ସରକାର କରୁଛନ୍ତି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଳ ଦେବ ସୂଚନା ଦେଇଛନ୍ତି। ଆମେ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସକୁ ଏ ସମ୍ପର୍କରେ ଚିଠି ଲେଖିବା ସହ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ଖବର ଜାଣିବା ଲାଗି ଯୋଗାଯୋଗ ଅବ୍ୟାହତ ରଖିଛୁ ବୋଲି ସେ କହିଛନ୍ତି। କଳ୍ପନା ଏକ ୩ ଜଣିଆ ଅଭିଯାତ୍ରୀ ଦଳର ନେତୃତ୍ୱ ନେଇ ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଆରୋହଣରେ ସଫଳ ହୋଇଥିଲେ। ଖବର ଅନୁସାରେ ଏଭରେଷ୍ଟ ଶିଖର ଦେଶର ବାଲ୍‌କୋନି ଏରିଆରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। କଳ୍ପନା କେବଳ ଏଭରେଷ୍ଟ ନୁହେଁ, ୟୁରୋପ, ଦକ୍ଷିଣ ଆମେରିକା ଓ ଉତ୍ତର ଆମେରିକାର କେତେକ ଗିରିଶୃଙ୍ଗ ଆରୋହଣ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ପର୍ବତାରୋହଣ ଅଭିଯାନ ସିଜନ ଆଉ ୩ ଦିନ ପରେ ଶେଷ ହୋଇଯିବ। ଅନୁସନ୍ଧାନ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରିବା ଲାଗି ଅନୁରୋଧ କରାଯାଇଛି। ରାଜ୍ୟ ସରକାର ଏ ବାବଦରେ ସମସ୍ତ ଖର୍ଚ୍ଚ ବହନ କରିବେ। ସ୍ୱର୍ଗତ କଳ୍ପନାଙ୍କ ପରିବାରବର୍ଗଙ୍କ ସହିତ ଯୋଗାଯୋଗ କରାଯାଇଛି ଏବଂ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦିଆଯାଇଛି ବୋଲି କ୍ରୀଡ଼ା ସଚିବ ପ୍ରକାଶ କରିଛନ୍ତି।









# ବିରୋଧୀ ଦଳ ନେତା ପଦବୀକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** ଭାଜପା ୨୦୧୯ ନିର୍ବାଚନରେ ରାଜ୍ୟରେ ଭଲ ପ୍ରଦର୍ଶନ କରିପାରିଛି। ଦୀର୍ଘଦିନ ଧରି ଏଠି ମୁଖ୍ୟ ବିରୋଧୀ ଦଳଭାବେ ରହି ଆସୁଥିବା କଂଗ୍ରେସକୁ ପଛରେ ପକାଇ ସେହି ସ୍ଥାନ ବର୍ତ୍ତମାନ ଭାଜପା ଅକ୍ତିଆର କରିନେଇଛି। ୨୦୧୪ ନିର୍ବାଚନରେ ଭାଜପାକୁ ମାତ୍ର ୧୦ ବିଧାନସଭା ଆସନ ମିଳିଥିଲା। ଏଥର ସେହି ସଂଖ୍ୟା ବୃଦ୍ଧି ପାଇ ୨୩ରେ ପହଞ୍ଚିଛି। ହେଲେ ସବୁଠାରୁ ବଡ କଥା ଗତଥର ନିର୍ବାଚନ ଜିତିଥିବା ବିଧାୟକମାନଙ୍କ ମଧ୍ୟରେ କେହି ଜଣେ ହେଲେ ଏଥର ବିଧାନସଭା ଯାଇପାରିବେ ନାହିଁ। କାରଣ ଏମାନଙ୍କ ମଧ୍ୟରୁ ୫ଜଣ ବିଧାୟକ ଚଳିତ ଥର ନିର୍ବାଚନ ଲଢୁ ନ ଥିବାବେଳେ ଅନ୍ୟ ୫ଜଣଙ୍କୁ ପରାଜୟର ମୁହଁ ଦେଖିବାକୁ ମିଳିଛି। ତେଣୁ ଏଥରର ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ବିରୋଧୀ ଦଳ ଆସନ ମିଳିବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦଳ ପକ୍ଷରୁ ଏପର୍ଯ୍ୟନ୍ତ ଏନେଇ କୌଣସି ଘୋଷଣା ହୋଇ ନ ଥିଲେ ମଧ୍ୟ ତିନିଜଣ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସମ୍ବଲପୁରରେ ବିଜେଡିର ବରିଷ୍ଠ ନେତ୍ରୀ ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ହରାଇଥିବା ଜୟନାରାୟଣ ମିଶ୍ରଙ୍କ ନାମ ଏହି ଦୌଡରେ ଆଗରେ ରହିଛି। ଜୟନାରାୟଣ ୨୦୦୦, ୨୦୦୪,୨୦୦୯ରେ ଲଗାତର ୩ଥର ବିଧାୟକ ହୋଇଥିଲେ। ୨୦୧୪ରେ ସେ ରାସେଶ୍ୱରୀ ପାଣିଗ୍ରାହୀଙ୍କଠାରୁ ପରାଜିତ ହୋଇଥିଲେ। ୨୦୧୯ରେ ସେ ପୁନର୍ବାର ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ତେଣୁ ଅଭିଜ୍ଞତା ଦୃଷ୍ଟିରୁ ଜୟନାରାୟଣଙ୍କୁ ଏହି ପଦ ମିଳିପାରେ ବୋଲି ଦଳ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ସେହିପରି ଏହି ଦୌଡରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝରର ମୋହନ ମାଝୀ ଏବଂ ଧାମନଗରର ବିଷ୍ଣୁ ସେଠୀଙ୍କ ନାମ ଚର୍ଚ୍ଚାରେ ରହିଛି। ଅନ୍ୟପଟେ ଦଳ ପକ୍ଷରୁ ବିରୋଧୀ ଦଳ ମୁଖ୍ୟ ସଚେତକ ଓ ଉପମୁଖ୍ୟ ସଚେତକ ପଦ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା କିଏ ହେବ ସେ ନେଇ ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଲାଗିରହିଛି। ବରିଷ୍ଠ ନେତା ନରସିଂହ ମିଶ୍ର ଏବଂ ସୁରେଶ ରାଉତରାୟଙ୍କ ମଧ୍ୟରୁ ଜଣଙ୍କୁ ଏହି ପଦ ମିଳିପାରେ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୌମ୍ୟରଞ୍ଜନ
ପରିବାରବର୍ଗ


ଆଦିତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୧୯ ଛାତ୍ର ...

ପରେ ୧୯ଟି ଦମକଳ ଗାଡ଼ି ସେଠାରେ ନିଆଁଲିଭା କାର୍ଯ୍ୟ ଆରମ୍ଭ କରିଥିଲା। ବହୁ ଛାତ୍ର ଗୁରୁତର ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମୃତ ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି।

### ପିସିସି ସଭାପତି...

୨୦୧୮ ଏପ୍ରିଲ ୧୯ରେ ନିରଞ୍ଜନ ପିସିସି ସଭାପତି ଦାୟିତ୍ୱ ପାଇଥିଲେ। ପ୍ରସାଦ ହରିଚନ୍ଦନଙ୍କୁ ହଟାଇ ତାଙ୍କ ସ୍ଥାନରେ ଦଳ ନିରଞ୍ଜନଙ୍କୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିଭଳି କେବଳ ନିରଞ୍ଜନ ନୁହନ୍ତି ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ମଧ୍ୟ ଇସ୍ତଫା ଦେଇଛନ୍ତି। ଭକ୍ତ ଦାସ କହିଛନ୍ତି, ହାରିଥିବା ନେତା ବାଟ ଛାଡିଲେ ନୂଆ ପିଢି ଆସିବେ। ଆଉ ନୂଆପିଢି ଆସିଲେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

### ଖୁବ୍‌ଶୀଘ୍ର ନୂଆ ...

ଏମପି ଓ ବିଧାୟକମାନେ ନବୀନ ନିବାସ ଠାରେ ଦଳର ସଭାପତିଙ୍କୁ ସାକ୍ଷାତ କରିବେ। ସେହିଦିନ ଅପରାହ୍ନରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ସରକାର ଗଠନ କରିବା ନେଇ ଏକ ସଂକଳ୍ପ ପାରିତ କରାଯିବ। ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ବିଜେଡି ପକ୍ଷରୁ ବିଧିବଦ୍ଧ ପ୍ରସ୍ତାବ ଦିଆଯିବ। ରାଜ୍ୟର ସମସ୍ତ ୨୧ଟି ଲୋକ ସଭା ଓ ୧୪୬ ବିଧାନସଭା ଆସନର ସମ୍ପୂର୍ଣ୍ଣ ଫଳାଫଳ ଘୋଷଣା ହୋଇସାରିଛି। ଶନିବାର ପୂର୍ବାହ୍ନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ନିର୍ବାଚନ ଫଳାଫଳ ବିଷୟରେ ଏକ ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କରିବେ। ଏହା ପରେ ରାଜ୍ୟପାଳ ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳକୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିବେ। କେତେବେଳେ ଓ କେଉଁ ସମୟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ସେ ନେଇ ପ୍ରସ୍ତୁତି କରିବାକୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇ ଦିଆଯିବ।

### ଥେରେସାଙ୍କ ଇସ୍ତଫା...

ନିଜର ସରକାରୀ ବାସଭବନ ୧୦ ଡାଉନିଂ ଷ୍ଟ୍ରିଟ୍‌ଠାରେ ଗଣମାଧ୍ୟମକୁ ଉଦ୍‌ବୋଧନ ଦେବାବେଳେ ଥେରେସା କାନ୍ଦି ପକାଇଥିଲେ। ବ୍ରେକ୍‌ଜିଟ୍ ସଫଳତା ଲାଗି ସେ ଯଥାସାଧ୍ୟ ଉଦ୍ୟମ କରିଥିଲେ। ତେବେ ଏଥିପାଇଁ ପାର୍ଲାମେଣ୍ଟ ସଦସ୍ୟମାନଙ୍କ ସମର୍ଥନ ହାସଲ କରିବାରେ ସେ ବିଫଳ ହୋଇଥିଲେ। ବୁଝାମଣା ଖରାପ ନୁହେଁ । ତିନିଥର ସେ ଉଦ୍ୟମ କରି ବିଫଳ ହୋଇଛନ୍ତି। ବ୍ରେକ୍‌ଜିଟ ଦେଇ ନପାରିବା ତାଙ୍କ ପାଇଁ ସବୁଦିନ ଲାଗି ଗଭୀର ଦୁଃଖଦ ବିଷୟ ହୋଇରହିବ ବୋଲି ଥେରେସା କହିଛନ୍ତି।

# ଗୁଳିମାଡ଼ରେ ଆହତ ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ମୃତ୍ୟୁ

ଆସିକା,୨୪।୫(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ଭୋଟ ଗଣତି ପୂର୍ବ ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣ ଓ ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ଜେନାଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ମନୋଜଙ୍କ ମୃତଦେହ ଚିନିଶିଳ୍ପ ନୂଆଗାଁସ୍ଥିତ ବାସଭବନରେ ପହଞ୍ଚିଥିଲା। ଶତାଧିକ ସାଥୀ ଓ ସମର୍ଥକ ଶେଷ ଦର୍ଶନ କରିବା ପରେ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଋଷିକୂଲ୍ୟା ଓ ବଡ଼ନଦୀର ସଙ୍ଗମସ୍ଥଳ ବରଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ୯ଟାରେ ମନୋଜ ତାଙ୍କ ସହଯୋଗୀ ଅନୀଲ ସ୍ୱାଇଁଙ୍କ ସହ ଭୁବନେଶ୍ୱରରୁ କାର୍‌ରେ ଆସିକା ଫେରୁଥିଲେ। ବ୍ରହ୍ମପୁର ଲାଞ୍ଜିପଲ୍ଲୀ ୧୬ନଂ. ଜାତୀୟ ରାଜପଥ ଇସ୍କନ ମନ୍ଦିର ସମ୍ମୁଖରେ ୨ଟି ବାଇକ୍‌ରେ ଆସିଥିବା ୬ ଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲେ। ସେମାନେ ମନୋଜଙ୍କୁ ଗୁଳିମାଡ଼ କରିବା ସହ ଗଳାକାଟି ଦେଇଥିଲେ। ମନୋଜଙ୍କ ସହ ଅନିଲ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ । କାର ଡ୍ରାଇଭର ସୁଶାନ୍ତ କୁମାର ସ୍ୱାଇଁ ଗୁରୁତର ଅବସ୍ଥାରେ ମନୋଜ ଓ ଅନୀଲଙ୍କୁ ତୁରନ୍ତ ବ୍ରହ୍ମପୁର ବଡ ମେଡିକାଲକୁ ନେଇ ଆସିଥିଲେ। ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅପରାଧୀମାନେ ଅପରାଧ ଘଟାଇବା ପରେ ଆନ୍ଧ୍ରପ୍ରଦେଶ ଅଭିମୁଖେ ବାଇକରେ ଚମ୍ପଟ ମାରୁଥିବା ବେଳେ ଗୋଲନ୍ଥରା ନିକଟରେ ରାସ୍ତା ଅତିକ୍ରମ କରୁଥିବା ଦୁଇଜଣ ଛାତ୍ରଙ୍କୁ ଧକ୍କା ଦେଇଥିଲେ। ଧରା ପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ବାଇକ ଛାଡ଼ି ଚମ୍ପଟ ମାରୁଥିବା ବେଳେ ସେମାନେ ଧରିଥିବା ଏକ ବନ୍ଧୁକ ମଧ୍ୟ ଖସି ପଡ଼ିଥିଲା। ପୋଲିସ ଉକ୍ତ ବାଇକକୁ ଯାଞ୍ଚ କରି ତଦନ୍ତ ଚଳାଇଛି। ଏଥିସହ ମନୋଜ, ଡ୍ରାଇଭର ସୁଶାନ୍ତ ଓ ଆହତ ଅନିଲଙ୍କ ମୋବାଇଲ ଫୋନକୁ ପୋଲିସ ଜବତ କରି ଟ୍ରାକିଂ କରୁଥିବା ଜଣାପଡ଼ିଛି। ୨୦୧୦ରୁ ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ସଭାପତି ଦାୟିତ୍ୱ ଗ୍ରହଣ କରି ମନୋଜ କଂଗ୍ରେସ ଦଳୀୟ ସଙ୍ଗଠନରେ ସାମିଲ ହୋଇଥିଲେ। ରାଜ୍ୟ କଂଗ୍ରେସର ଅନ୍ୟତମ ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ । ବିଧାୟକ ଆସନରେ ପ୍ରତିଦ୍ୱନ୍ଦିତା କରିବା ପରେ ତାଙ୍କୁ ରାଜନୈତିକ ଶତ୍ରୁତା ନା ଅନ୍ୟ କେଉଁ କାରଣରୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଗୁରୁବାରଠାରୁ ଆସିକାର ବିଜୁ ପଟ୍ଟନାୟକ ଛକ, ବସଷ୍ଟାଣ୍ଡ, ଚିନିଶିଳ୍ପ ଛକ, ନୂଆଗାଁ, କଲେଜ ଛକ ଆଦି ଅଞ୍ଚଳରେ ପୋଲିସ ମୁତୟନ କରାଯାଇଛି।

### ଗାଁରେ ଶେଷକୃତ୍ୟ ସମ୍ପନ୍ନ


ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ଆପଣ ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କରିପାରିବେ। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସାଙ୍ଗକୁ ପୁରସ୍କୃତ ହୋଇପାରନ୍ତି। ଅବଶ୍ୟ ଅଫିସ୍ କାମରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହି ନ ପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ବୃଷ** ସାମାଜିକ ସ୍ଥିତି ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବା କାରଣରୁ ମନ ପ୍ରଫୁଲ୍ଲ ରହିବ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହାକି କାମଟି ଅପୂର୍ଣ୍ଣ ରହିଯିବ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ରହିପାରନ୍ତି। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ।

**ମିଥୁନ** କର୍ମକ୍ଷେତ୍ରରେ ଓ ପାରିବାରିକ ସ୍ତରରେ ଆଶାଜନକ ଫଳ ପାଇବେ। ଆତ୍ମୀୟମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ନିଜକୁ ଅନ୍ୟମାନଙ୍କ ସହ ତୁଳନାକରି ମନ ଊଣା କରିପାରନ୍ତି। ବନ୍ଧୁମେଳରେ ସମୟ କଟାଇବାର ସୁଯୋଗ ପାଇପାରନ୍ତି। ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ** କ୍ରନିକ୍ ରୋଗ ପ୍ରଭାବରୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଭ୍ରମଣହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି। ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜ ଅବହେଳାରୁ ଅନ୍ୟ ବାଟରେ ବ୍ୟୟହେବା ଆଶଙ୍କା ଦେଖାଦେବ।

**ସିଂହ** ପ୍ରତ୍ୟେକ ଦିଗରୁ ସୁଫଳ ପାଇବା ସହ ସାମାଜିକ ସ୍ତରରେ ସମ୍ମାନିତ ହେବାର ସୁଯୋଗ ପାଇପାରନ୍ତି। ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟବିକ୍ରୟରେ ଅଗ୍ରଗତି ହେବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ବାରମ୍ବାର ଚେଷ୍ଟାକଲେ ମଧ୍ୟ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିପାରେ। ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ। ସାଧାରଣ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ତୁଳା** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଆତ୍ମୀୟସ୍ୱଜନ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ ଏବଂ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ପରିସ୍ଥିତିବଶତଃ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ସହକର୍ମୀ ମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା** ପ୍ରତ୍ୟେକ କାର୍ଯ୍ୟ ମନ୍ଥରଗତିରେ ଗଡ଼ି ଚାଲିବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିଙ୍କ ଛଳନାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ରର ଅଫିସ୍ କାମରେ ମାନସିକ ଅବସାଦ ଦୂରହେବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସାମୟିକ ଭାବରେ କିଛିଟା ଲାଘବ ହେବାର ଅନୁଭବ କରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁଗହଣରେ ଆଜିର ଅଧିକାଂଶ ସମୟ ଆଳାପ ଆଲୋଚନା ମଧ୍ୟରେ କଟାଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଶ୍ରବଣା ନକ୍ଷତ୍ର ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ ବିଚାରବୁଦ୍ଧି ହରାଇ ପ୍ରେମ ଫାଶରେ ଆବଦ୍ଧ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ ।

**କୁମ୍ଭ** ଆଜି ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, କଳା, ସାହିତ୍ୟାଦିରୁ ସମ୍ମାନ ପ୍ରଭୃତି ସୁଖଦ ଖବର ପାଇପାରନ୍ତି। ବାରମ୍ବାର ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। ମାନସିକ ଅସ୍ଥିରତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପରୋକ୍ଷ ଶତ୍ରୁତା ଓ ଋଣ ପରିଶୋଧଜନିତ ମାନସିକ ଟେନ୍‌ସନ ଲାଗିରହିବ।

**ମୀନ** କର୍ମକ୍ଷେତ୍ର ଓ ବୃତ୍ତିଗତ ଧନ୍ଦାରେ ସମୟ ଅତିବାହିତ କରିବେ । ଘର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିଭିନ୍ନ କ୍ଷେତ୍ରରୁ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ। କଳା, ସଙ୍ଗୀତ ସମାରୋହ, ସାହିତ୍ୟଚର୍ଚ୍ଚା ତଥା ବନ୍ଧୁମିଳନ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ଶନିବାର, ମେ ୨୫ ତାରିଖ, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ, ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ତିରୋଧାନ ଦିବସ, ଗୁରୁ ଅର୍ଜୁନ ଦେବଙ୍କ ପୁଣ୍ୟ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୦।୧୭ମି. ଗତେ, ଧନିଷ୍ଠା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା୧୧।୪୪ମି. ଗତେ ଘ୧।୨୧ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା।

## classifieds Everyday
0674-2580101, 2549302

### real estate

**SALE**

ଭୁବନେଶ୍ୱର କଣ୍ଟାବାଡ଼/ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-68137

Revenue road gharabari plot for sale Hanspal Bhingarpur. 9937816565, 9937568585. D-12637

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପିଠାଠାରେ 1200କୁ 3,00,000/- (outright) 9348817649, 8144706560. D-66377

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12646

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573

building) 2 storied with under ground cost Rs. 1.5 crore (Negotiable). Contact: 9338579645. D-64965

Prime land on Puri Konark marine drive on N.H 2800 sqft. Cost 35 lakhs. Contact: 9338579645. D-64966

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12644

2BHK flat Goutam nagar, Bhubaneswar near BMC office Mausima temple prime location fully furnished price Rs. 65 lakhs (Negotiable). Contact:9338579645. D-64967

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 20 ଦୂରତାରେ BDA plot ମିଳୁଅଛି: 8917543041. D-66380

Outright conversion demarcation plot sale ବ୍ରାହ୍ମଣଝରିଲୋ ନଖରାରୁ ୫ କିଲୋମିଟର 3000 sqft 16,50,000/-, Argul IIT 4,50,000/-. 9861281504. D-66379

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

3 bedroom flat- 35 lakhs at SUM Hospital, Bhubaneswar, gated community, directly contact- Deepak: 9937329999. D-66232

1200 Gharabari boundary plot 30' internal road, Ranga bazar 8,40,000/-. 9861211481. D-66374

Simplex 1200 sqft. land BJEM-(2) 12,80,000/- monthly installment 5,000/-, Tankapani road Sai temple 20,50,000/-, Badagada canal road plots available. 7735738102. D-12604

ଭୁବନେଶ୍ୱର ମାଉଣ୍ଟଲିଟ୍ରେକା ସ୍କୁଲ ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ: 9438859527. D-66384

2BHK simplex, duplex in Hanspal Atala and Ranga bazar 16lakh to 38lakh. 7735310849, 8112043892. D-12640

2600 sft. corner plot sale at SUM Hospital (CET College) Bhubaneswar, Directly contact- Deepak: 9937329999. D-66233

1750 sqft. prime plot with boundarywall adjacent to NH, near Gohira Chhaka, Tamando, Bhubaneswar for sale. Contact: 9437521476, 7978459842. D-66531

Ready to move spacious 1BHK/2BHK flats near BJEM-II school at Rangabazar. 9776080988, 9437493502. D-68948

Gharabari plot sale Sundarpada near Hi-tech Plaza sqft. 850/-. 9337766961, 9861964818. D-12643

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

### construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12645

### to-let

Ground floor house with one bedroom, drawing cum dinning, kitchen, bathroom with garage at Jagamara, Bhubaneswar. Contact: 8895502297, 6372674317. D-12654

1BRK in Chakeisiani near Mancheswar Industrial Estate for family. 7894435400. D-12569

House vacant, Canal road, Bomikhal, Bhubaneswar, rent- 8000.00. Contact: 9437013448. D-12621

### healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754. D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674- 2597822. D-66527

Summer special mesmerizing offer expert therapeutic refreshing massage appointment. 9668374480. D-66532

Physiotherapy, full body massage by trained ladies/ gents therapy: 7008773793. D-66469

### education

Contact home Tutor for class 6th to 12th Mathematics and Science Tuhin Roy Chowdhury (IIT, Bhubaneswar) 8319499280. D-12653

### AFFIDAVIT

I, Indramani Mohanta (Army No. 6380334K, Rank- NK(TS), Vill. Gadagadisahi, PO- Udaypur, PS- Patna, Keonjhar, Odisha, had changed my daughter's official name from Jullee Mohanta to Sinu Mohanta and date of birth from 27.12.2000 to 23.12.2002 and want to update in Army records and for all purpose. D-12655

I, Deepabali Mohanta, D/o Indramani Mohanta (Army No. 6380334K, Rank- NK(TS), Vill. Gadgadi Sahi, PO- Udaypur, PS-Patna, Keonjhar, Odisha, had changed my official name from Deepa M. to Deepabali Mohanta and wants to update in Army records and for all purpose. D-12656

## କୃତିତ୍ୱ



**ଦିବ୍ୟଜ୍ୟୋତି ବଳିଆରସିଂହ**
ଗେଙ୍ଗୁଟିଆ ପଞ୍ଚାୟତ ହାଇସ୍କୁଲ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ବାପା, ମା, ବିଶେଷକରି ଅଜା, ଆଈ, ମାମୁ, ମାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।
ଧ-୬୨୦୯୯

## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**ସୌମ୍ୟରଞ୍ଜନ ପାଣି**
ହଳଦିପଡ଼ିଆ, ଭୁବନେଶ୍ୱର

ତୋର ଷଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ପାପା, ମାମା, ଗୁଗିନାନୀ, ଶୁଭନାନୀ, ଶିବାନୀ ନାନୀ, ସାନନନା, ମାମୁ, ପିଇସା, ପିଇସି।
ଧ-୧୨୬୩୯

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




## ସଂକ୍ଷେପରେ

### ୯ ବଖରା ପୋଡ଼ିଗଲା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



**ନାଉଗାଁ,୨୪।୫(ସ୍ୱ.ପ୍ର):** ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ଗୋପାଳପୁର ଭାସିଆକୁଦ ଗ୍ରାମରେ ଶୁକ୍ରବାର ୯ ବଖରା ଘର ପୋଡ଼ିଯାଇଛି। ସୂଚନା ଅନୁଯାୟୀ, ମଧାହ୍ନରେ ଉକ୍ତ ଗ୍ରାମର ବଟକୃଷ୍ଣ ଜେନାଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପକ୍ଷରୁ ଦୁଇଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୯ ବଖରା ପୋଡ଼ିଯାଇଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର, ଧାନ, ମୁଗ, ବିରି ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ତେବେ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଗୋଠଦା ମଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

**ନାଉଗାଁ,୨୪।୫(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗୋଠଦାସ୍ଥିତ ସିଦ୍ଧ ମହାପୁରୁଷ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଗୋସ୍ୱାମୀଙ୍କ ପୀଠରେ ପବିତ୍ର ଚନ୍ଦନ ଯାତ୍ରା ଉପଲକ୍ଷେ ଚାଲିଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗୋଠଦା ମଠାଧୀଶ ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସମ୍ମିଳନୀରେ ବାବା ସତ୍ୟାନନ୍ଦ ଦାସ ମହାରାଜ, ରାମକୃଷ୍ଣ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଶୁଭାଧିବାସ, ଅଙ୍କୁରାରୋପଣ, ଯଜ୍ଞଶାଳା ପ୍ରତିଷ୍ଠା, କଳସ ଶୋଭାଯାତ୍ରା ଓ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ସାଧୁସନ୍ଥ ଓ ପ୍ରବକ୍ତାଙ୍କ ଦ୍ୱାରା ଶିବ ମହିମା ପ୍ରବଚନ, ସଂକୀର୍ତ୍ତନ ସମାରୋହ, ଭଜନ ସମାରୋହ, ଓଡ଼ିଶୀ ନୃତ୍ୟ ପରିବେଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାରତ ସାଧୁ ସମାଜର ପ୍ରାଦେଶିକ ସଭାପତି ମହନ୍ତ ଶ୍ରୀରାମକୃଷ୍ଣ ଦାସ ମହାରାଜ ପୌରୋହିତ୍ୟ କରିଥିଲେ ଓ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମାଟ୍ରିକ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବିରିଡ଼ି,୨୪।୫(ଡି.ଏନ୍.ଏ.):** ବିରିଡ଼ି ବ୍ଲକ ମଣ୍ଡାସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଦ୍ୱୈତ ପରିଡ଼ା ଚଳିତ ମାଟ୍ରିକ ପରୀକ୍ଷାରେ ୫୬୧ ନମ୍ବର ରଖି ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କୁ ବୁଧବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ, ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ବିଜୟଲକ୍ଷ୍ମୀ ମହାନ୍ତି, ସୁରେନ୍ଦ୍ର କୁମାର ଓଝା, ତ୍ରୈଲୋକ୍ୟ ବିଶ୍ୱାଳ, ଜଟାଧାରୀ ଭୋଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଦ୍ୱୈତଙ୍କ ମା’ ଲକ୍ଷ୍ମୀପ୍ରିୟା ପରିଡ଼ା, ମଣ୍ଡାସାହି ସରପଞ୍ଚ ଚିତ୍ତରଞ୍ଜନ ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ରାଉଳ ଉପସ୍ଥିତ ଥିଲେ। ଭବିଷ୍ୟତରେ ସେ ଇଞ୍ଜିନିୟର ହେବାକୁ ଆଶା ରଖିଥିବା କହିଛନ୍ତି। ନିଜ ସଫଳତାର ଶ୍ରେୟ ସେ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

# ଦାମଙ୍କ ଭଳି ଭୋଟ୍ ପାଇଲେନି ସମ୍ବିତ

**କୁଜଙ୍ଗ/ପାରାଦୀପ,୨୪।୫(ସ୍ୱ.ପ୍ର.)**

**ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ**



ଦାମୋଦର ରାଉତ | ଅରିନ୍ଦମ ସର୍ଖେଲ | ସମ୍ବିତ ରାଉତରାୟ | ସମ୍ପଦ ସ୍ୱାଇଁ

■କାମ କଲାନି କଂଗ୍ରେସ ମେଣ୍ଟ, ମହଙ୍ଗା ପଡ଼ିଲା ଫାଟ
■ଭାଜପାର ପଞ୍ଚାୟତ ନିର୍ବାଚନ ପ୍ରଭାବ ଆକଳନ ଫିକା

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ସାରା ରାଜ୍ୟର ନଜର ରହିଥିବାବେଳେ ଫଳାଫଳ ବହୁ ବିଳମ୍ବ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନ ଥିଲା। ହାରଜିତକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିବାବେଳେ ଶେଷରେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଅରିନ୍ଦମ ସର୍ଖେଲ(ବାପି)ଙ୍କୁ ୨୦,୯୯୨ ଭୋଟ୍ ବ୍ୟବଧାନରେ ପରାଜିତ କଲେ। ତେବେ ସମ୍ବିତ ତାଙ୍କ ପିତା ଡା.ଦାମୋଦର ରାଉତଙ୍କ ଭଳି ଭୋଟ୍ ପାରାଦୀପରେ ହାସଲ କରିପାରିଲେ ନାହିଁ। କାରଣ ୨୦୧୪ ନିର୍ବାଚନରେ ଦାମ ୮୫,୨୦୬ ଭୋଟ୍ ପାଇଥିବାବେଳେ ସର୍ଖେଲ ୪୬,୬୦୬ ଭୋଟ୍ ପାଇଥିଲେ। ଦାମଙ୍କ ବିଜୟ ବ୍ୟବଧାନ ଥିଲା ୩୮,୬୦୦। ୨୦୧୯ ନିର୍ବାଚନରେ ସମ୍ବିତ ୬୯,୮୭୧ ଭୋଟ୍ ପାଇଥିବାବେଳେ ସର୍ଖେଲ ପାଇଛନ୍ତି ୪୮,୮୭୯। ବିଜୟ ବ୍ୟବଧାନ ହୋଇଛି ୨୦୯୯୨। ଅର୍ଥାତ୍ ସମ୍ବିତ ବାପାଙ୍କଠୁ କମ୍ ଭୋଟ ପାଇବା ସହ ସର୍ଖେଲଙ୍କୁ କମ୍ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ମଇଦାନରେ ଚଳିତଥର ସିପିଆଇ-କଂଗ୍ରେସ ମେଣ୍ଟ ହୋଇଥିବାରୁ ସର୍ଖେଲ ନିଶ୍ଚିତ ଜିତିବେ ବୋଲି ଆଶାବ୍ୟକ୍ତ କରିଥିଲେ। କିନ୍ତୁ ମେଣ୍ଟ ରାଜନୀତି ରସାତଳକୁ ଚାଲିଗଲା। ମେଣ୍ଟ ତ କାମ କଲାନି, ସର୍ଖେଲ କଂଗ୍ରେସ ଟିକେଟ ପାଇବା ପରେ ପାରାଦୀପରେ ଦଳ ଯେପରି ଦୁଇଭାଗ ହୋଇଗଲା ତାହା ତାଙ୍କ ପାଇଁ ଘାତକ ସାଜିଲା। ୨୦୧୪ ସାଧାରଣ ନିର୍ବାଚନରେ ସେ ନୂଆ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଦାମଙ୍କ ବିରୋଧରେ ଲଢି ୪୬,୬୦୬ ଭୋଟ୍ ପାଇଥିଲେ। ତେଣୁ ୨୦୧୯ରେ ଦାମ ବିଜେଡିରୁ ବହିଷ୍କୃତ ହେବା ପରେ ତାଙ୍କ ପୁଅ ସମ୍ବିତଙ୍କ ବିରୋଧରେ ଲଢି ସେ ବିଜୟୀ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। କିନ୍ତୁ ୪୮,୮୭୯ ଭୋଟ ପାଇ ପରାଜିତ ହେଲେ। ଅର୍ଥାତ ବାପି ୫ ବର୍ଷ ରାଜନୀତି ଚାଷରେ ମାତ୍ର ୨,୨୭୩ ଭୋଟ୍ ନିଜ ସପକ୍ଷରେ ବଢାଇପାରିଛନ୍ତି। ସର୍ଖେଲଙ୍କୁ ଦଳୀୟ ଫାଟ ମହଙ୍ଗା ପଡ଼ିଲା ବୋଲି କୁହାଯାଉଛି। ସେ ଟିକେଟ ପାଇବା ପରେ ସିପିଆଇ ମେଣ୍ଟର ଆଖିଦୃଶିଆ କାର୍ଯ୍ୟକର୍ତ୍ତା ଓ ସମାବେଶ ଦେଖି ଉତ୍ସାହିତ ହୋଇଥିଲେ। କିନ୍ତୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଅନ୍ୟତମ ଆଶାୟୀ ପ୍ରମୋଦ କିଶୋର ଜେନା ଟିକେଟ ନ ପାଇବାରୁ କଂଗ୍ରେସ ଛାଡ଼ିଥିଲେ। କେବଳ ସେତିକି ନୁହେଁ, ପ୍ରମୋଦ ଦଳର କଟକ ପର୍ଯ୍ୟବେକ୍ଷକ ରଞ୍ଜନ ଦାସଙ୍କ ସମେତ ପ୍ରାୟ ୫ ହଜାର ସମର୍ଥକଙ୍କୁ ସାଙ୍ଗରେ ଧରି ବିଜେଡିରେ ଯୋଗଦେଲେ। କୁହାଯାଉଛି ନିର୍ବାଚନ ଶେଷ ପର୍ଯ୍ୟନ୍ତ ପ୍ରମୋଦ ଓ ରଞ୍ଜନଙ୍କ ଗୋଟିଏ ଲକ୍ଷ୍ୟ ରହିଲା ଯେ, ସେମାନେ ସର୍ଖେଲଙ୍କୁ ହରାଇବେ ଓ କଂଗ୍ରେସ ଦଳରେ ବଡ଼ ଫାଟ ସୃଷ୍ଟି କରିବେ। ଏହି ଲକ୍ଷ୍ୟ ମଧ୍ୟ ସଫଳ ହେଲା। ସେହିପରି ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ଏଠାରୁ ୨ ଜିଲା ପରିଷଦ ପ୍ରାର୍ଥୀ ଜିତାଇଥିଲା। ଏଥିସହ ପାରାଦୀପ ପୌର ପରିଷଦରୁ ଗୋଟିଏ କାଉନ୍‌ସିଲର ପଦ ହାତେଇ ୫୦ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ଭୋଟ୍ ସୃଷ୍ଟି କରିଥିଲା। ଏସବୁକୁ ଦୃଷ୍ଟିରେ ରଖି ଦଳ ବିଜୟୀ ହେବ ବୋଲି କୁହାଯାଉଥିଲା। ମାତ୍ର ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ମାତ୍ର ୩୪,୫୬୩ ଭୋଟ ପାଇଲେ। ତେଣୁ ଭାଜପାର ପଞ୍ଚାୟତ ନିର୍ବାଚନ ପ୍ରଭାବକୁ ନେଇ ହେଉଥିବା ଆକଳନ ଫିକା ପଡିଛି। ତେବେ ଗତ ସାଧାରଣ ନିର୍ବାଚନ ଅପେକ୍ଷା ଦଳର ଭୋଟ୍ ବଢିଛି। ୨୦୦୯ରେ ଦଳ ୩୬୫୨ ଓ ୨୦୧୪ରେ ୫୮୩୨ ଭୋଟ୍ ପାଇଥିଲା। ପୂର୍ବରୁ ସିପିଆଇର ଏହି ନିର୍ବାଚନମଣ୍ଡଳୀରେ ୧୧ ହଜାରରୁ ଅଧିକ ଭୋଟ ରହିଥିଲା। କିନ୍ତୁ ଏଥର ଦଳର ବିପର୍ଯ୍ୟୟ ଘଟିଛି। ୨୦୧୪ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ୨୨୭୬ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ଏହି ଦଳ କଂଗ୍ରେସ ସହିତ ମେଣ୍ଟ କରିବା ପରେ ମଧ୍ୟ ନିଜ ସମ୍ବଳ ଥିବା ଭୋଟକୁ ସଂରକ୍ଷିତ ରଖିପାରିଲା ନାହିଁ। ଅପରପକ୍ଷରେ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ଓ ପୂର୍ବରୁ ଦାମଙ୍କୁ ବିରୋଧ କରୁଥିବା ବହୁ ନେତୃତ୍ୱ ନିର୍ବାଚନରେ ସମ୍ବିତଙ୍କ ସହିତ ଯୋଡ଼ି ହୋଇଯାଇଥିଲେ। ଏସବୁ ସୁଯୋଗ ସତ୍ତ୍ୱେ ସମ୍ବିତ ଆଖି ଦୃଶିଆ ଭୋଟ ପାଇ ନ ଥିବାରୁ ନାନା କଥା ଶୁଣାଯାଉଛି। ଭାଜପାର ଭୋଟ ବୃଦ୍ଧି ଦଳ ପାଇଁ ଆଶା ସଞ୍ଚାର କରିଥିବାବେଳେ ପାରାଦୀପ ମାଟି ନୂଆ ବିଧାୟକ ପାଇଥିବାରୁ ଆଗାମୀ ଦିନର କାର୍ଯ୍ୟକାଳ ଦେଖିବାକୁ ସମସ୍ତଙ୍କ ଉତ୍କଣ୍ଠା ବଢ଼ିଛି।

### ବାପାଙ୍କ ପରାଜୟରେ ଦୁଃଖିତ, ବିଜେଡି ଜିତିଥିବାରୁ ଖୁସି

**ପାରାଦୀପ,୨୪।୫(ସ୍ୱ.ପ୍ର.):** ବାଲିକୁଦା-ଏରସମାର ଭାଜପା ପ୍ରାର୍ଥୀ ଡା. ଦାମୋଦର ରାଉତଙ୍କ ପରାଜୟରେ ଦୁଃଖ ପ୍ରକାଶ କରିଛନ୍ତି ତାଙ୍କ ପୁଅ ସମ୍ବିତ ରାଉତରାୟ। ସେ କହିଛନ୍ତି ଯେ, ବାପାଙ୍କ ପରାଜୟ ଦୁଃଖ ଦେଇଛି ସତ, କିନ୍ତୁ ସେଠାରେ ବିଜେଡି ପ୍ରାର୍ଥୀ ଜିତିଥିବାରୁ ଖୁସି ଅଛି। ସେହିପରି ପାରାଦୀପ ଆସନରୁ ସେ ନିଜେ ବିଜୟୀ ହୋଇଥିବାରୁ ଏହାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ଏଥିସହ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ସମ୍ପର୍କରେ ସେ କହିଛନ୍ତି ଯେ, ସେ ଜଣେ ସଂଗ୍ରାମୀ। ପରାଜୟରେ ସେ ଭାଙ୍ଗିପଡ଼ିବେ ନାହିଁ। ପୂର୍ବବତ୍ ପାରାଦୀପବାସୀଙ୍କ ସେବା ଜାରି ରଖିବେ। ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ଜନମତକୁ ସସମ୍ମାନେ ଗ୍ରହଣ କରୁଛି।

### ଷଣ୍ଢ ଆକ୍ରମଣରେ ଜଣେ ମୃତ, ୨ ଆହତ

**ବାଲିକୁଦା,୨୪।୫(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅନନ୍ତପୁରରେ ଷଣ୍ଢ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଷଣ୍ଢଟି ୩ ଦିନ ତଳେ ଗାଁର ନାଥୁରାମ ବେହେରାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଛି। ୪ ଦିନ ତଳେ ତାଳଗାଁର ଜଣେ ମହିଳାଙ୍କୁ ମଧ୍ୟ ଉକ୍ତ ଷଣ୍ଢ ଆକ୍ରମଣ କରିଥିଲା। ଶୁକ୍ରବାର ସକାଳେ ଭୁଆଶୁଣୀ ଗାଁର ନଛ ବେହେରା ବିଲକୁ ଖତ ନେଇ ଯାଉଥିବାବେଳେ ଷଣ୍ଢଟି ତାଙ୍କୁ ଆକ୍ରମଣ କରିଥିଲା। ପରିସ୍ଥିତି ଏପରି ହୋଇଛି ଯେ, ଷଣ୍ଢ ଭୟରେ ଲୋକେ ଘରୁ ବାହାରୁ ନାହାନ୍ତି। ଏ ସମ୍ପର୍କରେ ବାଲିକୁଦା ପ୍ରାଣୀ ଚିକିତ୍ସାକେନ୍ଦ୍ରଠାରୁ ଆରମ୍ଭ କରି ତହସିଲଦାର ଓ ଦମକଳ କେନ୍ଦ୍ରକୁ ସହାୟତା ଲୋଡ଼ାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କେବଳ ସେତିକି ନୁହେଁ, ଭୁବନେଶ୍ୱରର ପିପୁଲ୍ସ ଫର ଆନିମଲ ସଂସ୍ଥାକୁ ମଧ୍ୟ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ ସହାୟତା ଯୋଗାଇଦେବାକୁ ଫୋନ୍‌ରେ ଜଣାଇଥିଲେ। ଏ ସମ୍ପର୍କରେ ପିପୁଲ୍ସ ଫର ଆନିମଲ ସଂସ୍ଥାର ସମ୍ପାଦକ ପ୍ରମୋଦ ନାୟକ କହିଛନ୍ତି ଯେ, ଦିନେ ଦୁଇଦିନ ମଧ୍ୟରେ ଉକ୍ତ ଷଣ୍ଢକୁ କାବୁ କରାଯିବ।

## ବିଜେଡିର ବିଜୟ ଉତ୍ସବ



ବିଜୟୀ ନେତା ପ୍ରଶାନ୍ତ ଓ ରଘୁନନ୍ଦନଙ୍କ ଘରେ କର୍ମୀ ଭିଡ଼ ଜମାଇଛନ୍ତି।

**ବାଲିକୁଦା,୨୪।୫(ସ୍ୱ.ପ୍ର.)**

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ରଘୁନନ୍ଦନ ଦାସ ବିଜୟଲାଭ କରିବା ପରେ ସମର୍ଥକମାନେ ଉତ୍ସବ ପାଳନ କରିଛନ୍ତି। ଗୁରୁବାର ରାତି ସୁଦ୍ଧା ରଘୁନନ୍ଦନ ବିଜୟୀ ହେବା ସମ୍ଭାବନା ଥିବା ଜଣାପଡିବା ପରେ ସମର୍ଥକମାନେ ବାଜା ବଜାଇ, ବାଣ ଫୁଟାଇ ମିଠା ବାଣ୍ଟିଥିଲେ। ସେମାନେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ବିଜୟକୁ ନେଇ ମଧ୍ୟ ଉତ୍ସାହିତ ହୋଇଛନ୍ତି। କାରଣ ମୁଦୁଲି ବାଲିକୁଦା-ଏରସମା ଛାଡ଼ି ଜଗତ୍‌ସିଂହପୁରରୁ ଛିଡ଼ା ହୋଇଥିଲେ ମଧ୍ୟ ତାଙ୍କର ସଙ୍ଗଠନ ରହିଛି। ଜଗତ୍‌ସିଂହପୁର-ବାଲିକୁଦା ରାସ୍ତାର ବିଭିନ୍ନ ଛକରେ କର୍ମୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନେତାଙ୍କ ଆସିବା ବାଟକୁ ଚାହିଁ ରହିଥିଲେ। ଶୁକ୍ରବାର ସକାଳେ ସେମାନେ ରଘୁନନ୍ଦନଙ୍କ ବାଲିସାହିସ୍ଥିତ ବାସଭବନ ଓ ପ୍ରଶାନ୍ତଙ୍କ ତିତିରାସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ।

## ବିଷ୍ଣୁଙ୍କୁ ବିପୁଳ ସମ୍ବର୍ଦ୍ଧନା

**ତିର୍ତ୍ତୋଲ,୨୪।୫(ଡି.ଏନ.ଏ.)**

ବିଜେଡି ବିଧାୟକ ଭାବେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଷ୍ଣୁ ଦାସ ବିଜୟୀ ହେବା ପରେ ସାରଳାରୋଡସ୍ଥିତ ତିର୍ତ୍ତୋଲ ବ୍ଲକ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ସେ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ବିଜେଡି ବ୍ଲକ ସଭାପତି ବସନ୍ତ ମହାପାତ୍ରଙ୍କ ନେତୃତ୍ୱରେ ତାଙ୍କୁ ଫୁଲତୋଡା ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ କାର୍ଯ୍ୟାଳୟ ପରିସରରେ ସେ କର୍ମୀଙ୍କ ସହ ପଞ୍ଚାୟତ ୱାରି ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶୋକ ରାଉତ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ନୃସିଂହ ନାୟକ, ସରପଞ୍ଚ ଚିତ୍ତରଞ୍ଜନ ରଥ, ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତିସଭ୍ୟା ମମତା ଦାସ, ଭାସ୍କର ନାୟକ, ମୃଣ୍ମୟ ସ୍ୱାଇଁ, ସମିତିସଭ୍ୟ ବିଜୟ ମହାନ୍ତି, ସରପଞ୍ଚ ଶୀତିକଣ୍ଠ ସ୍ୱାଇଁ, ବାଇଧର ବଳ, ଦେବବ୍ରତ ମହାନ୍ତି ଓ ତପନ ମହାନ୍ତିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏଠାରୁ ସେ ମା’ ଶାରଳାଙ୍କ ଦର୍ଶନ ନିମନ୍ତେ ଯାଇଥିଲେ।



ତିର୍ତ୍ତୋଲ ବିଜେଡି କାର୍ଯ୍ୟାଳୟଠାରେ କର୍ମୀ ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବଢ଼ିଛନ୍ତି ବିଜେଡି-ଭାଜପା, ଛିଡ଼ିଛି କଂଗ୍ରେସ

**ଜଗତ୍‌ସିଂହପୁର ଅଫିସ,୨୪।୫**

୨୦୧୯ ନିର୍ବାଚନ ଫଳାଫଳ ପ୍ରକାଶ ପରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଜିଲାର ୪ ବିଧାନସଭା ଓ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ଭୋଟ ହାର ଦେଖିଲେ ଜଣାଯାଏ ବିଜେଡି, ଭାଜପା ବଢିଥିବାବେଳେ କଂଗ୍ରେସ ଛିଡିଛି। ୨୦୧୪ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଜିତିଥିବା ଜିଲାର ଏକମାତ୍ର କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ଏଥର ମଧ୍ୟ ଜିତିବେ ବୋଲି ଏକ୍‌ଜିଟ୍ ପୋଲ ସର୍ଭେରେ ଜଣାପଡିଥିବାବେଳେ ସେ ହାରିଛନ୍ତି। ତେଣୁ କଂଗ୍ରେସର ଭୋଟ ହାର କାହିଁକି କମିଲା ସେନେଇ ତର୍ଜମା ଆରମ୍ଭ ହୋଇଛି। ସେପଟେ ବିଜେଡି ନେତାମାନେ ସବୁଠୁ ଅଧିକ ଖୁସି ଅନୁଭବ କରୁଛନ୍ତି। ଭାଜପା ଭୋଟ ହାର ବୃଦ୍ଧି ପାଇଥିଲେ ସୁଦ୍ଧା ସଫଳତା ନ ମିଳିବାକୁ ନେଇ ତର୍ଜମା ଚାଲିଛି।

୨୦୧୪ ନିର୍ବାଚନରେ ଚିରଞ୍ଜୀବ ବିଜୟୀ ହେବା ପରେ ବ୍ୟାପକ କ୍ଷମତା ପାଇଥିଲେ। ବିରୋଧୀ ଦଳ ଉପନେତା ସହ ସେ ପିସିସି କାର୍ଯ୍ୟକାରୀ ସଭାପତି ହୋଇଥିଲେ। ହେଲେ ସେ ଯେଭଳି ହାରିଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ୨୦୧୪ରେ ବିଶ୍ୱାଳଙ୍କୁ ମୋଟ ମତଦାନର ୪୩.୩୪% ଅର୍ଥାତ୍ ୬୭.୦୬୭ ଭୋଟ ମିଳିଥିଲା। ସେତେବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିଷ୍ଣୁ ଚରଣ ଦାସଙ୍କୁ ୪୧.୪୭% ଅର୍ଥାତ୍ ୬୪,୧୭୯ ହଜାର ଭୋଟ ମିଳିଥିଲା। ମାତ୍ର ୦.୧୮% ଅର୍ଥାତ୍ ୨,୮୮୮ ଭୋଟରେ ବିଶ୍ୱାଳ ଜିତିଥିଲେ। ୨୦୧୯ ନିର୍ବାଚନରେ ଫଳ ଅନୁରୂପ ହେବ ବୋଲି ଆଶା ଥିଲା। କାରଣ ଏଥର ବିଷ୍ଣୁ ଏଠାରୁ ପ୍ରାର୍ଥୀ ହୋଇ ନ ଥିଲେ। ତାଙ୍କ ସ୍ଥାନରେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରାର୍ଥୀ ହୋଇଥିଲେ। ମୁଦୁଲିଙ୍କୁ ପ୍ରାର୍ଥୀ ଘୋଷଣା ପରେ ଦଳରେ ବିଦ୍ରୋହ ସୃଷ୍ଟି ହୋଇଥିଲା। ସେ ନୂଆକରି ପ୍ରାର୍ଥୀ ହେବା ଏବଂ କମ ଦିନରେ ସାଙ୍ଗଠନିକ କାର୍ଯ୍ୟ ଆଗେଇ ନେଇପାରିବେ ନାହିଁ ବୋଲି ଚର୍ଚ୍ଚା ଚାଲିଥିଲା। କିନ୍ତୁ ବାସ୍ତବରେ ତାହା ଭୁଲ୍ ପ୍ରମାଣିତ ହେଲା। ବଡ କଥା ହେଲା ସେ ବିଜେଡି ଭୋଟ ବିଭାଜନକୁ ରୋକିବା ସହ ବହୁ ଚତୁରତାର ସହ ଅସନ୍ତୁଷ୍ଟ କଂଗ୍ରେସ ଭୋଟ ହାତେଇବାରେ କେତେକାଂଶରେ ସକ୍ଷମ ହେଲେ। ୨୦୧୪ ତୁଳନାରେ ୨୦୧୯ରେ କଂଗ୍ରେସ ଭୋଟ ହାର ୫.୩୯% କମିଛି। ଅର୍ଥାତ୍ ବିଶ୍ୱାଳଙ୍କୁ ୬୧,୪୭୪ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଛି । କିନ୍ତୁ ବିଜେଡି ଭୋଟ ହାର ୧.୮୨% ବଢିଛି ଅର୍ଥାତ୍ ୭୦,୧୧୬କୁ ବୃଦ୍ଧି ପାଇଛି। ଭାଜପା ସ୍ଥିତି ମଧ୍ୟ ଗତ ନିର୍ବାଚନ ତୁଳନାରେ ଯଥେଷ୍ଟ ଭଲ ରହିଛି। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିଲେ ପ୍ରତାପ ମିଶ୍ର । ତାଙ୍କୁ ମୋଟ ମତଦାନର ମାତ୍ର ୪.୫୬% ଅର୍ଥାତ୍ ୭,୦୫୮ ଖଣ୍ଡ ଭୋଟ ମିଳିଥିଲା। ସେତେବେଳେ କଂଗ୍ରେସ ଜିଲା ସଭାପତି ଥାଇ ଟିକେଟ୍ ନ ପାରିବାରୁ ସ୍ୱାଧୀନ ଭାବେ ସତ୍ୟବ୍ରତ ମହାପାତ୍ର ପ୍ରାର୍ଥୀ ହୋଇ ୫.୭୧% ଅର୍ଥାତ୍ ୮,୮୪୪ ଖଣ୍ଡ ଭୋଟ ପାଇଥିଲେ। ପରବର୍ତ୍ତୀ ସମୟରେ ମହାପାତ୍ର ଭାଜପାରେ ମିଶି ଦଳ ଜିଲା ସଭାପତି ହୋଇଥିଲେ। ୨୦୧୯ ନିର୍ବାଚନରେ ଏହି ଆସନରୁ ମଧ୍ୟ ସେ ଦଳୀୟ ପ୍ରାର୍ଥୀ ହୋଇ ୧୭.୬୮% ଅର୍ଥାତ୍ ୨୮,୬୩୯ ଖଣ୍ଡ ଭୋଟ ପାଇଛନ୍ତି । ୨୦୧୪ ଓ ୨୦୧୯ ନିର୍ବାଚନ ଫଳାଫଳ ଅନୁଯାୟୀ ଭାଜପା ଏହି ଆସନରୁ ୧୩.୧୨% ଅଧିକ ଭୋଟ ପାଇଛି। କୁହାଯାଉଛି, ଏଥର ମହାପାତ୍ରଙ୍କ ଯୋଗୁ କଂଗ୍ରେସ ପ୍ରାର୍ଥୀ ବିଶ୍ୱାଳ ହାରିଲେ। ଅର୍ଥାତ୍ ମହାପାତ୍ର ଅଧିକ କଂଗ୍ରେସ ଭୋଟ କାଟିବାରେ ସକ୍ଷମ ହେଲେ। ୨୦୧୪ ନିର୍ବାଚନରେ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ବିଶ୍ୱାଳ ଜିତିଥିଲେ। ବହୁ ସଂଖ୍ୟାରେ ଅସନ୍ତୁଷ୍ଟ ବିଜେଡି ଭୋଟ କଂଗ୍ରେସ ଖାତାକୁ ଗଲା । ମହାପାତ୍ର ଯେହେତୁ ସେତେବେଳେ କଂଗ୍ରେସ ଛାଡି ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିଲେ ତେଣୁ ଅଧିକ ସଂଖ୍ୟାରେ କଂଗ୍ରେସ ଭୋଟ ହାତେଇବେ ବୋଲି କୁହାଯାଇଥିଲେ ସୁଦ୍ଧା ଫଳାଫଳ ପ୍ରକାଶ ପରେ ତାହା ଭୁଲ ପ୍ରମାଣିତ ହୋଇଥିଲା। ଅର୍ଥାତ୍ ଅଧିକ ସଂଖ୍ୟକ ବିଜେଡି ଭୋଟ ହାତେଇବାରେ ସେ ସକ୍ଷମ ହୋଇଥିଲେ। କିନ୍ତୁ ଏଥର ମହାପାତ୍ରଙ୍କ ସପକ୍ଷରେ ଅଧିକ କଂଗ୍ରେସ ଭୋଟ ଯାଇଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ମୋଟ ୧,୬୧,୯୬୯ ଜଣ ଭୋଟ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଜେଡିର ମୁଦୁଲିଙ୍କୁ ଇଭିଏମ୍ ୬୯,୮୬୧, ପୋଷ୍ଟାଲ ୨୫୫ ସମେତ ଭୋଟ ୭୦,୧୧୬ ଖଣ୍ଡ ଭୋଟ ମିଳିଥିଲା । ସେହିପରି କଂଗ୍ରେସର ବିଶ୍ୱାଳଙ୍କୁ ୬୧,୧୪୯ ଇଭିଏମ୍, ୩୨୫ ପୋଷ୍ଟାଲ ସମେତ ମୋଟ ୬୧,୪୭୪ ଖଣ୍ଡ ଭୋଟ ମିଳିଥିଲା । ଭାଜପାର ମହାପାତ୍ରଙ୍କୁ ୨୮,୪୦୬ ଇଭିଏମ୍, ୨୩୩ ପୋଷ୍ଟାଲ ସମେତ ମୋଟ ୨୮,୬୩୯ ଖଣ୍ଡ ଭୋଟ ମିଳିଛି। ଅନ୍ୟ ୫ ପ୍ରାର୍ଥୀ ଅମାନତ ହରାଇଛନ୍ତି ।



ମୁଁ ଜଣେ ଭକ୍ତ ନୁହେଁ। ମୁଁ ମଧ୍ୟ ଜଣେ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ।
-ଶ୍ରୀଅରବିନ୍ଦ



# ଅବେଳରେ ସାକ୍ଷାତ୍କାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏହା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବର ଘଟଣା, ଯେଉଁଥିରୁ ସୂଚନା ମିଳୁଛି ଯେ, ମୋଦି ସରକାର ପୁଣିଥରେ କ୍ଷମତାକୁ ଫେରିବା ଉପରେ ସେମାନେ ସମ୍ପୂର୍ଣ୍ଣ ଆଶାବାଦୀ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ ଅର୍ଥନୀତି, ପରିବହନ, ଶକ୍ତି, ମାନବସମ୍ବଳ ଆଦି କ୍ଷେତ୍ରର ଦେଖାଶୁଣା କରିବା ପାଇଁ ପାଞ୍ଚଟି ଉପଦେଷ୍ଟା (ଯୁଗ୍ମ ସଚିବସ୍ତରୀୟ) ଓ ବରିଷ୍ଠ ଉପଦେଷ୍ଟା (ଅତିରିକ୍ତ ସଚିବସ୍ତରୀୟ) ପଦବୀ ପାଇଁ ନୀତି ଆୟୋଗ ସାଧାରଣ ନିର୍ବାଚନ ପ୍ରକ୍ରିୟା ସମୟରେ ନିର୍ବାଚିତ ପ୍ରାର୍ଥୀମାନଙ୍କର ସାକ୍ଷାତ୍କାର ନେଇଛନ୍ତି। ଗତବର୍ଷ ଜୁନ୍‌ମାସରେ ଏହି ପଦଗୁଡ଼ିକ ନିମନ୍ତେ ବିଜ୍ଞାପନ ଦିଆଯାଇଥିଲା ଏବଂ ସରକାର ଏଥିପାଇଁ ୩୦୦ ଦରଖାସ୍ତ ପାଇଥିଲେ। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତ, ସ୍ୱତନ୍ତ୍ର ସଚିବ ଯାଦବେନ୍ଦ୍ର ମାଥୁର ଓ ଯୁଗ୍ମସଚିବ ଆଲୋକ କୁମାରଙ୍କୁ ନେଇ ଗଠିତ ଚୟନ କମିଟି ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କର ନାମ ଶର୍ଟଲିଷ୍ଟ କରିଥିଲେ। ଆଶ୍ଚର୍ଯ୍ୟର କଥା ବିଜ୍ଞାପନ ଦିଆଯିବାର ୧୦ ମାସ ପରେ ୨୦୧୯ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଉକ୍ତ ଚୟନ କମିଟି ଗଠନ କରାଯାଇଥିଲା। ସଂକ୍ଷିପ୍ତୀକୃତ ତାଲିକାର ୧୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ଉକ୍ତ ପଦବୀଗୁଡ଼ିକ ଲାଗି ଅନିଚ୍ଛା ପ୍ରକାଶ କରିବା ପରେ ଆଉ ରହିଲେ ମାତ୍ର ୯ ଜଣ ପ୍ରାର୍ଥୀ। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏ ଯାବତ୍ କ୍ୟାଡର କ୍ଲିୟରାନ୍ସ, ସ୍ୱଚ୍ଛତା ପ୍ରମାଣପତ୍ର ଓ ଏପିଆର୍ ବି ମିଳିନାହିଁ। ଆହୁରି ମଧ୍ୟ କିଛି ବିଶେଷଜ୍ଞଙ୍କ ମତ ଅନୁସାରେ ଯୁଗ୍ମସଚିବ ଓ ଅତିରିକ୍ତ ସଚିବସ୍ତରୀୟ ପାଞ୍ଚଟି ପଦବୀ ବାଛିବା ଲାଗି ସଂକ୍ଷିପ୍ତୀକୃତ ତାଲିକାରେ ନିଆଯାଇଥିବା ୯ ଜଣ ଅତି କମ୍ ସଂଖ୍ୟକ ପ୍ରାର୍ଥୀ, ଯେଉଁମାନଙ୍କ ମଧ୍ୟରୁ ପ୍ରାର୍ଥୀ ବଛାଯିବ। କିନ୍ତୁ ସେମାନେ କେହି ସେମାନଙ୍କର ଏହି ମତକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ନ ଥିଲେ।

### କ୍ୟାଡର ଆବଣ୍ଟନକୁ ନା

୨୦୧୮ ବ୍ୟାଚ୍ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ କ୍ୟାଡର ଆବଣ୍ଟନକୁ ଦିଲ୍ଲୀ ହାଇକୋର୍ଟ ମନାକରିଦେବା ଘଟଣା ମୋଦି ସରକାର ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛି। ସରକାରଙ୍କ ନୂତନ କ୍ୟାଡର ଆବଣ୍ଟନ ନୀତି ପକ୍ଷପାତଦୁଷ୍ଟ ଓ ବେଆଇନ ବୋଲି କୋର୍ଟ ମତ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଆଇଏଏସ୍ ଓ ଆଇପିଏସ୍ ପାଇଥିବା ସଫଳ ପ୍ରାର୍ଥୀମାନଙ୍କୁ ଦିଆଯାଇଥିବା କ୍ୟାଡରକୁ ନାକଚ କରି ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ତଥା ପସନ୍ଦ ଅନୁସାରେ ସାନି କ୍ୟାଡର ଆବଣ୍ଟନ କରିବା ଲାଗି କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲା ଦାଏର କରିଥିବା ପ୍ରାର୍ଥୀମାନଙ୍କର ଅଭିଯୋଗ ହେଲା, ଉକ୍ତ ନୀତି ବା ଯୋଗ୍ୟତା ଓ ନିଜ ପସନ୍ଦ ଭିତ୍ତିରେ କେନ୍ଦ୍ର ସରକାର ସେମାନଙ୍କୁ କ୍ୟାଡର ଦେଇନାହିଁ। ହାଇକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ସରକାରଙ୍କୁ ପୁଣି ପଛକୁ ହଟି ନୂଆକରି କ୍ୟାଡର ଆବଣ୍ଟନ କରିବାକୁ ପଡ଼ିବ। ଉକ୍ତ ଆବେଦନକାରୀ ପ୍ରାର୍ଥୀମାନେ ସେମାନଙ୍କୁ ଆବଣ୍ଟିତ କ୍ୟାଡର ଅନୁଯାୟୀ ଦିଆଯିବାକୁ ଥିବା ତାଲିମ ଆରମ୍ଭ ହେବା ପୂର୍ବରୁ ନିଜ ଅଭିଯୋଗ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ କୋର୍ଟ ସେମାନଙ୍କୁ ନ୍ୟାୟ ଓ ଆଶ୍ୱସ୍ତି ଦେଇଥିବା ଜଣାପଡ଼ିଛି।

### ଆଗୁଆ କାର୍ଯ୍ୟସୂଚୀ

ପ୍ରବଳ ଗରମ ଓ ସାଧାରଣ ନିର୍ବାଚନର ଧୂଳି ଉଡ଼ିବା ବେଳେ ସରକାରଙ୍କ ବ୍ୟବସାୟ ବନ୍ଦ ହୋଇନାହିଁ। ନେତାମାନେ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥିବା ବେଳେ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକର ବାବୁମାନେ ନୂଆ ସରକାର ପାଇଁ ୧୦୦ଦିନିଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଥିଲେ, ଯାହାକୁ ସେମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଉପସ୍ଥାପନ କରିବେ। ଏ ଦିଗରେ ମାନବସମ୍ବଳ ମନ୍ତ୍ରଣାଳୟ (ଏଚ୍‌ଆର୍‌ଡି) ଅଧିକ ମହତ୍ତ୍ୱାକାଂକ୍ଷୀ। କାରଣ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଏହି ମନ୍ତ୍ରଣାଳୟ ପାଞ୍ଚବର୍ଷିଆ ଯୋଜନା ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛି। ପୂର୍ବତନ ରାଜସ୍ୱ ସଚିବ ହସମୁଖ ଆଧିଆ, ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତ ଓ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା ପ୍ରଫେସର କେ. ବିଜୟ ରାଘବନ୍ ପ୍ରମୁଖ ଏହି ଯୋଜନା ପ୍ରସ୍ତୁତିରେ ଅଂଶୀଦାର ଅଛନ୍ତି। ଗତମାସରେ ମସୌରୀସ୍ଥିତ ଲାଲ୍ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀଠାରେ ଏ ନେଇ ଏକ ବିଚାର-ମନ୍ଥନମୂଳକ ଅଧିବେଶନ ଆୟୋଜିତ ହୋଇଥିଲା। ଆଧିଆଙ୍କ ନେତୃତ୍ୱରେ ଗଠିତ ବିଶେଷଜ୍ଞମଣ୍ଡଳୀ ଉଚ୍ଚଶିକ୍ଷାରେ କେମିତି ଦୁଇଗୁଣ ପିଲା ନାମ ଲେଖାଇବେ, ତା' ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତା' ସହ ଉଚ୍ଚଶିକ୍ଷାର ଆନ୍ତର୍ଜାତିକୀକରଣ ଲାଗି କାନ୍ତ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ସମ୍ଭବତଃ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୁନଶ୍ଚ କ୍ଷମତାକୁ ଫେରିବେ ବୋଲି ସେମାନେ ପୂର୍ବାନୁମାନ କରି ଏଭଳି ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ।

Email: dilipcherian@gmail.com

# ଆମ ବିଶ୍ୱବିଦ୍ୟାଳୟର ମାନ



ଡା. ସୁରେନ୍ଦ୍ର ନାଥ ପତି

ଆମ ଦେଶରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ମୋଟ ୮୨୧। ସେଥିରେ ରାଜ୍ୟ ସରକାରଙ୍କର ୩୬୭ଟି, କେନ୍ଦ୍ର ସରକାରଙ୍କର ୪୯ଟି, ଡିମ୍‌ଡ ୟୁନିଭର୍ସିଟି ସଂଖ୍ୟା ୧୨୩ ଓ ପ୍ରାଇଭେଟ ୟୁନିଭର୍ସିଟି ସଂଖ୍ୟା ୨୮୨। ସଂଖ୍ୟା ଦୃଷ୍ଟିରୁ ବିଶାଳ ଭାରତରେ ଏହି ସଂଖ୍ୟା ତ କମ୍। ତା' ସହ ବିଶ୍ୱବିଦ୍ୟାଳୟଗୁଡ଼ିକର ମାନ ବି ଉନ୍ନତ ନୁହେଁ, ବିଶ୍ୱସ୍ତରୀୟ ନୁହେଁ। ବିଶ୍ୱବିଦ୍ୟାଳୟ କହିଲେ ଏହାର କୋଠାବାଡ଼ି, ଛାତ୍ରାବାସ, ଲାଇବ୍ରେରିକୁ କେବଳ ବୁଝାଏ ନାହିଁ। ଛାତ୍ର ଓ ଅଧ୍ୟାପକମାନେ ଏହାର ସମ୍ବଳ। ସେମାନଙ୍କର ଜ୍ଞାନ, ଦକ୍ଷତା, ଖ୍ୟାତି, ପ୍ରୟୋଗଶୀଳତା- ଏସବୁ ଜାତି, ଦେଶ ଓ ବିଶ୍ୱର କେତେ କାର୍ଯ୍ୟରେ ଲାଗିଛି, ପୂର୍ବ ଅବସ୍ଥାରୁ କେତେ ଉନ୍ନତତର ସମାଜ, ପରିବେଶ, ସୁଖସ୍ୱାଚ୍ଛନ୍ଦ୍ୟ ସୃଷ୍ଟି କରିଛି, ସେ ଦୃଷ୍ଟିରୁ ପର୍ଯ୍ୟାଲୋଚନା କରି ସମ୍ପୃକ୍ତ ଅନୁଷ୍ଠାନର ମାନ ନିର୍ଣ୍ଣୟ କରାଯାଏ। ଏହା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ। ବହୁ ଅତୀତ କାଳରେ ଖ୍ରୀ.ପୂ. ସମୟରେ ଭାରତରେ ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା, ପୁଷ୍ପଗିରି, ମହାବିହାର ଆଦି ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ ଥିଲା। ଦକ୍ଷିଣପୂର୍ବ ଏସିଆ ଓ ପଶ୍ଚିମ ଏସିଆରୁ ହଜାର ହଜାର ଛାତ୍ର ଆସି ଏଠାରେ ଅବସ୍ଥାନ କରି ବିଦ୍ୟା ଅର୍ଜନ କରୁଥିଲେ। ସେ କାଳ ଚାଲିଯାଇଛି। ଭାରତରୁ ବୌଦ୍ଧଧର୍ମର ବିଲୋପ ସହ ବୈଦେଶିକ ଶାସକମାନେ ମହାନ୍ ଜ୍ଞାନ-କ୍ଷେତ୍ରମାନଙ୍କୁ ଧ୍ୱଂସ କରିଦେଇଛନ୍ତି। ବ୍ରିଟିଶ ଶାସନ କାଳରେ ସେମାନଙ୍କୁ ପ୍ରଶାସନରେ ସହଯୋଗ କରିବା ପାଇଁ ଇଂଲିଶ୍ ଶିକ୍ଷା ପଦ୍ଧତିରେ ବମ୍ବେ, ମାଡ୍ରାସ, କଲିକତାଠାରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠିତ ହୋଇଥିଲା। ଏହା ବରଦାନ ସଦୃଶ ସାବ୍ୟସ୍ତ ହୋଇଥିଲା। ବହୁ ଦେଶପ୍ରେମୀ ଭାରତୀୟ ଯୁବକ ଇଂରେଜମାନଙ୍କ ଅଧୀନରେ ଗୋଲାମଗିରି ନ କରି ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। କେତେକ ଇଂଲଣ୍ଡରେ ଶିକ୍ଷା ଲାଭ କରି ମଧ୍ୟ ଦେଶକୁ ଫେରି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ ହୋଇ ସ୍ୱାଧୀନ ଭାରତରେ ମନ୍ତ୍ରୀ, ରାଜ୍ୟପାଳ ଆଦି ପଦ ଅଳଙ୍କୃତ କରିଛନ୍ତି।

ଏବେ ସମଗ୍ର ବିଶ୍ୱରେ ୟୁନିଭର୍ସିଟିମାନଙ୍କର ମାନ୍ୟତା ବା ର୍‍ୟାଙ୍କିଙ୍ଗ୍ ପାଇଁ ତିନିଗୋଟି ସଂସ୍ଥା କାର୍ଯ୍ୟ କରୁଛନ୍ତି। ଟାଇମ୍ସ ହାୟର ଏଜୁକେଶନ (THE) ର୍‍ୟାଙ୍କିଙ୍ଗ୍, କ୍ୟୁଏସ (QS) ବିଶ୍ୱ ର୍‍ୟାଙ୍କିଙ୍ଗ୍ ଓ ଏକାଡେମିକ ର୍‍ୟାଙ୍କିଙ୍ଗ୍। ପ୍ରଥମଟି ଇଂଲଣ୍ଡର, ଶେଷଟି ଚାଇନାର। ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ସଂସ୍ଥାମାନଙ୍କୁ ନିର୍ଦ୍ଦିଷ୍ଟ ଫର୍ମରେ ଡାଟା ପ୍ରେରଣ କରନ୍ତି, ଯଥା- ବିଶ୍ୱବିଦ୍ୟାଳୟ କେତୋଟି ରିସର୍ଚ୍ଚ ପେପର ପବ୍ଲିଶ୍ କରିଛି, କେତେଜଣ ଆନ୍ତର୍ଜାତିକ ସ୍ତରର ଫ୍ୟାକଲ୍ଟି ଅଛନ୍ତି (ବିଦେଶରୁ ଆସିଥିବା ପ୍ରଫେସର), ଦେଶର ଫ୍ୟାକଲ୍ଟି ସହ ତାଙ୍କର ଅନୁପାତ କେତେ, ଇଣ୍ଟରନ୍ୟାଶ୍‌ନାଲ ଛାତ୍ର କେତେ ସଂଖ୍ୟାରେ ଏଠାରେ ଅଧ୍ୟୟନ କରନ୍ତି, ଦେଶୀୟ ଛାତ୍ରଙ୍କ ସହ ତାଙ୍କର ଅନୁପାତ କେତେ, ଇଣ୍ଟରନ୍ୟାଶନାଲ ଗବେଷକଙ୍କ ସହ ଏହି ସଂସ୍ଥା କେତୋଟି ପବ୍ଲିକେଶନ କରିଛି, ଏକାଡେମିକ୍ କ୍ଷେତ୍ରରେ ରେପୁଟେଶନ ଅଛି ନା ନାହିଁ, ରିସର୍ଚ୍ଚରୁ କେତେ ଆୟ ହୁଏ, ରିସର୍ଚ୍ଚ ପାଇଁ ବାତାବରଣ ଅଛି ନା ନାହିଁ, ଫ୍ୟାକଲ୍ଟି ସଂଖ୍ୟା ଓ ଛାତ୍ରସଂଖ୍ୟା, ଟିଚିଙ୍ଗ ଓ ଲର୍ନିଂ କିପରି ଚାଲିଛି, ବ୍ୟାଚେଲର ଡିଗ୍ରୀ ସହ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନର ଅନୁପାତ, କେତେ ଜଣ ଏହି ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ପ୍ରାପ୍ତ ହୋଇଛନ୍ତି, ସଂସ୍ଥାର ଆୟ କେତେ, କେତେଜଣ ଛାତ୍ର ମେଡାଲ, ନୋବେଲ ପ୍ରାଇଜ୍ ପାଇଛନ୍ତି, ଷ୍ଟାଫ୍ ସଂଖ୍ୟା କେତେ, ରିସର୍ଚ୍ଚ ଆଉଟ୍‌ପୁଟ, ଫ୍ୟାକଲ୍ଟି ପିଛା କେତୋଟି ପବ୍ଲିକେଶନ ଅଛି ଇତ୍ୟାଦି।

ଏତଦ୍‌ବ୍ୟତୀତ QS ଓ THE ସଂସ୍ଥା ଦ୍ୱୟ ଅନ୍ୟାନ୍ୟ ତଥ୍ୟ ଉପରେ ଯଥାକ୍ରମେ ଶତକଡ଼ା ୪୦ ଭାଗ ଓ ୬୦ ଭାଗ ନିର୍ଭର କରନ୍ତି। ସର୍ବପ୍ରଧାନ ଉପାଦାନ ହେଲା ପବ୍ଲିକେଶନ୍, ଯାହା ବିଶ୍ୱସ୍ତରୀୟ ହେବା ଉଚିତ। ଆମ ଦେଶରେ ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମେଡିସିନ କ୍ଷେତ୍ରରେ ପବ୍ଲିକେଶନ୍ ଅତି କମ୍ ଥିବାର ଦେଖାଯାଏ। ଚାଇନା ବହୁ ଆଗରେ ଆମଠାରୁ। ମାଣ୍ଡାରିନ ଭାଷାରେ ରିସର୍ଚ୍ଚ ପେପର ପ୍ରସ୍ତୁତ ହୋଇ ସର୍ବାଧିକ ସଂଖ୍ୟାରେ ଇଂଲିଶ ଭାଷାକୁ ଅନୂଦିତ ହୁଏ। ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟମାନ ଯଥା- ହାର୍ଭାର୍ଡ, ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ଅକ୍ସଫୋର୍ଡ, କେମ୍ବ୍ରିଜ ଆଦି ବିପୁଳ ଅର୍ଥ ବ୍ୟୟ କରନ୍ତି। ସେ ଦେଶର ସରକାରମାନେ ଏହାକୁ ମଞ୍ଜୁର କରିବାରେ ତତ୍ପର। କିନ୍ତୁ ଶିକ୍ଷା କ୍ଷେତ୍ରରେ ଭାରତର ବ୍ୟୟ ନଗଣ୍ୟ। ଜାତୀୟ ତଥା ଆନ୍ତର୍ଜାତିକ ସେମିନାରଗୁଡ଼ିକରେ ଭାରତର ସ୍ଥାନ ବହୁ ତଳେ। ଉତ୍ତର ଆମେରିକା, ଇଂଲଣ୍ଡ, ୟୁରୋପୀୟ ସଂଘର ବିଶ୍ୱବିଦ୍ୟାଳୟଗୁଡ଼ିକ ଏଥିରେ ଅଗ୍ରଣୀ।

ବିଭିନ୍ନ ଅନୁଧ୍ୟାନକାରୀ ସଂସ୍ଥାର ଗଣନା ଅନୁଯାୟୀ ଫଳାଫଳ ଭିନ୍ନ ଦେଖାଯାଉଛି। ଟାଇମ୍ସ ସଂସ୍ଥା ଅନୁସାରେ ମୋଟ ୭୦୦ରୁ ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥା ୨୫୧ତମ ଓ ଆଇଆଇଟି ମୁମ୍ବାଇ ୪୦୧ତମ ସ୍ଥାନରେ ଅଛନ୍ତି। ଚାଇନାର ୨୫ଟି ଅନୁଷ୍ଠାନ ୧୦୦ ମଧ୍ୟରେ ଅଛନ୍ତି। ଉତ୍ତର ଆମେରିକା, ଇଂଲଣ୍ଡ, ସିଙ୍ଗାପୁର, ଟୋକିଓ, ହଂକଂ, ରୁଷିଆ, ଇରାକ, ଇରାନ, ଆଫ୍ରିକୀୟ ଦେଶ ବହୁ ଆଗରେ ସ୍ଥାନ ପାଇଛନ୍ତି। ଅନ୍ୟାନ୍ୟ କ୍ଷୁଦ୍ରରାଷ୍ଟ୍ର ଅତି ଭଲ ବିଶ୍ୱବିଦ୍ୟାଳୟ ତିଆରି କରିପାରିଛନ୍ତି। ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ର୍‍ୟାଙ୍କିଙ୍ଗ୍ ଅନୁସାରେ ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥା ପ୍ରଥମ, କେମିକାଲ ଟେକ୍ନୋଲୋଜି, ମୁମ୍ବାଇ ଦ୍ୱିତୀୟ, ଦିଲ୍ଲୀର ଜେଏନ୍‌ୟୁ ତୃତୀୟ, ଭୁବନେଶ୍ୱର କିଟ୍‌ସ ୫୩ତମ ସ୍ଥାନ ଅଧିକାର କରନ୍ତି।

ଏହିପରି ଦୁର୍ଗତିରୁ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକୁ କିପରି ଉଦ୍ଧାର କରାଯାଇପାରିବ ? ଆଇଆଇଟିଗୁଡ଼ିକ ଅଧିକ ସ୍ଥାୟୀ ଫାକଲ୍ଟି ନିଯୁକ୍ତ କରିବା ଦରକାର। ଏବେ ମାତ୍ର ଶତକଡ଼ା ୪୦ ସ୍ଥାୟୀ ଶିକ୍ଷକ ନିଯୁକ୍ତ ଅଛନ୍ତି। ଅନ୍ୟ ଦେଶରୁ ଅଧ୍ୟାପକ ଓ ଛାତ୍ରଙ୍କୁ ଆଣି ଏଠାରେ ପଢିବା ଓ ପଢାଇବାର ବନ୍ଦୋବସ୍ତ କରିବା ଦରକାର। ଅଧିକ ପିଏଚ୍‌ଡି କରୁଥିବା ସ୍କଲାର ବାହାର କରିବା ଆବଶ୍ୟକ।

କେତେକ ଶିକ୍ଷାବିତ୍ ଏପରି ସ୍ଥିତି ଲକ୍ଷ୍ୟ କରି ମତ ଦିଅନ୍ତି ଯେ, ଏଭଳି ମୂଲ୍ୟାୟନ ପାଶ୍ଚାତ୍ୟ ଦେଶର ନିୟମ ଅନୁସାରେ କରାଯାଇଛି। କିନ୍ତୁ ଆମକୁ ଏହା ମାନିନେବାକୁ ହେବ, ଯଦି ଆମେ ସେମାନଙ୍କ ସାଥିରେ କାନ୍ଧକୁ କାନ୍ଧ ମିଳାଇ ଚାଲିବାକୁ ଚାହୁଁ। ସରକାର ଆଇନରେ ପରିବର୍ତ୍ତନ ଆଣି ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ଅର୍ଥବ୍ୟୟ କରିବା ଦରକାର। ଆମର ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଉଚିତ। ଗୁରୁ-ଶିଷ୍ୟ ସମ୍ପର୍କର ପୁନରୁଦ୍ଧାର କରାଯିବା ଆବଶ୍ୟକ। କେବଳ କ୍ଲାସ୍‌ରୁମ ଶିକ୍ଷା ନୁହେଁ, ଗୁରୁ ଛାତ୍ରକୁ ଚିହ୍ନିବେ, ଆଉଟ୍ ଅଫ୍ କ୍ଲାସ୍ ଗାଇଡ ହେବେ, ଛାତ୍ରର ସାଧାରଣ ଜୀବନରେ ଆବଶ୍ୟକ ଉପଦେଶ ଦେବେ। କେବଳ ସିଲାବସକୁ ଆଧାର ନ କରି, ଛାତ୍ର ଯଦି ତା'ର ଆଗ୍ରହ ଥିବା ବିଷୟ ପଢିବାକୁ ଚାହେଁ, ସେଥିପ୍ରତି ଶିକ୍ଷକ ଉତ୍ସାହିତ କରିବେ। ଆମ ଦେଶରେ ଛାତ୍ର ଓ ଅଧ୍ୟାପକମାନଙ୍କର ରିସର୍ଚ୍ଚ ଏବଂ ପବ୍ଲିକେଶନ ସଂଖ୍ୟା ଭଲ ଅଛି। ପିଏଚ୍‌ଡି ସଂଖ୍ୟା ମନ୍ଦ ନୁହେଁ। କିନ୍ତୁ ଏହି ସବୁ ନୂତନ ତଥ୍ୟ ସାମାଜିକ କ୍ଷେତ୍ରରେ ଉପଯୋଗ ହେଉନାହିଁ। ପୋଥିବିଦ୍ୟା ହୋଇ ରହିଯାଉଛି। ପାଶ୍ଚାତ୍ୟ ବୈଜ୍ଞାନିକଗଣ ମତ ଦିଅନ୍ତି, ଭାରତରେ ପ୍ରତିଭାର ଅଭାବ ନାହିଁ, କିନ୍ତୁ ଅଧ୍ୟବସାୟ, ବ୍ୟୟ, ମନୋଯୋଗିତାର ଅଭାବ ଦେଖାଦିଏ। ବ୍ୟକ୍ତିଗତ ସ୍ୱାର୍ଥ, ଲାଭ, ପରଶ୍ରୀକାତରତା, ଈର୍ଷା, ଅସହଯୋଗ ମନୋଭାବ ସହ ସରକାରଙ୍କର ବିଜ୍ଞାନ ପ୍ରତି ଉଦାସୀନତା ଭାରତକୁ ବିଶ୍ୱରେ ନଗଣ୍ୟ କରିଦେଉଛି। ତେଣୁ ସର୍ବାଙ୍ଗୀନ ଉନ୍ନତି ପାଇଁ ଯୁବ ସମାଜ ଆଗଭର ହେବା ଉଚିତ ଏବଂ ସରକାରଙ୍କର ନିଦ ଭାଙ୍ଗିବା ଆବଶ୍ୟକ।

ରେଣୁକା ଏନ୍‌କ୍ଲେଭ, ବଡ଼ଶଙ୍ଖ, ପୁରୀ,
ମୋ-୯୪୩୭୪୯୪୭୭୬

# ଜଗନ୍ନାଥ, ଜେଜେମା' ଓ ଫନୀ



ମନ-ମାନଚିତ୍ର

ଡ. ନରହରି ବେହେରା

ମୋ ଜେଜେମା'ର ବୟସ ଅଶୀ ଟପିଲାଣି। ମାତ୍ର ଏବେ ସେ ଭଲଭାବେ ଶୁଣିପାରୁଛି ଏବଂ କହିପାରୁଛି। ସବୁ ପୁରୁଣାକାଳିଆ ଲୋକଙ୍କ ପରି ସେ ଭାରି ପୁରାଣ ଓ ଶାସ୍ତ୍ରପ୍ରିୟ। ସବୁ ଘଟଣା ପଛରେ ଈଶ୍ୱରଙ୍କର ଇଚ୍ଛା ଅଛି ବୋଲି ତା'ର ବିଶ୍ୱାସ। ସେ କାଳେ ସେତେବେଳେ ସପ୍ତମଶ୍ରେଣୀ ପାସ୍ କରିଥିଲା। ତେଣୁ ଦୂରଦର୍ଶନ ଓ ଓଡ଼ିଆ ଖବରକାଗଜରେ ବାହାରୁଥିବା ବିଭିନ୍ନ ଘଟଣାକୁ ତର୍ଜମା କରିବାରେ ତା'ର କିଛି ଅସୁବିଧା ହୁଏ ନାହିଁ। କିଛି ଦୈବୀଦୁର୍ବିପାକ ପଡ଼ିଲେ ଆମେ ନାତିନାତୁଣୀମାନେ ତାକୁ ଘେରିଯାଇ ପଚାରୁ- ଜେଜେମା' ଏଥର ତୋ ପୁରାଣଶାସ୍ତ୍ର ସବୁ କ'ଣ କହୁଛନ୍ତି? ଜେଜେମା' ହସିଦେଇ ଅନେକ ରୋଚକ ପୌରାଣିକ ଆଖ୍ୟାନ ବଖାଣି ବସେ।

ଏ ବର୍ଷ ଫନୀ ଭୀଷଣ ରୂପଧରି ଆସୁଥିବା ଘଟଣା ପ୍ରଚାର ହେଲା। ସମସ୍ତେ ଭୀତତ୍ରସ୍ତ ହେଲେ। ସରକାରଙ୍କଠାରୁ ଜନସାଧାରଣ ସୁରକ୍ଷା ପାଇଁ ଅନେକ ଯୋଜନା କଲେ। ମାତ୍ର ଜେଜେମା'କୁ ଆମେ ଯେତେ ଯାହା ପଚାରିଲୁ ସେ କିଛି କହିଲା ନାହିଁ। ଖାଲି ଗୁମ୍ ମାରି ବସିଲା। ମଝିରେ ମଝିରେ ଏତିକି ଶୁଣାଇ ଦେଉଥିଲା, ସେହି ଜଗନ୍ନାଥଙ୍କର ଇଚ୍ଛା। ଘୋର କଳିକାଳର ଏ ଗୋଟିଏ ରୂପ। ଆମେ କିଛି ବୁଝିପାରିଲୁନି। ଏତିକି ଧରିନେଲୁ, ଜେଜେମା' ତା'ର ଚିରାଚରିତ ଢଙ୍ଗରେ ଆମ ସମସ୍ତଙ୍କୁ ଦୋଷ ଦେବ। ମାତ୍ର ସେମିତି କିଛି ହେଲାନାହିଁ। ବାତ୍ୟା ପରଦିନ ସେ ଯେତେବେଳେ ଶୁଣିଲା ଜଗନ୍ନାଥଙ୍କ କଳ୍ପବଟ ଏବଂ କୋଇଲି ବୈକୁଣ୍ଠ ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି, ସେତେବେଳେ ତା' ଆଖିରୁ ଖାଲି ଧାର ଧାର ଲୁହ ଝରିବାକୁ ଲାଗିଲା। ଦୁଇହାତକୁ କପାଳରେ ଲଗାଇ କହିଲା- ହେ ପ୍ରଭୁ, ଶେଷରେ ସବୁ ପ୍ରତିଶୋଧ ତୁ ତୋ ଉପରେ ନେଇଗଲୁ? ଏମାନେ କିଛି ବୁଝିଲେନି। ବ୍ରହ୍ମ ପରିବର୍ତ୍ତନରେ ଦୁନିଆ ରକମର ଫିକର କଲେ, ସେଥିପାଇଁ ତୁ ଏମିତି ନାଟ ଲଗେଇଦେଲୁ! ଜେଜେମା'ର ଏମିତି ବିକଳ ପ୍ରଳାପ ଦେଖି ଆମ ଆଖିରେ ବି ଲୁହ ଆସିଗଲା। ମନେପଡ଼ିଗଲା ୨୦୦୪ ଡିସେମ୍ବର ୨୬ ତାରିଖ ସକାଳେ ଭାରତ ମହାସାଗରରେ ଯେଉଁ ସୁନାମି ଆସିଥିଲା ଆଉ ସେଥିରେ ଦୁଇଲକ୍ଷ ପଚାଶ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ସେଦିନ ବି ଜେଜେମା' ଆଖିରେ ଲୁହ ଆସିଥିଲା। ସେ ଆମକୁ ଗାଳିଦେଇ କହିଥିଲା, ଏଇ ଯୋଉ ବିପତ୍ତି ଆସୁଛି, ତାହା କେବଳ ତୁମରି ରାକ୍ଷସ ପ୍ରବୃତ୍ତି ପାଇଁ। ଭଗବାନ ହେଉଛନ୍ତି ଅନ୍ତର୍ଯ୍ୟାମୀ ସେ ସମସ୍ତଙ୍କର ଦୁଃଖ ଶୁଣୁଛନ୍ତି। ତୁମେମାନେ ଦିନକୁ ଦିନ ଅସୁର ହୋଇଯାଉଛ। ଧର୍ମକର୍ମ କିଛି ମାନୁନାହଁ। ରାସ୍ତାଘାଟ ସବୁଠି ନିରୀହ ପଶୁପକ୍ଷୀଙ୍କୁ ମାରି ଖାଉଛ। ସେମାନଙ୍କର ଦୁଃଖ, ଚିତ୍କାର ସିନା ତମ ଚିତ୍ତରେ ପଶୁନି, କିନ୍ତୁ ସବୁ ଭଗବାନଙ୍କ ନିକଟରେ ପହଞ୍ଚୁଛି। ଯେତେବେଳେ ପାପଭାର ବଢ଼ିବ, ଭଗବାନ ଏମିତି ଅଘଟଣ ଘଟାଇବେ। ସେ ଦିନ ଜେଜେମା'ର କଥାର କି ବୈଜ୍ଞାନିକ କାରଣ ଥିଲା, ଆମେ ଜାଣି ନ ପାରି ହାଲୁକା ଭାବେ ଗ୍ରହଣ କରିଥିଲୁ।

ଆଜି ଜେଜେମା'ର ପ୍ରସଙ୍ଗ ଥିଲା ଭିନ୍ନ। ସେ ଲୋକମାନଙ୍କ ଅବସ୍ଥା ଅପେକ୍ଷା ବେଶି ଭାଙ୍ଗିପଡ଼ିଥିଲା କଳ୍ପବଟ ଏବଂ କୋଇଲି ବୈକୁଣ୍ଠର ଶ୍ରୀହୀନ ଅବସ୍ଥା ଦେଖି। ଦୋଷ ଲଦି ଦେଉଥିଲା ନବକଳେବରରେ ଘଟିଥିବା ଅଘଟଣ ଉପରେ। ତା' ମନଦୁଃଖ ଦେଖି ମନେହେଉଥିଲା, ସେ ଏଥିରେ ଯେତିକି ମର୍ମାହତ କୃଷ୍ଣଙ୍କୁ ନ ଦେଖି ମା' ଯଶୋଦା ବି ସେଦିନ ସେତିକି ମର୍ମାହତ ହୋଇ ନ ଥିବେ। ଏଥର ଆମେମାନେ ଜେଜେମା' ନିକଟରେ ଅଭିଯୋଗ ବାଢ଼ିଲୁ। ନବକଳେବର ଅନେକ ଦିନ ହେଲାଣି। ଏବେ କାହିଁକି ଜଗନ୍ନାଥ ସେହି ଘଟଣା ପାଇଁ ନିଜକୁ ଶ୍ରୀହୀନ କରିବେ। ଜେଜେମା' ରାଗିଯାଇ କହିଲା, ତୁ କ'ଣ ଭାବୁଛୁ, ଜଗନ୍ନାଥ ତୋ ମୋ ପରି ଲୋକ। ସାଙ୍ଗେ ସାଙ୍ଗେ ହାଣି ମାରି ପକେଇବେ? ସେ ଚାହିଁଥିଲେ ଗୋଟିଏ ଘଣ୍ଟା ଭିତରେ ମହାଭାରତ ଯୁଦ୍ଧ ଶେଷ କରିଥାନ୍ତେ, ଶିଶୁପାଳ, କଂସ ପ୍ରଭୃତିଙ୍କୁ ନିମିଷକ ଭିତରେ ମାରି ଦେଇଥାନ୍ତେ, ସେମିତି କଲେ କି? ତମେ ମଣିଷ ହୋଇଛ, ବୁଦ୍ଧି ବିବେକ ପାଇଛ। ସେଥିପାଇଁ ତୁମକୁ ବଦଳିବାକୁ ସେ ସୁଯୋଗ ଦିଅନ୍ତି। ନ ବଦଳିଲେ, ତୁମକୁ କ୍ଷମା ଦିଅନ୍ତେ କିମିତି? ପ୍ରଭୁ ଉପରକୁ ଦେଖନ୍ତି ନାହିଁ, ମନକୁ ଚିହ୍ନନ୍ତି। ଭକ୍ତ ବି ସେମିତି ହେବା ଉଚିତ। ଉପରଠାଉରିଆ ଉଦ୍ଦଣ୍ଡ କୀର୍ତ୍ତନ କଲେ ଆମକୁ ସମସ୍ତେ ଭକ୍ତ ବୋଲି କହିପାରନ୍ତି, କିନ୍ତୁ ମୋ କାଳିଆ କେବେ ବି କହିବ ନାହିଁ। ତମେ କ'ଣ ଜାଣିନ ଦିନରାତି ଜଗା ଚାରିପାଖରେ ଘୂରି ବୁଲୁଥିବା ପଣ୍ଡାମାନଙ୍କ ନଡ଼ିଆକୁ ଛାଡ଼ି ସେ ଦାସିଆ ନଡ଼ିଆକୁ ନେଇଥିଲେ ବୋଲି।

ତ୍ରେତୟା ଯୁଗରେ ମା' ସୀତା ଖୁସି ହୋଇ ନିଜ ଗଳାରୁ ମୋତିମାଳ କାଢ଼ି ହନୁମାନଙ୍କୁ ଦେଲେ। ହନୁମାନ ଦେଖିଲେ ମାଳସାରା ଖାଲି ମୋତି। ସେ ଗୋଟିଏ ଗୋଟିଏ କାଢ଼ି ଛିଣ୍ଡାଇଲେ। ଦାନ୍ତରେ କାମୁଡ଼ି ଫିଙ୍ଗିଦେଲେ। ଏକଥା ଦେଖି ଭରତ ରାଗିଯାଇ ହନୁମାନଙ୍କୁ ପଚାରିଲେ, ମା'ସୀତା ତୁମକୁ କେତେ ମୂଲ୍ୟବାନ ମୋତିହାର ଦେଲେ, ତୁମେ ତାକୁ କାମୁଡ଼ି ଫିଙ୍ଗିଦେଉଛ? ହନୁମାନ ଅତ୍ୟନ୍ତ ଅସହାୟ ହୋଇ କହିଲେ- ଭାଇ, ଏ ମୋତି ଭିତରେ ମୋ ପ୍ରଭୁ ରାମଚନ୍ଦ୍ର ଅଛନ୍ତି କି ନାହିଁ ଦେଖୁଛି, ଯେଉଁଠି ମୋ ପ୍ରଭୁ ନାହାନ୍ତି, ସେ ମୋତି ମୋର କି କାମରେ ଲାଗିବ? ଭରତ ଚୁପ୍ ହୋଇଗଲେ। ଭଗବାନଙ୍କଠାରୁ କୌଣସି ଜିନିଷ ମୂଲ୍ୟବାନ ନୁହେଁ। ଆଜିକାଲି ତୁମେ ଏ କଥା ଭାବୁଛ କି? ଭକ୍ତ ବୋଲି ଯିଏ ଯାଉଛି, ସେ ଖାଲି ନିଜର ଧନସମ୍ପତ୍ତି, ପୁଅନାତି କଥା ଭାବୁଛି। ଯୋଉ ମନ୍ଦିରକୁ ଗଲେ ସେଠି ପୂଜକ ପଡ଼ିଆରୀ ସମସ୍ତେ ଭକ୍ତଙ୍କୁ ଚନ୍ଦେଇବାରେ ବ୍ୟସ୍ତ। ଠାକୁରଙ୍କୁ ମନ ଦେଇ କିଏ ଡାକୁଛି କହ? ଠାକୁରଙ୍କୁ ଛଳନା କଲେ ନିସ୍ତାର ନାହିଁ। ମୋ ଜଗା ବିଲକୁଲ୍ ସହିବ ନାହିଁ।

ସାନ୍ଦୀପନି ଆଶ୍ରମରେ ସୁଦାମା ଆଉ କୃଷ୍ଣ ପାଠ ପଢୁଥିଲେ। ସୁଦାମା କୃଷ୍ଣଙ୍କୁ ବହୁତ ଭକ୍ତି କରୁଥିଲେ। ଦିନେ ସେ ଦୁହେଁ ସମିଧ ସଂଗ୍ରହ ପାଇଁ ବଣକୁ ଯାଇଥିଲେ। ବର୍ଷା ହେବାରୁ ଦି'ଜଣ ଅଲଗା ଅଲଗା ଗଛ ମୂଳେ ଠିଆ ହେଲେ। ସୁଦାମାଙ୍କ ପାଖରେ କିଛି ଖୁଦ ଭଜା ଥିଲା। ସେ ଖାଇବାରେ ଲାଗିଲେ। କୃଷ୍ଣ ପାଖ ଗଛ ମୂଳରେ ଠିଆ ହୋଇ ପଚାରିଲେ- ସଖା, କ'ଣ ଖାଉଛ କି? ସୁଦାମା କହିଲେ- ନା ସଖା, ଶୀତରେ ଦାନ୍ତ କଡ଼ମଡ଼ ଶୁଭୁଛି। ଭଗବାନ ତ ଅନ୍ତର୍ଯ୍ୟାମୀ, ଲୁଚେଇଲେ କ'ଣ ଲୁଚିବ? ତା'ପରେ କ'ଣ ହେଲା? ସୁଦାମା ଦରିଦ୍ର ହୋଇ ଭିକ ମାଗିଲେ। ସେହି ଖୁଦ ଭଜା ଦେଇ ସେ ଭଗବାନଙ୍କୁ ସନ୍ତୁଷ୍ଟ କରିବା ପରେ ଦାରିଦ୍ର୍ୟରୁ ମୁକ୍ତିପାଇଲେ। ସବୁ ଘଟଣା ପଛରେ ଭଗବାନ ନିଶ୍ଚୟ ଗୋଟେ କାରଣ ରଖିଥାନ୍ତି। ଆଜି ଶ୍ରୀମନ୍ଦିରରେ ଯୋଉ ଅଘଟଣ ଘଟୁଛି, ସେଥିରେ କିଛି ନା କିଛି କାରଣ ଅଛି। ନିଜ ଭିତରେ କଳି ତକରାଳ କରି ମୋ ଠାକୁରଙ୍କୁ ଖାଡ଼ା ଉପାସ ରଖି ଦେଉଛନ୍ତି। ମୋ ଜଗା ରୋଷ କରିବନି? ଯବନ ଆକ୍ରମଣବେଳେ ପଣ୍ଡାମାନେ କେତେ କଷ୍ଟ କରି ତା' ନାଭିବ୍ରହ୍ମକୁ ରକ୍ଷା କରିଥିଲେ, ସେହି ନାଭିବ୍ରହ୍ମକୁ ବଦଳାଇବାରେ ଅନାଚାର କଲେ ସେ ସହିବ କେମିତି?

ଜେଜେମା' ଦୀର୍ଘଶ୍ୱାସ ପକାଇ କେବଳ ଜଗନ୍ନାଥଙ୍କୁ ଜୁହାର ହେଲା। ଆମେ ବୁଝିଲୁ, ତା' ବିଶ୍ୱାସ ଓ ଧର୍ମ ଭାବନାରେ ସବୁ ଅଘଟଣକୁ ସେ ବିଚାର କରୁଛି। ମାତ୍ର ସେ ଯାହା କହିଲା, ତାହା କେତେ ସତ, କେତେ ମିଛ ତାହା ବିଜ୍ଞଜନେ ବିଚାର କରିବେ।

ମୋ:୭୯୭୮୯୦୩୫୦୯

## ଏଇ ଭାରତରେ

କୌଣସି ବ୍ୟକ୍ତିର ଅନ୍ତିମ ସଂସ୍କାର ପାଇଁ କେତେଶହ ଅଥବା କେତେ ହଜାର ଟଙ୍କା ବ୍ୟୟ ହେଉଥିବା ବେଳେ ମୃତକଙ୍କର ଆତ୍ମୀୟମାନେ ହିଁ ଏଥିପାଇଁ ଖର୍ଚ୍ଚାନ୍ତ ହୋଇଥାଆନ୍ତି। ତେବେ ବର୍ତ୍ତମାନ ତେଲେଙ୍ଗାନାର କରିମ୍‌ନଗର ପୌର ନିଗମ ପକ୍ଷରୁ ଆରମ୍ଭ ହୋଇଛି ଏକ ନିଆରା ଯୋଜନା। ଏଠାରେ ଏଣିକି ଟଙ୍କାଏରେ ହେବ ଅନ୍ତିମ ସଂସ୍କାର। ଅର୍ଥାତ୍ କୌଣସି ବ୍ୟକ୍ତିର ଅନ୍ତିମ ସଂସ୍କାର ପାଇଁ ତାଙ୍କ ନିକଟ ଆତ୍ମୀୟଙ୍କୁ ଏକ ଟଙ୍କା ଦେବାକୁ ପଡିବ। ଏହା ଦେଶରେ ପ୍ରଥମକରି ଆରମ୍ଭ ହୋଇଥିବା କୁହାଯାଉଛି। ପୂର୍ବରୁ ଏକଟଙ୍କାରେ ଖାଦ୍ୟ ଯୋଜନା ଆରମ୍ଭ ହୋଇଥିଲା। ଏଠାରେ ମୃତକଙ୍କ ଅନ୍ତିମ ସଂସ୍କାର କେବଳ ଏକଟଙ୍କାରେ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ସବୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏହା ଲାଗୁହେବ ବୋଲି ନଗର ନିଗମ ମେୟର ଏସ୍. ରବୀନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଏଥିପାଇଁ ୧ କୋଟି ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ମେୟର ସୂଚନା ଦେଇଛନ୍ତି। ସେହିପରି ଏହି ଯୋଜନା ଅଧୀନରେ ପରମ୍ପରା ଅନୁସାରେ କୌଣସି ବ୍ୟକ୍ତିର ଶ୍ରାଦ୍ଧଦିନ ମାତ୍ର ୫ ଟଙ୍କାରେ ୫୦ ଜଣଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ। ଏହି ଅଭିନବ ଯୋଜନା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଊର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡ଼ି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ।
ଊର୍ଦ୍ଧ୍ୱରେ କରାଳ ଧ୍ୱଂସ ଉଠେ ଗର୍ଜି ଅନ୍ଧକାର ଅମା
ବିଶ୍ୱଗ୍ରାସୀ କ୍ଷୁଧାମୁଖେ ଧାବଇ ରାକ୍ଷସ
ଚକ୍ଷୁରୁ ଛୁଟଇ ତା'ର ଶତ କୋଟି ଆଣବିକ ବୋମା
ଚଳେ ଚମୂ ନବ ଶତାବ୍ଦୀର ଅବତଂସ।
ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।

(ଶତାବ୍ଦୀ-ସୈନିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୯୪

- ଚାନସେଲର ହେଲମଟ କୋଲଙ୍କ ଖ୍ରୀଷ୍ଟିଆନ ଡେମୋକ୍ରାଟ୍‌ସ ପ୍ରାର୍ଥୀ ରୋମାନ ହେରଜଗ୍ ରାଷ୍ଟ୍ରପତି ନିର୍ବାଚନରେ ବିଜୟ ଲାଭ କରିଛନ୍ତି।
- ୟେମେନର ଗୁରୁତ୍ୱପୂର୍ଣ୍ଣ ତୈଳଖଣି ଅଞ୍ଚଳ ଶାବୱା ପ୍ରଦେଶକୁ ନିଜ ନିଜ ଅକ୍ତିଆରକୁ ଆଣିବା ପାଇଁ ଉତ୍ତର ୟେମେନ ଓ ଦକ୍ଷିଣ ୟେମେନ ମଧ୍ୟରେ ଯୁଦ୍ଧ ଆରମ୍ଭ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 3 | | | | 9 | A | E | | | |
| | | 8 | | | | | | 6 | 0 | C | | | 1 | |
| | | | | 1 | 7 | | | | | | | D | | B |
| | 9 | 6 | | | | 3 | B | | | | | 5 | 7 | |
| | | | | C | | | | 1 | D | | | | E | 8 |
| A | 5 | | | 7 | D | E | | 8 | | | B | | 2 | |
| | | | | | | | | 2 | 4 | | | 3 | 8 | |
| | | | 0 | | | B | | | | 9 | | C | A | |
| 3 | 1 | 0 | B | A | | 7 | | | C | | | | | 9 |
| | | C | 4 | | | | D | | | | 8 | | | |
| | 6 | | | | | | | | | | | E | | |
| 5 | A | | | 8 | | | 0 | 9 | | D | | | | |
| | 3 | 1 | | D | 4 | | 6 | 5 | | | | | | |
| | | B | 7 | 5 | E | D | | | | 4 | | | | |
| | | | | | 0 | | A | | 6 | | C | 9 | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 4 | 2 | E | 3 | 1 | 5 | B | A | 7 | 0 | D | 8 | 6 |
| 3 | D | 0 | 1 | 8 | 4 | 6 | 9 | 7 | C | B | E | A | 5 | 2 |
| 2 | A | 6 | C | D | B | 3 | E | 0 | 8 | 5 | 4 | 7 | 9 | 1 |
| 7 | E | 8 | 9 | 5 | 0 | 4 | A | D | 6 | 2 | 1 | B | 3 | C |
| B | 1 | 5 | 7 | A | 6 | 8 | 2 | C | D | 3 | 9 | E | 4 | 0 |
| 4 | 7 | 9 | 6 | 3 | E | D | 1 | 5 | 0 | A | B | C | 2 | 8 |
| 5 | 3 | E | 4 | C | 8 | 9 | 0 | 2 | 1 | D | 7 | 6 | A | B |
| D | C | 1 | B | 2 | 5 | E | 4 | A | 3 | 6 | 8 | 9 | 0 | 7 |
| 0 | 8 | 2 | A | 7 | 9 | C | B | 6 | E | 4 | 5 | 1 | D | 3 |
| A | 6 | B | 0 | 1 | D | 7 | 3 | 8 | 9 | C | 2 | 4 | E | 5 |
| 6 | 2 | C | 3 | B | A | 0 | 8 | 1 | 4 | E | D | 5 | 7 | 9 |
| 1 | 4 | D | E | 9 | 7 | 2 | C | 3 | 5 | 0 | 6 | 8 | B | A |
| E | 5 | 7 | 8 | 0 | 2 | A | D | 9 | B | 1 | C | 3 | 6 | 4 |
| 9 | B | 3 | D | 6 | 1 | 5 | 7 | 4 | 2 | 8 | A | 0 | C | E |
| 8 | 0 | A | 5 | 4 | C | B | 6 | E | 7 | 9 | 3 | 2 | 1 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଚାରକ ଅନନ୍ତ ମିଶ୍ରଙ୍କ ଘର ଧରାଶାୟୀ

ମହାଶୟ,

ସଚ୍ଚା ଜାତୀୟତାବାଦୀ ନେତା ପ୍ରଚାରକ ଅନନ୍ତ ମିଶ୍ର। ସେ ନିଜ ପାଇଁ କିଛି ନ ଚାହିଁ ଦେଶମାତୃକାର କଲ୍ୟାଣ ପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ। ପ୍ରକୃତରେ ତାଙ୍କ ଦିବ୍ୟ ତ୍ୟାଗର ମୂଲ୍ୟାଙ୍କନ କରିବା ସହଜ ନୁହେଁ। ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ରତା, ଓଡ଼ିଆ ଭାଷାର ସୁରକ୍ଷା, ଗଡ଼ଜାତ ଆନ୍ଦୋଳନ, ଭାରତର ସ୍ୱାଧୀନତା ଆନ୍ଦୋଳନ ଏବଂ ସତ୍ୟବାଦୀ ବନ ବିଦ୍ୟାଳୟ ଲାଗି ପ୍ରଚାରକ ଅନନ୍ତ ମିଶ୍ରଙ୍କ ଅବଦାନ ଅତୁଳନୀୟ। ୧୯୩୪ ମସିହା ମେ ମାସ ୬ ତାରିଖରେ ଏହି ମହାନ ପୁରୁଷ ଆରପାରିକୁ ଚାଲି ଯାଇଥିଲେ। ଦୁଃଖର କଥା ଫନୀ ବାତ୍ୟାରେ ତାଙ୍କ ଘର ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଛି। ...ମୁଁ ତାଙ୍କର ଜଣେ ହତଭାଗ୍ୟ ନାତି ଏକଥା କହିବାକୁ ଦୁଃଖର ସହ ବାଧ୍ୟ ହେଉଛି। ସରକାରଙ୍କୁ ବିନମ୍ର ଅନୁରୋଧ ପ୍ରଚାରକ ଅନନ୍ତ ମିଶ୍ରଙ୍କ ସ୍ମୃତି ବିଜଡ଼ିତ ତାଙ୍କ ଘରର ପୁନଃନିର୍ମାଣ ପାଇଁ ସହଯୋଗ କରନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଲେଖକ ଓ ବୁଦ୍ଧିଜୀବୀଙ୍କ ଦାୟିତ୍ୱ

ଲେଖକମାନେ ସମାଜରେ ପରିବର୍ତ୍ତନର ବାହକ। ସେମାନେ ସମାଜରେ ଜାଗରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରନ୍ତି। ଏଣୁ ଲେଖକ ଓ ବୁଦ୍ଧିଜୀବୀମାନେ ରାଜନୀତିରେ ମାର୍ଗଦର୍ଶକ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

F. No. 8-29/2017-FC

Government of India

Ministry of Environment, Forests and Climate Change

(FC Division)

Indira Paryabaran Bhawan,
Aliganj, Jor Bag Road,
New Delhi - 110003.
**Dated : 6th September, 2017**

To,

**The Principal Secretary (Forests),**
**Government of Odisha,**
**Bhubaneswar.**

**Sub : Proposal for according permission for use of 9.819 ha of forest land within total Mining lease area of 583.021 ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals.**

Sir,

I am directed to refer to the State Government's letter No.10F (Cons) 22/2016/13070/F&E dated 19.07.2016 submitting the above subject proposal for seeking prior approval of the Central Government for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals under Section-2 of the Forest (Conservation) Act, 1980 and to say that the said proposal has been examined by the Forest Advisory Committee constituted by the Central Government under Section-3 of the aforesaid Act.

2. After careful consideration of the proposal of the State Government of Odisha and on the basis of the recommendations of the Forest Advisory Committee, ***In principle*** approval is hereby granted for use of 9.819 ha of forest land within total Mining lease area of 583.021 ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals under the Forest (Conservation) Act, 1980 subject to the following conditions:

(i) The User Agency shall be allowed exploratory drilling of a maximum of 133 bore holes of 4" diameter over 583.021 ha of forest land.

(ii) Compensatory afforestation over the non-forest land of 7.159 ha. as identified in village Maligaoli of Thuamul Rampur Tehsil of Kalahandi district, against 7.159 ha of forest land required to be used for construction of temporary road purpose, shall be raised within three years from this approval and maintained thereafter by the State Forest Department at the project cost.

(iii) The land identified for the purpose of CA shall be clearly depicted on a Survey of India topo-sheet of 1:50,000 scale.

(iv) The non-forest land identified for raising compensatory afforestation shall be transferred and mutated in favour of the State Forest Department. The non-forest land to be transferred and mutated in favour of the State Forest Department for raising Compensatory Afforestation shall be notified as reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section(s) of the local Forest Act. The Nodal officer must report compliance within a period of 6 Month from the date of grant of final approval and send a copy of the notification declaring the non-forest land under Section 4 or Section 29 of the Indian Forest Act, 1927, or under the relevant section of the local Forest Act as the case may be, to this Ministry for information and record.

(v) The User Agency shall transfer the cost of raising. and maintaining the compensatory afforestation at the current wage rate in consultation with State Forest Department in the account of Ad-hoc CAMPA of the concerned State through online portal. The scheme may include appropriate provision for anticipated cost increase for works scheduled for subsequent years.

(vi) The activities to be undertaken by the user agency within the forest land for prospecting shall not result in felling of any tree;.

(vii) The samples collected during the prospecting shall be used purely for investigation purposes and shall in no case be used for trade or commerce purpose;

(viii) To minimize disturbance to the wildlife, user agency shall take all possible measures to minimize noise during prospecting operations and halt the prospecting activities during night and during such periods in the day as may be advised by the concerned Chief Wildlife Warden, State Forest Department, Government of Odisha ;

(ix) The State Forest Department shall deploy adequate staff to supervise the activities to be undertaken by the user agency to prevent any damage to the flora (especially the fresh regeneration), fauna and also to prevent felling of trees during drilling of holes and movement of equipment;

(x) After completion of the prospecting all bore holes shall be completely filled up and the ground restored back to its original position ;

(xi) During transportation of Bore drilling Machine/ rigs, no new road / permanent path in the forest area will be constructed,

(xii) The State Government of Odisha and the user agency shall comply with any other condition that the Regional Office, Bhubaneswar of this Ministry may stipulate, from time to time, in the interest of conservation, protection and development of forests & wildlife; and

(xiii) The user agency and the State Government shall ensure compliance to provisions of the Guidelines dated 4th July, 2014 issued by the Ministry regarding drilling in the forest land.

(xiv) The State Government and user agency shall comply the provisions of the all Acts, Rules, Regulations, Guidelines & Hon'ble Court Order (s) pertaining to this project, if any, for the time being in force, as applicable to the project; and

(xv) This permission shall, in no way, confer any rights to the project proponents or any other agency for grant of approval under the Forest (Conservation) Act, 1980 for diversion of forest land for any other non-forestry use of the said forest land.

After receipt of the report on the compliance to the conditions stipulated in the paragraph-2 above from the State Government of Odisha, final/stage-II approval for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals diversion of the said forest under Section-2 of the Forest (Conservation) Act, 1980 will be considered by this Ministry.

Yours faithfully,
**(Sandeep Sharma)**
Assistant Inspector General of Forests (FC)

Copy to:

1. The Principal Chief Conservator of Forests, Government of Odisha, Bhubaneswar.
2. The Nodal Officer, O/o the PCCF, Government of Odisha, Bhubaneswar.
3. The Addl. PCCF (Central)
4. Regional Office, Bhubaneswar
5. User Agency
6. Monitoring Cell, FC Division, MoEF&CC
7. Guard File

**(Sandeep Sharma)**
Assistant Inspector General of Forests (FC)

F.No.8-29/2017-FC

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ,

ଭାରତ ସରକାର,

(ବନ ସଂରକ୍ଷଣ ଡିଭିଜନ)

ଇନ୍ଦିରା ପର୍ଯ୍ୟାବରଣ ଭବନ
ଆଲିଗଞ୍ଜ, ଜୋରବାଗ ରୋଡ
ନୂଆ ଦିଲ୍ଲୀ-110003
ତା 06.09.2017ରିଖ

ପ୍ରାପ୍ତେଷୁ

ପ୍ରମୁଖ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର
ଭୁବନେଶ୍ୱର

**ବିଷୟ: ଢେଙ୍କାନାଳ ଜିଲ୍ଲା, କଙ୍କଡାହାଡ ତହସିଲ ଓ ଢେଙ୍କାନାଳ ବନଖଣ୍ଡର କାମାକ୍ଷାନଗର ପୂର୍ବ ରେଞ୍ଜ ଅନ୍ତର୍ଗତ ଓଡିଶା ଖଣି ନିଗମର ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ ପଟ୍ଟା 583.021 ହେକ୍ଟର ମଧ୍ୟରେ ଥିବା 9.819 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମୋଦନ ନିମନ୍ତେ ପ୍ରସ୍ତାବ ।**

ମହାଶୟ,

ଉପରୋକ୍ତ ବିଷୟ ସମ୍ବନ୍ଧରେ ବନ ସଂରକ୍ଷଣ ଆଇନ 1980ର ଧାରା 2 ଅନୁସାରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମୋଦନ ନିମିତ୍ତ ରାଜ୍ୟ ସରକାରଙ୍କ ତା 19107 । 2016 ରିଖ ପ୍ରେରିତ ପତ୍ର ସଂଖ୍ୟା 10F(Cons)-22/2016/13070/F&E କୁ ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି । ଏହି ପ୍ରସ୍ତାବକୁ ବନ ସଂରକ୍ଷଣ ଆଇନ 1980ର ଧାରା 3 ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ଉପଦେଷ୍ଟା କମିଟି ପରୀକ୍ଷା କରିଛନ୍ତି ।

2. ଓଡିଶା ସରକାରଙ୍କ ପ୍ରସ୍ତାବକୁ ବିଚାର ପୂର୍ବକ ଏବଂ ବନ ଉପଦେଷ୍ଟା କମିଟିଙ୍କ ସୁପାରିଶ ଅନୁସାରେ, ଏତଦ୍ୱାରା ଢେଙ୍କାନାଳ ଜିଲ୍ଲା, କଙ୍କଡାହାଡ ତହସିଲ ଓ ଢେଙ୍କାନାଳ ବନଖଣ୍ଡର କାମାକ୍ଷାନଗର ପୂର୍ବ ରେଞ୍ଜ ଅନ୍ତର୍ଗତ ଓଡିଶା ଖଣି ନିଗମର ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ ପଟ୍ଟା 583.021 ହେକ୍ଟର ମଧ୍ୟରେ ଥିବା 9.819 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ସହ, ନୀତି ଦୃଷ୍ଟିରୁ ଅନୁମୋଦନ (in principle approval) ପ୍ରଦାନ କରାଗଲା ।

(i) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା (User Agency),ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 583.021 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ ସର୍ବାଧିକ 133ଟି ଗର୍ତ୍ତ ଖନନ କରିପାରିବେ ।

(ii) କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ତହସିଲର ମାଲିଗାଁ ଗ୍ରାମର 7.159 ହେକ୍ଟର ଅଣଜଙ୍ଗଲ ଜମିରେ ଅସ୍ଥାୟୀ ରାସ୍ତା ନିମନ୍ତେ ଆବଶ୍ୟକ 7.159 ଜଙ୍ଗଲ ଜମି ନିମନ୍ତେ ବନବିଭାଗ ପ୍ରକଳ୍ପ ଖର୍ଚ୍ଚରେ 3 ବର୍ଷ ମଧ୍ୟରେ କ୍ଷତିପୂରକ ବନୀକରଣ କରି ଏହାର ରକ୍ଷଣାବେକ୍ଷଣ କରିବେ ।

(iii) କ୍ଷତିପୂରକ ବନୀକରଣ ନିମନ୍ତେ ନିରୂପିତ ସ୍ଥାନକୁ ଭାରତୀୟ ସର୍ବେକ୍ଷଣ ସଂସ୍ଥାର 1:50000 ଟପୋମ୍ୟାପରେ ଦର୍ଶାଯିବ ।

(iv) କ୍ଷତିପୂରଣ ବନୀକରଣ ପାଇଁ ନିରୂପିତ ଅଣଜଙ୍ଗଲ ଜମିକୁ ରାଜ୍ୟ ବନବିଭାଗକୁ ଦାଖଲଖାରଜ କରି ହସ୍ତାନ୍ତର କରାଯିବ ଓ ଭାରତୀୟ ବନ ଆଇନ 1927 ର ଧାରା 4 ଅନୁସାରେ ସଂରକ୍ଷିତ ଜଙ୍ଗଲ ବା ଧାରା 29 ଅନୁସାରେ ରକ୍ଷିତ ଜଙ୍ଗଲ କିମ୍ବା ସ୍ଥାନୀୟ ଜଙ୍ଗଲ ଆଇନର ତତ୍ତୁଲ୍ୟ ଧାରାରେ ସଂରକ୍ଷିତ ଜଙ୍ଗଲ ବା ରକ୍ଷିତ ଜଙ୍ଗଲ ଘୋଷଣା ରାଜ୍ୟ ସରକାର କରିବେ । ଚୂଡାନ୍ତ ଅନୁମୋଦନର 6 ମାସ ମଧ୍ୟରେ ନୋଡାଲ ଅଫିସର ଭାରତୀୟ ବନ ଆଇନ 1927 ର ଧାରା 4 ଅନୁସାରେ ସଂରକ୍ଷିତ ଜଙ୍ଗଲ ବା ଧାରା 29 ଅନୁସାରେ ରକ୍ଷିତ ଜଙ୍ଗଲ କିମ୍ବା ସ୍ଥାନୀୟ ଜଙ୍ଗଲ ଆଇନର ତତ୍ତୁଲ୍ୟ ଧାରାରେ ସଂରକ୍ଷିତ ଜଙ୍ଗଲ ବା ରକ୍ଷିତ ଜଙ୍ଗଲ ଘୋଷଣା ସମ୍ବନ୍ଧରେ ଏହି ମନ୍ତ୍ରଣାଳୟକୁ ଜଣାଇବେ ।

(v) କ୍ଷତିପୂରଣ ବନୀକରଣ ପାଇଁ ଆବଶ୍ୟକ ଅର୍ଥ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ରାଜ୍ୟ ବନବିଭାଗକୁ ରାଜ୍ୟ CAMPA Account ମାଧ୍ୟମରେ ହସ୍ତାନ୍ତର କରିବେ ।

(vi) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ଜଙ୍ଗଲ ଜମିରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାମ କଲାବେଳେ କୌଣସି ଗଛ କାଟି ପାରିବେ ନାହିଁ ।

(vii) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଉତ୍ତୋଳିତ ଖଣିଜ ଦ୍ରବ୍ୟ କେବଳ ଅନୁସନ୍ଧାନ ନିମନ୍ତେ ବ୍ୟବହାର କରାଯିବ ଓ କୌଣସି ବ୍ୟବସାୟିକ କାର୍ଯ୍ୟରେ ଲଗାଯାଇପାରିବ ନାହିଁ ।

(viii) ବନ୍ୟପ୍ରାଣୀଙ୍କ ଶାନ୍ତି ଭଙ୍ଗ ନକରିବାପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା (User Agency),ଖଣିଜ ଦ୍ରବ୍ୟ ଅନୁସନ୍ଧାନ ଜନିତ ଶବ୍ଦକୁ ଯଥା ସମ୍ଭବ କମ ରଖିବେ ଓ ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାର୍ଯ୍ୟ ରାତିବେଳେ ଏବଂ ଦିନର ଯେଉଁ ସମୟରେ କାମ କରିବାକୁ ଓଡିଶାର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଷେଧ କରିବେ, ସେ ସମୟରେ କାମ କରିବେ ନାହିଁ ।

(ix) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ଜଙ୍ଗଲ ଜମିରେ ଗାତ ଖୋଳିବାବେଳେ ବା ଯନ୍ତ୍ରପାତି ପରିବହନ ସମୟରେ ଯେପରି କୌଣସି ବୃକ୍ଷରାଜି, ବନ୍ୟଜୀବଙ୍କର କ୍ଷତି ନହୁଏ ଓ ଗଛ ନକଟେ ତାହା ଦେଖିବାପାଇଁ ରାଜ୍ୟ ବନ ବିଭାଗ ଯଥେଷ୍ଟ କର୍ମଚାରୀ ମୁତୟନ କରିବେ ।

(x) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ପରେ ସମସ୍ତ ଗାତକୁ ପୋତି ଦିଆଯିବ ।

(xi) ଗାତ ଖୋଳିବା ଯନ୍ତ୍ରପାତି ପରିବହନ ନିମନ୍ତେ କୌଣସି ସ୍ଥାୟୀ ନୂଆ ରାସ୍ତା ନିର୍ମାଣ କରାଯିବ ନାହିଁ ।

(xii) ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଉନ୍ନୟନ ନିମନ୍ତେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ, ଯାହା ନିର୍ଦ୍ଦେଶ ଦେବେ ତାହାକୁ ଓଡିଶା ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ମାନିବେ ।

(xiii) ଜଙ୍ଗଲ ଜମିରେ ଗର୍ତ୍ତ ଖନନ ସମ୍ପର୍କରେ ଏହି ମନ୍ତ୍ରଣାଳୟର ତା 04.07.1014 ରିଖର ନିର୍ଦ୍ଦେଶନାମା ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ମାନିବେ ।

(xiv) ଏହି ପ୍ରକଳ୍ପ ପାଇଁ ଲାଗୁହେଉଥିବା ସମସ୍ତ ଆଇନ, ନିୟମାବଳୀ ଓ ଅଦାଲତଙ୍କ ନିର୍ଦ୍ଦେଶକୁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଓ ରାଜ୍ୟ ସରକାର ପାଳନ କରିବେ ।

(xv) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଏହି ଅନୁମୋଦନ ପରବର୍ତ୍ତୀ କାଳରେ ଜଙ୍ଗଲ ଜମିରେ ଖଣି ଖନନ ନିମନ୍ତେ କେନ୍ଦ୍ର ସରକାରଙ୍କବନସଂରକ୍ଷଣ ଆଇନ 1980 ଅନୁସାରେ ଅନୁମତି ପାଇବାପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଅଧିକାର ଦେବା ଅର୍ଥରେ ନିଆଯାଇପାରିବ ନାହିଁ ।

ଓଡିଶା ରାଜ୍ୟ ସରକାରଙ୍କଠାରୁ ଉପରୋକ୍ତ ସର୍ତ୍ତାବଳୀ ପାଳନ ସମ୍ପର୍କୀୟ ରିପୋର୍ଟ ପାଇବାପରେ ଓଡିଶା ଖଣି ନିଗମକୁ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜଙ୍ଗଲ ସଂରକ୍ଷଣ ଆଇନ 1980ର ଧାରା 2 ଅନୁସାରେ ଚୂଡାନ୍ତଅନୁମୋଦନ (Final Approval) ପ୍ରଦାନ ବିଷୟ ଏହି ମନ୍ତ୍ରଣାଳୟ ବିଚାର କରିବ ।

ଆପଣଙ୍କ ବିଶ୍ୱସ୍ତ
ସ୍ୱା:
ସନ୍ଦୀପ ଶର୍ମା
Assistant Inspector General of Forests (FC)

ଏକ କିତା ନକଲ ଦିଆଗଲା: -

1. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା ସରକାର, ଭୁବନେଶ୍ୱର
2. ନୋଡାଲ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
3. ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦ୍ରୀୟ), ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର
4. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା
5. ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ, ବନ ସଂରକ୍ଷଣ ଡିଭିଜନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
6. ଗାର୍ଡ ଫାଇଲ

ସ୍ୱା:
ସନ୍ଦୀପ ଶର୍ମା
Assistant Inspector General of Forests (FC)


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675, 8527858125, 9454715754

ଖର୍ଚ୍ଚ ଋଣରୁ କଟିବ
Mudra Finance (Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି ।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।





## ୧. ପଦମ୍ପୁର

| | | |
|---|---|---|
| ବିଜୟରଞ୍ଜନ ସିଂବରିହା | ବିଜେଡି | ୮୩୨୯୯ |
| ଟଙ୍କଧର କର୍ଣ୍ଣ | ବିଏସ୍‌ପି | ୧୩୩୨ |
| ପ୍ରଦୀପ ପୁରୋହିତ | ଭାଜପା | ୭୭୫୬୫ |
| ସତ୍ୟ ଭୂଷଣ ସାହୁ | କଂଗ୍ରେସ | ୩୨୭୮୭ |
| ରାଜୁ ଘିବେଲା | ସ୍ୱାଧୀନ | ୪୫୧୨ |
| ନୋଟା | | ୨୨୩୪ |

## ୨. ବିଜେପୁର

| | | |
|---|---|---|
| ନବୀନ ପଟ୍ଟନାୟକ | ବିଜେଡି | ୧୧୦୬୦୪ |
| ଅଶୋକ କଲେତ | ବିଏସ୍‌ପି | ୧୨୦୦ |
| ରିପୁନାଥ ସେଠ୍ | କଂଗ୍ରେସ | ୧୪୩୪୪ |
| ସନତ୍ କୁମାର ଗର୍ତ୍ତିଆ | ଭାଜପା | ୫୩୪୮୨ |
| ପୂର୍ଣ୍ଣଚନ୍ଦ୍ର ପଣ୍ଡା | ସ୍ୱାଧୀନ | ୨୮୩୨ |
| ବୀରେନ୍ଦ୍ର କୁମାର ବାଗ୍ | ସ୍ୱାଧୀନ | ୮୮୭ |
| ନୋଟା | | ୧୬୭୫ |

## ୩. ବରଗଡ

| | | |
|---|---|---|
| ଦେବେଶ ଆଚାର୍ଯ୍ୟ | ବିଜେଡି | ୭୫୧୩୩ |
| ଅଶ୍ୱିନୀ କୁମାର ଷଡଙ୍ଗୀ | ଭାଜପା | ୬୬୬୮୧ |
| କୌସ୍ତୁଭା ବୁଧିଆ | ବିଏସ୍‌ପି | ୧୭୩୧ |
| ନିପନ କୁମାର ଦାଶ | କଂଗ୍ରେସ | ୧୬୩୦୫ |
| ନୋଟା | | ୧୭୯୦ |

## ୪. ଅତାବିରା (ସଂ)

| | | |
|---|---|---|
| ସ୍ନେହାଙ୍ଗିନୀ ଛୁରିଆ | ବିଜେଡି | ୮୪୦୧୦ |
| ନୀହାର ରଞ୍ଜନ ମହାନନ୍ଦ | କଂଗ୍ରେସ | ୨୧୫୧୧ |
| ମିଲନ ସେଠ | ଭାଜପା | ୬୧୬୧୪ |
| ରବୀନ୍ଦ୍ର ମେଘା | ବିଏସ୍‌ପି | ୧୬୪୧ |
| ଲକ୍ଷ୍ମଣ କୁମାର ଭୋଇ | ପିବିପି | ୧୧୧୨ |
| ନୋଟା | | ୧୬୩୯ |

## ୫. ଭଟଲି

[illegible]

| | | |
|---|---|---|
| ସୁଶୀଲ କୁମାର ଲାକ୍ରା | ସ୍ୱାଧୀନ | ୧୦୮୦ |
| ନୋଟା | | ୯୯୫ |

## ୧୪. ବଣାଇ (ସଂ)

| | | |
|---|---|---|
| ଲକ୍ଷ୍ମଣ ମୁଣ୍ଡା | ସିପିଆଇ (ଏମ୍) | ୫୯୯୩୯ |
| ଅନିଲ କୁମାର ବାର୍ଲା | ଭାଜପା | ୩୭୨୬୬ |
| ମଦନ ଲାକ୍ରା | ବିଏସ୍‌ପି | ୧୯୬୭ |
| ରଞ୍ଜିତ କିଷାନ | ବିଜେଡି | ୪୭୯୦୯ |
| ସପନୀ ପୂର୍ତ୍ତି | ଏଏପି | ୨୧୧୯ |
| ଗୋପୀନାଥ କିଷାନ | ସ୍ୱାଧୀନ | ୧୫୦୪ |
| ଜନାର୍ଦ୍ଦନ ଦେହୁରୀ | ସ୍ୱାଧୀନ | ୧୧୭୨୨ |
| ଦଶରଥ କିଷାନ | ସ୍ୱାଧୀନ | ୭୭୭୮ |
| ନୋଟା | | ୨୬୯୯ |

## ୧୫. କୁଟିଣ୍ଡା (ସଂ)

| | | |
|---|---|---|
| କିଶୋର ଚନ୍ଦ୍ର ନାଏକ | ବିଜେଡି | ୭୨୬୦୧ |
| ରଥ ମୁଣ୍ଡା | ବିଏସ୍‌ପି | ୧୯୩୦ |
| ରବି ନାରାୟଣ ନାଏକ | ଭାଜପା | ୬୨୦୯୩ |
| ଶୋଭରାମ ପ୍ରଧାନ | କଂଗ୍ରେସ | ୨୪୭୯୫ |
| ଅଭିଳାଷ ପ୍ରଶାନ୍ତ ମାଜ୍ଜି | ଏଏପି | ୯୫୦ |
| ପଦ୍ମିନୀ ଭୋଇ | ଏଚ୍‌ଏନ୍‌ଡି | ୭୮୪ |
| ଶଙ୍କର ବାଘ | ସ୍ୱାଧୀନ | ୧୧୦୫ |
| ନୋଟା | | ୨୮୦୫ |

## ୧୬. ରେଙ୍ଗାଲି (ସଂ)

| | | |
|---|---|---|
| ନାଉରୀ ନାୟକ | ଭାଜପା | ୭୪୦୭୭ |
| ବାଳକୃଷ୍ଣ ରୋହିଦାସ | କଂଗ୍ରେସ | ୯୭୯୯ |
| ରୀନା ତନ୍ତି | ବିଜେଡି | ୬୭୩୩୪ |
| ବିଦ୍ୟାଧର ପାଣ୍ଡବ | ସ୍ୱାଧୀନ | ୧୧୫୪ |
| ସୁବଳ ସିଂ | ସ୍ୱାଧୀନ | ୮୮୮ |
| ନୋଟା | | ୨୪୯୭ |

## ୧୭. ସମ୍ବଲପୁର

[illegible]

| | | |
|---|---|---|
| ପୂର୍ଣ୍ଣଚନ୍ଦ୍ର ମହାନ୍ତ | ଆର୍‌ଆଇଏମ୍ | ୬୮୯ |
| ରତିକାନ୍ତ ପରିଡ଼ା | ଏଆଇଏଫ୍‌ବି | ୪୬୧ |
| ରାଜେନ ମୁଣ୍ଡା | ଭାରତୀୟ ମିତ୍ର ପାର୍ଟି | ୧୩୧୯ |
| ସୁଶୀଲ କୁମାର ମହାନ୍ତ | ଏଚ୍‌ଏନ୍‌ଡି | ୪୩୦ |
| ଗୁରୁବକ୍ସ ସିଂ ଆଲୁଓ୍ୱାଲିଆ | ସ୍ୱାଧୀନ | ୫୩୫ |
| ତ୍ରିଲୋଚନ ପଲେଇ | ସ୍ୱାଧୀନ | ୧୦୫୩ |
| ମହେନ୍ଦ୍ର କୁମାର ଗିରି | ସ୍ୱାଧୀନ | ୫୯୦ |
| ଶ୍ରୀମନ୍ତ କୁମାର ତ୍ରିପାଠୀ | ସ୍ୱାଧୀନ | ୨୦୦୫ |
| ସହଦେବ ବେହେରା | ସ୍ୱାଧୀନ | ୭୮୨ |
| ନୋଟା | | ୭୫୦ |

## ୨୬. ଯଶିପୁର (ସଂ)

| | | |
|---|---|---|
| ଗଣେଶ ରାମ ସିଂ ଖୁଣ୍ଟିଆ | ଭାଜପା | ୫୮୭୦୮ |
| ଅକ୍ଷୟ କୁମାର ନାଏକ | ଏଆଇଟିସି | ୨୧୨୩ |
| ଗୋଲକବିହାରୀ ନାୟକ | ବିଜେଡି | ୫୦୧୫୬ |
| ମହେନ୍ଦ୍ର ନାଥ ନାୟକ | କଂଗ୍ରେସ | ୯୦୩୯ |
| ଜଗନ୍ନାଥ ସୋରେନ | ଏଏନ୍‌ସି | ୬୬୨ |
| ନଳିନୀ ରଞ୍ଜନ ହେମ୍ବ୍ରମ | ଆର୍‌ଆଇଏମ୍ | ୧୧୬୮ |
| ଶମ୍ଭୁନାଥ ନାଏକ | ଏସ୍‌ୟୁସିଆଇ | ୩୨୯୩୭ |
| ସୁନାରାମ ମୁର୍ମୁ | ବିଏମ୍‌ପି | ୧୦୭୬ |
| ବିଜୟ କୁମାର ନାଏକ | ସ୍ୱାଧୀନ | ୯୧୧ |
| ମାନଗୋବିନ୍ଦ ନାୟକ | ସ୍ୱାଧୀନ | ୧୨୯୪ |
| ନୋଟା | | ୨୦୪୪ |

## ୨୭. ସାରସକଣା (ସଂ)

| | | |
|---|---|---|
| ଡ. ବୁଧନ ମୁର୍ମୁ | ଭାଜପା | ୫୩୧୯୭ |
| ଅମର ସିଂ ଟୁଡୁ | ବିଜେଡି | ୪୬୩୮୪ |
| ଈଶ୍ୱର ଚନ୍ଦ୍ର ବାସ୍କେ | ବିଏମ୍‌ପି | ୧୬୦୦ |
| ମହେଶ ଚନ୍ଦ୍ର ହେମ୍ବ୍ରମ | ଜେଏମ୍‌ଏମ୍ | ୩୪୮୩୧ |
| ସକିଲା ଟୁଡୁ | ଏଏନ୍‌ସି | ୯୯୩ |
| ଈଶ୍ୱର ଚନ୍ଦ୍ର ବର୍ଦ୍ଦା | ସ୍ୱାଧୀନ | ୨୫୪୧ |

ନିର୍ବାଚନ କମିଶନଙ୍କ ୱେବସାଇଟ୍ ସୂତ୍ରରୁ ମିଳିଥିବା ତଥ୍ୟ ।

# ରାଜ୍ୟ ରାଜନୀତିରେ ପରିବାରବାଦ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**


ରମେଶ ମାଝି


ପ୍ରକାଶ ମାଝି

## ଜିତିଲେ ରମେଶ-ପ୍ରକାଶ, ମନୋହର-ପଦ୍ମିନୀ

- ନରସିଂହଙ୍କୁ ଛାଡ଼ି ସବୁ କଂଗ୍ରେସ ନେତା ଫେଲ୍
- ଭାଜପାରୁ କେବଳ ସଙ୍ଗୀତା

ସାରା ଦେଶରେ ନିର୍ବାଚନ ଫଳାଫଳ ଘୋଷିତ ହୋଇସାରିଛି। ନୂଆ ସରକାର ପାଇଁ ଶାସକ ଅଣ୍ଟା ଭିଡୁଥିବା ବେଳେ ବିରୋଧୀ ପରାଜୟର କାରଣ ଖୋଜୁଛନ୍ତି। ରାଜ୍ୟସ୍ତରରୁ ଜାତୀୟସ୍ତର ଯାଏ ପାରିବାରିକ ରାଜନୀତିକୁ ନେଇ ଚର୍ଚ୍ଚା ଚଳିତ ନିର୍ବାଚନରେ ଦେଖିବାକୁ ମିଳିଛି। କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ଭାଜପା ପାରିବାରିକ ରାଜନୀତିକୁ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରିଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ନାମ୍‌ଦାର ବୋଲି ଅଭିହିତ କରିବା ଚର୍ଚ୍ଚାର କାରଣ ହୋଇଥିଲା। ଓଡ଼ିଶାରେ ମଧ୍ୟ ପାରିବାରିକ ରାଜନୀତିର ଦୃଷ୍ଟାନ୍ତ କମ୍ ନାହିଁ। ଚଳିତ ନିର୍ବାଚନରେ ରାଜ୍ୟ ରାଜନୀତିର କେତେକ ଚର୍ଚ୍ଚିତ ପରିବାର ସଦସ୍ୟଙ୍କୁ ଦେଖିବାକୁ ମିଳିଥିଲା। ସେଥିରୁ କେତେକ ସଫଳ ହୋଇଥିବା ବେଳେ ଅନ୍ୟ କେତେଜଣ ବିଫଳ ହୋଇଛନ୍ତି। ରାଜ୍ୟ ରାଜନୀତିରେ ପରିବାରବାଦ୍‌ରେ ଅନେକ ଉଦାହରଣ ରହିଛି। କଂଗ୍ରେସ ରାଜନୀତିର ପଟ୍ଟନାୟକ ଏବଂ ଅଣକଂଗ୍ରେସ ରାଜନୀତିରେ ସିଂଦେଓ ପରିବାର ସଦସ୍ୟ ପ୍ରତିଥର ନିର୍ବାଚନ ଲଢ଼ିବାର ନଜିର ରହିଛି। ଚଳିତଥର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲା ଘସିପୁରା ଏବଂ ଭଦ୍ରକ ଜିଲା ଭଣ୍ଡାରିପୋଖରୀରୁ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ତାଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକ ମଧ୍ୟ ବାଲେଶ୍ୱରରୁ ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ହେଲେ ପୂର୍ବରୁ ଏକାଧିକ ଥର ଭୋଟ ରାଜନୀତିରେ ଫେଲ୍ ମାରିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡି ଟିକେଟ୍ ହାତେଇ ଚଳିତଥର ଖଣ୍ଡପଡା ବିଧାୟକ ହୋଇପାରିଛନ୍ତି। ବଲାଙ୍ଗୀର ରାଜପରିବାରରୁ ଲଗାତର ଏମ୍‌ପି ହୋଇଆସୁଥିବା କଳିକେଶ ସିଂଦେଓ ଭାଉଜ ସଙ୍ଗୀତାଙ୍କଠାରୁ ପରାସ୍ତ ହୋଇଛନ୍ତି। ଅପରପକ୍ଷରେ ୧୯୯୫ରୁ ପାଟଣାଗଡ଼ ବିଧାୟକ ଥିବା କେ.ଭି. ସିଂଦେଓ ସ୍ଥାନୀୟ ବିଜେଡି ନେତା ସରୋଜ ମେହେରଙ୍କଠାରୁ ପରାସ୍ତ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଚଳିତଥର ନିର୍ବାଚନ ଲଢ଼ି ନ ଥିଲେ। ସେ ବଡ଼ପୁଅ କଳିକେଶ ଏବଂ ସାନପୁଅ ଅର୍କେଶ ସିଂଦେଓଙ୍କ ପାଇଁ ପ୍ରଚାର କରିଥିଲେ। ହେଲେ ପ୍ରଥମଥର ପାଇଁ ବଲାଙ୍ଗୀର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ଅର୍କେଶ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କଠାରୁ ପରାସ୍ତ ହୋଇଛନ୍ତି। ବଲାଙ୍ଗୀର ରାଜନୀତିରେ ରାଜପରିବାର ଭଳି ମିଶ୍ର ପରିବାରର ମଧ୍ୟ ପ୍ରାଧାନ୍ୟ ରହିଛି। ନରସିଂହ ଲଗାତର ଦ୍ୱିତୀୟଥର ଲାଗି ବଲାଙ୍ଗୀର ବିଧାନସଭାରୁ ବିଜୟୀ ହୋଇଛନ୍ତି। ହେଲେ ପ୍ରଥମଥର ପାଇଁ ଲୋକ ସଭା ଲଢୁଥିବା ତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ର ତୃତୀୟ ସ୍ଥାନରେ ରହିଛନ୍ତି।

ସେହିପରି କଳାହାଣ୍ଡି ଲୋକ ସଭାରେ କଂଗ୍ରେସ ପକ୍ଷରୁ ଭକ୍ତଚରଣ ଦାସ ଏବଂ ତାଙ୍କ ପୁତ୍ର ଭବାନୀପାଟଣା ଆସନରୁ ଲଢ଼ି ପରାସ୍ତ ହୋଇଛନ୍ତି। କଂଗ୍ରେସ ଛାଡ଼ି ବିଜେଡିକୁ ଆସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ ବିଜେଡି ଟିକେଟରେ ସୁନ୍ଦରଗଡ଼ ଲୋକ ସଭା ଆସନରେ ଲଢ଼ି ପରାସ୍ତ ହୋଇଛନ୍ତି। ତାଙ୍କ ଭଉଣୀ ଅମିତା ବିଶ୍ୱାଳ କଂଗ୍ରେସ ଟିକେଟରେ ସୁନ୍ଦରଗଡ ବିଧାନସଭା ଲଢି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। କଂଗ୍ରେସ ଟିକେଟରେ ସୁନ୍ଦରଗଡ଼ ଲୋକ ସଭା ଲଢୁଥିବା ଜର୍ଜ ତିର୍କୀ ଏବଂ ବୀରମିତ୍ରପୁର ବିଧାନସଭା ଲଢୁଥିବା ତାଙ୍କ ପୁଅ ଯୋଶେଫ୍ ତିର୍କୀ ମଧ୍ୟ ପରାସ୍ତ ହୋଇଛନ୍ତି। ପିସିସି ଉପସଭାପତି ଅନନ୍ତ ସେଠୀ ସିମୁଳିଆରୁ, ତାଙ୍କ ଝିଅ ମଧୁସ୍ମିତା ସେଠୀ ଭଦ୍ରକ ଲୋକ ସଭାରୁ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ବରିଷ୍ଠ ନେତା ଦାମୋଦର ରାଉତ ଭାଜପା ଟିକେଟରେ ଏରସମା–ବାଲିକୁଦାରୁ ଲଢି ପରାସ୍ତ ହୋଇଛନ୍ତି। କିନ୍ତୁ ଦାମଙ୍କ ପୁତ୍ର ସମ୍ବିତ୍ ରାଉତରାୟ ପାରାଦୀପରେ କଂଗ୍ରେସ ହେଭିୱେଟ୍ ବାପି ସର୍ଖେଲଙ୍କୁ ପରାସ୍ତ କରିପାରିଛନ୍ତି। ବିଜେଡି ଟିକେଟ୍‌ରେ ନବରଙ୍ଗପୁର ଲୋକ ସଭା ଲଢୁଥିବା ରମେଶ ମାଝି, ଝରିଗାଁ ବିଧାନସଭାରୁ ଲଢୁଥିବା ତାଙ୍କ ଭାଇ ପ୍ରକାଶ ମାଝି ଜିତିଛନ୍ତି। ସେହିଭଳି ଡାବୁଗାଁରୁ ମନୋହର ରନ୍ଧାରୀ ଏବଂ କୋଟପାଡ଼ରୁ ତାଙ୍କ ଭଉଣୀ ପଦ୍ମିନୀ ଡିଆନ୍ ବିଜେଡି ଟିକେଟରେ ବିଜୟୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଚର୍ଚ୍ଚିତ ବରଗଡ଼ ଲୋକ ସଭା ଆସନରୁ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ପରାସ୍ତ ହୋଇଛନ୍ତି। ହେଲେ ତାଙ୍କ ପୁତୁରା ତଥା ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟ ବରଗଡ଼ ବିଧାନସଭାରୁ ବିଜୟୀ ହୋଇଛନ୍ତି।

# ବାପା–ପୁଅ, ଦୁଇ ଭଉଣୀଙ୍କୁ ଭୋଟରଙ୍କ ପ୍ରତ୍ୟାଖ୍ୟାନ

## ଜର୍ଜ-ଯୋଶେଫ, ସୁନୀତା-ଅମିତାଙ୍କ ପରାଜୟ

**ସୁନ୍ଦରଗଡ଼, ୨୪।୫ (ଡି.ଏନ.ଏ.)**


ଜର୍ଜ ତିର୍କୀ


ଯୋଶେଫ ରୋହିତ ତିର୍କୀ


ସୁନୀତା ବିଶ୍ୱାଳ


ଅମିତା ବିଶ୍ୱାଳ

ସରିଛି ୨୦୧୯ ସାଧାରଣ ନିର୍ବାଚନ। ଗୁରୁବାର ଫଳାଫଳ ପ୍ରକାଶ ପାଇବା ପରେ ସୁନ୍ଦରଗଡ଼ ଜିଲାର କେତେଜଣ ହେଭିୱେଟ ନେତାଙ୍କ ପରାଜୟ ହୋଇଛି। କେଉଁ ନେତା ହ୍ୟାଟ୍ରିକ କରିଥିବା ବେଳେ ଆଉ କେଉଁ ନେତା ପ୍ରଥମ କରି ବିଜୟର ସ୍ୱାଦ ଚାଖିଛନ୍ତି। ହେଲେ ଏହି ନିର୍ବାଚନରେ ପରିବାରବାଦ ରାଜନୀତିକୁ ସୁନ୍ଦରଗଡ଼ ଜିଲାର ଭୋଟରମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ଜିଲାର ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଗାତର ବିଧାୟକ ଭାବେ ନିର୍ବାଚିତ ହୋଇଆସୁଥିବା ଜର୍ଜ ତିର୍କୀ ଚଳିତ ନିର୍ବାଚନରେ କଂଗ୍ରେସ ଟିକେଟରେ ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ହୋଇଥିଲେ। ଏଥିସହିତ ତାଙ୍କ ପୁଅ ଯୋଶେଫ ରୋହିତ ତିର୍କୀଙ୍କୁ ବୀରମିତ୍ରପୁର ବିଧାନସଭା ଆସନ ପାଇଁ କଂଗ୍ରେସ ଟିକେଟରେ ପ୍ରାର୍ଥୀ କରି ନିଜର ପାରମ୍ପରିକ ଗଡ଼କୁ ରକ୍ଷା କରିବା ସକାଶେ ଉଦ୍ୟମ କରିଥିଲେ। ହେଲେ ଭୋଟ ଫଳାଫଳ ପ୍ରକାଶ ପରେ ଜର୍ଜଙ୍କ ଆଶା ମଉଳି ଯାଇଛି। ନିଜେ ଜର୍ଜ ପରାଜିତ ହେବା ସହ ପୁଅ ଯୋଶେଫଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ମିଳିଛି।

ସେହିପରି ଏହି ନିର୍ବାଚନରେ ଅନ୍ୟ ଏକ ରୋଚକ ଘଟଣାକ୍ରମରେ କଂଗ୍ରେସର ତୁଙ୍ଗ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦୁଇ ଝିଅ ସୁନିତା ଓ ଅମିତାଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ମିଳିଛି । ପ୍ରଥମ କରି ରାଜନୀତିରେ ପାଦ ଥାପିଥିବା ସୁନୀତା ବିଶ୍ୱାଳ ସୁନ୍ଦରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ । ତାଙ୍କ ଭଉଣୀ ଅମିତା ବିଶ୍ୱାଳ ସୁନ୍ଦରଗଡ଼ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ହେଲେ ଉଭୟଙ୍କ ବିଜୟ ଆଶା ଧୂଳିସାତ ହୋଇଛି ।



# କଥା ରଖିଲେ: ମୋଦିଙ୍କ ବିଜୟ ପରେ ମାଗଣାରେ ଚା’ ବାଣ୍ଟିଲେ ଚିଙ୍କୁଡୁ

**ମାଲକାନଗିରି, ୨୪।୫ (ସ୍ୱ.ପ୍ର.):** ଏମିତି କିଛି ଲୋକଥାନ୍ତି ସେମାନେ ଖିଆଲି ମଣିଷ ରୂପେ ବଞ୍ଚନ୍ତି। ନିଜ ଖିଆଲି ପଣିଆରେ ଥରେ ଯାହା କହିଦେଇଥାନ୍ତି ତାହା ସେମାନେ ପାଳନ କରିଥାନ୍ତି। ସେମିତି ଜଣେ ମଣିଷ ହେଉଛନ୍ତି ଚିଙ୍କୁଡୁ। ଚିଙ୍କୁଡୁ ଭାଇ ବୋଲି ତାଙ୍କୁ ସମସ୍ତେ ଡାକନ୍ତି। ତାଙ୍କ ଭଲ ନାଁ ହେଉଛି ରମେଶ ଦୋରା। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସୁଭାଷ ବୋଷ ଛକ ନିକଟରେ ସେ ଦେଇଛନ୍ତି ଚା’ ଦୋକାନ। ନିର୍ବାଚନ ସମୟରେ ସେ କଥା ଦେଇଥିଲେ କେନ୍ଦ୍ରରେ ନରେନ୍ଦ୍ର ମୋଦି ଯଦି ପୁଣି ସରକାର ଗଢନ୍ତି ତେବେ ସେ ସମସ୍ତଙ୍କୁ ଗୋଟିଏ ଦିନ ମାଗଣାରେ ଚା’ ପିଇବାକୁ ଦେବେ। ଇତି ମଧ୍ୟରେ ସାଧାରଣ ନିର୍ବାଚନ ସରିଯାଇଛି। ଫଳାଫଳ ଘୋଷଣା ଅନୁସାରେ ମୋଦି କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛନ୍ତି। ଚିଙ୍କୁଡୁ ନିଜ ପୂର୍ବ ପ୍ରତିଶ୍ରୁତି ରଖିଛନ୍ତି। ସେ ଶୁକ୍ରବାର ଦିନସାରା ସମସ୍ତଙ୍କୁ ମାଗଣାରେ ଚା’ ପିଇବାକୁ ଦେଇଛନ୍ତି। ଏଠାରେ ୧୦ ବର୍ଷ ହେଲା ଚା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଚିଙ୍କୁଡୁଙ୍କ ଏହି କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରିଛନ୍ତି।

# କାହା ସପକ୍ଷରେ କେତେ ଭୋଟ

## ଲୋକ ସଭା

**୧. ବରଗଡ଼** (ବିଜୟ ବ୍ୟବଧାନ- ୬୩,୯୩୯)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ସୁରେଶ ପୁଜାରୀ | ଭାଜପା | ୫୮୧୨୪୫ |
| ପ୍ରସନ୍ନ ଆଚାର୍ଯ୍ୟ | ବିଜେଡି | ୫୧୭୩୦୬ |
| ପ୍ରଦୀପ୍ତ କୁମାର ଦେବତା | କଂଗ୍ରେସ | ୧୦୯୪୧୭ |
| କୌଶିକା ସୁନା | ବିଏସ୍‌ପି | ୧୧୦୫୬ |
| କୁଳମଣି ଉର୍ମା | ସ୍ୱାଧୀନ | ୮୩୪୬ |
| ଏମ୍‌ଡି. ନିଜାମୁଦ୍ଦିନ | ସ୍ୱାଧୀନ | ୬୩୭୫ |
| ନୋଟା | – | ୧୪୧୬୭ |

**୨. ସୁନ୍ଦରଗଡ଼** (ବିଜୟ ବ୍ୟବଧାନ- ୨,୨୩,୦୬୫)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଜୁଏଲ ଓରାମ୍ | ଭାଜପା | ୫୦୦୦୫୬ |
| ସୁନିତା ବିଶ୍ୱାଳ | ବିଜେଡି | ୨୭୬୯୯୧ |
| ଜର୍ଜ ତିର୍କୀ | କଂଗ୍ରେସ | ୨୬୮୨୧୮ |
| ଜଷ୍ଟିନ୍ ଲାଗୁନ୍ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୯୫୨୪ |
| ଦୟାନନ୍ଦ ଭିତ୍ରିଆ | ହିନ୍ଦୁସ୍ତାନ ନିର୍ମାଣ ଦଳ | ୪୦୨୭ |
| ବାସିଲ ଏକ୍କା | ଏଏପି | ୬୬୧୪ |
| ଉଦିତ୍ ଚନ୍ଦ୍ର ଅମାତ୍ | ସ୍ୱାଧୀନ | ୬୨୩୪ |
| ମିସ୍ ଜସପିନ୍ ଲାକ୍ରା | ସ୍ୱାଧୀନ | ୧୪୭୯୦ |
| ନୋଟା | – | ୧୩୬୭୫ |

**୩. ସମ୍ବଲପୁର** (ବିଜୟ ବ୍ୟବଧାନ- ୯୧୬୨)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ନୀତିଶ ଗଙ୍ଗଦେବ | ଭାଜପା | ୪୭୩୭୭୦ |
| ନଳିନୀକାନ୍ତ ପ୍ରଧାନ | ବିଜେଡି | ୪୬୪୬୦୮ |
| ଶରତ ପଟ୍ଟନାୟକ | କଂଗ୍ରେସ | ୧୩୫୯୬୯ |
| ଏମ୍‌ଡି ମୁସ୍ତକିମ୍ | ବିଏସ୍‌ପି | ୮୧୬୭ |
| ଆତ୍ମାରାମ ସୁପକାର | ପ୍ରଗତିଶୀଳ ସମାଜ ପାର୍ଟି | ୩୭୯୧ |
| ଆସୁତୋଷ କୁମାର ହନୁମାନ୍ | ଭାରତ ପ୍ରଭାତ ପାର୍ଟି | ୨୦୫୮ |
| ନବକିଶୋର ପ୍ରଧାନ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୨୭୧୫ |
| ପ୍ରଭାତ କୁମାର ଧାରୁଆ | ଗୋଣ୍ଡବନ ଗଣତନ୍ତ୍ର ପାର୍ଟି | ୨୬୯୯ |
| ବିନୟ ଓସେନ୍ | ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ | ୬୫୮୧ |
| ସନ୍ତୋଷିନୀ କରଣା | ଆମ୍ବେଦକର ନ୍ୟାଶନାଲ କଂଗ୍ରେସ | ୫୧୯୭ |
| କାହ୍ନୁଚରଣ ସନ୍‌ବାଦ | ସ୍ୱାଧୀନ | ୫୪୩୪ |
| ନୋଟା | – | ୧୩୪୫୬ |

**୪. କେନ୍ଦୁଝର** (ବିଜୟ ବ୍ୟବଧାନ- ୬୬,୨୦୩)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଚନ୍ଦ୍ରାଣୀ ମୁର୍ମୁ | ବିଜେଡି | ୫୨୬୩୫୯ |
| ଅନନ୍ତ ନାୟକ | ଭାଜପା | ୪୬୦୧୫୬ |
| ମୋହନ କୁମାର ହେମ୍ବ୍ରମ୍ | କଂଗ୍ରେସ | ୧୨୮୭୧୬ |
| ଦୁର୍ଗାଚରଣ ପିଙ୍ଗୁଆ | ବିଏସ୍‌ପି | ୯୩୦୮ |
| ପ୍ରଫୁଲ୍ଲ ନାୟକ | ଅଲ୍ ଇଣ୍ଡିଆ ଫରୱାର୍ଡ୍ ବ୍ଲକ୍ | ୫୮୬୬ |
| ରମେଶ ଲାଗୁରୀ | ବହୁଜନ ମୁକ୍ତି ପାର୍ଟି | ୫୭୨୮ |
| ଡ. ସୁରେନ୍ଦ୍ର ଲୋହାର | ରାଷ୍ଟ୍ରୀୟ ସ୍ୱାଧୀନ ମୋର୍ଚ୍ଚା | ୧୦୯୧୪ |
| ଲାଲମୋହନ ହାଁସଦା | ଅଖିଳ ଭାରତ ହିନ୍ଦୁ ମହାସଭା | ୧୦୦୩୮ |
| ନୋଟା | – | ୧୯୨୦୭ |

**୫. ମୟୂରଭଞ୍ଜ** (ବିଜୟ ବ୍ୟବଧାନ- ୨୫,୨୫୬)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ବିଶ୍ୱେଶ୍ୱର ଟୁଡୁ | ଭାଜପା | ୪୮୩୮୧୨ |
| ଡ.ଦେବାଶିଷ ମାର୍ଣ୍ଡି | ବିଜେଡି | ୪୫୮୫୫୬ |
| ରାମଚନ୍ଦ୍ର ସିଂ | ବିଏସ୍‌ପି | ୧୦୨୪୦ |
| ଅଞ୍ଜନୀ ସୋରେନ୍ | ଜେଏମ୍‌ଏମ୍ | ୧୩୫୫୫୨ |
| ଭରତ ଚନ୍ଦ୍ର ସିଂ | ବହୁଜନ ମୁକ୍ତି ପାର୍ଟି | ୯୩୧୫ |
| ନନ୍ଦ କିଶୋର କିସ୍କୁ | ସ୍ୱାଧୀନ | ୬୮୮୯ |
| ପାର୍ବତୀ ପୂର୍ତ୍ତି | ସ୍ୱାଧୀନ | ୧୩୯୩୭ |
| ରବୀନ୍ଦ୍ରନାଥ ସିଂ | ସ୍ୱାଧୀନ | ୧୦୬୯୯ |
| ନୋଟା | – | ୨୧୩୫୭ |

**୬. ବାଲେଶ୍ୱର** (ବିଜୟ ବ୍ୟବଧାନ- ୧୨,୯୫୬)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | ଭାଜପା | ୪୮୩୮୫୮ |
| ରବୀନ୍ଦ୍ର କୁମାର ଜେନା | ବିଜେଡି | ୪୭୦୯୦୨ |
| ନବଜ୍ୟୋତି ପଟ୍ଟନାୟକ | କଂଗ୍ରେସ | ୧୭୯୪୦୩ |
| ହାଜି ଏସ୍.କେ. ଅବଦୁଲ ଇସ୍ତାର | ଟିଏମ୍‌ସି | ୩୯୦୦ |
| ମହମ୍ମଦ ଅଲ୍ଲୀ | ଆମ୍ବେଦକର ନ୍ୟାଶନାଲ କଂଗ୍ରେସ | ୧୩୫୬ |
| ରମାକାନ୍ତ ପଣ୍ଡା | ପୂର୍ବାଞ୍ଚଳ ଜନତା ପାର୍ଟି(ସେକ୍ୟୁଲାର) | ୧୨୪୧ |
| ସୁବାସ୍ | ପ୍ରଗତିଶୀଳ ସମାଜବାଦୀ ପାର୍ଟି | ୮୨୫ |
| ଜଗନ୍ନାଥ ଦାସ | ସ୍ୱାଧୀନ | ୮୧୬ |
| ବସନ୍ତଲତା ପଟ୍ଟନାୟକ | ସ୍ୱାଧୀନ | ୧୪୨୨ |
| ଯଦୁନାଥ ସେଠୀ | ସ୍ୱାଧୀନ | ୧୬୭୬ |
| ରାମନାଥ ବାରିକ | ସ୍ୱାଧୀନ | ୨୪୫୪ |
| ସରୋଜ କୁମାର ପଣ୍ଡା | ସ୍ୱାଧୀନ | ୨୫୮୨ |
| ନୋଟା | – | ୭୪୩୬ |

**୭. ଭଦ୍ରକ** (ବିଜୟ ବ୍ୟବଧାନ- ୨୮,୮୦୩)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ମଞ୍ଜୁଲତା ମଣ୍ଡଳ | ବିଜେଡି | ୫୧୨୩୦୫ |
| ଅଭିମନ୍ୟୁ ସେଠୀ | ଭାଜପା | ୪୮୩୫୦୨ |
| ମଧୁମିତା ସେଠୀ | କଂଗ୍ରେସ | ୨୦୭୮୧୧ |
| ତିଳୋତ୍ତମା ଜେନା | ଟିଏମ୍‌ସି | ୩୩୨୭ |
| ମୁରଲୀଧର ଜେନା | ବିଏସ୍‌ପି | ୪୭୦୮ |
| କୀର୍ତ୍ତନ ବିହାରୀ ମଲ୍ଲିକ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୧୪୩୦ |
| ଲକ୍ଷ୍ମୀପ୍ରିୟା ଜେନା | କଳିଙ୍ଗସେନା | ୧୫୫୬ |
| ପୀତାମ୍ବର ସେଠୀ | ସ୍ୱାଧୀନ | ୨୫୭୯ |
| ନୋଟା | – | ୬୫୩୬ |

**୮. ଯାଜପୁର** (ବିଜୟ ବ୍ୟବଧାନ- ୧,୦୧,୬୯୩)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଶର୍ମିଷ୍ଠା ସେଠୀ | ବିଜେଡି | ୫୪୪୦୨୦ |
| ଅମୀୟକାନ୍ତ ମଲ୍ଲିକ | ଭାଜପା | ୪୪୨୩୨୭ |
| ମାନସ ଜେନା | କଂଗ୍ରେସ | ୮୩୩୨୧ |
| ତିଳୋତ୍ତମା ସେଠୀ | ପିପିଆଇ | ୪୪୭୦ |
| ଭୀମସେନ୍ ବେହେରା | ଫ୍ରୀ ଥଟ୍ ପାର୍ଟି ଅଫ୍ ଇଣ୍ଡିଆ | ୧୮୦୧ |
| ରଞ୍ଜିତ୍ ମଲ୍ଲିକ | ବହୁଜନ ମୁକ୍ତି ପାର୍ଟି | ୨୦୪୯ |
| ସୁନାକର ବେହେରା | ଜୟପ୍ରକାଶ ଜନତା ଦଳ | ୧୯୮୫ |
| ସୁବାସ ଚନ୍ଦ୍ର ମଲ୍ଲିକ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୪୯୫୦ |
| ନୋଟା | – | ୭୧୬୧ |

**୯. ଢେଙ୍କାନାଳ** (ବିଜୟ ବ୍ୟବଧାନ- ୩୫,୪୧୨)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ମହେଶ ସାହୁ | ବିଜେଡି | ୫୨୨୮୮୪ |
| ରୁଦ୍ରନାରାୟଣ ପାଣି | ଭାଜପା | ୪୮୭୪୭୨ |
| କାମାକ୍ଷା ପ୍ରସାଦ ସଂଦେଓ | କଂଗ୍ରେସ | ୮୦୩୪୯ |
| ପ୍ରଦ୍ୟୁମ୍ନ କୁମାର ନାଏକ | ବିଏସ୍‌ପି | ୭୭୮୯ |
| ପ୍ରିୟବ୍ରତ ଗଡ଼ନାୟକ | ହିନ୍ଦୁସ୍ତାନ ନିର୍ମାଣ ଦଳ | ୬୯୪୬ |
| ବିଜୟ କୁମାର ବେହେରା | ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ | ୪୭୪୨ |
| ମାନସୀ ସ୍ୱାଇଁ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୩୨୯୫ |
| ରଞ୍ଜନ କୁମାର ସାହୁ | ଭାରତୀୟ ମାନବାଧିକାର ଫେଡେରାଲ ପାର୍ଟି | ୨୯୧୪ |
| ସରୋଜ କୁମାର ଶତପଥୀ | ସମତାକ୍ରାନ୍ତି ଦଳ | ୩୮୭୭ |
| ନୋଟା | – | ୧୧୨୫୪ |

**୧୦. ବଲାଙ୍ଗୀର** (ବିଜୟ ବ୍ୟବଧାନ- ୧୯,୫୧୬)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ସଙ୍ଗୀତା କୁମାରୀ ସିଂଦେଓ | ଭାଜପା | ୪୯୮୦୮୬ |
| କଳିକେଶ ନାରାୟଣ ସିଂଦେଓ | ବିଜେଡି | ୪୭୮୫୭୦ |
| ସମରେନ୍ଦ୍ର ମିଶ୍ର | କଂଗ୍ରେସ | ୨୭୧୦୫୬ |
| ରଣା ନାଗ | ବିଏସ୍‌ପି | ୧୨୨୨୯ |
| ଦୀନେଶ ନାଗ | ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ | ୧୩୯୧୯ |
| ସୁରେଶ କୁମାର ପଟେଲ | ବହୁଜନ ମୁକ୍ତି ପାର୍ଟି | ୫୨୬୧ |
| ହୃଦାନନ୍ଦ କରୁଣ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୫୫୦୮ |
| ଡା. ବିପିନ କୁଶୁଳିଆ | ସ୍ୱାଧୀନ | ୬୦୭୫ |
| ନୋଟା | – | ୧୬୦୦୧ |

**୧୧. କଳାହାଣ୍ଡି** (ବିଜୟ ବ୍ୟବଧାନ- ୨୬,୮୧୪)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ବସନ୍ତ କୁମାର ପଣ୍ଡା | ଭାଜପା | ୪୩୩୦୭୪ |
| ପୁଷ୍ପେନ୍ଦ୍ର ସିଂଦେଓ | ବିଜେଡି | ୪୦୬୨୬୦ |
| ଭକ୍ତଚରଣ ଦାସ | କଂଗ୍ରେସ | ୩୧୯୨୦୨ |
| ପ୍ରେମାନନ୍ଦ ବାଗ | ବିଏସ୍‌ପି | ୧୦୪୪୮ |
| କମଳିନୀ ଯାଦବ | ବହୁଜନ ମୁକ୍ତି ପାର୍ଟି | ୧୫୮୬୪ |
| ଛବିଲାଲ ନିଆଲ୍ | ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ | ୧୨୪୦୯ |
| ହାତୀରାମ ଦୁର୍ଗ | ସ୍ୱାଧୀନ | ୯୮୩୬ |
| ନୋଟା | – | ୨୧୧୯୯ |

**୧୨. ନବରଙ୍ଗପୁର** (ବିଜୟ ବ୍ୟବଧାନ- ୪୧,୬୩୪)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ରମେଶ ଚନ୍ଦ୍ର ମାଝି | ବିଜେଡି | ୩୯୨୫୦୪ |
| ପ୍ରଦୀପ କୁମାର ମାଝି | କଂଗ୍ରେସ | ୩୫୦୮୭୦ |
| ବଳଭଦ୍ର ମାଝି | ଭାଜପା | ୩୪୨୮୩୯ |
| ଚନ୍ଦ୍ରଧ୍ୱଜ ମାଝି | ବିଏସ୍‌ପି | ୨୮୯୦୫ |
| ନୋଟା | – | ୪୪୫୮୨ |

**୧୩. କନ୍ଧମାଳ** (ବିଜୟ ବ୍ୟବଧାନ- ୧,୪୯,୨୧୬)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଅଚ୍ୟୁତାନନ୍ଦ ସାମନ୍ତ | ବିଜେଡି | ୪୬୧୬୭୯ |
| ଖାରବେଳ ସ୍ୱାଇଁ | ଭାଜପା | ୩୧୨୪୬୩ |
| ମନୋଜ କୁମାର ଆଚାର୍ଯ୍ୟ | କଂଗ୍ରେସ | ୧୩୮୯୯୩ |
| ଅମୀର ନାୟକ | ବିଏସ୍‌ପି | ୭୩୧୪ |
| ଗୁନା ମଲ୍ଲିକ | ସିପିଆଇ(ରେଡ୍ ଷ୍ଟାର) | ୮୨୮୩ |
| ନୋଟା | – | ୧୩୨୫୩ |

**୧୪. କଟକ** (ବିଜୟ ବ୍ୟବଧାନ- ୧,୨୧,୨୦୧)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଭର୍ତ୍ତୃହରି ମହତବ | ବିଜେଡି | ୫୨୪୫୯୨ |
| ପ୍ରକାଶ ମିଶ୍ର | ଭାଜପା | ୪୦୩୩୯୧ |
| ପଞ୍ଚାନନ କାନୁନ୍‌ଗୋ | କଂଗ୍ରେସ | ୯୯୮୪୭ |
| ପ୍ରମୋଦ କୁମାର ମଲ୍ଲିକ | ବିଏସ୍‌ପି | ୪୪୦୮ |
| ଅକ୍ଷୟ କୁମାର କର | କୃପା ପାର୍ଟି | ୩୮୨୩ |
| ବିଶ୍ୱଜିତ୍ ଗୋସ୍ୱାମୀ | କଳିଙ୍ଗ ସେନା | ୧୩୫୮ |
| ରାଜକିଶୋର ମଲ୍ଲିକ | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୨୭୫୬ |
| ସୌମ୍ୟରଞ୍ଜନ ଦାସ | ଭାରତ ପ୍ରଭାତ ପାର୍ଟି | ୧୪୦୯ |
| ଅଶୋକ ପ୍ରଧାନ | ସ୍ୱାଧୀନ | ୧୩୫୭ |
| ବୃନ୍ଦାବନ ଦାସ ଆଜାଦ | ସ୍ୱାଧୀନ | ୩୪୧୪ |
| ସଞ୍ଜୟ କୁମାର ସାହୁ | ସ୍ୱାଧୀନ | ୫୮୯୯ |
| ନୋଟା | – | ୭୨୩୬ |

**୧୫. କେନ୍ଦ୍ରାପଡ଼ା** (ବିଜୟ ବ୍ୟବଧାନ- ୧,୫୨,୫୮୪)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଅନୁଭବ ମହାନ୍ତି | ବିଜେଡି | ୬୨୮୯୩୯ |
| ବୈଜୟନ୍ତ ପଣ୍ଡା | ଭାଜପା | ୪୭୬୩୫୫ |
| ଧରଣୀଧର ନାୟକ | କଂଗ୍ରେସ | ୧୧୩୮୪୧ |
| ରବୀନ୍ଦ୍ରନାଥ ବେହେରା | ଏସ୍‌ପି | ୫୧୩୮ |
| ଶ୍ରୀକାନ୍ତ ସାମଲ | କୃପା ପାର୍ଟି | ୧୮୬୮ |
| ସନ୍ତୋଷ କୁମାର ଦାସ | ସ୍ୱାଧୀନ | ୧୪୫୬ |
| ସନ୍ତୋଷ କୁମାର ପାତ୍ର | ସ୍ୱାଧୀନ | ୨୨୮୧ |
| ନୋଟା | – | ୬୫୮୮ |

**୧୬. ଜଗତ୍‌ସିଂହପୁର** (ବିଜୟ ବ୍ୟବଧାନ- ୨,୭୧,୬୫୫)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ରାଜଶ୍ରୀ ମଲ୍ଲିକ | ବିଜେଡି | ୬୧୯୯୮୫ |
| ବିଭୁ ପ୍ରସାଦ ତରାଇ | ଭାଜପା | ୩୪୮୩୩୦ |
| ପ୍ରତିମା ମଲ୍ଲିକ | କଂଗ୍ରେସ | ୨୩୯୬୮୪ |
| ବିଭୂତି ଭୂଷଣ ମାଝି | ବିଏସ୍‌ପି | ୫୨୪୪ |
| ଅନିଲ କୁମାର ବେହେରା | ଫ୍ରୀ ଥଟ୍ ପାର୍ଟି ଅଫ୍ ଇଣ୍ଡିଆ | ୩୫୮୬ |
| ଜଗନ୍ନାଥ ମେଘ | ଜୟପ୍ରକାଶ ଜନତା ଦଳ | ୧୨୩୭ |
| ଦୀପକ କୁମାର ଦାସ | ଅଖିଳ ଭାରତ ହିନ୍ଦୁ ମହାସଭା | ୧୫୦୩ |
| ପୀୟୂଷ ଦାସ | ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ | ୧୭୫୧ |
| ସସ୍ମିତା ଦାସ | ସ୍ୱାଧୀନ | ୧୮୧୩ |
| ନୋଟା | – | ୬୦୫୭ |

**୧୭. ପୁରୀ** (ବିଜୟ ବ୍ୟବଧାନ- ୧୧,୭୧୪)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ପିନାକୀ ମିଶ୍ର | ବିଜେଡି | ୫୩୮୩୨୧ |
| ଡା. ସମ୍ବିତ୍ ପାତ୍ର | ଭାଜପା | ୫୨୬୬୦୭ |
| ସତ୍ୟପ୍ରକାଶ ନାୟକ | କଂଗ୍ରେସ | ୪୪୭୩୪ |
| ନୃସିଂହ ଚରଣ ଦାସ | ବିଏସ୍‌ପି | ୬୨୮୩ |
| ଜୟପ୍ରକାଶ ସେଠୀ | ଅଖିଳ ଭାରତ ହିନ୍ଦୁ ମହାସଭା | ୫୦୦୮ |
| ମନ୍ଦାକିନୀ ସେଠୀ | ସିପିଆଇ (ଲିବରେଶନ) | ୨୬୫୧ |
| ରଞ୍ଜନ ମିଶ୍ର | ସିପିଆଇ (ରେଡ୍ ଷ୍ଟାର) | ୨୩୧୨ |
| ସବ୍ୟସାଚୀ ମହାପାତ୍ର | କଳିଙ୍ଗ ସେନା | ୨୪୮୭ |
| ନୋଟା | – | ୭୨୧୭ |

**୧୮. ଭୁବନେଶ୍ୱର** (ବିଜୟ ବ୍ୟବଧାନ- ୨୩,୮୩୯)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଅପରାଜିତା ଷଡ଼ଙ୍ଗୀ | ଭାଜପା | ୪୮୬୯୯୧ |
| ଅରୂପ ମୋହନ ପଟ୍ଟନାୟକ | ବିଜେଡି | ୪୬୩୧୫୨ |
| ଜନାର୍ଦ୍ଦନ ପତି | ସିପିଏମ୍ | ୨୩୦୨୬ |
| ଶୁଭ୍ରାଂଶୁ ଶେଖର ପାଢ଼ୀ | ଟିଏମ୍‌ସି | ୨୩୪୪ |
| ଲଳିତ କୁମାର ନାୟକ | ବିଏସ୍‌ପି | ୨୭୮୦ |
| ପ୍ରମିଳା ବେହେରା | ସିପିଆଇ(ରେଡ୍‌ଷ୍ଟାର) | ୧୪୮୨ |
| ବିଶ୍ୱନାଥ ରାଉତ | କୃପା ପାର୍ଟି | ୨୮୧୬ |
| ବିଶ୍ୱନାଥ ରାମଚନ୍ଦ୍ର | ଫ୍ରୀ ଥଟ୍ ପାର୍ଟି ଅଫ୍ ଇଣ୍ଡିଆ | ୧୪୯୭ |
| ଭକ୍ତଶେଖର ରାୟ | କଳିଙ୍ଗ ସେନା | ୧୩୮୨ |
| ଜୟନ୍ତ କୁମାର ଦାସ | ସ୍ୱାଧୀନ | ୨୩୬୦ |
| ମଧୁସୂଦନ ଯାଦବ | ସ୍ୱାଧୀନ | ୧୨୦୦ |
| ମହେଶ ଚନ୍ଦ୍ର ସେଠୀ | ସ୍ୱାଧୀନ | ୧୪୯୧ |
| ସଞ୍ଜୟ କୁମାର ସାହୁ | ସ୍ୱାଧୀନ | ୫୮୭୩ |
| ସୁଶୀଲ କୁମାର ଜେନା | ସ୍ୱାଧୀନ | ୨୬୬୫ |
| ନୋଟା | – | ୬୧୫୬ |

**୧୯. ଆସ୍କା** (ବିଜୟ ବ୍ୟବଧାନ- ୨,୦୪,୭୦୭)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ପ୍ରମିଳା ବିଶୋଇ | ବିଜେଡି | ୫୫୨୭୪୯ |
| ଅନୀତା ଶୁଭଦର୍ଶିନୀ | ଭାଜପା | ୩୪୮୦୪୨ |
| ରାମକୃଷ୍ଣ ପଣ୍ଡା | ସିପିଆଇ | ୫୯୯୭୮ |
| ପୂର୍ଣ୍ଣଚନ୍ଦ୍ର ନାୟକ | ବିଏସ୍‌ପି | ୮୫୪୯ |
| ରାଜୀବ ଚନ୍ଦ୍ର ଖାଡ଼ଙ୍ଗା | ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ | ୫୯୮୭ |
| ଶଙ୍କର ସାହୁ | ସିପିଆଇ(ରେଡ୍‌ଷ୍ଟାର) | ୫୯୯୯ |
| ଚକ୍ରଧର ସାହୁ | ସ୍ୱାଧୀନ | ୭୭୩୮ |
| କେ. ଶ୍ୟାମବାବୁ ସୁବୁଦ୍ଧି | ସ୍ୱାଧୀନ | ୭୪୭୬ |
| ନୋଟା | – | ୧୭୩୪୪ |

**୨୦. ବ୍ରହ୍ମପୁର** (ବିଜୟ ବ୍ୟବଧାନ- ୯୪,୮୪୪)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ଚନ୍ଦ୍ରଶେଖର ସାହୁ | ବିଜେଡି | ୪୪୩୮୪୩ |
| ଭୃଗୁ ବକ୍ସିପାତ୍ର | ଭାଜପା | ୩୪୮୯୯୯ |
| ଭି. ଚନ୍ଦ୍ରଶେଖର ନାଇଡୁ | କଂଗ୍ରେସ | ୧୪୨୬୩୨ |
| ତିରୁପତି ରାଓ କରଣମ | ବିଏସ୍‌ପି | ୮୨୯୦ |
| ଶ୍ରୀହରି ପଟ୍ଟନାୟକ | ଓଡ଼ିଶା ପ୍ରଗତି ଦଳ | ୮୩୦୪ |
| ସୋମନାଥ ବେହେରା | ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) | ୮୨୯୬ |
| ଚକ୍ରଧର ସାହୁ | ସ୍ୱାଧୀନ | ୭୦୮୧ |
| କେ. ଶ୍ୟାମବାବୁ ସୁବୁଦ୍ଧି | ସ୍ୱାଧୀନ | ୮୦୮୪ |
| ନୋଟା | – | ୧୪୩୮୧ |

**୨୧. କୋରାପୁଟ** (ବିଜୟ ବ୍ୟବଧାନ- ୩୬୧୩)

| ନାମ | ଦଳ | ଭୋଟସଂଖ୍ୟା |
|---|---|---|
| ସପ୍ତଗିରି ଉଲାକା | କଂଗ୍ରେସ | ୩୭୧୧୨୯ |
| କୌଶଲ୍ୟା ହିକ୍‌କା | ବିଜେଡି | ୩୬୭୫୧୬ |
| ଜୟରାମ ପାଙ୍ଗି | ଭାଜପା | ୨୦୮୩୯୮ |
| ଭାସ୍କର ମୁଣ୍ଡୁକା | ବିଏସ୍‌ପି | ୩୫୭୬୪ |
| ଦାମୋଦର ଶବର | ସିପିଆଇ(ଲିବରେଶନ) | ୨୬୧୧୭ |
| ବନମାଳୀ ମାଝି | ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ | ୧୮୮୪୯ |
| ରାଜେନ୍ଦ୍ର କେନ୍ଦୁକା | ସିପିଆଇ (ଏମ୍‌ଏଲ୍ ରେଡ୍‌ଷ୍ଟାର) | ୧୫୮୨୭ |
| ନୋଟା | – | ୩୬୫୬୧ |

**ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ ତଥ୍ୟ ଅନୁଯାୟୀ**

# କେନ୍ଦ୍ରାପଡ଼ାରେ ନବୀନ କ୍ରେଜ୍

**କେନ୍ଦ୍ରାପଡା ଅଫିସ୍, ୨୪।୫**

୨୦୧୭ ପଞ୍ଚାୟତ ନିର୍ବାଚନରେ ଦଳର ସ୍ଥିତିକୁ ନେଇ ବିଜେଡି ସଭାପତି ଚିନ୍ତାରେ ଥିବା ବେଳେ ସାଧାରଣ ନିର୍ବାଚନରେ କାହା ଉପରେ ଭରସା ନ କରି ସମସ୍ତ ଦାୟିତ୍ୱ ନିଜେ ନେଇଥିଲେ। ଗତ ୨୩ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡିର ଏକତରଫା ବିଜୟର ଶ୍ରେୟ ନବୀନଙ୍କୁ ଯାଉଛି। କେନ୍ଦ୍ରାପଡ଼ା ଜିଲାରେ ନିର୍ବାଚନ ଜିତିବା ପାଇଁ ନବୀନ କରିଥିବା ଗୋଟିଚାଳନା ମଧ୍ୟ ସଫଳ ହୋଇଛି। ୬ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରେ ବିପୁଳ ଭୋଟରେ ବିଜୟୀ ହୋଇଛି ବିଜେଡି।

ନିର୍ବାଚନ ଆରମ୍ଭରୁ ନବୀନଙ୍କ ଫୋକସ୍‌ରେ ରହିଥିଲା କେନ୍ଦ୍ରାପଡ଼ା। ମାସକ ମଧ୍ୟରେ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନକୁ ମୁଖ୍ୟମନ୍ତ୍ରୀ ୭ଥର ଗସ୍ତ କରିଥିଲେ। ନବୀନଙ୍କ ଦୁଇଟି ବଡ଼ ଧରଣର ସମାବେଶର ଆୟୋଜନ ସହ ଦୁଇ ଦିନିଆ ରୋଡ୍ ଶୋ', କେନ୍ଦ୍ରାପଡ଼ାରେ ରାତ୍ରି ରହଣି, ଶ୍ରୀବଳଦେବ ଜୀଉଙ୍କ ଦର୍ଶନ କରିବା ଆଦି କାର୍ଯ୍ୟକ୍ରମ ବିଜେଡିର ଶକ୍ତି ବୃଦ୍ଧି କରିଥିଲା। ଏହି ସମୟରେ ବିଜେଡି ଟାର୍ଗେଟରେ ରହିଥିଲେ ଭାଜପାର ଦୁଇ ହେବିୱେଟ ବୈଜୟନ୍ତ ପଣ୍ଡା ଓ ବିଜୟ ମହାପାତ୍ର। ବିଜେଡିରୁ ନିଲମ୍ବିତ ହେବା ପରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ପୂର୍ବରୁ ଦୁଇଥର ଏମ୍‌ପି ହୋଇଥିବା ବେଳେ ବୈଜୟନ୍ତ କେନ୍ଦ୍ରାପଡ଼ାବାସୀଙ୍କ ସହ ବେଇମାନୀ କରିଛନ୍ତି ବୋଲି ନବୀନ ରୋଡ୍ ଶୋ'ରେ ମତ ଦେଇଥିଲେ। ଫଳରେ ବୈଜୟନ୍ତଙ୍କୁ ହରାଇବା ପାଇଁ କେନ୍ଦ୍ରାପଡା ବିକାଶ ଦାୟିତ୍ୱ ସେ ନିଜ ହାତକୁ ନେଉଛନ୍ତି ବୋଲି ନବୀନ ଘୋଷଣା କରିଥିଲେ। ତେବେ ଏହି ନିର୍ବାଚନରେ ବୈଜୟନ୍ତ ୧,୫୨,୫୮୪ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କଠାରୁ ହାରିଛନ୍ତି।

ସେହିପରି ୨୦୧୪ ନିର୍ବାଚନରେ କଂଗ୍ରେସ ଏହି ଜିଲାର ଆଳି ଓ ରାଜନଗର ବିଧାନସଭା ଆସନ ଅକ୍ତିଆର କରିଥିଲା। ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଓ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଚଳିତ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଏଥର ଏହି ଦୁଇ ଆସନ କଂଗ୍ରେସଠାରୁ ଛଡ଼ାଇ ନେଇଛି ବିଜେଡି। ଆଳିରେ ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୫୫,୬୦୧ ଖଣ୍ଡ ଭୋଟ ଅଧିକ ପାଇଥିବା ବେଳେ ରାଜନଗରରେ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ଅଂଶୁମାନଙ୍କଠାରୁ ୧୮,୪୦୮ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଜିଲାର କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ବିଜେଡିକୁ କଡା ଟକ୍କର ଦେଇଥିଲେ କଂଗ୍ରେସ ଓ ଭାଜପା। କିନ୍ତୁ ଶେଷରେ ଏହି ଦୁଇ ନିର୍ବାଚନ କ୍ଷେତ୍ରରେ ବି ବାଜିମାତ କରିଛି ବିଜେଡି। କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରେ କଂଗ୍ରେସର ଗଣେଶ୍ୱର ବେହେରାଙ୍କଠାରୁ ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରା ୬,୩୨୦ ଖଣ୍ଡ ଭୋଟରେ ଜିତିଛନ୍ତି। ମହାକାଳପଡ଼ାରେ ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନଙ୍କ ସହ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କର କଡ଼ା ମୁକାବିଲା ହୋଇଥିଲା। ହେଲେ ବିଜୟଙ୍କୁ ୧୫,୬୬୩ ଖଣ୍ଡ ଭୋଟରେ ହରାଇ ବିଜେଡି ପ୍ରାର୍ଥୀ ଅତନୁ ବିଜୟୀ ହୋଇଛନ୍ତି।

ବାତ୍ୟା ଫନୀ ଯୋଗୁ ପାଟକୁରା ବିଧାନସଭା ନିର୍ବାଚନ ଗତ ୭ ତାରିଖରୁ ଦୁଇମାସ ଘୁଞ୍ଚାଇ ଦିଆଯାଇଛି।


କେନ୍ଦ୍ରାପଡ଼ା ସହରସ୍ଥିତ ପୁରୁଣା ବସ୍ ଷ୍ଟାଣ୍ଡଠାରେ ଅନୁଷ୍ଠିତ ବିଜୟ ଉତ୍ସବରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

## ମୂଳପୋଛ ହେଲା କଂଗ୍ରେସ

ଗତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ଆଳି ଓ ରାଜନଗର ବିଧାନସଭା ଆସନ କଂଗ୍ରେସ ଅକ୍ତିଆର କରିଥିଲା। ହେଲେ ଏଥର ନିର୍ବାଚନରେ କଂଗ୍ରେସ କେନ୍ଦ୍ରାପଡ଼ାରୁ ମୂଳପୋଛ ହୋଇଯାଇଛି। ନିର୍ବାଚନ ପରିଚାଳନାରେ ଭୁଲ ଯୋଗୁ କଂଗ୍ରେସ ଏଠି ସତ୍ତା ହରାଇଥିବା ଚର୍ଚ୍ଚା ହେଉଛି। ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବଚରଣ ସାହୁ କଂଗ୍ରେସ ପ୍ରାର୍ଥୀ ଦ୍ୱୟଙ୍କଠାରୁ ବହୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଆଳିରେ ବିଜେଡି ପ୍ରାର୍ଥୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୫୫,୬୦୧ ଖଣ୍ଡ ଭୋଟ ଅଧିକ ପାଇଥିବା ବେଳେ ରାଜନଗରରେ ବିଜେଡି ପ୍ରାର୍ଥୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୧୮,୪୦୮ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି।

## ଆଲୋଚନା ଶୀର୍ଷରେ ବୈଜୟନ୍ତ, ଗଣେଶ

**କେନ୍ଦ୍ରାପଡା ଅଫିସ, ୨୪।୫**

ନିର୍ବାଚନ ଫଳାଫଳ ଘୋଷଣା ସରିବା ପରେ କେନ୍ଦ୍ରାପଡା ଜିଲାରେ ରାଜନୈତିକ ଆଲୋଚନା ଜୋର ଧରିଛି। କେନ୍ଦ୍ରାପଡା ଲୋକ ସଭା ଓ ବିଧାନସଭା କ୍ଷେତ୍ର ଏହି ଆଲୋଚନାର ଶିରୋନାମା ପାଲଟିଛି। ଆଲୋଚନା ଅନୁସାରେ, ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଏମ୍‌ପି ଭାବେ ୯ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ତେବେ ବର୍ଷକ ପୂର୍ବେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ଶେଷରେ ଭାଜପାରେ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହେବା ସହ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ବୈଜୟନ୍ତଙ୍କୁ ହରାଇବା ପାଇଁ ବିଜେଡି ଭିନ୍ନ ରଣନୀତି ଆପଣେଇଥିଲା। ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତିଙ୍କୁ ବିଜେଡି ଏହି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିଲା। ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଥିବାରୁ ନିର୍ବାଚନ ଜିତିଥିଲେ, ବୈଜୟନ୍ତ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନିଶ୍ଚିତ ସ୍ଥାନ ପାଇଥାନ୍ତେ ବୋଲି ଆଲୋଚନା ହେଉଛି।

ସେହିପରି କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ଏଠାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନ କ୍ଷେତ୍ରରେ ତତ୍କାଳ ସମୟରେ ଭୋଟରଙ୍କ ମଧ୍ୟରେ ବଗ ଓ ଅଶୀ ପରି ଦୁଇଟି ଶବ୍ଦ ବେଶି ଗୁଞ୍ଜରିତ କରିଥିଲା। ବଗ ଅର୍ଥାତ ବୈଜୟନ୍ତ ଓ ଗଣେଶ୍ୱର ହୋଇଥିବା ବେଳେ ଅନୁଭବ ଓ ଶଶିଙ୍କୁ ନେଇ ଅଶୀ ଶବ୍ଦ ସୃଷ୍ଟି ହୋଇଥିଲା। ଶେଷରେ ଅଶୀ ହିଁ ଜିତିଛି। ତେବେ ଆଲୋଚନା ଅନୁଯାୟୀ, ଅନୁଭବ ଓ ଶଶିଭୂଷଣ ଏଠାରେ ନୂଆ ମୁହଁ ହୋଇଥିବାରୁ ସ୍ଥାନୀୟ ରାଜନୀତିରେ ସଫଳ ହେବା ପାଇଁ ସମୟ ଲାଗିବ।

## କାମ କଲାନି ମୋଦି ମ୍ୟାଜିକ୍

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ପାଟକୁରା ବିଧାନସଭା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଭୋଟ ଦେବା ପାଇଁ କେନ୍ଦ୍ରାପଡ଼ାବାସୀଙ୍କୁ ନିବେଦନ କରିଥିଲେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ଏପ୍ରିଲ ୨୩ ତାରିଖରେ ବାରୁଅସ୍ଥିତ ସିଦ୍ଧମଠ ପଡ଼ିଆଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ବୈଜୟନ୍ତ ଓ ବିଜୟଙ୍କୁ ଜିତାଇବା ସହ ପରିବର୍ତ୍ତନ ଦିଗରେ ଅଗ୍ରସର ହେବାକୁ କେନ୍ଦ୍ରାପଡ଼ାବାସୀଙ୍କୁ ଆହ୍ୱାନ ଦେଇଥିଲେ। ଉପକୂଳ ଅଞ୍ଚଳର ବିକାଶ ଆବଶ୍ୟକ, ତେଣୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଶାସନ ଗାଦିରୁ ହଟାଇବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ହେଲେ କେନ୍ଦ୍ରାପଡ଼ାରେ ମୋଦି ମ୍ୟାଜିକ୍ କାମ କରି ନ ଥିବା ବେଳେ ସମସ୍ତ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରେ ବିଜେଡି ବାଜିମାତ କରିଛି।

ସୂଚନାଯୋଗ୍ୟ, ମୋଦି କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀକୁ ଯାଇ ବିଜୟ ସଙ୍କଳ୍ପ ସଭାରେ ଯୋଗଦେବା ସହ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସାରାଦେଶରେ ମୋଦି ଲହର ଥିବାରୁ ଓଡ଼ିଶାରେ ବି ଏହାର ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଥିଲା। ହେଲେ ଏହି ସମସ୍ତ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ କେତେକ ବିଧାନସଭା ଆସନରେ ଭାଜପା ଜିତି ଥିବା ବେଳେ ଅଧିକାଂଶ ଆସନରେ ନିରାଶ ହେବାକୁ ପଡ଼ିଛି। ତେବେ ଲୋକ ସଭା ଆସନ ମଧ୍ୟରୁ କେବଳ କେନ୍ଦ୍ରାପଡ଼ା ଓ କୋରାପୁଟ ଛାଡିଦେଲେ ଅନ୍ୟ ୬ ଆସନରେ ଭାଜପା ବାଜିମାତ୍ କରିଛି।

## କେନ୍ଦ୍ରାପଡ଼ା ଓ ମହାକାଳପଡ଼ାରେ କଡ଼ା ମୁକାବିଲା

କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ବିଧାନସଭା ଆସନ ବିଜେଡି ଅକ୍ତିଆର କରିଥିଲେ ବି ଏହି ଦୁଇ ସ୍ଥାନରେ ବିଜେଡିକୁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିଥିଲା। କେନ୍ଦ୍ରାପଡ଼ାରେ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରାଙ୍କ ମଧ୍ୟ ଜୋରଦାର ଲଢ଼େଇ ହୋଇଥିଲା। ଗଣତି ଆରମ୍ଭରୁ ହିଁ ଶଶିଭୂଷଣ ଆଗରେ ରହିଥିଲେ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱରଙ୍କଠାରୁ ଖୁବ୍ କମ୍ ବ୍ୟବଧାନରେ ରହିଥିଲେ। ଶେଷ ପର୍ଯ୍ୟନ୍ତ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିଥିଲା। କେନ୍ଦ୍ରାପଡ଼ା ବିଧାନସଭା ଆସନରେ ୧,୪୬,୧୫୫ ଇଭିଏମ୍ ଭୋଟ ଗଣତି ହୋଇଥିବା ବେଳେ ଶଶିଭୂଷଣ ମାତ୍ର ୬,୩୨୦ ଖଣ୍ଡରେ ଗଣେଶ୍ୱରଙ୍କଠାରୁ ଜିତିଛନ୍ତି।

ସେହିପରି ମହାକାଳପଡ଼ାରେ ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନଙ୍କ ସହ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ କଡ଼ା ମୁକାବିଲା ହୋଇଥିଲା। ଆରମ୍ଭରୁ ଅତନୁ ଖୁବ୍ କମ୍ ଭୋଟ ବ୍ୟବଧାନରେ ଆଗରେ ରହିଥିଲେ। ଶେଷରେ ବିଜୟଙ୍କୁ ୧୫,୬୬୩ ଖଣ୍ଡ ଭୋଟରେ ହରାଇ ଅତନୁ ବିଜୟୀ ହୋଇଛନ୍ତି।

**୨୦୧୯ ନିର୍ବାଚନ ଫଳାଫଳ**

## ଜିଲା ବିକାଶ ପାଇଁ ୩ ନୂଆ ମୁହଁ

**କେନ୍ଦ୍ରାପଡା ଅଫିସ୍, ୨୪।୫**

ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଏକତରଫା ଭାବେ ବହୁମତ ପାଇଛି ବିଜେଡି। କେନ୍ଦ୍ରାପଡ଼ା ଜିଲାର ସବୁ ବିଧାନସଭା ଆସନ ଓ କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ବାଜିମାତ କରିଛି ବିଜେଡି। ଏହାପରେ ଜିଲା ବିକାଶ ପାଇଁ ୩ ଜଣ ନୂଆ ମୁହଁଙ୍କୁ ଜିଲାବାସୀ ଭରଷା କରିଛନ୍ତି। ଏମ୍‌ପି ଭାବେ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ଭାବେ ଶଶିଭୂଷଣ ବେହେରା ଓ ରାଜନଗର ବିଧାୟକ ଭାବେ ଧ୍ରୁବଚରଣ ସାହୁଙ୍କୁ ନେତୃତ୍ୱ ଦେଇଛନ୍ତି ଜିଲାବାସୀ। ଏଥିସହିତ ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଚଳିତ ନିର୍ବାଚନରେ ବିଜୟୀ ହୋଇଛନ୍ତି। ଅନୁଭବ ଓ ଶଶିଭୂଷଣ କେନ୍ଦ୍ରାପଡା ଜିଲା ପାଇଁ ସମ୍ପୂର୍ଣ୍ଣ ନୂଆ। ଧ୍ରୁବଚରଣ ୨୦୧୪ ନିର୍ବାଚନର ରାଜନଗର ଆସନ ପାଇଁ ପ୍ରାର୍ଥୀ ହୋଇଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କଠାରୁ ହାରିଥିଲେ। ରାଜ୍ୟର ସର୍ବ ପୁରାତନ ପୌରାଞ୍ଚଳ ସହ ଜାତୀୟ ଉଦ୍ୟାନ ଭିତରକନିକାର ଉନ୍ନତୀକରଣ, ଦାଦନ ସମସ୍ୟା, ରେଳପଥ, ଶିଳ୍ପ ପ୍ରତିଷ୍ଠା, ବନ୍ଦର ପ୍ରତିଷ୍ଠା ଆଦି ସମସ୍ୟାର ସମାଧାନ ସହ ଜିଲାରେ ମୌଳିକ ଆବଶ୍ୟକତା ସଡ଼କ ଓ ସେତୁ ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପ ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ଏହି ନେତା ଗୁରୁତ୍ୱ ଦେବେ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ବିଜେଡିର ବିଜୟ ଉତ୍ସବ

**କେନ୍ଦ୍ରାପଡ଼ା ଅଫିସ, ୨୪।୫**

କେନ୍ଦ୍ରାପଡା ଜିଲାରେ ସବୁ ଆସନ ବିଜେଡି ହାତେଇଛି। ଏହି ପରିପ୍ରେକ୍ଷୀରେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ଜିଲା ବିଜେଡିର ବହୁ କର୍ମକର୍ତ୍ତା ଓ ସମର୍ଥକମାନେ ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରିଥିଲେ। ଯୁବ ବିଜେଡି ଜିଲା ସଭାପତି ରାଜେଶ ପଣ୍ଡାଙ୍କ ନେତୃତ୍ୱରେ ଏହି ଉତ୍ସବରେ ଆତଶ ବାଜି ଫୁଟାଇବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଉଥିବା ଦେଖାଯାଇଥିଲା।

## ରାଜନଗରରେ ଅଦିନିଆ ଦୀପାବଳି

**ରାଜନଗର, ୨୪।୫ (ଡି.ଏନ୍.ଏ.)**

ରାଜନଗର ବିଧାନସଭା ଆସନ ବିଜେଡି ଦଖଲକୁ ଯାଇଛି। ଯୁବନେତା ଧ୍ରୁବ ଚରଣ ସାହୁ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ୧୮ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ଧ୍ରୁବଙ୍କ ବିଜୟ ପରେ ରାଜନଗର ନିର୍ବାଚନମଣ୍ଡଳୀରେ ଅଦିନିଆ ଦୀପାବଳି ଦେଖିବାକୁ ମିଳିଛି। ଦୁଇଦିନ ହେଲା ବାଣ ଫୁଟାରେ ରାଜନଗର କମ୍ପୁଛି। ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ପ୍ରତ୍ୟେକ ଗାଁରେ କର୍ମୀମାନେ ବାଣ ଫୁଟାଇ ବାଜା ବଜାଇ ଉତ୍ସବ ମନାଉଛନ୍ତି । ଶୁକ୍ରବାର ରାଜନଗର ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ କର୍ମୀମାନେ ବାଜା ବଜାଇ ନାଚିବା ସହିତ ପରସ୍ପରକୁ ମିଠା ଖୁଆଇ ଉତ୍ସବ ମନାଇଥିଲେ। ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବିଜେଡି ନେତା ମାଧବାନନ୍ଦ ମହାନ୍ତି, ଜୟୀରାମ ରାଉତ, ସରପଞ୍ଚ ସର୍ବେଶ୍ୱର ସାହୁ, ଜୁମର କୁମାର ସ୍ୱାଇଁ, ପର୍ଶୁରାମ ବାରିକ, ବ୍ଲକ ବିଜେଡି କୋଷାଧ୍ୟକ୍ଷ ବାଇଧର ସେଠୀ, ଚିତ୍ତରଞ୍ଜନ ଦାସ, ବ୍ଲକ ବିଜେଡି ସାଧାରଣ ସଂପାଦକ ନରହରି ଜେନା, ରମଣୀ ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ସେଠୀ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଯୁବନେତା ଭରତ ଚନ୍ଦ୍ର ରାଉତ, ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦଳର ନିର୍ବାଚନ କାର୍ଯ୍ୟାଳୟ ନିକଟରେ ମିଠା ବାଣ୍ଟି ବାଣ ଫୁଟାଇ ଉତ୍ସବ ମନାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜନଗର ନିର୍ବାଚନମଣ୍ଡଳୀ ସଭାପତି ପ୍ରଶାନ୍ତ କୁମାର ରାଉତ, ଜିଲା ସଂପାଦକ ଦୀପକ କୁମାର ରାଉତ, ଯୁବନେତା ଅଶୋକ କୁମାର ମହାନ୍ତି, ଛାତ୍ରନେତା ସତ୍ୟବ୍ରତ ପାଣି, ଭକ୍ତି ସିଦ୍ଧାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ରାଉତ, ସୌରଭ ଜେନା ପ୍ରମୁଖ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।


ବିଜୁ ଯୁବ ଛାତ୍ର ଦଳର ସଦସ୍ୟମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

## ନୋଟାଠାରୁ କମ୍ ଭୋଟ ପାଇଛନ୍ତି ବହୁ ପ୍ରାର୍ଥୀ

**କେନ୍ଦ୍ରାପଡା ଅଫିସ୍, ୨୪।୫**

୨୦୧୯ ସାଧାରଣ ନିର୍ବାଚନ ଫଳ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିଧିବଦ୍ଧ ପ୍ରକାଶ ପାଇଛି। ଏହି ନିର୍ବାଚନରେ ପାଟକୁରାରେ ନିର୍ବାଚନ ବନ୍ଦ ଥିବାରୁ ଅନ୍ୟ ଆସନଗୁଡ଼ିକରେ କେନ୍ଦ୍ରାପଡ଼ା ଜିଲାର ୪୮ପ୍ରାର୍ଥୀ ଭାଗ ନେଇଥିଲେ। ଏଥିମଧ୍ୟରୁ ୨୨ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ନୋଟାଠାରୁ କମ୍ ରହିଛି। କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ମୋଟ ୮ ପ୍ରାର୍ଥୀ ଥିଲେ। ଏଠାରେ ମୋଟ ୧୨,୩୬,୪୬୬ ଭୋଟ ମଧ୍ୟରୁ ନୋଟାକୁ୬୫୮୮ ଖଣ୍ଡ ଭୋଟ ଯାଇଛି। ନୋଟା ଭୋଟଠାରୁ ସମାଜବାଦୀ ପାର୍ଟିର ରବୀନ୍ଦ୍ରନାଥ ବେହେରା, କୃପା ପାର୍ଟିର ଶ୍ରୀକାନ୍ତ ସାମଲ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ଦାସ ଓ ସନ୍ତୋଷ କୁମାର ପାତ୍ର କମ୍ ଭୋଟ ପାଇଛନ୍ତି।

ସେହିପରି ଆଳି ବିଧାନସଭା ଆସନରେ ନୋଟା ଭୋଟ ସଂଖ୍ୟା ୫୪୫ ଥିବା ବେଳେ ବହୁଜନ ସମାଜପାର୍ଟି ପ୍ରାର୍ଥୀ ସୁଧାକର ମଲ୍ଲିକ, ମଜଦୁର ବିକାଶ ଦଳ ପ୍ରାର୍ଥୀ ଜୟନ୍ତ କୁମାର ମଲ୍ଲିକ, ସିପିଆଇ (ଏମ୍ ଏଲ୍) ପ୍ରାର୍ଥୀ ବିଧାନଚନ୍ଦ୍ର ଦାସ, ସ୍ୱାଧୀନ ପ୍ରାର୍ଥୀ ପ୍ରଭାତ କୁମାର ମଲ୍ଲିକ, ରାଧାନାଥ ରାୟ ଓ ସୁଜାତା ବାରିକ ଏହି ସଂଖ୍ୟା ଟପି ପାରିନାହାନ୍ତି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନରେ ଇଣ୍ଡିଆନ ସିଟିଜେନ ପାର୍ଟି ପ୍ରାର୍ଥୀ ନରେନ୍ଦ୍ର କୁମାର ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଆଲୋକ କୁମାର ଜେନା, ରବୀନ୍ଦ୍ର ମୁଦୁଲି ଓ ମଜଦୁର ବିକାଶ ଦଳ ପ୍ରାର୍ଥୀ ପଦ୍ମଚରଣ ମଲ୍ଲିକ ନୋଟା ସଂଖ୍ୟା ୪୭୯କୁ ଛୁଇଁ ନାହାନ୍ତି। ମହାକାଳପଡା ବିଧାନସଭା ନିର୍ବାଚନ ଭୋଟ ଗଣତିରେ ୫୬୮ ଖଣ୍ଡ ଭୋଟ ନୋଟାରେ ଅଛି। ଏଠାରେ ଆମ୍ବେଡ଼କର ନ୍ୟାଶନାଲ କଂଗ୍ରେସ ପ୍ରାର୍ଥୀ ଆଶୁତୋଷ ମହାରଣା, ସମାଜବାଦୀ ପ୍ରାର୍ଥୀ ରଞ୍ଜିତା କାନୁନ୍‌ଗୋ, ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ର ରାଉତ, ପଦ୍ମନାଭ ଚୌଧୁରୀ, ଭୀମସେନ ସେଠୀ ଓ ମମତା ସାମନ୍ତରାୟ ଏହି ସଂଖ୍ୟା ତଳକୁ ଭୋଟ ପାଇଛନ୍ତି। ସେହିପରି ରାଜନଗର ବିଧାନସଭା ଆସନରେ ନୋଟା ଭୋଟ ସଂଖ୍ୟା ୭୧୬ ଥିବା ବେଳେ ସମାଜବାଦୀ ପାର୍ଟି ପ୍ରାର୍ଥୀ ସୁଦର୍ଶନ ପ୍ରଧାନ ଓ ସ୍ୱାଧୀନ ପ୍ରାର୍ଥୀ ସୁନୀତା ପ୍ରଧାନ ଏହି ସଂଖ୍ୟାକୁ ଛୁଇଁ ନାହାନ୍ତି।

## ଅତନୁଙ୍କ ପୁଣି ବାଜିମାତ୍

**ମାର୍ଶାଘାଇ, ୨୪।୫ (ଡି.ଏନ୍.ଏ.)**

୨୦୧୯ ସାଧାରଣ ନିର୍ବାଚନରେ ମହାକାଳପଡା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଲଗାତର ୩ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ସେ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଥିଲେ। ଫଳରେ ଭୋଟର ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜୟ ମୁକୁଟ ପିନ୍ଧାଇଛନ୍ତି । ଚଳିତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରୁ ବିଜେଡି, ଭାଜପା, କଂଗ୍ରେସ, ବିଏସ୍‌ପି, ଏସ୍‌ପି ଓ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଏଥର ମହାକାଳପଡାରେ ଭାଜପା ଓ ବିଜେଡି ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ଅତନୁ ୯୩୧୯୭ ଖଣ୍ଡ ଭୋଟ ଅର୍ଥାତ ୫୧.୨୯ % ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଜୟ ପ୍ରଧାନ ୭୭୫୩୪ ଖଣ୍ଡ ଅର୍ଥାତ୍ ୪୨.୬୭% ଭୋଟ ପାଇ ପରାଜିତ ହୋଇଛନ୍ତି । ଜାତୀୟ କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା ୮୩୧୮ ଖଣ୍ଡ ଭୋଟ ଅର୍ଥାତ ୪.୫୮% ଭୋଟ ପାଇ ଅମାନତ ହରାଇଛନ୍ତି ।

# ରାଜନୀତିରେ ରାଜପରିବାର

**ଆଳି, ୨୪।୫ (ଡି.ଏନ୍.ଏ.)**

ପୂର୍ବତନ ମନ୍ତ୍ରୀ, ବିରୋଧୀ ଦଳ ନେତା, ପୂର୍ବତନ ଏମ୍‌ପି ରାଜା ସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ କନିଷ୍ଠ ପୁତ୍ର ପ୍ରତାପ କେଶରୀ ଦେବ ୨୦୦୦ ରେ ରାଜନୀତିରେ ପାଦ ଥାପିଥିଲେ। ସେହିବର୍ଷ ବିଜେଡି ଆଳି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ପ୍ରତାପଙ୍କୁ ଟିକେଟ ଦେଇଥିଲା। ସେତେବେଳେ କଂଗ୍ରେସ ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ଦୁଇଥର ବିଧାୟକ ହୋଇଥିବା ଦୋଳଗୋବିନ୍ଦ ନାୟକଙ୍କୁ ପ୍ରତାପ ୨୫ ହଜାରରୁ ଅଧିକ ଭୋଟରେ ପରାଜିତ କରିଥିଲେ। ରାଜ ପରିବାରର ହୋଇଥିଲେ ବି ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ଯୋଗୁ ଖୁବ୍ କମ ଦିନ ମଧ୍ୟରେ ସେ ଆଳିରେ ଲୋକପ୍ରିୟତା ହାସଲ କରିଥିଲେ। ୨୦୦୪ ଓ ୨୦୦୯ ନିର୍ବାଚନରେ ବି ପ୍ରତାପ ଦେବ ଆଳିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଖାଉଟି କଲ୍ୟାଣ, ଯୋଗାଣ ଓ ପ୍ରଯୁକ୍ତି ବିଦ୍ୟା ଓ ନିଯୁକ୍ତି ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କିଛିଦିନ ପାଇଁ କାର୍ଯ୍ୟ ମଧ୍ୟ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ଟିକେଟରେ ନିର୍ବାଚନ ଲଢିଥିଲେ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କଠାରୁ ପ୍ରତାପ ହାରିଯାଇଥିଲେ। ଏହାପରେ ତାଙ୍କୁ ବିଜେଡି ମୁଖପାତ୍ର, ହାଉସିଂବୋର୍ଡ ଚେୟାରମ୍ୟାନ ଓ ରାଜ୍ୟ ସଭା ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ଦେଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହାପରେ ପୁଣି ସଂଗଠନ ସୁଦୃଢ଼ କରିବା ପାଇଁ ଉଦ୍ୟମ କରିବା ସହ ୨୦୧୭ ପଞ୍ଚାୟତ ନିର୍ବାଚନରେ ଆଳି ନିର୍ବାଚନମଣ୍ଡଳୀରେ ବିଜେଡିକୁ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଚଳିତ ନିର୍ବାଚନ ତାଙ୍କ ପାଇଁ ଏକ ମାଇଲଖଣ୍ଟ ହୋଇରହିବ। ଆଳି ନିର୍ବାଚନ ମଣ୍ଡଳୀରେ ଏତେ ଭୋଟ ବ୍ୟବଧାନରେ ପୂର୍ବରୁ କେହି ଜିତି ନ ଥିବା ବେଳେ ସେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ୫୫ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରି ସେ ଚତୁର୍ଥ ଥର ପାଇଁ ବିଧାୟକ ହୋଇଛନ୍ତି।

ଆଳି ରାଜ ପରିବାରର ରାଜନୈତିକ ଇତିହାସକୁ ଦେଖିଲେ ଜଣାଯାଏ ଯେ, ୧୯୭୧ ମସିହାରେ ଆଳି ରାଜ ପରିବାରର ରାଜା ଶରତ କୁମାର ଦେବ ସ୍ୱତନ୍ତ୍ର ପାର୍ଟିରୁ ନିର୍ବାଚନ ଲଢି ପ୍ରଥମ ଥର ନିର୍ବାଚିତ ହୋଇଥିଲେ। ଏହାପରେ ୧୯୭୪, ୧୯୭୭ ଓ ୧୯୮୦ ମସିହାରେ ସେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୧ ମସିହାରୁ ୧୫ ବର୍ଷ ଧରି ବିଧାୟକ ହେବାପରେ ୧୯୮୫ ରେ କଂଗ୍ରେସ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକଙ୍କଠାରୁ ପରାସ୍ତ ହୋଇଥିଲେ ଶରତ କୁମାର ଦେବ। ଏହାପରେ ୧୯୯୦ରେ ଶରତ ଦେବଙ୍କ ସ୍ତ୍ରୀ ରାଜମାତା ସୁଶ୍ରୀଦେବୀ ଜନତା ଦଳରୁ ଲଢି ବିଜୟୀ ହୋଇଥିଲେ। ୧୯୯୫ ମସିହାରେ ପୁଣି ଦୋଳଗୋବିନ୍ଦ ନାୟକ କଂଗ୍ରେସ ଦଳରୁ ଲଢି ବିଜୟୀ ହୋଇଥିଲେ। ଏହାପରେ ରାଜନୀତିରେ ପାଦ ଥାପିଥିଲେ ରାଜା ଶରତ କୁମାର ଦେବ ଓ ରାଜମାତା ସୁଶ୍ରୀଦେବୀଙ୍କ ସାନପୁଅ ପ୍ରତାପ କେଶରୀ ଦେବ।

- ୧୯୭୧-୮୫ ବିଧାୟକ ଥିଲେ ଆଳି ରାଜା ଶରତ କୁମାର ଦେବ
- ୧୯୯୦ରେ ବିଧାୟକ ହେଲେ ଶରତ ଦେବଙ୍କ ସ୍ତ୍ରୀ ରାଜମାତା ସୁଶ୍ରୀଦେବୀ
- ୨୦୦୦ରେ ରାଜନୀତିରେ ପ୍ରବେଶ କଲେ ରାଜାଙ୍କ କନିଷ୍ଠ ପୁତ୍ର ପ୍ରତାପ ଦେବ


ନିର୍ବାଚନ ଜିତିବା ପରେ ଶୁକ୍ରବାର ବିଧାୟକ ପ୍ରତାପ ଦେବଙ୍କ ଶୋଭାଯାତ୍ରା।



“ ବିପୁଳ ବିଜୟ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫କ'କୁ ଉଚ୍ଛେଦ କରିପାରିବେ ନାହିଁ।

-ଫାରୁକ୍ ଅବ୍ଦୁଲ୍ଲା,
ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ





ନୂଆଦିଲ୍ଲୀସ୍ଥିତ ସାଉଥ୍‌ବ୍ଲକ୍‌ରେ କେନ୍ଦ୍ର କ୍ୟାବିନେଟ ବୈଠକ ଶେଷ ହେବା ପରେ ଫେରୁଛନ୍ତି କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ, ନୀତୀନ ଗଡ଼କରୀ ଓ ପ୍ରକାଶ ଜାଭଡେକର ।



ବେଙ୍ଗାଲୁରୁସ୍ଥିତ ଜେଡିଏସ୍ ମୁଖ୍ୟାଳୟରେ ବିଧାୟକ ଦଳ ବୈଠକରେ ଉପସ୍ଥିତ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା, କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଓ ଦଳର ରାଜ୍ୟ ସଭାପତି ବିଶ୍ୱନାଥ (ମଝି)।



ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ଜଗନ୍‌ମୋହନ ରେଡ୍ଡୀ ଦଳର ବିପୁଳ ବିଜୟ ପରେ ଗୁଣ୍ଟୁର ବାସଭବନରେ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

# ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୪।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମନ୍ତ୍ରୀ ପରିଷଦ ସହ ନିଜର ଇସ୍ତଫାପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ତେବେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ଲାଗି ସେ ମୋଦିଙ୍କୁ ଅନୁରୋଧ କରିଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ଜଣାପଡିଛି।

ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ପୁଣି ଥରେ କ୍ଷମତାକୁ ଫେରିଛି। ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ବୈଠକ ବସି ଷୋଡଶ ଲୋକସଭା ଭଙ୍ଗ ଲାଗି ସୁପାରିଶ କରାଯାଇଛି। ଏହା ପରେ କେନ୍ଦ୍ର ମନ୍ତ୍ରୀ ପରିଷଦ ବୈଠକ ବସି ସମସ୍ତ ସଦସ୍ୟ ସାମୂହିକ ଇସ୍ତଫା ଦେଇଛନ୍ତି। ସପ୍ତଦଶ ଲୋକସଭା ଜୁନ୍ ୩ ପୂର୍ବରୁ ଗଠନ କରାଯିବ। ତିନି ନିର୍ବାଚନ କମିଶନ ରାଷ୍ଟ୍ରପତିଙ୍କୁ ଭେଟି ନବନିର୍ବାଚିତ ଏମ୍‌ପିମାନଙ୍କ ତାଲିକା ପ୍ରଦାନ କରିବା ପରେ ନୂଆ ଲୋକ ସଭା ଗଠନ ପ୍ରକ୍ରିୟା ଆରମ୍ଭ ହେବ।

ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ପରିଷଦ ବୈଠକ ବସି ମୋଦିଙ୍କ ନେତୃତ୍ୱ ଏବଂ ଗତ ୫ ବର୍ଷରେ ତାଙ୍କ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ବର୍ତ୍ତମାନର ମୋଦି ସରକାର ୨୦୧୪ ମେ ୨୬ରେ ଶପଥ ଗ୍ରହଣ କରିଥିଲା।

# ନିଜ ହେଲିକପ୍ଟରକୁ ଖସାଇଥିଲା ଆଇଏଏଫ୍

ନୂଆଦିଲ୍ଲୀ,୨୪।୫

■ ୬ ଯବାନ ପ୍ରାଣ ହରାଇଥିଲେ

■ ନିର୍ବାଚନ ପାଇଁ ଚପାଇ ଦିଆଯାଇଥିଲା ଖବର



ପିଓକେର ବାଲାକୋଟ୍‌ରେ ଭାରତୀୟ ବାୟୁ ସେନାର ଏୟାର୍ ଷ୍ଟ୍ରାଇକ୍ ପରେ ସେନା ପରାକ୍ରମକୁ ଭାଜପା ନିର୍ବାଚନୀ ମୁଦ୍ଦା କରି ବିପୁଳ ବିଜୟ ହାସଲ କଲା। ଭାରତର ଅଖଣ୍ଡତା ଓ ଆତଙ୍କବାଦକୁ ନେଇ ସାଲିସ୍ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଭାଜପା ନେତାମାନେ ବିଭିନ୍ନ ନିର୍ବାଚନ ର୍‍ୟାଲିରେ କହି ଭୋଟରଙ୍କୁ ପ୍ରଭାବିତ କଲେ। ସେନାକୁ ନିର୍ବାଚନ ପ୍ରଚାରରେ ସାମିଲ କରିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଲେ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କଥା ମଧ୍ୟ ଉଠିଲା। ନିର୍ବାଚନ କମିଶନ ମଧ୍ୟ ଏଥିରୁ ବିରତ ରହିବାକୁ କହିଲେ। ହେଲେ ଶେଷ ପର୍ଯ୍ୟନ୍ତ ପ୍ରଚାରରେ ସେନାକୁ ସାମିଲ କରାଗଲା। ଭାଜପା ନେତୃତ୍ୱାଧୀନ ସରକାରରେ ସେନା ସଫଳତାକୁ ନେଇ ଡିଣ୍ଡିମ ପିଟାଯିବା ପରେ ବିପୁଳ ଜନାଦେଶ ସରକାର ସପକ୍ଷରେ ଆସିଲା। ହେଲେ ବାଲାକୋଟ ଆକ୍ରମଣ ବେଳେ ଘଟିଥିବା ସତକୁ ଲୁଚାଇ ରଖାଗଲା। ଯାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ବେଳେ ଏକ ଭାରତୀୟ ହେଲିକପ୍ଟରକୁ ଆଇଏଏଫ୍ ପକ୍ଷରୁ ଖସାଇ ଦିଆଯାଇଥିଲା। ଏଥିରେ ୬ ଭାରତୀୟ ଯବାନ ପ୍ରାଣ ହରାଇଥିଲେ। ଦୀର୍ଘ ଦିନ ପରେ ଏହା ଏବେ ଲୋକଲୋଚନକୁ ଆସିଛି। ଆଗକୁ ନିର୍ବାଚନ ଥିବାରୁ ଏହା ଫଳାଫଳକୁ ପ୍ରଭାବିତ କରିବ ଜାଣି ସର୍ବସମ୍ମୁଖକୁ ଅଣାଯାଇ ନ ଥିଲା। ଏବେ ଫଳ ଆସିବା ପରେ ସତ୍ୟ ଲୋକଲୋଚନକୁ ଆସିଛି। ତେବେ ପ୍ରଶ୍ନ ଉଠୁଛି ଏତେବଡ଼ ସତକୁ ଲୁଚାଯାଇଥିଲା କାହିଁକି? ଲୋକଙ୍କ ମାନସିକତା ଉପରେ ଏହା ଏକ ମସ୍ତ ବଡ଼ ଆଘାତ୍ ନୁହେଁ କି? ଏହା ସରକାରଙ୍କ ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରୁନି କି?

ଜମ୍ମୁ-କଶ୍ମୀରର

ପୁଲ୍‌ୱାମାରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ଆକ୍ରମଣ କରି ୪୦ରୁ ଉର୍ଦ୍ଧ୍ୱ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟାଇଥିବାବେଳେ ଏହାର ପ୍ରତିଶୋଧ ନେବା ଲାଗି ଭାରତୀୟ ବାୟୁସେନା ପକ୍ଷରୁ ଫେବୃୟାରୀ ୨୬ରେ ପିଓକେର ବାଲାକୋଟ୍‌ସ୍ଥିତ ଜେଇଏମ୍ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା। ଭାରତୀୟ ବାୟୁସେନା ପକ୍ଷରୁ ସେଠାରେ ଆକାଶମାର୍ଗରୁ ଘନଘନ ବୋମାମାଡ଼ କରାଯାଇଥିଲା। ସୀମାରେ ଯୁଦ୍ଧସମ ପରିସ୍ଥିତି ଦେଖାଦେଇଥିଲା। ତା' ପରଦିନ ଭାରତୀୟ ବାୟୁସେନା ପକ୍ଷରୁ ଏକ ମସ୍ତ ବଡ଼ ଭୁଲ ହୋଇଥିଲା। ଭାରତୀୟ ବାୟୁସେନା ଜମ୍ମୁ-କଶ୍ମୀରର ବଡ଼ଗାମ୍‌ଠାରେ ନିଜର ଏକ ହେଲିକପ୍ଟରକୁ ଶତ୍ରୁପକ୍ଷର ଭାବି ଖସାଇ ଦେଇଥିଲା। ଏଥିରେ ଥିବା ୬ ଭାରତୀୟ ଯବାନ ପ୍ରାଣ ହରାଇଥିଲେ। ହେଲେ ସେତେବେଳେ ଏହି ଖବରକୁ ଚପାଇ ଦିଆଯାଇଥିଲା। ରହସ୍ୟ ହୋଇ ରହିଥିବା ସତ୍ୟ ଏବେ ପଦାକୁ ଆସିବା ପରେ ପ୍ରତିକ୍ରିୟା ମଧ୍ୟ ବଢ଼ିବାରେ ଲାଗିଛି। ଏବେ ଭାରତୀୟ ବାୟୁସେନାର ଅଧିକାରୀଙ୍କୁ ଏଥିଲାଗି ଦାୟୀ କରାଯାଇ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବା କଥା ଉଠୁଛି। ବିଭିନ୍ନ ଗଣମାଧ୍ୟମରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବିବାଦ ସତ୍ତ୍ୱେ ବିଜୟୀ



ପ୍ରଜ୍ଞା ସିଂ ଠାକୁର



ଆଜମ୍ ଖାନ୍

ନୂଆଦିଲ୍ଲୀ,୨୪।୫(ପି.ଟି.)

ନିର୍ବାଚନ ପ୍ରଚାର ବେଳେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଭାଜପା ପ୍ରାର୍ଥୀ ପ୍ରଜ୍ଞାସିଂ ଠାକୁର ଏବଂ ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ସେମାନଙ୍କ ଆସନରୁ ବିଜୟୀ ହୋଇଛନ୍ତି। ବିବାଦୀୟ ମନ୍ତବ୍ୟ ଏବଂ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଲାଗି ଏହି ନେତାମାନଙ୍କ ବିରୋଧରେ ଇସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ମାଲେଗାଓଁ ବିସ୍ଫୋରଣ ଅଭିଯୁକ୍ତ ପ୍ରଜ୍ଞା ଠାକୁର ମଧ୍ୟପ୍ରଦେଶର ଭୋପାଳ ଆସନରୁ ୩,୬୪,୮୨୨ ଭୋଟ ବ୍ୟବଧାନରେ ଜିତିଛନ୍ତି। ସେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କୁ ହରାଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହି ପ୍ରଜ୍ଞା ଚର୍ଚ୍ଚାକୁ ଆସିଥିଲେ। ଏହା ପୂର୍ବରୁ ସେ ୨୬/୧୧ ମୁମ୍ବାଇ ଆକ୍ରମଣରେ ଶହୀଦ ହୋଇଥିବା ଆଇପିଏସ୍ ଅଫିସର ହେମନ୍ତ କର୍‌କରେଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇ କ୍ଷମା ମାଗିଥିଲେ। ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା ଏସ୍‌ପି ପ୍ରାର୍ଥୀ ଆଜମ୍ ଖାନ୍ ରାମପୁର ଆସନରୁ ଲକ୍ଷେରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପ୍ରଚାର ବେଳେ ସେ ଭାଜପା ପ୍ରାର୍ଥୀ ତଥା ଅଭିନେତ୍ରୀ ଜୟାପ୍ରଦାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ସେହିପରି ଆଉ ଜଣେ ବିବାଦୀୟ ନେତା ଭାଜପାର ଗିରିରାଜ ସିଂ ବେଗୁସରାଇ ଆସନରୁ ୪,୨୨,୨୧୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପାର ନଳୀନ କୁମାର କାଟିଲ କର୍ନାଟକର ଦକ୍ଷିଣ କନ୍ନଡ ଆସନରୁ ବିଜୟୀ ହୋଇଛନ୍ତି। ଗଡ୍‌ସେଙ୍କୁ ନେଇ ଟୁଇଟ୍ କରିଥିବା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାର ହେଗ୍‌ଡେ ମଧ୍ୟ ନିର୍ବାଚନ ଜିତିଛନ୍ତି। ଏକାଧିକ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପାର ଯୁବନେତା ତେଜସ୍ୱୀ ସୂର୍ଯ୍ୟ ବେଙ୍ଗାଲୁରୁ ଆସନରୁ ବିଜୟୀ ହୋଇଛନ୍ତି। ବାଲାକୋଟକୁ ନେଇ ବିବାଦୀୟ ବୟାନ ଦେଇଥବା ବଲିଉଡ ଅଭିନେତା ସନି ଦେଓଲ ଗୁର୍‌ଦାସପୁର ଆସନରୁ ଜିତିଛନ୍ତି।

# ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ଜିତ୍

ନୂଆଦିଲ୍ଲୀ,୨୪।୫



ଏମ୍‌ପି, ଛତିଶଗଡ଼ ଓ ରାଜସ୍ଥାନରେ ୫ ମାସ ତଳେ ସରକାର ଗଢ଼ିଥିଲା କଂଗ୍ରେସ

ଦେଶର ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପା ଜବରଦସ୍ତ ବିଜୟ ହାସଲ କରିଛି। ଏହି ୩ ରାଜ୍ୟରେ ମୋଟ ୬୫ରୁ ୬୧ ଆସନ ଜିତିବାରେ ଭାଜପା ସକ୍ଷମ ହୋଇଛି। ଗତ ୫ ମାସ ତଳେ କଂଗ୍ରେସ ଏହି ରାଜ୍ୟରେ ବିପୁଳ ବିଜୟ ହାସଲ କରିବା ସହ ସରକାର ଗଠନ କରିଥିଲା।

ସାଧାରଣ ନିର୍ବାଚରେ ଦଳକୁ ଏମ୍‌ପିରେ ୨୯ରୁ ୨୮ ଆସନ ମିଳିଥିବାବେଳେ ଛତିଶଗଡ଼ରେ ୧୧ରୁ ୯ ଓ ରାଜସ୍ଥାନରେ ୨୫ରୁ ୨୪ ଆସନ ମିଳିଛି। ଏହି ରାଜ୍ୟଗୁଡ଼ିକରେ ଯଦିଓ କଂଗ୍ରେସ ଭାଜପାର ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଛି ତଥାପି ଦଳକୁ ୨୦୧୪ ଭଳି ମାତ୍ର ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏମ୍‌ପିର ଛିନ୍ଦ୍‌ୱାଡ଼ା ଆସନରେ କଂଗ୍ରେସ ବିଜୟୀ ହୋଇଛି। ସେହିଭଳି ଛତିଶଗଡ଼ରେ କଂଗ୍ରେସ ବସ୍ତର୍ ଓ କୋର୍ବା ଆସନ ହାତେଇବାରେ ସଫଳ ହୋଇଛି। ରାଜସ୍ଥାନରେ ଦଳ ପୂରା ଚିତ୍‌ପଟାଙ୍ଗ ମାରିଛି। ଗୋଟିଏ ବି ଆସନ ଏଠି କଂଗ୍ରେସ ପକେଟ୍‌କୁ ଯାଇନାହିଁ।

# ଶପଥ ନେଲେ ୪ ନୂଆ ବିଚାରପତି

ନୂଆଦିଲ୍ଲୀ,୨୪।୫(ପି.ଟି.)





ସୁପ୍ରିମକୋର୍ଟର ୪ ନୂଆ ବିଚାରପତି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସେମାନଙ୍କୁ ଶପଥ ପାଠ କରାଇଥିଲେ। ୪ ନୂଆ ବିଚାରପତିଙ୍କ ସହ ସର୍ବୋଚ୍ଚ ଅଦାଲତ ବିଚାରପତିଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। କୋର୍ଟ ନମ୍ବର ୧ରେ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ ସିଜେଆଇ ନୂତନ ବିଚାରପତି ଭାବେ ଜଷ୍ଟିସ ବି.ଆର୍. ଗାଭାଇ, ସୂର୍ଯ୍ୟ କାନ୍ତ, ଅନିରୁଦ୍ଧ ବୋଷ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ଶପଥ ପାଠ କରାଇଥିଲେ। ସେମାନଙ୍କ ନିଯୁକ୍ତି ସମ୍ପର୍କରେ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଜ୍ଞପ୍ତି ଜାରି କରିଥିଲେ। ଫଳରେ ୨୦୦୮ ପରେ ପ୍ରଥମ ଥର ସୁପ୍ରିମକୋର୍ଟରେ ସମସ୍ତ ୩୧ ବିଚାରପତି ପଦ ପୂରଣ ହୋଇଛି। ପୂର୍ବରୁ ସରକାର ଜଷ୍ଟିସ ବୋଷ ଏବଂ ବୋପାନ୍ନାଙ୍କ ନାଁକୁ ପୁନର୍ବିଚାର ଲାଗି ସୁପ୍ରିମକୋର୍ଟ କଲେଜିୟମକୁ ଫେରାଇଦେଇଥିଲେ। ଗତ ୮ ତାରିଖରେ ୫ସଦସ୍ୟବିଶିଷ୍ଟ କଲେଜିୟମ ବୈଠକ ବସି ସେମାନଙ୍କ ନାଁକୁ ପୁନର୍ବାର ସୁପାରିସ କରାଯାଇଥିଲା।

# ବିଶ୍ୱ ନେତାଙ୍କୁ ଧନ୍ୟବାଦ ଜଣାଇଲେ ମୋଦି

ନୂଆଦିଲ୍ଲୀ,୨୪।୫(ପି.ଟି.)

ଲୋକ ସଭା ନିର୍ବାଚନରେ ଭାଜପାର ବୃହତ୍ ବିଜୟ ପାଇଁ ଅଭିନନ୍ଦନ ବାର୍ତ୍ତା ପଠାଇଥିବା ବିଶ୍ୱ ନେତା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ଜଣାଇଛନ୍ତି। ଏହି କ୍ରମରେ ସେ ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡେଉ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋଁ, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ନାଇଜେରିଆ ରାଷ୍ଟ୍ରପତି ମହମଦୁ ବୁହାରି ଏବଂ ଅନ୍ୟମାନଙ୍କୁ ସେମାନଙ୍କ ଅଭିନନ୍ଦନ ବାର୍ତ୍ତା ଲାଗି ବଧେଇ ଜଣାଇଛନ୍ତି।

## ଆଜି ସିଡବ୍ଲ୍ୟୁସି ବୈଠକ
# ରାହୁଲ ଦେଇପାରନ୍ତି ଇସ୍ତଫା

ନୂଆଦିଲ୍ଲୀ,୨୪।୫(ପି.ଟି.)

ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ବସୁଛି। ଏହି ବୈଠକରେ ଦଳର ପରାଜୟକୁ ନେଇ ସମୀକ୍ଷା କରାଯିବ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ବୈଠକରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଯୋଗଦେବା ଆଶା କରାଯାଉଛି। ତେବେ ସିଡବ୍ଲ୍ୟୁସି ବୈଠକ ପୂର୍ବରୁ କଂଗ୍ରେସରେ ଇସ୍ତଫାର ସୁଅ ଆରମ୍ଭ ହୋଇଯାଇଛି। ପରାଜୟ ପାଇଁ ନିଜକୁ ଦାୟୀ କରି କେତେକ ନେତା ସେମାନଙ୍କ ଇସ୍ତଫାପତ୍ର ଦଳ ହାଇକମାଣ୍ଡଙ୍କ ପାଖକୁ ପଠାଇଦେଇଛନ୍ତି।

## ୟୁପିରେ ବହୁ ଷ୍ଟାର୍ ପ୍ରାର୍ଥୀଙ୍କ ପରାଜୟ
# ତାଲିକାରେ ରାଜ୍ ବାବର୍, ଜୟାପ୍ରଦା

ଲକ୍ଷ୍ନୌ,୨୪।୫

ଉତ୍ତର ପ୍ରଦେଶରେ ବହୁ ଷ୍ଟାର୍ ପ୍ରାର୍ଥୀଙ୍କ ମେଳି ନିର୍ବାଚନ ବେଳେ ଦେଖିବାକୁ ମିଳିଥିଲା। ହେଲେ ଏମାନଙ୍କ ମଧ୍ୟରୁ ୨ ଜଣ ବିଜୟ ଲାଭ କରିଥିବାବେଳେ ଅନ୍ୟ ସମସ୍ତ ପ୍ରାର୍ଥୀ ପରାଜୟ ବରଣ କରିଥିଲେ। କେବଳ ଭେଟେରାନ୍ ଓ୍ୱଲିଉଡ ଅଭିନେତ୍ରୀ ହେମା ମାଳିନୀ ଓ ଭୋଜପୁରୀ ଷ୍ଟାର ରବି କିଶନ ବିଜୟୀ ହୋଇଥିବାବେଳେ ୟୁପି କଂଗ୍ରେସ ମୁଖ୍ୟ ତଥା ବଲିଉଡର ଭେଟେରାନ୍ ଅଭିନେତା ରାଜ ବାବର, ଅଭିନେତ୍ରୀ ଜୟାପ୍ରଦା ପ୍ରମୁଖ ପରାଜୟ ବରଣ କରିଥିଲେ। ମଥୁରାରେ ହେମା ମାଳିନୀ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ଆର୍‌ଜେଡ଼ି ପ୍ରାର୍ଥୀ କୁଅଁର ନରେନ୍ଦ୍ର ସିଂଙ୍କୁ ପରାସ୍ତ କରି ବିଜୟୀ ହୋଇଥିବାବେଳେ ରବି କିଶନ ଗୋରଖପୁର ଆସନରେ ଏସ୍‌ପି ପ୍ରାର୍ଥୀ ଆର୍.ଏମ୍. ନିସାଦଙ୍କୁ ପ୍ରାୟ ୩ ଲକ୍ଷ ଭୋଟରେ ହରାଇ ବିଜୟଲାଭ କରିଛନ୍ତି। ତେବେ ମୋଦି ହାୱା ସତ୍ତ୍ୱେ ରାମପୁରରେ ଜୟାପ୍ରଦା ଆଜମ୍ ଖାନ୍‌ଙ୍କଠାରୁ ପରାଜୟ ବରଣ କରିଛନ୍ତି। ଭୋଜପୁରୀ ଷ୍ଟାର ଦୀନେଶ ଯାଦବ ମଧ୍ୟ ବିଜୟୀ ହେବାରେ ସଫଳ ହୋଇନାହାନ୍ତି। ଫତେହପୁର ସିକ୍ରିରେ କଂଗ୍ରେସ ପ୍ରଦେଶ ମୁଖ୍ୟ ରାଜ ବାବର ଭାଜପା ପ୍ରାର୍ଥୀ ରାଜକୁମାର ଚହରଙ୍କଠାରୁ ପ୍ରାୟ ୪.୯ ଲକ୍ଷ ଭୋଟ ବ୍ୟବଧାନରେ ହାରିଛନ୍ତି। ପୂର୍ବତନ ଅଭିନେତ୍ରୀ ପୁନମ୍ ସିହ୍ନା ମଧ୍ୟ ପରାଜୟ ବରଣ କରିଛନ୍ତି।





# ଆଡଭାନୀ, ଜୋଷୀଙ୍କୁ ଭେଟିଲେ ମୋଦି, ଶାହ

ନୂଆଦିଲ୍ଲୀ,୨୪।୫(ପି.ଟି.)



ଭାଜପାର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀଙ୍କୁ ସାକ୍ଷାତ କରି ସେମାନଙ୍କ ଆଶୀର୍ବାଦ ନେଇଛନ୍ତି। ଶାହଙ୍କ ସହ ମୋଦି ଆଡଭାନୀଙ୍କ ବାସଭବନରେ ପହଞ୍ଚି ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ସହ କିଛି ସମୟ କଥା ହୋଇଥିଲେ। ଆଡଭାନୀଙ୍କ ଭଳି ମହାନ୍ ନେତାମାନେ ଦଳ ଗଢ଼ିବା ସହ ଦଳୀୟ ନୀତି ଆଦର୍ଶ ପ୍ରଣୟନ କରିଥିଲେ। ସେମାନଙ୍କ ପାଇଁ ଆଜି ଭାଜପାକୁ ବଡ଼ ସଫଳତା ମିଳିପାରିଛି ବୋଲି ମୋଦି ଟ୍ୱିଟ୍ କରିଛନ୍ତି। ଭାଜପାର ଅଭୂତପୂର୍ବ ବିଜୟ ଲାଗି ଆଡଭାନୀ ଗୁରୁବାର ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଅମିତ୍ ଶାହଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ଶ୍ରେୟ ଦେଇଥିଲେ। ଆଡଭାନୀଙ୍କୁ ଭେଟିବା ପରେ ଉଭୟ ମୋଦି ଓ ଶାହ ଜୋଷୀଙ୍କ ଘରକୁ ଯାଇଥିଲେ। ଜୋଷୀ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୋଦି ଜୋଷୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଭାରତୀୟ ଶିକ୍ଷାର ବିକାଶରେ ଶିକ୍ଷାବିତ୍ ଡ. ଜୋଷୀଙ୍କର ଉଲ୍ଲେଖନୀୟ ଭୂମିକା ରହିଥିବା ମୋଦି ଅନ୍ୟ ଏକ ଟ୍ୱିଟ୍ କରିଛନ୍ତି। ଦଳକୁ ଯାଦୁକରି ବିଜୟ ଦେବାରେ ଉଭୟ ମୋଦି ଓ ଶାହ ମହାନ୍ କାର୍ଯ୍ୟ କରିଛନ୍ତି ବୋଲି ଜୋଷୀ ଗଣମାଧ୍ୟମକୁ କହିଛନ୍ତି।

## ସଂକ୍ଷେପରେ

### ଫଳାଫଳ ପରେ ରାଜ୍ୟବାସୀଙ୍କୁ ଭାଜପାର କୃତଜ୍ଞତା

ଭୁବନେଶ୍ୱର,୨୪।୫(ବ୍ୟୁରୋ): ନିର୍ବାଚନ ଶେଷ ହୋଇଯାଇଛି। ରାଜ୍ୟବାସୀ ଲୋକ ସଭା ଏବଂ ବିଧାନସଭା ପାଇଁ ଦଳକୁ ଯେଉଁ ମତଦାନ ଦେଇଛନ୍ତି ସେଥିପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଓଡିଶାବାସୀ ଭାଜପାର ୮ଟି ଲୋକ ସଭା ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ଜିତାଇବା ଅଭୂତପୂର୍ବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ୨୦୧୪ ନିର୍ବାଚନରେ ଭାଜପାର ଏକ ମାତ୍ର ଏମ୍‌ପି ଭାବେ ଜୁଏଲ ଓରାମ ଜିତିଥିଲେ। ଏହି ନିର୍ବାଚନରେ ଅଧିକ ୭ଜଣ ଭାଜପାର ଏମ୍‌ପି ପ୍ରାର୍ଥୀ ବିଜୟୀ ହେଲେ। ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରରେ ଭାଜପା ସରକାର ଗଠନ କରିବାରେ ରାଜ୍ୟବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକ ସଭାରେ ଭାଜପା ୯୧ ଲକ୍ଷ ଭୋଟ ପାଇଛି, ଏହା ମୋଟ୍ ମତଦାନର ୩୮.୫ ପ୍ରତିଶତ। ବିଜେଡି ୧ କୋଟି ୧ ଲକ୍ଷ ଭୋଟ ପାଇଛି। ୨୦୧୪ରେ ଭାଜପାକୁ ୫୦ ଲକ୍ଷରୁ କମ୍ ଭୋଟ ମିଳିଥିଲା। ଭାଜପା ୨୩ ବିଧାନସଭା ଆସନରେ ଜିତି ୭୬ ଲକ୍ଷ ଭୋଟ ପାଇଛି, ଏହା ମୋଟ୍ ମତଦାନର ୩୨.୫ ପ୍ରତିଶତ। ଲୋକ ସଭା ନିର୍ବାଚନରେ କଂଗ୍ରେସର ଭୋଟ ହାର ୧୪ ଓ ବିଧାନସଭାରେ ୧୬ ପ୍ରତିଶତ ରହିଛି। ଫଳରେ ଏହାର ଭୋଟ ତଳକୁ ଖସିଯାଇଛି। କଂଗ୍ରେସକୁ ରାଜ୍ୟବାସୀ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ଓଡିଶାବାସୀ ରାଜ୍ୟରେ ଭାଜପାକୁ ମୁଖ୍ୟ ବିରୋଧୀ ଦଳ ଦାୟିତ୍ୱ ଦେଇଛନ୍ତି। ଏହି ଜନାଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସହ ଭାଜପା ଦାୟିତ୍ୱସମ୍ପନ୍ନ ବିରୋଧୀ ଭୂମିକା ନିର୍ବାହ କରିବ ବୋଲି ସମୀର କହିଛନ୍ତି।

### ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

**ଢେଙ୍କାନାଳ ଅଫିସ, ୨୪।୫:** ଢେଙ୍କାନାଳ ଜିଲା ସଦର ରେଞ୍ଜ ଅଧୀନ ବଳରାମପୁର ଗ୍ରାମରେ ଦନ୍ତା ଆତଙ୍କ ଦେଖାଦେଇଛି। ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରେନ୍ଦ୍ର ପରିଡ଼ା (୬୫)। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୁରେନ୍ଦ୍ର ସାଇକେଲ ଧରି କାଜୁ ବଗିଚାକୁ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେବା ସହ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାପାଇ ଗ୍ରାମବାସୀ, ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀ ଘଉଡ଼ାଇବା ଦିଗରେ ବନ ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଚାପା ଉତ୍ତେଜନା ଦେଖାଦେଇଛି। ଏ ନେଇ ରେଞ୍ଜର ମନୱର ଖାଁ କୁହନ୍ତି, ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ହଜାର ଟଙ୍କା ସହାୟତା ଦିଆଯାଇଛି। ଅଞ୍ଚଳକୁ ପଶି ଆସିଥିବା ହାତୀପଲ ଉପରେ ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

# ରାଜ ପରିବାରକୁ ଝଟକା

- ବହୁ ନେତା ତୃତୀୟ ସ୍ଥାନରେ
- ଜିତିଲେ ସଙ୍ଗୀତା, ପ୍ରତାପ, ନୀତେଶ, ଉଷା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)


କଳିକେଶ ନାରାୟଣ ସିଂଦେଓ


ଅର୍କେଶ ନାରାୟଣ ସିଂଦେଓ


କନକବର୍ଦ୍ଧନ ସିଂଦେଓ


ପୁଷ୍ପେନ୍ଦ୍ର ସିଂଦେଓ

ରାଜନୀତିରେ ଓଡ଼ିଶା ରାଜ ପରିବାରର ସକ୍ରିୟ ଅଂଶଗ୍ରହଣ ରହିଆସିଛି। ବଲାଙ୍ଗୀର ଜିଲା ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ସେହିପରି କେନ୍ଦ୍ରାପଡା ଜିଲା ଆଳିର ରାଜା ସାହେବ ଶରତ କୁମାର ଦେବ ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ନେତା ମଧ୍ୟ ହୋଇଥିଲେ। ଢେଙ୍କାନାଳ ରାଜ ପରିବାର ସଦସ୍ୟ କେ.ପି. ସିଂଦେଓ ଅତୀତରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ହୋଇପାରିଛନ୍ତି। ପ୍ରତିଥର ଅନେକ ରାଜ ପରିବାର ସଦସ୍ୟଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ଦେଖିବାକୁ ମିଳିଥାଏ। ରାଜ୍ୟରେ ଚଳିତ ନିର୍ବାଚନରେ ଏକାଧିକ ରାଜ ପରିବାରର ସଦସ୍ୟ ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରାସ୍ତ ହୋଇଛନ୍ତି। ଏହା ରାଜ୍ୟ ରାଜନୀତିରେ ରାଜ ପରିବାର ପ୍ରତି ଭୋଟରଙ୍କ ବିମୁଖତାକୁ ଦର୍ଶାଉଥିବା ସମୀକ୍ଷକମାନେ କହିଛନ୍ତି।

ବଲାଙ୍ଗୀର ସଂସଦୀୟ କ୍ଷେତ୍ରରୁ ଲଗାତର ଦୁଇ ଥର(୨୦୦୯,୨୦୧୪) ବିଜୟ ହାସଲ କରିଥିବା କଳିକେଶ ନାରାୟଣ ସିଂଦେଓ ଚଳିତ ନିର୍ବାଚନରେ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ୧୯,୫୧୬ ଭୋଟରେ ପରାଜିତ ହୋଇଛନ୍ତି। ତାଙ୍କ ଭାଉଜ ତଥା ଭାଜପା ନେତ୍ରୀ ସଙ୍ଗୀତା ସିଂଦେଓ ଚତୁର୍ଥଥର ପାଇଁ ସେହି ଆସନରୁ ବିଜୟୀ ହୋଇଛନ୍ତି। ପୂର୍ବରୁ ସଙ୍ଗୀତା ୧୯୯୮, ୧୯୯୯ ଏବଂ ୨୦୦୪ରେ ବିଜୟୀ ହୋଇଥିଲେ। କଳିକେଶଙ୍କ ସାନ ଭାଇ ଅର୍କେଶ ନାରାୟଣ ସିଂଦେଓ ଚଳିତ ନିର୍ବାଚନରେ ପ୍ରଥମ କରି ବଲାଙ୍ଗୀର ବିଧାନସଭା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ହେଲେ ଅର୍କେଶ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ୫,୩୪୧ ଭୋଟରେ ପରାଜିତ ହୋଇଛନ୍ତି। ବଡଭାଇ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ସଂସଦୀୟ କ୍ଷେତ୍ରରୁ ପରାଜିତ ହୋଇଥିବା ବେଳେ ଅର୍କେଶଙ୍କ ପରାଜୟ ରାଜ ପରିବାରକୁ ଶକ୍ତ ଝଟକା ଦେଇଛି।

ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ୧୯୯୫ରୁ ଲଗାତର ବିଜୟ ହାସଲ କରିଆସିଥିବା ପାଟଣା ମହାରାଜା କନକ ବର୍ଦ୍ଧନ ସିଂଦେଓ ଚଳିତ ନିର୍ବାଚନରେ ଯୁବ ପ୍ରାର୍ଥୀ ବିଜେଡିର ସରୋଜ ମେହେରଙ୍କଠାରୁ ୧୧,୦୨୮ ଭୋଟରେ ହାରିଯାଇଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ ବିଧାନ ସଭା କ୍ଷେତ୍ରରେ ଚଳିତ ଥର କଳାହାଣ୍ଡି ରାଜ ପରିବାରର ଅନନ୍ତ ପ୍ରତାପ ଦେଓ ଭାଜପା ଟିକେଟରୁ ଲଢି ୧୬,୦୯୮ ଭୋଟରେ ପରାସ୍ତ ହୋଇଛନ୍ତି। ଦେବଗଡ଼ ବିଧାନସଭା କ୍ଷେତ୍ରରୁ ଏକାଧିକ ଥର ବିଜୟୀ ହୋଇଥିବା ଦେବଗଡ ରାଜ ପରିବାରର ନୀତେଶ ଗଙ୍ଗଦେବ ଚଳିତ ଥର ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି।

ଜୟପାଟଣା ରାଜ ପରିବାରର ପୁଷ୍ପେନ୍ଦ୍ର ସିଂଦେଓ ଚଳିତ ଥର କଳାହାଣ୍ଡି ସଂସଦୀୟ କ୍ଷେତ୍ରରୁ ଲଢି ୨୬,୮୧୪ ଭୋଟରେ ପରାସ୍ତ ହୋଇଛନ୍ତି। ପୂର୍ବରୁ ସେ ଧର୍ମଗଡ ବିଧାନସଭା କ୍ଷେତ୍ରରୁ ଏକାଧିକ ଥର ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ଢେଙ୍କାନାଳ ରାଜ ପରିବାରର କାମାକ୍ଷା ପ୍ରସାଦ ସିଂଦେଓ ଏକାଧିକ ଥର ଲୋକ ସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିଛନ୍ତି। ଏପରି କି ସେ ୨୦୦୯ ନିର୍ବାଚନ ପୂର୍ବରୁ ପିସିସି ସଭାପତି ମଧ୍ୟ ରହିଥିଲେ। ହେଲେ ଚଳିତ ନିର୍ବାଚନରେ ସେ ଢେଙ୍କାନାଳ କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚନ ଲଢି ଅମାନତ ରକ୍ଷା କରିପାରି ନାହାନ୍ତି।

ପାରଳାଖେମୁଣ୍ଡି ବିଧାନ ସଭା କ୍ଷେତ୍ରରୁ ଚଳିତ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିବା ପାରଳା ମହାରାଣୀ କଲ୍ୟାଣୀ ଗଜପତି ବିଜେଡି ପ୍ରାର୍ଥିନୀ ହୋଇ ପରାସ୍ତ ହୋଇଛନ୍ତି। ସେ ମାତ୍ର ୨୬,୬୧୧ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲା ନୀଳଗିରିର ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ସ୍ତ୍ରୀ ମନୋଜ ମଞ୍ଜରୀ ଦେବୀ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଛନ୍ତି। ସେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ତୁଳନାରେ ବହୁ କମ୍ ଭୋଟ (୧୨,୩୭୨)ପାଇ ତୃତୀୟ ସ୍ଥାନରେ ରହିଛନ୍ତି। କଳାହାଣ୍ଡି ଜିଲା କର୍ଲାପାଟ ରାଜ ପରିବାରର ଅନିଲ ସିଂଦେଓ ଜୁନାଗଡ ବିଧାନସଭାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି। ସେ ମଧ୍ୟ ତୃତୀୟ ସ୍ଥାନରେ(୩୨,୨୨୪ ଭୋଟ୍) ରହିଛନ୍ତି। ଧରାକୋଟ ରାଣୀ ତଥା ବିଧାୟିକା ନନ୍ଦିନୀ ଦେବୀ ପୁଣି ଥରେ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରରୁ କଂଗ୍ରେସ ନେତା ରମେଶ ଜେନାଙ୍କ ଠାରୁ ୨୩,୭୨୭ ଭୋଟରେ ପରାସ୍ତ ହୋଇଛନ୍ତି। କେନ୍ଦ୍ରାପଡା ଜିଲାର ଆଳିରୁ ରାଜ ପରିବାର ସଦସ୍ୟ ପ୍ରତାପ ଦେବ ଏବଂ ଗଞ୍ଜାମ ଜିଲା ଚିକିଟି ରାଣୀ ଉଷା ଦେବୀ ଚଳିତ ଥର ବିଜୟୀ ହେବାରେ ସଫଳ ହୋଇଛନ୍ତି।

## ଐତିହାସିକ ବିଜୟ, ତଥାପି ମନଉଣା

ବଇଣ୍ଡା, ୨୪।୫(ଡି.ଏନ.ଏ.)


ଆଠମଲ୍ଲିକ ଉପଜିଲାପାଳଙ୍କଠାରୁ ରମେଶ ଚନ୍ଦ୍ର ସାଏ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

ବିଜୟ ବାସ୍ନା ପାଉ ପାଉ ଅନେକ ପ୍ରାର୍ଥୀ ଉତ୍ସବ ଆୟୋଜନରେ ଲାଗିପଡ଼ନ୍ତି। ଫୁଲ, ତେଲ, ବାଜା, ବାଣ ଆଦି ପାଇଁ ଆଗୁଆ ବରାଦ ଦେଇଦିଅନ୍ତି। ଆଉ ବିଜୟୀ ଘୋଷିତ ହେବାମାତ୍ରେ ସେଲିବ୍ରେସନ ଆରମ୍ଭ ହୋଇଯାଏ ଶୋଭାଯାତ୍ରାରୁ। ହେଲେ ଏକ ଐତିହାସିକ ବିଜୟ ପାଇଥିଲେ ବି ଆଠମଲ୍ଲିକରୁ ନବ ନିର୍ବାଚିତ ବିଜେଡି ବିଧାୟକ ରମେଶ ଚନ୍ଦ୍ର ସାଏ ଉତ୍ସବ ପାଳନ ବଦଳରେ ମନଉଣା କରିଥିବା ଏବେ ଚାରିଆଡ଼େ ଚର୍ଚ୍ଚା। କାରଣ ବି ନିଆରା। ତାଙ୍କ ରାଜନୈତିକ ଜୀବନ ଓ ବିଜୟରେ ପ୍ରମୁଖ ଭୂମିକା ନେଇଥିବା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀ ପ୍ରଧାନ ନିର୍ବାଚନରେ ପରାଜିତ ହୋଇଥିବାରୁ ସାଏ ଉତ୍ସବ ପାଳନରୁ ବିରତ ରହିଥିବା କର୍ମୀଙ୍କ ମହଲରେ ଜୋରଦାର ଆଲୋଚନା ହେଉଛି।

ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଛି ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ। ପୂର୍ବରୁ ଏଠାରେ ବିଧାୟକ ଥିବା ବିଜେଡିର ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କୁ ଦଳ ଏଥର ଟିକେଟ୍ ଦେଇ ନ ଥିଲା। ତାଙ୍କ ବଦଳରେ କଟକ ମହାନଗର ନିଗମ କମିଶନର ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ସାଏଙ୍କୁ ବିଜେଡି ଆଠମଲ୍ଲିକରୁ ପ୍ରାର୍ଥୀ କରିଥିଲା। ତେବେ ସରକାରୀ ଉଚ୍ଚ ପଦବୀ ଛାଡ଼ିବାଠାରୁ ଆରମ୍ଭ କରି ବିଧାୟକ ନିର୍ବାଚିତ ହେବା ଯାଏ ତାଙ୍କ ରାଜନୈତିକ ଯାତ୍ରା ପଛରେ ନଳିନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରି କି ଦଳର ରାଜ୍ୟ ସଭାପତି ଏକାଦିନେ ଉଭୟଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଘୋଷଣା ବି କରିଥିଲେ। ସେବେଠାରୁ ଦୁହେଁ ଏକାଠି ନିର୍ବାଚନ ପ୍ରଚାର କରୁଥିଲେ। ଆଠମଲ୍ଲିକ ଅଞ୍ଚଳରେ ନଳିନୀ ନିଜ ପାଇଁ ଭୋଟ ମାଗିବା ସହ ସାଏଙ୍କ ନିମନ୍ତେ ମଧ୍ୟ ଭୋଟରଙ୍କୁ ଅନୁରୋଧ କରୁଥିଲେ। ହେଲେ ଗୁରୁବାର ପ୍ରକାଶିତ ଫଳାଫଳ ସାଏଙ୍କ ସପକ୍ଷରେ ଯାଇଛି। ସେ ୪୭,୧୩୫ ଖଣ୍ଡ ଭୋଟରେ ଭାଜପାର ଭାଗୀରଥି ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ଆଠମଲ୍ଲିକ ନିର୍ବାଚନ ଇତିହାସରେ ଏତେ ବଡ଼ ବ୍ୟବଧାନରେ କେବେ ବି କୌଣସି ପ୍ରାର୍ଥୀ ବିଜୟୀ ହୋଇ ନ ଥିଲେ। ହେଲେ ସାଏ ଏପରି ଏକ ଐତିହାସିକ ବିଜୟ ପାଇ ଆଠମଲ୍ଲିକ ଇତିହାସରେ ନୂତନ ଫର୍ଦ୍ଦ ଯୋଡିଛନ୍ତି। ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁବାସ ଚନ୍ଦ୍ର ରାୟଙ୍କଠାରୁ ସାଏ ପ୍ରମାଣପତ୍ର ଗ୍ରହଣ କରିସାରିଛନ୍ତି। ସ୍ତ୍ରୀ ଲିନା ସାଏ ଓ ଆଠମଲ୍ଲିକ ବିଜେଡି ବ୍ଲକ ସଭାପତି ମହେଶ୍ୱର ଦେହୁରୀଙ୍କ ଉପସ୍ଥିତିରେ ସାଏ ପ୍ରମାଣପତ୍ର ନେଇ ବିନା ଆଡମ୍ବରରେ ଫେରି ଯାଇଥିଲେ। ନଳିନୀଙ୍କ ପରାଜୟର ଗ୍ଲାନି ସାଏଙ୍କୁ ଘରିଥିବାରୁ ବିଜୟ ଉତ୍ସବ ପାଳନ ନ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

### ଲାଞ୍ଚ: ପୂର୍ବତନ ସିଡିପିଓଙ୍କୁ ଜେଲ୍‌ଦଣ୍ଡ

କଟକ ଅଫିସ, ୨୪।୫

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକର ପୂର୍ବତନ ସିଡିପିଓ ଚୂଡ଼ାମଣି ମୁର୍ମୁଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ମୁର୍ମୁ ଏବେ ନୟାଗଡ଼ ଜିଲାରେ ପ୍ରୋଗ୍ରାମିଂ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ମୁର୍ମୁ କଙ୍କଡାହାଡ଼ ବ୍ଲକରେ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଭାବେ କାର୍ଯ୍ୟ କରୁଥିବାବେଳେ ନେତାଜୀ ଅଭିନନ୍ଦନ ବେହେରା ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ନେତାଜୀ କଙ୍କଡାହାଡ଼ ବ୍ଲକରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଛତୁଆ ଯୋଗାଣ କରନ୍ତି। ଛତୁଆ ବିଲ୍ ପାଇଁ ସିଡିପିଓ ମୁର୍ମୁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ସିଡିପିଓ ମୁର୍ମୁଙ୍କ ବିରୋଧରେ ଏକ ମାମଲା(ନଂ.୨୦/୨୦୧୩) ରୁଜୁ ହୋଇଥିଲା। ଆଗତ ମାମଲାର ବୃତ୍ତାନ୍ତ ଶୁଣାଣି କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଅଭିଯୁକ୍ତ ମୁର୍ମୁଙ୍କୁ ଦୁର୍ନୀତି ନିବାରଣ ଆଇନର ପୃଥକ ଦଫାରେ ୪ ବର୍ଷ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନା ଲାଗୁ କରାଯାଇଛି। ଉଭୟ ମାମଲାରେ ଜରିମାନା ଅନାଦେୟ ଅଧିକ ୧୨ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମରଣ ବେଳେ ନିଦ୍ରାଗଲେ**
**ଯମ କି ଛାଡ଼ିଦେବ ଭଲେ ?**

ମୃତ୍ୟୁ ଅନିବାର୍ଯ୍ୟ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଏହା ବିଧିନିର୍ଦ୍ଦିଷ୍ଟ। ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ। ଏହାକୁ ଏଡ଼ାଇବା ବା ଟାଳିବା ପ୍ରାଣୀର ସାଧ ବାହାରେ। ପରୋକ୍ଷରେ ଘୋର ବିପଦରୁ ବର୍ତ୍ତିବା ପାଇଁ ଯେତେ ଟାଳଟୁଳ ନୀତି ଅବଲମ୍ବନ କଲେ ସୁଦ୍ଧା ସେଥିରୁ ମୁକୁଳିବା ସହଜସାଧ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମା' କଇ ଖଡ଼ା ଖାଇ କଟକାଟ**
**ପୁଅ ପାଣ୍ଠୋଇ ମାଡ଼ଇ ମଟମାଟ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ, କିନ୍ତୁ ବାହାରେ ଚାତୁରି କାହିଁରେ କେତେ। ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ନିଜ ଘରର ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ନ ଦେଇ ବାହାରେ ନିଜକୁ ଦେଖେଇ ହବାରେ ସଙ୍କୋଚ ନ କରିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ହାରିଲେ ଅଭିନେତ୍ରୀ, ଜିତିଲେ ଅଭିନେତା


ଅପରାଜିତ ମହାନ୍ତି


ପିଙ୍କି ପ୍ରଧାନ


ଅନୁଭବ ମହାନ୍ତି

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଚଳିତ ସାଧାରଣ ନିର୍ବାଚନରେ ଓଲିଉଡ୍ ଜଗତରୁ କେତେଜଣ କଳାକାର ରାଜନୀତି ମଇଦାନକୁ ଓହ୍ଲାଇଥିଲେ। କିନ୍ତୁ ଦଳୀୟ ଟିକେଟ ପାଇଥିଲେ ମାତ୍ର ୩ଜଣ। ଜନସମର୍ଥନ ହାତେଇବାକୁ ପ୍ରୟାସ କରୁଥିବା ଏହି କଳାକାରମାନଙ୍କ ମଧ୍ୟରୁ ୨ଜଣ ପରାଜିତ ହୋଇଥିବା ବେଳେ ଜଣେ ବିଜୟ ତିଳକ ପିନ୍ଧିଛନ୍ତି। ବିଜେଡିରୁ ଅନୁଭବ ମହାନ୍ତି କେନ୍ଦ୍ରାପଡ଼ା ଲୋକ ସଭା ଟିକେଟ ପାଇଥିବା ବେଳେ ଭାଜପାରୁ ଅପରାଜିତା ମହାନ୍ତି ଭୁବନେଶ୍ୱର ଉତ୍ତର ଓ ପିଙ୍କି ପ୍ରଧାନ ଦିଗପହଣ୍ଡି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ତେବେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଉପରେ ସାରା ରାଜ୍ୟର ନଜର ରହିଥିଲା। ଆଉ ଏଠାରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅନ୍ୟପଟେ ଓଲିଉଡ୍ ଦୁନିଆର ପ୍ରତିଷ୍ଠିତ ଅଭିନେତ୍ରୀ ଅପରାଜିତା ମହାନ୍ତି ଭୁବନେଶ୍ୱର ଉତ୍ତରରୁ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ପରାଜିତ ହୋଇଛନ୍ତି। ସେହିଭଳି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ବିଜେଡିର ହେଭିୱେଟ୍ ସୂର୍ଯ୍ୟନାରାୟଣ ପାତ୍ରଙ୍କଠାରୁ ସେ ପରାଜିତ ହୋଇଛନ୍ତି।

### ଲକ୍ଷ୍ମୀପୁରରେ ୨୨୯ ଭୋଟ୍‌ରେ ବିଜେଡି ବିଜୟୀ

## ଗଣତିରେ ତ୍ରୁଟି ଅଭିଯୋଗ ଆଣିଲେ କୁଲେସିକା

କୋରାପୁଟ,୨୪।୫(ସ୍ୱ.ପ୍ର.)

ଭୋଟ ଗଣତିରେ ତ୍ରୁଟି ହୋଇଥିବା ଅଭିଯୋଗ କରି ଲକ୍ଷ୍ମୀପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ଅଦାଲତର ଦ୍ୱାରସ୍ଥ ହେବେ। ଶୁକ୍ରବାର କୋରାପୁଟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ସେ ଏହା ପ୍ରକାଶ କରିଛନ୍ତି। ଲକ୍ଷ୍ମୀପୁର ବିଜେଡି ପ୍ରାର୍ଥୀ ପ୍ରଭୁ ଜାନୀ କୁଲେସିକାଙ୍କୁ ମାତ୍ର ୨୨୯ଟି ଭୋଟ ବ୍ୟବଧାନରେ ହରାଇ ବିଜୟୀ ହେବା ପରେ ଗଣତିରେ ତ୍ରୁଟି ଥିବା ଅଭିଯୋଗ ଉଠିଥିଲା। କୁଲେସିକା ଶୁକ୍ରବାର କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ଦ୍ୱାରସ୍ଥ ହୋଇ ଭୋଟ ପୁନଃ ଗଣତି କରିବା ପାଇଁ ଦାବି କରିଥିଲେ।

**କୋର୍ଟର ଦ୍ୱାରସ୍ଥ ହେବେ**

କିନ୍ତୁ ଅଭିଯୋଗ କରିବାର ସମୟ ସୀମା ପାର ହୋଇଯାଇଥିବା ଯୋଗୁ ଉପଜିଲାପାଳ କହଁର ଏ ସଂକ୍ରାନ୍ତରେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଏହାପରେ କୁଲେସିକା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲକ୍ଷ୍ମୀପୁର ବିଧାନସଭା ଆସନରେ ପ୍ରଭୁ ଜାନୀ ୪୫ ହଜାର ୨୧୧ ଭୋଟ ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକାଙ୍କୁ ୪୪ ହଜାର ୯୮୨ଟି ଭୋଟ ମିଳିଛି।

### ଗୁରୁ-ଶିଷ୍ୟ ଲଢ଼େଇରେ ବାଜି ମାରିଲେ ଶିଷ୍ୟ

# ଶଙ୍ଖକ୍ଷେତ୍ରରେ ଫୁଟିଲା ପଦ୍ମ

ପୁରୀ ଅଫିସ, ୨୪।୫


ଜୟନ୍ତ ଷଡ଼ଙ୍ଗୀ

ପୁରୀରେ ଭୁଶୁଡ଼ିଛି ମହେଶ୍ୱରଙ୍କ ଦୁର୍ଗ। ୧୯୯୫ ପରଠାରୁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖିଥିବା ମହେଶ୍ୱର ମହାନ୍ତିଙ୍କୁ ଏଥର ମାତ୍ ଦେଇଛନ୍ତି ଭାଜପାର ଜୟନ୍ତ କୁମାର ଷଡ଼ଙ୍ଗୀ। ଗୁରୁ-ଶିଷ୍ୟଙ୍କ ଲଢେଇରେ ହାର୍ ମାନିଛନ୍ତି ଗୁରୁ। ପ୍ରଥମଥର ପାଇଁ ଶଙ୍ଖକ୍ଷେତ୍ରରେ ପଦ୍ମ ଫୁଟିଥିବା ବେଳେ ଭାଜପା ଶିବିରରେ ଉତ୍ସାହ ଖେଳିଯାଇଛି। ବହୁ ପରୀକ୍ଷା ନିରୀକ୍ଷା ପରେ ଶେଷ ମୁହୂର୍ତ୍ତରେ ଜୟନ୍ତଙ୍କୁ ନେଇ ଭାଗ୍ୟ ପରୀକ୍ଷା କରିଥିବା ଭାଜପା ତା' ଲକ୍ଷ୍ୟରେ ସଫଳ ହୋଇଛି। ଜୟନ୍ତ ୪,୦୦୮ ଭୋଟରେ ମହେଶ୍ୱରଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ବିଧାୟକ ହେବାର ସୁଯୋଗ ପାଇଛନ୍ତି।

୧୯୯୫ରେ ଜନତା ଦଳ ଏବଂ ୨୦୦୦ରୁ ବିଜୁ ଜନତ ଦଳରୁ କ୍ରମାଗତ ବିଜୟୀ ହୋଇଆସୁଥିବା ମହେଶ୍ୱର ପୁରୀ ରାଜନୀତିରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଜଣେ ଅଭିଜ୍ଞ ରାଜନେତା ଭାବେ ପରିଚିତ ମହେଶ୍ୱରଙ୍କ ପାଇଁ ୨୦୧୯ ନିର୍ବାଚନ ଆରମ୍ଭରୁ ସହଜ ନ ଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ବେଳେ ଦଳରେ ଫାଟ ପଦାରେ ପଡିଥିଲା। ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ ବିଜୁବାବୁଙ୍କ ଜୟନ୍ତୀରେ ସିଂହଦ୍ୱାରରେ ଦୀପଦାନ କରିଥିଲେ। ଦଳୀୟ କନ୍ଦଳକୁ ନେଇ ଜୟନ୍ତ ବିଜେଡି ଛାଡି ଭାଜପାରେ ମିଶିଥିଲେ। ଏହାପରେ ଭାଜପା ତାଙ୍କୁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ତେବେ ଜୟନ୍ତ ବି ଦଳକୁ ନିରାଶ ନ କରି ଶ୍ରୀକ୍ଷେତ୍ର ମାଟିରେ ପଦ୍ମ ଫୁଟାଇଛନ୍ତି। ଭୋଟ ଗଣତି ଆରମ୍ଭରୁ ହିଁ ପୁରୀ ନିର୍ବାଚନମଣ୍ଡଳୀର ଫଳାଫଳ ରୋମାଞ୍ଚ ସୃଷ୍ଟି କରିଥିଲା। କେତେବେଳେ ମହେଶ୍ୱର ତ ପୁଣି କେତେବେଳେ ଜୟନ୍ତ ଆଗୁଆ ରହୁଥିଲେ। ପ୍ରଥମ ରାଉଣ୍ଡରୁ ସପ୍ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମହେଶ୍ୱର ଆଗରେ ରହିଥିଲେ। ତେବେ ବ୍ୟବଧାନ ବହୁତ କମ୍ ରହିଥିଲା। ଅଷ୍ଟମ ରାଉଣ୍ଡରେ ମହେଶ୍ୱରଙ୍କୁ ପଛରେ ପକାଇଥିଲେ ଜୟନ୍ତ। ଏହାପରେ ଜୟନ୍ତ ପ୍ରାୟ ପ୍ରତି ରାଉଣ୍ଡରେ ଆଗୁଆ ରହିଥିଲେ। ଶେଷରେ ଜୟନ୍ତ ୭୬,୭୪୭ ଭୋଟ ପାଇଥିବା ବେଳେ ମହେଶ୍ୱର ୭୨,୭୩୯ ଭୋଟରେ ସୀମିତ ରହିଥିଲେ। ତୃତୀୟ ସ୍ଥାନରେ ଥିଲେ କଂଗ୍ରେସର ଇଂ. ଅରୋପ୍ରସାଦ ମିଶ୍ର। ସେ ୨,୯୩୪ ଭୋଟ ପାଇଥିଲେ। ଭୋଟ ହାରକୁ ଦେଖିଲେ ଭାଜପା ୪୯.୨୮ ପ୍ରତିଶତ, ବିଜେଡି ୪୬.୭୧ ଏବଂ କଂଗ୍ରେସକୁ ମାତ୍ର ୧.୮୮ ପ୍ରତିଶତ ଭୋଟ ମିଳିଛି।

### ମନ୍ତ୍ରିମଣ୍ଡଳ ଗଠନକୁ ନେଇ ଚର୍ଚ୍ଚା

# ଯୁବ ବିଧାୟକଙ୍କୁ ପୁଣି ମିଳିପାରେ ସୁଯୋଗ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଚଳିତ ସାଧାରଣ ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଓଡିଶା ବିଧାନସଭାରେ ବିଜୁ ଜନତା ଦଳ(ବିଜେଡି) ନିରଙ୍କୁଶ ସଂଖ୍ୟାଗରିଷ୍ଠ ଆସନ ହାସଲ କରିଛି। ଆଉ ଦୁଇ ତିନି ଦିନ ପରେ ନୂତନ ସରକାର ଗଠନ ହେବ। ନୂଆ ମନ୍ତ୍ରୀମଣ୍ଡଳ ଶପଥ ନେବ। ଏହା ପୂର୍ବରୁ ମନ୍ତ୍ରୀମଣ୍ଡଳ ରୂପ ରେଖ କିପରି ହେବ। କାହାକୁ ମନ୍ତ୍ରୀ ପଦବୀ ମିଳିବ। କିଏ ବାଦ ପଡିବେ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି । ନୂଆ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇବା ପାଇଁ ବିଧାୟକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଗତ ବିଧାନସଭାରେ ଯେଉଁମାନେ ମନ୍ତ୍ରୀ ଥିଲେ ସେମାନଙ୍କୁ ପୁଣି ନବୀନ ମନ୍ତ୍ରୀ ଦାୟିତ୍ୱ ଦେବେ ନା ନୂତନ ଚେହେରାକୁ ମନ୍ତ୍ରୀ ମଣ୍ଡଳରେ ସାମିଲ କରିବେ ତାହା ଉପରେ ରହିଛି ନଜର। ତେବେ ଗତ ପଞ୍ଚାୟତ ନିର୍ବାଚନ ପରେ ମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇଥିବା ଯୁବ ବିଧାୟକଙ୍କୁ ନବୀନ ପୁଣି ମନ୍ତ୍ରୀ ସିଂହାସନରେ ବସାଇ ପାରନ୍ତି। ଏଥିସହିତ ବିଜୟ ବ୍ୟବଧାନ, ଭାବମୂର୍ତ୍ତୀ, ଦଳ ପ୍ରତି ଆନୁଗତ୍ୟ ଓ କାର୍ଯ୍ୟ ଦକ୍ଷତା ମୁଖ୍ୟ ମାନଦଣ୍ଡ ହେବ ବୋଲି କୁହାଯାଉଛି। ଯେଉଁମାନଙ୍କ ନାମରେ ଚିଟ୍‌ଫଣ୍ଡ କିମ୍ବା ଦୁର୍ନୀତି ଅଭିଯୋଗ ଥିବ ସେମାନଙ୍କୁ ମନ୍ତ୍ରୀ ପରିଷଦରୁ ଦୂରେଇ ରଖାଯିବ। ଏଥିସହିତ ରାଜ୍ୟର ସମସ୍ତ ଅଞ୍ଚଳକୁ ମଧ୍ୟ ସାମନ ଗୁରୁତ୍ୱ ଦିଆଯିବ। ମହିଳା, ଆଦିବାସୀମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଧାୟକମାନଙ୍କର ମଧ୍ୟ ଆସନ୍ତା ମନ୍ତ୍ରୀ ମଣ୍ଡଳରେ ପାଳି ପଡବା ସମ୍ଭାବନା ରହିଛି। ଗତ ନିର୍ବାଚନରେ ପୁରୀ ଜିଲାରୁ ୩ ଜଣ ମହେଶ୍ୱର ମହାନ୍ତି, ସଞ୍ଜୟ ଦାସବର୍ମା ଏବଂ ପ୍ରଦୀପ ମହାରଥୀ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ଚଳିତ ନିର୍ବାଚନରେ ମହେଶ୍ୱର ଏବଂ ସଞ୍ଜୟ ପରାଜିତ ହୋଇଛନ୍ତି। ମହାରଥୀ ବିଜୟୀ ହୋଇଥିଲେ ମଧ୍ୟ ନିର୍ବାଚନ ସ୍କ୍ୱାର୍ଡଙ୍କୁ ମାଡ ମାରିବା ଅଭିଯୋଗରେ ତାଙ୍କୁ ଜେଲ ଯିବାକୁ ପଡିଥିଲା। ଏଥିପାଇଁ ତାଙ୍କୁ ନୂତନ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇ ନ ପାରେ। ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ୩ ଥର ବିଜୟୀ ହୋଇଥିବାରୁ ତାଙ୍କୁ ମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଇଥିବା ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁଙ୍କୁ ପୁଣି ମନ୍ତ୍ରୀ ମଣ୍ଡଳରେ ସାମିଲ କରାଯାଇ ପାରେ। ସେହିପରି ଖୋର୍ଦ୍ଧା ଜିଲାରୁ ଗତ ବିଧାନସଭାରେ ଭୁବନେଶ୍ୱର ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଭାର ଦିଆଯାଇଥିଲା। ତାଙ୍କୁ ପୁଣି ମନ୍ତ୍ରୀ ପଦବୀ ମିଳିବ ବୋଲି କୁହାଯାଉଛି। ସେହିପରି କେନ୍ଦ୍ରାପଡା ଜିଲାରୁ ପ୍ରତାପ ଦେବ ଏବଂ ଶଶୀ ଭୂଷଣ ବେହେରା, ଜଗତସିଂହପୁରରୁ ବିଷ୍ଣୁ ଚରଣ ଦାସ, ଗଞ୍ଜାମରୁ ସୂର୍ଯ୍ୟ ନାରାୟଣ ପାତ୍ର, ପ୍ରଦୀପ ପାଣିଗ୍ରାହୀ, ବିକ୍ରମ କେଶରୀ ଆରୁଖ, ଉଷାଦେବୀ, ବାଲେଶ୍ୱରରୁ ଅନନ୍ତ ଦାସ , ଅଶ୍ୱିନୀ ପାତ୍ର, ଭଦ୍ରକରୁ ପ୍ରଫୁଲ୍ଲ ସାମଲ, ମୟୂର ଭଞ୍ଜରୁ ସୁଦାମ ମାର୍ଣ୍ଡି, ସୋନପୁରରୁ ନୀରଞ୍ଜନ ପୂଜାରୀ, ସମ୍ବଲପୁରରୁ ରୋହିତ ପୂଜାରୀ, ନବ କିଶୋର ଦାସଙ୍କୁ ମନ୍ତ୍ରୀ ପଦ ମିଳିବା ନେଇ ଆଲୋଚାନ ହେଉଛି। ସୁନ୍ଦରଗଡ ଜିଲାରୁ ସାରଦା ନାୟକ କିମ୍ବା ସୁବ୍ରତ ତରାଇ, ବରଗଡରୁ ଶୁଶାନ୍ତ ସିଂ, ସ୍ନେହାଙ୍ଗୀନ ଛୁରିଆ, କଟକରୁ ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଢେଙ୍କାନାଳରୁ ପ୍ରଫୁଲ୍ଲ ମଲ୍ଲିକ, ନୃସିଂହ ସାହୁ, କାଳାହାଣ୍ଡିରୁ ଭୁପିନ୍ଦର ସିଂ, ଦିବ୍ୟ ଶଙ୍କର ମିଶ୍ର, ନୂଆପଡାରୁ ବିଜୟ ରଞ୍ଜନ ସିଂ ବରିହାଙ୍କ ନାମ ମଧ୍ୟ ମନ୍ତ୍ରୀ ତାଲିକା ଚର୍ଚ୍ଚାକୁ ଆସିଛି। ଅନ୍ୟ ପକ୍ଷରେ ପୂର୍ବତନ ବାଚସ୍ପତି ପ୍ରଦପୀ ଅମାତ, ନୀରଞ୍ଜନ ପୂଜାରୀ, କିଶୋର ମହାନ୍ତିଙ୍କ ମଧ୍ୟରୁ ଜଣଙ୍କୁ ଷୋଡଶ ବିଧାନସଭା ଲାଗି ବାଚସ୍ପତି ଆସନ ମିଳିବା ନେଇ ମଧ୍ୟ ଆଲୋଚନା ହେଉଛି। ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ଉପରେ ରହିଛି ନଜର।

# ଧରିତ୍ରୀ DHARITRI CAREER APPOINTMENT

**Experience restaurant staff required**

| | | |
|---|---|---|
| Cashier | - 2nos | (8-10k) |
| Captain | - 4nos | (10-12k) |
| Waiter | - 8nos | (8k) |
| Housekeeping | - 8nos | (6k) |
| Kitchen helper | - 4nos | (8k) |
| Odia cook | - 2nos | |
| Indian cook | - 2nos | |
| Manager | - 2nos | |

*Salary negotiable, fooding & accommodation includes*

Contact : 9090880077 06742548980

**Urgently Required**

**Manager for Plant Operations at Jharsuguda.**

Minimum 5 years experience with knowledge of Container Stuffing.

**Walk in Interview on 25/26th May'19 at Hotel Orchard, Ekatali**

**Mobile : 7498268518**

**REQUIRED**

A reputed business house requires

- **Private Car Driver** (One) with DL(3W/4W)
- **TATA Ace Driver** (Two) with DL(Transport)

**Please Contact: 9938303321**

**REQUIRED**

**ACCOUNTANT** with Experience in Tally, Plumber, Electrician, Housekeeping, ITI (Electrical/ Mechanical)

**Contact: Gurukrupa Chicks to Chicken Pvt. Ltd.**

7894463236, 0674-2465327

**PART/FULL TIME**

ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟ ପିଲାଙ୍କ ଯତ୍ନ ଏବଂ ଡ୍ରାଇଭର **ଆବଶ୍ୟକ**

Contact- 9090909300 7381222430

**ଆବଶ୍ୟକ**

9000ରୁ 12000 ଦରମା ଥାଇ କମ୍ପାନୀ ଶ୍ରମିକ 4 ଜଣ, ଅଭିଜ୍ଞତା ଥିବା ଗ୍ରାଜୁଏଟ୍ ସହ PGDCA, ଷ୍ଟୋର କିପର-1.

**ଯୋଗାଯୋଗ:-**

**9437048854, 9040150146**

**URGENT REQUIRED**

ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। **ଦରମା:** 27,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.

Contact: 8339922964

**ଆବଶ୍ୟକ**

ତାମିଲନାଡୁ କୋଏମ୍ବାଟୁରର ଏକ ଅଗ୍ରଣୀ ଟେଲିକମ୍ କମ୍ପାନୀ ଆବଶ୍ୟକ କରୁଛି

**ଟେଲିକମ୍ ଇଞ୍ଜିନିୟର**

ଯୋଗ୍ୟତା: ବିଇ, ଡିପ୍ଲୋମା ଆଇଟିଆଇ ଯଦି ଥାଏ ସେଲ୍‌ଫୋନ୍ ଟାୱାର୍ ଉପକରଣ ସ୍ଥାପନ କରୁଥିବା ଦଳ ସହ କାମ କରିବାକୁ ପଡ଼ିବ। ମାଗଣା ରହିବା ସୁବିଧା, ଟିଏ ଏବଂ ଫୋନ୍ ବିଲ୍ ଦିଆଯିବ।

**81100 00527**

**OFFICIALLY JOB**

**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., ମାସିକ ଦରମା upto Rs.25000/-.

**Contact Immediately Mob: 8763257042**

**APPOINTMENT**

Required Digital Partner & Digital Leader for a Financial Organisation. Retired persons, Working personnel & freshers also can apply.

**Salary:** 15000 to 35000 per month.

Send your Resume @ **thehubbbsr@gmail.com**

Mob: 8895436156

**Urgently Required**

- **Tourist Car Driver:** 5 Nos. (License with heavy badge)
- **Private Car Driver:** 2 Nos. (Experience with license)
- **Front Office Executive:** 2 Nos. (Experience in Hotel Management)

**Contact: 7749058877**

**(11 AM to 4 PM)**

**REQUIRED**

**ELECTRICIAN FOR FACTORY IN HYDERABAD**

CONTACT-9393132500

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**

**ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।**

**ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ୍ୱ**

**ଦରମା - ୭୦୦୦/- ରୁ ୩୫୦୦୦/-**

**9777639313**

**Contact: 9938414918**

Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**ଆବଶ୍ୟକ**

ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)

**Contact: 9938676412**

Requires the following staff (Only Males) Posts: **Business Manager/ Private Secretary-cum-Body Guard**: (6 posts), Salary Rs. 5,000 per month. **Receptionist-cum-Room Boy**, **Sweeper**, (8 Nos.), **Cook** for 20 Staff- (1 No.), Salary Rs. 4,000 per month. Note- (12 Hrs duty). Free Boarding and Fooding (All above posts are for only Male).

**Contact: HOTEL SOBHA RESIDENCY, Near Madhusudan Law College, Station Bazar, Cuttack.** Mob: 9338935949

ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ 3 ଷ୍ଟାର୍ ହୋଟେଲ ନିମ୍ନଲିଖିତ ପଦବୀ ପାଇଁ କର୍ମଚାରୀ ଆବଶ୍ୟକ କରୁଛି:- * ସେଫ୍, * F&b ମ୍ୟାନେଜର, * ପ୍ୟାଣ୍ଟ୍ରି କୁକ୍, * ଇଣ୍ଡିଆନ୍ କୁକ୍ (ସିଡିପି, କମିସ୍-I, କମିସ୍-II), * ଚାଇନିଜ୍ କୁକ୍ (ସିଡିପି, କମିସ୍-I, କମିସ୍-II), * ସିକ୍ୟୁରିଟି ଗାର୍ଡ, * ପ୍ଲମ୍ବର, * ଫ୍ରଣ୍ଟ ଅଫିସ୍ ଏକ୍ଜିକ୍ୟୁଟିଭ୍, * ହାଉସ୍‌କିପିଂ ସୁପରଭାଇଜର, * ହାଉସ୍‌ମ୍ୟାନ୍, * ସୁଇପର୍, * ରୁମ୍ ବଏ, * ଷ୍ଟିୱାର୍ଡ, * କ୍ୟାପ୍‌ଟେନ୍, * ରୁମ୍ ସର୍ଭିସ୍ ଅର୍ଡର ଟେକର୍। ପ୍ରାର୍ଥୀଙ୍କର ଷ୍ଟାର୍ ଶ୍ରେଣୀର ହୋଟେଲରେ ଅନ୍ୟୂନ ୩-୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ପାରିଶ୍ରମିକ ପ୍ୟାକେଜ୍ ଦିଆଯିବ।

**ଯୋଗାଯୋଗ କରନ୍ତୁ**

**7381042109/ 8093088105**

**GURUKUL INTERNATIONAL PUBLIC SCHOOL**

Goods Shed Road, Lanjipalli, Berhampur - 760008

Contact: 9937885234, 9238344566, 8280022037, 8117986802

**REQUIRES TGT AND PGT**

**For all Subjects Nursery to Std. 10th**

(Day Scholar, Day Boarding and Residential)

**Walk-in-Interview on 02.06.2019 (Sunday) in between 10.00 A.M. to 2.00 P.M.**

Eligibility: B.Ed. Compulsory, OTET/CTET/STET preferable

Salary: As per Govt. norms + PF

**URGENTLY REQUIRED**

**ଜିଲ୍ଲା ଓ ବ୍ଲକ ସ୍ତରୀୟ ନିଯୁକ୍ତି**

ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ **ODISHA** ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ

Qual. 7th, 10th, +2, +3 ଓ ITI candidate

Salary : Rs. 8,000 To Rs.45,000

For More Details Contact **9178134788 9776141333**

**MOST URGENT**

**WALK-IN INTERVIEW**

**JOBS IN TECHNO GREEN PVC PVT LTD., BHUBANESWAR.**

Techno Green PVC Pvt. Ltd., Bhubaneswar require candidates for following vacancy.

Job Details

(1) Post : Auto Cad Designer; Eligibility (Graduate) : She will know thoroughly about AUTO CARD software, Microsoft (Word/Excel sheet), Ladies staff only. And having knowledge of internet,

(2) Marketing Staff (5nos) Graduate having knowledge of UPVC/PVC windows (two wheeler must)

How To Apply

Eligible and interested candidates should apply to the given mail id immediately

Email : accounts@technopvc.com, info@technopvc.com

Address : **Techno Green PVC Pvt. Ltd. 71/A Mancheswar Industrial Estate, Bhubaneswar, Odisha**

Mobile : 9937508963, 9437462482

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

---

**F. No. 8-29/2017-FC**
**Government of India**
**Ministry of Environment, Forests and Climate Change**
**(FC Division)**

**Indira Paryabaran Bhawan,**
**Aliganj, Jor Bag Road,**
**New Delhi - 110003.**
**Dated: 2nd May, 2019**

**To**

**The Principal Secretary (Forests),**
**Government of Odisha,**
**Bhubaneswar.**

**Sub : Proposal for according permission for use of 9.819 ha of forest land within total Mining lease area of 583.021 ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals.**

Sir,

I am directed to refer to the Government of Odisha's letter No. 10F (Cons) 22/2016/13070/F&E dated 19.07.2016 on the above mentioned subject seeking prior approval of the Central Government under Section 2 of the Forest (Conservation) Act, 1980 and to say that the said proposal has been examined by the Forest Advisory Committee constituted by the Central Government under Section-3 of the aforesaid Act. After careful consideration of the proposal by the Forest Advisory Committee (FAC) constituted under section-3 of the said Act, In-principle approval was granted vide this Ministry's letter of even number dated 06.09.2017 subject to fulfilment of certain conditions. The State Government has furnished compliance report in respect of the conditions stipulated in the approval and has requested the Central Government to grant final approval.

2. In this connection, I am directed to say that on the basis of the compliance report furnished by the State Government of Odisha vide their letters No. 12540/9F (MG)-436/2015 dated 07.06.2018, Stage-II/Final approval of the Central Government is hereby granted under Section-2 of the Forest (Conservation) Act, 1980 for according permission for use of 9.819 ha of forest land within total Mining lease area of 583.021 ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02 ha each totalling 2.660 ha and 7.159 ha for construction of road) by M/S Odisha Mining Corporation Ltd. for prospecting of minerals subject to following conditions:

1. The User Agency shall be allowed exploratory drilling of a maximum of 133 bore holes of 4" diameter over 2.660 ha of forest land.
2. Compensatory afforestation
   a. Compensatory afforestation shall be taken up by the Forest Department over 7.159 ha. as identified in village Maligaoll of Thuamul Rampur Tehsil of Kalahandi district, at the cost of the user agency. As far as possible, a maximum of local indigenous species shall be planted and monoculture of any species may be avoided.
   b. The non-forest land which has been transferred and mutated in favour of the State Forest Department forthe purpose of compensatory afforestation shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section(s) of the State Forest Act. The Nodal Officer, Forest (Conservation) Act, 1980 may report compliance within a period of six (6) months from the date of grant of final approval and send a copy of the original notification declaring the non-forest land under Section 4 or Section 29 of the Indian Forest Act, 1927 or under the relevant section of the State Forest Act as the case may be to this Office for information and record.
3. The prior approval of Govt. of India under Section 2 of FC Act for prospecting in this forest area under consideration is only for resource assessment and mapping and does not confer in any manner any right to the State Government to divert such forest land under Section 2(ii) of Forest (Conservation) Act, 1980 for mining purpose in future in favour of this user agency or any other mining company on the plea that forest clearance for prospecting has been granted.
4. User agency shall seek permission of concerned Division Forest Officer before entering into the forest area and boreholes shall be dug with prior permission of the concerned Divisional Forest Officer and also furnish detailed report thereof on completion of the project.
5. Proper plugging of boreholes shall be made after exploration activities are complete to the satisfaction of the concerned Divisional Forest Officer.
6. No tree felling shall be undertaken for exploration activities. Project activities shall be restricted to clearing of bushes and lopping of tree branches if any for the purpose of site preparation.
7. The user agency shall be responsible for any loss to the flora and fauna in the surrounding. Any damage done in this regard shall be compensated by the user agency from the project cost as per assessment of the concerned Divisional Forest Officer.
8. No new additional road, excepting construction of road on 7.1 ha of forest land for which being diverted in the instant proposal, shall be constructed by the user agency for transporting prospecting tools and machines. The user agency may use the existing forest road/ path with prior information to the concerned Divisional Forest Officer. The area used for path during the prospecting work shall be restored to its original status of forest after completing of prospecting work.
9. No other construction activities shall be done by the user agency on forest land.
10. Any change in the diameter of borehole and number of bore holes will be reported to the concerned Regional Office in advance for consideration and recommendations to the Central Government.
11. Adequate measures shall be taken by the user agency to ensure that prospecting activities do not harm the wildlife in the area. Any damage done in this context, shall be compensated by the user agency as per assessment, by the concerned Divisional Forest Officer.
12. No labour camp shall be established on the forest land and no work shall be allowed after sunset.
13. In case, rights over forest land proposed to be used for prospecting purpose, has already been settled in favour of eligible claimants as per provisions of the Forest Rights Act, 2006, the claimants shall either be compensated appropriately or location of borehole by suitably re-located.
14. Initially the permission for prospecting will be granted for two years from the date of issue of this approval which can be extended for one more year with convincing justification from the State Government for extension.
15. In case of violations of conditions by the user agency, the permission for prospecting of minerals shall be suspended by the concerned Divisional Forest Officer. Further it shall be enquired by the Nodal Officer (FCA) of the State Government and report to be submitted to the concerned Regional Office for appropriate action.
16. The samples collected during the prospecting shall be used purely for investigation purposes and shall in no case be used for trade or commerce purpose.
17. To minimize disturbance to the wildlife, user agency shall take all possible measures to minimize noise during prospecting operations and halt the prospecting activities during night and during such periods in the day as may be advised by the concerned Chief Wildlife Warden, concerned State Forest Department.
18. The user agency and the State Government shall ensure the compliance of the provisions regarding drilling in the forest land as prescribed in para 6.8 of Chapter 6 of the Handbook of comprehensive guidelines of Forest (Conservation) Act, 1980 as issued by this Ministry's letter No. 5-2/2017-FC dated 28.03.2019.
19. Violation of any of these conditions will amount to violation of Forest (Conservation) Act, 1980 and action would be taken as prescribed in para 1.21 of Chapter 1 of the Handbook of comprehensive guidelines of Forest (Conservation) Act, 1980 as issued by this Ministry's letter No. 5-2/2017-FC dated 28.03.2019.
20. The State Government and user agency shall comply the provisions of the all Acts, Rules, Regulations, guidelines, NGT order & Hon'ble Court Order (s) pertaining to this project, if any, for the time being in force, as applicable to the project.

Yours faithfully
**(Sandeep Sharma)**
**Assistant Inspector General of Forests (FC)**

Copy to:

1. The Principal Chief Conservator of Forests, Government of Odisha, Bhubaneswar.
2. The Nodal Officer, O/o the PCCF, Government of Odisha, Bhubaneswar.
3. The Addl. PCCF (Central), Regional Office, Bhubaneswar.
4. User Agency.
5. Monitoring Cell, FC Division, MoEF&CC
6. Guard File.

**(Sandeep Sharma)**
**Assistant Inspector General of Forests (FC)**

---

F.No.8-29/2017-FC
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ,
ଭାରତ ସରକାର,
(ବନ ସଂରକ୍ଷଣ ଡିଭିଜନ)

ଇନ୍ଦିରା ପର୍ଯ୍ୟାବରଣ ଭବନ
ଆଲିଗଞ୍ଜ, ଜୋରବାଗ ରୋଡ
ନୂଆ ଦିଲ୍ଲୀ-110003
ତା 02.05.2019 ରିଖ

ପ୍ରାପ୍ତେଷୁ

ପ୍ରମୁଖ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର
ଭୁବନେଶ୍ୱର

**ବିଷୟ: ଢେଙ୍କାନାଳ ଜିଲ୍ଲା, କଙ୍କଡାହାଡ ତହସିଲ ଓ ଢେଙ୍କାନାଳ ବନଖଣ୍ଡର କାମାକ୍ଷାନଗର ପୂର୍ବ ରେଞ୍ଜ ଅନ୍ତର୍ଗତ ଓଡିଶା ଖଣି ନିଗମର ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ ପଟ୍ଟା 583.021 ହେକ୍ଟର ମଧ୍ୟରେ ଥିବା 9.819 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମୋଦନ ନିମନ୍ତେ ପ୍ରସ୍ତାବ।**

ମହାଶୟ,

ଉପରୋକ୍ତ ବିଷୟ ସମ୍ବନ୍ଧରେ ବନ ସଂରକ୍ଷଣ ଆଇନ 1980ର ଧାରା 2 ଅନୁସାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବାନୁମୋଦନ ନିମିତ୍ତ ରାଜ୍ୟ ସରକାରଙ୍କ ତା 19107 I 2016 ରିଖପ୍ରେରିତ ପତ୍ର ସଂଖ୍ୟା 10F(Cons)-22/2016/13070/F&E କୁ ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି। ଏହି ପ୍ରସ୍ତାବକୁ ବନ ସଂରକ୍ଷଣ ଆଇନ 1980ର ଧାରା 3 ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ଉପଦେଷ୍ଟା କମିଟି ସମୀକ୍ଷା କଲାପରେ ଏହି ମନ୍ତ୍ରଣାଳୟର ତା 06.09.2017 ରିଖ ପତ୍ର ସଂଖ୍ୟା F.No.8-29/2017-FCଦ୍ୱାରା କେତେକ ସର୍ତ୍ତାବଳୀ ସହ, ନୀତି ଦୃଷ୍ଟିରୁ ଅନୁମୋଦନ (in principle approval) ପ୍ରଦାନ କରାଯାଇଥିଲା।

2. ଓଡିଶା ସରକାରଙ୍କ ତା 07.06.2018 ରିଖ ପତ୍ର ସଂଖ୍ୟା 12540/9F(MG)-436/2015 ପ୍ରଦତ୍ତ ଅନୁପାଳନପତ୍ରକୁ ବିଚାରକରି, କେନ୍ଦ୍ର ସରକାର ଏତଦ୍ୱାରା ଢେଙ୍କାନାଳ ଜିଲ୍ଲା, କଙ୍କଡାହାଡ ତହସିଲ ଓ ଢେଙ୍କାନାଳ ବନଖଣ୍ଡର କାମାକ୍ଷାନଗର ପୂର୍ବ ରେଞ୍ଜ ଅନ୍ତର୍ଗତ ଓଡିଶା ଖଣି ନିଗମର ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ ପଟ୍ଟା 583.021 ହେକ୍ଟର ମଧ୍ୟରେ ଥିବା 9.819 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଗର୍ତ୍ତ ଖନନ କରି (133ଟି ଗର୍ତ୍ତ ପ୍ରତ୍ୟେକ 0.02 ହେ. ହିସାବରେ 2.66 ହେକ୍ଟର ଓ ରାସ୍ତା ପାଇଁ 7.159 ହେ.) ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ସହ, ଦ୍ୱିତୀୟ ଚରଣ/ଅନ୍ତିମଅନୁମୋଦନ (Stage-II/Final approval) ପ୍ରଦାନ କରୁଛନ୍ତି:

1. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା (User Agency), ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 2.660 ହେକ୍ଟର ଜଙ୍ଗଲ ଜମିରେ 4 ଇଞ୍ଚ ବ୍ୟାସ ବିଶିଷ୍ଟ ସର୍ବାଧିକ 133ଟି ଗର୍ତ୍ତ ଖନନ କରିପାରିବେ।
2. କ୍ଷତିପୂରକ ବନୀକରଣ
   (କ) କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ତହସିଲର ମାଲିଗାଁ ଗ୍ରାମର 7.159 ହେକ୍ଟର ଅଣଜଙ୍ଗଲ ଜମିରେ ବନବିଭାଗ ପ୍ରକଳ୍ପ ଖର୍ଚ୍ଚରେ କ୍ଷତିପୂରକ ବନୀକରଣ କରିବେ। ଯେତେଦୂର ସମ୍ଭବ ବିଭିନ୍ନ ପ୍ରଜାତିର ସ୍ଥାନୀୟ ବୃକ୍ଷ ରୋପଣ କରାଯିବ ଓ କେବଳ ଏକ ପ୍ରକାର ବୃକ୍ଷ ରୋପଣ କାର୍ଯ୍ୟରୁ ନିବୃତ୍ତ ରହିବେ।
   (ଖ) କ୍ଷତିପୂରଣ ବନୀକରଣ ପାଇଁ ରାଜ୍ୟ ବନବିଭାଗକୁ ଦାଖଲଖାରଜ କରି ହସ୍ତାନ୍ତର କରାଯାଇଥିବା ଅଣଜଙ୍ଗଲ ଜମିକୁ ଭାରତୀୟ ବନ ଆଇନ 1927 ର ଧାରା 4 ଅନୁସାରେ ସଂରକ୍ଷିତ ଜଙ୍ଗଲ ବା ଧାରା 29 ଅନୁସାରେ ରକ୍ଷିତ ଜଙ୍ଗଲ କିମ୍ବା ସ୍ଥାନୀୟ ଜଙ୍ଗଲ ଆଇନର ତତ୍ତୁଲ୍ୟ ଧାରାରେ ସଂରକ୍ଷିତ ଜଙ୍ଗଲ ବା ରକ୍ଷିତ ଜଙ୍ଗଲ ଘୋଷଣା ରାଜ୍ୟ ସରକାର କରିବେ। ଚୂଡାନ୍ତ ଅନୁମୋଦନର 6 ମାସ ମଧ୍ୟରେ ନୋଡାଲ ଅଫିସର ଭାରତୀୟ ବନ ଆଇନ 1927 ର ଧାରା 4 ଅନୁସାରେ ସଂରକ୍ଷିତ ଜଙ୍ଗଲ ବା ଧାରା 29 ଅନୁସାରେ ରକ୍ଷିତ ଜଙ୍ଗଲ କିମ୍ବା ସ୍ଥାନୀୟ ଜଙ୍ଗଲ ଆଇନର ତତ୍ତୁଲ୍ୟ ଧାରାରେ ସଂରକ୍ଷିତ ଜଙ୍ଗଲ ବା ରକ୍ଷିତ ଜଙ୍ଗଲ ଘୋଷଣାନାମାର ଏକ ନକଲ ଏହି ମନ୍ତ୍ରଣାଳୟକୁ ଦେବେ।
3. ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ବନ ସଂରକ୍ଷଣ ଆଇନର ଧାରା 2 ଅନୁସାରେ ଏହି ଅନୁମୋଦନ କେବଳ ଖଣିଜ ସମ୍ପଦ ଆକଳନ ଓ ମ୍ୟାପ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ଏବଂ ଏହା ପରବର୍ତ୍ତୀ କାଳରେ ବନ ସଂରକ୍ଷଣ ଆଇନର ଧାରା 2(ii) ଅନୁସାରେ ଜଙ୍ଗଲ ଜମିରେ ଖଣି ଖନନ ନିମନ୍ତେ ଏହି ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବା ଅନ୍ୟ ଖଣି କମ୍ପାନୀକୁ ଦେବାପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରେ ନାହିଁ।
4. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଅନୁମତି ନେବେ, ବନଖଣ୍ଡ ଅଧିକାରୀଙ୍କ ପୂର୍ବାନୁମୋଦନ ଅନୁସାରେ ଗର୍ତ୍ତ ଖନନ ହେବ ଏବଂ ପ୍ରକଳ୍ପ କାମ ସରିବାପରେ ବନଖଣ୍ଡ ଅଧିକାରୀଙ୍କୁ ବିସ୍ତୃତ ବିବରଣୀ ଦେବେ।
5. ଖଣିଜ ଦ୍ରବ୍ୟ ଅନୁସନ୍ଧାନ ପରେ ସମସ୍ତ ସମସ୍ତ ଗର୍ତ୍ତକୁ ବନଖଣ୍ଡ ଅଧିକାରୀଙ୍କ ସନ୍ତୋଷ ମୁତାବକ ଭଲଭାବେ ପୋତି ଦିଆଯିବ।
6. ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାମ କଲାବେଳେ କୌଣସି ଗଛ କଟାଯିବ ନାହିଁ। ପ୍ରକଳ୍ପ ସ୍ଥାନ ପ୍ରସ୍ତୁତି ପାଇଁ ଆବଶ୍ୟକ ସ୍ଥଳେ କେବଳ ବୁଦା ସଫା ଓ ଗଛ ଡାଳହଣା କରାଯାଇପାରେ।
7. ନିକଟସ୍ଥ ବୃକ୍ଷଲତା ଓ ବନ୍ୟଜୀବଙ୍କର କୌଣସି କ୍ଷତି ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦାୟୀ ରହିବେ। କୌଣସି କ୍ଷତି ହେଲେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ପ୍ରକଳ୍ପ ଅର୍ଥରୁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବେ।
8. ଏହି ପ୍ରକଳ୍ପ ପାଇଁ ଅନୁମୋଦିତ 7.1 ହେକ୍ଟର ଜଙ୍ଗଲ ଜମି ବ୍ୟତୀତ ଅନ୍ୟ ସ୍ଥାନରେ ଗାତ ଖୋଳିବା ଯନ୍ତ୍ରପାତି ପରିବହନ ନିମନ୍ତେ କୌଣସି ନୂଆ ରାସ୍ତା ନିର୍ମାଣ କରାଯିବ ନାହିଁ। ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ଜଣାଇ ପୂର୍ବରୁ ଥିବା ରାସ୍ତା ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାବ୍ୟବହାର କରିପାରନ୍ତି। ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାମ ସରିବାପରେ ରାସ୍ତା ପାଇଁ ବ୍ୟବହୃତ ସମସ୍ତ ସ୍ଥାନକୁ ତାହାର ପୂର୍ବ ସ୍ଥିତିକୁ ଅଣାଯିବ।
9. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏହି ଜଙ୍ଗଲ ଜମିରେ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ।
10. ଗର୍ତ୍ତର ବ୍ୟାସ ବା ସଂଖ୍ୟାରେ ପରିବର୍ତ୍ତନ ହେଲେ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମିତ୍ତ ପୂର୍ବରୁ ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟକୁ ଜଣାଇବାକୁ ହେବ।
11. ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାମ କଲାବେଳେ ନିକଟସ୍ଥ ବନ୍ୟଜୀବଙ୍କର କୌଣସି କ୍ଷତି ନହେବାପାଇଁ ସମସ୍ତ ପଦକ୍ଷେପ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ନେବେ। କୌଣସି କ୍ଷତି ହେଲେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବେ।
12. ଜଙ୍ଗଲ ଜମିରେ କୌଣସି ଶ୍ରମିକ ବସତି ନିର୍ମାଣ ହେବ ନାହିଁ ଏବଂ ସୂର୍ଯ୍ୟାସ୍ତ ପରେ କୌଣସି କାମ ହେବ ନାହିଁ।
13. ଯଦି ଖଣିଜ ଦ୍ରବ୍ୟ ଅନୁସନ୍ଧାନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି ପୂର୍ବରୁ ଜଙ୍ଗଲ ଅଧିକାର ଆଇନ ବଳରେ କାହାକୁ ଦିଆଯାଇଛି, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ହେବ କିମ୍ବା ଗର୍ତ୍ତର ସ୍ଥାନକୁ ପରିବର୍ତ୍ତନ କରିବାକୁ ହେବ।
14. ପ୍ରାରମ୍ଭରେ ଏହି ଅନୁମୋଦନ ଦିନଠାରୁ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ପାଇଁ ଅନୁମୋଦନ ଦୁଇ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଯାହାକୁ ଯୁକ୍ତିଯୁକ୍ତ କାରଣଥିଲେ ରାଜ୍ୟ ସରକାରଙ୍କ ସୁପାରିଶ ଅନୁସାରେ ଅଧିକ ଏକ ବର୍ଷ ବୃଦ୍ଧି କରାଯାଇପାରେ।
15. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ଏହି ସର୍ତ୍ତାବଳୀର ଉଲ୍ଲଙ୍ଘନ ହେଲେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଅନୁମୋଦନକୁ ନିଲମ୍ବନ କରିବେ। ନୋଡାଲ ଅଧିକାରୀ (ବନ ସଂରକ୍ଷଣ ଆଇନ) ଏ ଘଟଣାକୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟକୁ ତଦନ୍ତ ରିପୋର୍ଟ ଦେବେ।
16. ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଉତ୍ତୋଳିତ ଖଣିଜ ଦ୍ରବ୍ୟ କେବଳ ଅନୁସନ୍ଧାନ ନିମନ୍ତେ ବ୍ୟବହାର କରାଯିବ ଓ କୌଣସି ବ୍ୟବସାୟିକ କାର୍ଯ୍ୟରେ ଲଗାଯାଇପାରିବ ନାହିଁ।
17. ବନ୍ୟପ୍ରାଣୀଙ୍କ ଶାନ୍ତି ଭଙ୍ଗ ନକରିବାପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା (User Agency),ଖଣିଜ ଦ୍ରବ୍ୟ ଅନୁସନ୍ଧାନ ଜନିତ ଶବ୍ଦକୁ ଯଥା ସମ୍ଭବ କମ ରଖିବେ ଓ ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାର୍ଯ୍ୟ ରାତିବେଳେ ଏବଂ ଦିନର ଯେଉଁ ସମୟରେ କାମ କରିବାକୁ ଓଡିଶାର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଷେଧ କରିବେ, ସେ ସମୟରେ କାମ କରିବେ ନାହିଁ।
18. ଏହି ମନ୍ତ୍ରଣାଳୟର ତା 28.03.2019 ରିଖ ପତ୍ର ସଂଖ୍ୟା 5-2/2017-FC ଦ୍ୱାରା ପ୍ରଚଳନ କରାଯାଇଥିବା ବନ ସଂରକ୍ଷଣ ଆଇନର ବିସ୍ତୃତ ନିର୍ଦ୍ଦେଶାବଳୀ ସହାୟକ ପୁସ୍ତିକାର [Hand Book of Comprehensive Guidelines of Forest (Conservation) Act] ଅଧ୍ୟାୟ 6 ଅନୁଚ୍ଛେଦ 6.8 ରେ ବର୍ଣ୍ଣିତ ଜଙ୍ଗଲ ଜମିରେ ଗର୍ତ୍ତ ସମ୍ବନ୍ଧିତ ନିର୍ଦ୍ଦେଶାବଳୀଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଓ ରାଜ୍ୟ ସରକାର ପାଳନ କରିବେ।
19. ଏ ସମସ୍ତ ସର୍ତ୍ତାବଳୀରୁ ଯେ କୌଣସି ସର୍ତ୍ତର ଉଲ୍ଲଙ୍ଘନ ବନ ସଂରକ୍ଷଣ ଆଇନ 1980ର ଉଲ୍ଲଙ୍ଘନରୂପେ ପରିଗଣିତ ହେବ ଓ ଏହି ମନ୍ତ୍ରଣାଳୟର ତା 28.03.2019 ରିଖ ପତ୍ର ସଂଖ୍ୟା 5-2/2017-FC ଦ୍ୱାରା ପ୍ରଚଳନ କରାଯାଇଥିବା ବନ ସଂରକ୍ଷଣ ଆଇନର ବିସ୍ତୃତ ନିର୍ଦ୍ଦେଶାବଳୀ ସହାୟକ ପୁସ୍ତିକାର [Hand Book of Comprehensive Guidelines of Forest (Conservation) Act] ଅଧ୍ୟାୟ 1 ଅନୁଚ୍ଛେଦ 1.21 ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
20. ଏହି ପ୍ରକଳ୍ପ ପାଇଁ ଲାଗୁହେଉଥିବା ସମସ୍ତ ଆଇନ, ନିୟମାବଳୀ ଓ ଅଦାଲତଙ୍କ ନିର୍ଦ୍ଦେଶକୁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଓ ରାଜ୍ୟ ସରକାର ପାଳନ କରିବେ।

ଆପଣଙ୍କ ବିଶ୍ୱସ୍ତ
ସ୍ୱା:
**(ସନ୍ଦୀପ ଶର୍ମା)**
Assistant Inspector General of Forests (FC)

ଏକ କିତା ନକଲ ଦିଆଗଲା: -

1. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା ସରକାର, ଭୁବନେଶ୍ୱର
2. ନୋଡାଲ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
3. ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦ୍ରୀୟ), ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର
4. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା
5. ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ, ବନ ସଂରକ୍ଷଣ ଡିଭିଜନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
6. ଗାର୍ଡ ଫାଇଲ

ସ୍ୱା:
**(ସନ୍ଦୀପ ଶର୍ମା)**
Assistant Inspector General of Forests (FC)





ବର୍ତ୍ତମାନ ସିଜନ୍‌ରେ ମାଉଣ୍ଟ ଏଭରେଷ୍ଟରେ ବି ଟ୍ରାଫିକ୍ ଜାମ୍। ମେ ୨୩ ତାରିଖରେ ପର୍ବତାରୋହୀମାନଙ୍କ ଲମ୍ବା ଧାଡ଼ିର ଦୃଶ୍ୟ, ଯେଉଁଦିନ କଳ୍ପନା ଦାଶଙ୍କର ମୃତ୍ୟୁ ଘଟିଥିଲା।

# ସୋହିନୀଙ୍କୁ ଟାଇଟଲ



**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି):** ମୁମ୍ବାଇଠାରେ ଶୁକ୍ରବାର ଏମଏସଏଲଟିଏ(ମହାରାଷ୍ଟ୍ର ରାଜ୍ୟ ଲନ୍ ଟେନିସ ଆସୋସିଏଶନ) – ୟୋନେକ୍ସ ସନ୍‌ରାଇଜ୍ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟ ଶେଷ ହୋଇଛି। ଏହାର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶାର ସୋହିନୀ ଏସ. ମହାନ୍ତି ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି ସର୍ବଭାରତୀୟ ର୍‍ୟାଙ୍କ୍‌ର ୪ ନମ୍ବରରେ ଥିବା ସୋହିନୀ ଏହି ପ୍ରତିଯୋଗିତାରେ ଟପ୍‌ସିଡ୍ ଥିଲେ। ଫାଇନାଲରେ ସେ ଭାରତୀୟ ର୍‍ୟାଙ୍କ୍‌ର ୧୫ତମ ସ୍ଥାନରେ ଥିବା ପଶ୍ଚିମବଙ୍ଗର ସୈଜାୟାନ ବାନାର୍ଜୀଙ୍କୁ ସିଧାସଳଖ ୬–୧, ୬–୪ ସେଟ୍‌ରେ ପରାସ୍ତ କରିଛନ୍ତି। ଟାଇଟଲ ହାସଲ କରିଥିବାରୁ ପ୍ରତିଯୋଗିତାରୁ ସୋହିନୀଙ୍କୁ ୫୦ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଛି।

# ମହିଳା ହକି ସିରିଜ: ଅନ୍ତିମ ମ୍ୟାଚ୍‌ରେ ହାରିଲା ଭାରତ

**ଜିନ୍‌ଚେଓନ(କୋରିଆ), ୨୪।୫ (ପି.ଟି.):** ଭାରତୀୟ ମହିଳା ହକି ଦଳ ଘରୋଇ ଦକ୍ଷିଣ କୋରିଆକୁ ପ୍ରଥମ ଦୁଇଟି ମ୍ୟାଚରେ ପରାସ୍ତକରି ସିରିଜ ବିଜୟୀହୋଇଥିଲେମଧ୍ୟତୃତୀୟତଥାଅନ୍ତିମମୁକାବିଲାରେପରାସ୍ତହୋଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୋରିଆଠାରୁ ୦–୪ ଗୋଲରେ ଭାରତ ହାରି ଯାଇଛି। ଫଳରେ କୋରିଆ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଡିଫେନ୍ସ ଚାପରେ ଥିଲା। ଏହାର ସୁଯୋଗ ନେଇ କୋରିଆ ଖେଳାଳି ଭାରତୀୟ ସର୍କଲକୁ ପ୍ରବେଶ କରି ଶଟ୍ ମାରି ଗୋଟିଏ ପରେ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଘରୋଇ ଦଳ ୫ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ୨୯ତମ ମିନିଟ୍‌ରେ ଗୋଟିଏକୁ ଗୋଲରେ ପରିଣତ କରିଥିଲେ। ଜାଙ୍ଗ ହିସାନ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୪୧ତମ ମିନିଟ୍‌ରେ କିମ୍ ହ୍ୟୁଞ୍ଜି ଓ କାଙ୍ଗ ଜିନା କ୍ରମାଗତ ଦୁଇଟି ଗୋଲ ଦେଇଥିଲେ। ୩ଟି ଗୋଲ ବରଣ କରିବା ପରେ ଭାରତୀୟ ଖେଳାଳିଙ୍କ ମନୋବଳ ଭାଙ୍ଗିଥିଲା। ଫଳରେ ଭାରତ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଶେଷରେ କୋରିଆର ଲି ୟୁରି ୫୩ ମିନିଟ୍‌ରେ ଗୋଲ ଦେଇ ଦଳକୁ ୪–୦ରେ ବିଜୟୀ କରାଇଥିଲେ।

ପରାସ୍ତ ହୋଇଥିଲେ ମଧ୍ୟ ଆମ ଖେଳାଳି ବହୁତ କିଛି ଶିକ୍ଷା କରିଛନ୍ତି ବୋଲି ଭାରତୀୟ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ଦକ୍ଷିଣ କୋରିଆ ମଧ୍ୟ ଏକ ଉଚ୍ଚକୋଟୀର ଦଳ। ଏହି ମ୍ୟାଚ୍‌ରେ ଦକ୍ଷିଣ କୋରିଆ ଆମଠାରୁ ଅପେକ୍ଷାକୃତ ଅଧିକ ଭଲ ପ୍ରଦର୍ଶନ କରିଥିଲା। ତେବେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଆମେ ଭଲ ଖେଳିଥିଲୁ। ଆଗକୁ ହିରୋସିମାରେ ଏଫ୍‌ଆଇଏଚ୍ ମହିଳା ସିରିଜ୍ ଫାଇନାଲ୍ସ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ମେଗା ଇଭେଣ୍ଟ ପାଇଁ ଆମକୁ ପ୍ରସ୍ତୁତି ଆହିରି ଜୋର୍‌ଦାର କରିବାକୁ ହେବ ବୋଲି ମାରିଜନେ କହିଛନ୍ତି। କ୍ୟାରିୟରର ୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଲାଲରେମସିଆମିଙ୍କୁ ମାରିଜନେ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ କୋଚ୍ ଜୋର୍ଡ ମାରିଜନେଙ୍କ ସହ ଲାଲରେମସିଆମି।

## ଇଣ୍ଡିଆ ଓପନ ବକ୍ସିଂ: ସରିତା, ମେରୀକମ୍‌ଙ୍କୁ ସ୍ୱର୍ଣ୍ଣ

**ଗୁଆହାଟି,୨୪।୫(ପିଟି):** ଛ' ଥର ବିଶ୍ୱ ଚାମ୍ପିୟନ ଏମ୍‌ସି ମେରୀକମ୍ ଓ ଚଳିତ ସିଜନରେ ଭଲ ଫର୍ମରେ ଥିବା ଏଲ. ସରିତା ଦେବୀ ଶୁକ୍ରବାର ଉଦ୍‌ଯାପିତ ହୋଇଥିବା ଦ୍ୱିତୀୟ ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଅମିତ ପଙ୍ଘାଲ (୫୨ କେ.ଜି.) ଫାଇନାଲରେ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶୀର୍ଷ ସଫଳତା ପାଇଛନ୍ତି। ମୋଟ ଉପରେ ଭାରତ ମହିଳା ବିଭାଗର ୩ଟି ଓଜନ ବର୍ଗ (୫୧ କେ.ଜି., ୫୭ କେ.ଜି. ଓ ୭୫ କେ.ଜି.) ଓ ପୁରୁଷ ବିଭାଗର ୪ଟି (୫୨ କେ.ଜି., ୮୧ କେ.ଜି., ୯୧ କେ.ଜି. ଓ ୯୧ କେ.ଜି. ରୁ ଉର୍ଦ୍ଧ୍ୱ) ବର୍ଗରେ ସ୍ୱର୍ଣ୍ଣ ପଦକ ହାତେଇଛି। ଗତ ବର୍ଷ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣ ଅପେକ୍ଷା ଭାରତୀୟ ବକ୍ସରମାନେ ଦୁଇ ଗୁଣା ଅର୍ଥାତ ୧୨ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ପଦକଧାରୀ ସରିତା ୬୦ କେ.ଜି. ବର୍ଗର ଫାଇନାଲରେ ସିମରନଜୀତ କୌରଙ୍କୁ ୩–୨ରେ ହରାଇ ୩ ବର୍ଷ ମଧ୍ୟରେ ପ୍ରଥମ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି।

**GOVERNMENT OF ODISHA**
**FOREST & ENVIRONMENT DEPARTMENT**
------------
**No /10F (Con) 22/169737 /F&E, Bhubaneswar, dated the 22.05.19**

**ORDER**

**Sub:** Proposal for according permission for use of 9.819ha of forest land within total mining lease area of 583.021ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02ha each totalling 2.660ha and 7.159ha for construction of road) by M/s Odisha Mining Corporation Ltd. for prospecting of minerals.

WHEREAS, M/s Odisha Mining Corporation Limited, Bhubaneswar had applied for according permission for use 9.819ha of forest land within total mining lease area of 583.021 ha in Birasal Chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @0.02ha each totalling 2.660ha and 7.159ha for construction of road).

And whereas, the Ministry of Environment, Forests and Climate Change (hereinafter referred to as MoEF&CC), Government of India, had accorded 'in-principle' approval for use of 9.819ha of forest land within total mining lease area of 583.021 ha in Birasal chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02ha each totalling 2.660ha and 7.159ha for construction of road) vide its letter F.No.8-29/2017-FC dtd.06.09.2017 (Annexure-I).

And whereas, the MoEF&CC, Government of India, in consideration of the compliance of the conditions of the 'in-principle' approval, has accorded final approval for use of 9.819ha of forest land within total mining lease area of 583.021 ha in Birasal chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02ha each totalling 2.660ha and 7.159ha for construction of road) by M/s OMC Ltd. for prospecting of minerals vide its letter F.No.8-29/2017-FC dtd.02.05.2019 (Annexure-II) under Section 2 of the Forest (Conservation) Act, 1980.

Now therefore, the Government of Odisha, do hereby allow for use of 9.819ha of forest land within total mining lease area of 583.021 ha in Birasal chromite Mining lease located in Kankadahad Tahasil and Kamakshyanagar (East) Forest Range of Dhenkanal Forest Division in Dhenkanal district for undertaking exploratory drilling of 133 no. of boreholes of 4" dia (133 boreholes @ 0.02ha each totalling 2.660ha and 7.159ha for construction of road) as per approved land use pattern subject to fulfillment of the conditions of final forest clearance order as stipulated by the MoEF&CC, Government of India.

The Collector, Dhenkanal and Divisional Forest Officer, Dhenkanal Forest Division are authorized to permit the said forest land for undertaking exploratory drilling and construction of road by the user agency as specified subject to having valid lease and compliance of Court's order, if any, following due procedure of law. Before allowing the use of forest land to the user agency it shall be ensured that the Compensatory levies as due for this project is deposited, in full, at applicable rates.

The Divisional Forest Officer of Dhenkanal Forest Division is also directed to monitor compliance to the conditions stipulated for such diversion in the respective forest/ Wildlife clearance order and to report violations, if any, to the Nodal Officer, O/o Principal CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

By order of Governor

(Debidutta Biswal)
Special Secretary to Government

**Memo No. 9738 /F&E Dated 22.05.19**

Copy along with the copy of Annexure-I and Annexure-II above forwarded to the Principal Chief Conservator of Forests, Odisha for kind information and necessary follow up action.

Appropriate instruction to the Divisional Forest Officer, Dhenkanal Forest Division, Divisional Forest Officer, Kalahandi (South) Division and the user agency may be imparted for required follow up action at their end. It may be ensured by the Divisional Forest Officer that compensatory levies, as due, in this project of user agency, is deposited by them in appropriate head of account in full, at applicable rates. The user agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer of Dhenkanal Forest Division for facilitating monitoring of compliances.

**Special Secretary to Government**

**Memo No.9739 /F&E Dated 22.05.19**

Copy along with the copy of annexures as above forwarded to the Asst. Inspector General of Forest, Government of India, MoEF&CC (FC Division), Indira Paryavaran Bhawan, Aliganj, Jor Bagh Road, New Delhi, Pin-11000/ Addl. Director General of Forests (Central), MoEF&CC, Government of India, ERO, A/3, Chandrasekharpur, Bhubaneswar for kind information and necessary follow up action in compliance to the order of Hob'ble NGT dtd. 07.11.2012 in Appeal No. 07/2012 communicated by the MoEF, Government vide their letter F. No. 7-23/2012-FC dtd. 24.07.2013.

**Special Secretary to Government**

**Memo No.9740 /F&E Dated 22.05.19**

Copy along with the copy of annexures as above forwarded to the PCCF (WL) & CWLW, Odisha/ Director, Environment, F&E Department/ Member Secretary, State Pollution Control Board, Odisha for information and necessary action.

**Special Secretary to Government**

**Memo No.9741 /F&E Dated 22.05.19**

Copy along with the copy of annexures as above forwarded to the RCCF, Angul/ RCCF, Bhawanipatna/ Collector, Dhenkanal/ Collector, Kalahandi /Divisional Forest Officer, Dhenkanal Forest Division/ Divisional Forest Officer, Kalahandi (South) Division for information and immediate necessary compliance.

It may be ensured by the Divisional Forest Officer that compensatory levies, as due, for this project of user agency, shall be deposited by them in full at applicable rates in appropriate head of account before allowing use of the forest land by the user agency. Besides, any other funds due to be deposited by the user agency in this project shall also be deposited by the agency before the forest land is allowed to be utilized for the purpose of prospecting. The applicant agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer, Dhenkanal for facilitating monitoring of compliances by them.

The Divisional Forest Officer of Dhenkanal Division is **also instructed to ensure that the direction given to the user agency is executed immediately**.

**Special Secretary to Government**

**Memo No.9742/ F&E Dated 22.05.19**

Copy along with the copy of annexures as above forwarded to the Steel & Mines Department/ Collector, Dhenkanal/ Collector, Kalahandi for information and necessary follow action.

**Special Secretary to Government**

**Memo No.9743/F&E Dated 22.05.19**

Copy along with the copy of annexures as above forwarded to the Private Secretary to Minister of Forest & Environment Department for kind information of Hon'ble Minister.

**Special Secretary to Government**

**Memo No.9744/F&E Dated 22.05.19**

Copy along with the copy of the enclosures forwarded to Managing Director, OMC Ltd, OMC House, Bhubaneswar for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.7/2012 communicated by the MoEF, Government vide their letter F. No.7-23/2012-FC dtd.24.07.2013.

*(i) They shall publish the entire forest clearance granted in verbatim along with conditions and safeguards imposed by the Central Government in Stage-I/II forest clearance in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for non-forest purposes.*

*(ii) They shall submit the copies of forest clearance orders granted by the Central Government/ State Government to the Heads of local bodies, Panchayats and Municipal bodies along with the relevant offices of the State Government, who in turn, shall display the same for 30 days from date of receipt.*

*(iii) Detailed action taken in compliance to the above order of State Government shall be intimated to the DFO, Dhenkanal / DFO, Kalahandi (South) Division/ RCCF, Angul/ RCCF, Bhawanipatna/ PCCF, Odisha/ F&E Department for reference.*

*Besides the above, the user agency is also asked to deposit compensatory levies, as due for this project in full, at applicable rates. Also requisite funds due for deposit by the agency on account of this project shall also be deposited under appropriate head.*

*The user agency shall furnish compliances to the conditions prescribed in the forest/wildlife clearance order to the Divisional Forest Officer of Dhenkanal Forest Division/ Kalahandi (South) Division in every quarter, for the purpose of monitoring by them.*

**Special Secretary to Government**

**Memo No.9745/F&E Dated 22.05.19**

Copy with copy of enclosure forwarded to the O.I.C., State Portal, N.I.C., I.T. Department, Odisha Secretariat, Bhubaneswar/ M/s Luminous Infoways Pvt. Ltd, Sadhana, N-6/373, Nayapalli, JayadevVihar, Bhubaneswar-15 for information and necessary action. They are requested to upload this letter along with enclosed forest clearance order of Government of India, MoEF&CC, in the website of Forest & Environment Department **immediately** for information of all concerned. **This is required in compliance to order of Hon'ble National Green Tribunal dtd. 07.11.2012 in Appeal No.7/2012. Hence this maybe done unfailingly**.

**Special Secretary to Government**

**Memo No.9746 /F&E Dated 22.05.19**

Copy with copy of enclosure forwarded to the Under Secretary to Government, Office Establishment Section, F&E Department for information and necessary action with reference to their letter No.21646/F&E dtd.22.11.2016.

**Special Secretary to Government**

**ଓଡିଶା ସରକାର**
**ଜଙ୍ଗଲ ଓ ପରିବେଶ ବିଭାଗ**
**ତା 22 ।05 ।2019 ରିଖ ପତ୍ର ସଂଖ୍ୟା 10F (Con) 22/16/9737/F&E**

**ନିର୍ଦ୍ଦେଶନାମା**

**ବିଷୟ :** ଓଡିଶା ଖଣି ନିଗମର ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପୂର୍ବ ରେଞ୍ଜ ଓ କଙ୍କଡାହାଡ ତହସିଲଅନ୍ତର୍ଗତ ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ 583.02 ହେକ୍ଟର ମଧ୍ୟରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଛିଦ୍ର ଗର୍ତ୍ତ ପାଇଁ (133 ଟି ଛିଦ୍ର ଗର୍ତ୍ତ ପ୍ରତ୍ୟେକ ଗର୍ତ୍ତ ପାଇଁ 0.02 ହେକ୍ଟର ହିସାବରେ 2.66 ହେକ୍ଟର ଓ ରାସ୍ତା ତିଆରି ପାଇଁ 7.159 ହେକ୍ଟର) ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ପ୍ରସ୍ତାବ।

ଯେହେତୁ, ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପୂର୍ବ ରେଞ୍ଜ ଓ କଙ୍କଡାହାଡ ତହସିଲ ଅନ୍ତର୍ଗତ ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ 583.02 ହେକ୍ଟର ମଧ୍ୟରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଛିଦ୍ର ଗର୍ତ୍ତ ପାଇଁ (133 ଟି ଛିଦ୍ର ଗର୍ତ୍ତ ପ୍ରତ୍ୟେକ ଗର୍ତ୍ତ ପାଇଁ 0.02 ହେକ୍ଟର ହିସାବରେ 2.66 ହେକ୍ଟର ଓ ରାସ୍ତା ତିଆରି ପାଇଁ 7.159 ହେକ୍ଟର) ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ଓଡିଶା ଖଣି ନିଗମ ଆବେଦନ କରିଥିଲେ।

ଏବଂ ଯେହେତୁ, ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପୂର୍ବ ରେଞ୍ଜ ଓ କଙ୍କଡାହାଡ ତହସିଲ ଅନ୍ତର୍ଗତ ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ 583.02 ହେକ୍ଟର ମଧ୍ୟରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଛିଦ୍ର ଗର୍ତ୍ତ ପାଇଁ (133 ଟି ଛିଦ୍ର ଗର୍ତ୍ତ ପ୍ରତ୍ୟେକ ଗର୍ତ୍ତ ପାଇଁ 0.02 ହେକ୍ଟର ହିସାବରେ 2.66 ହେକ୍ଟର ଓ ରାସ୍ତା ତିଆରି ପାଇଁ 7.159 ହେକ୍ଟର) ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ଓଡିଶା ଖଣି ନିଗମର ଆବେଦନକୁ ବିଚାର କରି ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ତା06 । 09 । 2017 ରିଖ ପତ୍ର ସଂଖ୍ୟାF.No.8-29/2017-FC (ପରିଶିଷ୍ଟ 1)ଦ୍ୱାରା ନୀତି ଦୃଷ୍ଟିରୁ ଅନୁମୋଦନ କରିଛନ୍ତି।

ଏବଂ ଯେହେତୁ, ନୀତି ଦୃଷ୍ଟିରୁ ଅନୁମୋଦନରେ ଦିଆଯାଇଥିବା ସର୍ତ୍ତାବଳୀର ଅନୁପାଳନ ପତ୍ରକୁ ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ମନ୍ତ୍ରଣାଳୟ ବିଚାର କରି ତା02 । 05 । 2019ରିଖ ପତ୍ର ସଂଖ୍ୟାF.No.8-29/2017-FC (ପରିଶିଷ୍ଟ 2) ଦ୍ୱାରା ବନ ସଂରକ୍ଷଣ ଆଇନର ଧାରା 2 ଅନୁସାରେ ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପୂର୍ବ ରେଞ୍ଜ ଓ କଙ୍କଡାହାଡ ତହସିଲ ଅନ୍ତର୍ଗତ ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ 583.02 ହେକ୍ଟର ମଧ୍ୟରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଛିଦ୍ର ଗର୍ତ୍ତ ପାଇଁ (133 ଟି ଛିଦ୍ର ଗର୍ତ୍ତ ପ୍ରତ୍ୟେକ ଗର୍ତ୍ତ ପାଇଁ 0.02 ହେକ୍ଟର ହିସାବରେ 2.66 ହେକ୍ଟର ଓ ରାସ୍ତା ତିଆରି ପାଇଁ 7.159 ହେକ୍ଟର) ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ଓଡିଶା ଖଣି ନିଗମର ଆବେଦନକୁ ଚୂଡାନ୍ତ ଅନୁମୋଦନ ପ୍ରଦାନ କରିଛନ୍ତି।

ସୁତରାଂ ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପୂର୍ବ ରେଞ୍ଜ ଓ କଙ୍କଡାହାଡ ତହସିଲ ଅନ୍ତର୍ଗତ ବିରାଶାଳ କ୍ରୋମାଇଟ ଖଣିର ସମୁଦାୟ 583.02 ହେକ୍ଟର ମଧ୍ୟରେ ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ 4 ଇଞ୍ଚ ବ୍ୟାସ ବିଶିଷ୍ଟ 133ଟି ଛିଦ୍ର ଗର୍ତ୍ତ ପାଇଁ (133 ଟି ଛିଦ୍ର ଗର୍ତ୍ତ ପ୍ରତ୍ୟେକ ଗର୍ତ୍ତ ପାଇଁ 0.02 ହେକ୍ଟର ହିସାବରେ 2.66 ହେକ୍ଟର ଓ ରାସ୍ତା ତିଆରି ପାଇଁ 7.159 ହେକ୍ଟର) ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ରାଜ୍ୟ ଏତଦ୍ୱାରା ସରକାର ଭାରତ ସରକାରଙ୍କ ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ସ୍ଥିରୀକୃତ ସର୍ତ୍ତାବଳୀ ଅନୁପାଳନ ସର୍ତ୍ତ ସହ ଅନୁମତି ପ୍ରଦାନ କରୁଛନ୍ତି।

ଆଇନ ଦ୍ୱାରା ସ୍ଥିରୀକୃତ ପଦ୍ଧତି ଅବଲମ୍ବନ କରି, ନିଜ ନିଜ ଅଧିନରେ ଥିବା ଅନୁମୋଦିତ ଜଙ୍ଗଲ ଜମିରେ ଅନୁସନ୍ଧାନ ନିମନ୍ତେ ଗର୍ତ୍ତ ଖନନ ଓ ରାସ୍ତା ନିର୍ମାଣ ପାଇଁଅଦାଲତଙ୍କ ନିଷେଧ ନଥିଲେ ଖଣି ପଟ୍ଟା ଥିବା ବ୍ୟବହାରକାରୀ ସଂସ୍ଥାକୁ ହସ୍ତାନ୍ତର କରିବାପାଇଁ ଜିଲ୍ଲାପାଳ ଢେଙ୍କାନାଳ ଓ ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡଙ୍କୁ ଏତଦ୍ୱାରା କ୍ଷମତା ପ୍ରଦାନ କରାଗଲା । ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଜଙ୍ଗଲଜମି ହସ୍ତାନ୍ତର ପୂର୍ବରୁ ସମସ୍ତ କ୍ଷତିପୂରକ କର ଆଦାୟ ସୁନିଶ୍ଚିତ କରାଯିବ।

ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାରନିମନ୍ତେ ଅନୁମୋଦନରେ ସ୍ଥିରୀକୃତ ସର୍ତ୍ତାବଳୀ ଅନୁପାଳନ ହେବା ବିଷୟ ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ ତଦାରଖ କରିବେ ଓ କୌଣସି ସର୍ତ୍ତ ଉଲ୍ଲଙ୍ଘନ ହେଲେ ସେ ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟର Nodal Officer ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ବିବରଣୀ ଦେବେ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଖଣି ପାଇଁ ଲାଗୁହେଉଥିବା ସମସ୍ତ ଅଧିନିୟମ, ନିୟମ ଅନୁସାରେ ସମସ୍ତ ବୈଧାନିକ ଅନୁମୋଦନ ମିଳିବା ଉପରେ ନିର୍ଭର କରେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଦେବୀଦତ୍ତ ବିଶ୍ୱାଳ)
ସ୍ୱତନ୍ତ୍ର ଶାସନ ସଚିବ

**ଜ୍ଞାପକ ସଂଖ୍ୟା 9738/F&E ତା22 । 05 । 19**

ଏହାର ଏକ କିତା ନକଲ ପରିଶିଷ୍ଟ 1, ପରିଶିଷ୍ଟ 2, ଓ ପରିଶିଷ୍ଟ 3 ସହିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶାଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ବନଖଣ୍ଡ ଅଧିକାରୀ ଢେଙ୍କାନାଳ ବନଖଣ୍ଡ, ବନଖଣ୍ଡ ଅଧିକାରୀ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ, ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏ ସମ୍ପର୍କରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ । ସମସ୍ତ କ୍ଷତିପୂରକ କର ଉପଯୁକ୍ତ Head of Account ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ସୁନିଶ୍ଚିତ କରାଇବେ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9739/F&E ତା22 । 05 । 19**

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା 24 । 07 । 2013ରିଖ ପତ୍ର ସଂଖ୍ୟା F.No. 7-23/2012-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା 7/2012 ର ତା 07 । 11 । 2012 ଆଦେଶକ୍ରମେ ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ସହକାରୀ ବନ ମହାନୀରିକ୍ଷକ, ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ବନ ସଂରକ୍ଷଣ ଡିଭିଜନ), ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ଆଲିଗଞ୍ଜ ରୋଡ, ନୂଆଦିଲ୍ଲୀ 110003/ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦ୍ରୀୟ), ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, A/3 ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9740/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା/ ନିର୍ଦ୍ଦେଶକ ପରିବେଶ, ଜଙ୍ଗଲ ଓ ପରିବେଶ ବିଭାଗ/ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9741/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ଅନୁଗୁଳ/ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ଭବାନୀପାଟଣା/ଜିଲ୍ଲାପାଳ ଢେଙ୍କାନାଳ/ ଜିଲ୍ଲାପାଳ କଳାହାଣ୍ଡି/ବନଖଣ୍ଡୀୟ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ/ବନଖଣ୍ଡୀୟ ଅଧିକାରୀ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡଙ୍କ ଅବଗତି ଓ ତୁରନ୍ତ ଆଜ୍ଞାପାଳନ ନିମନ୍ତେ ପ୍ରେରଣ କରାଗଲା।

ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ପାଇଁ ଦେବା ପୂର୍ବରୁ ଏହି ଜଙ୍ଗଲ ଜମିର ସମସ୍ତ କ୍ଷତିପୂରକ କର ଉପଯୁକ୍ତ Head of Account ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ସୁନିଶ୍ଚିତ କରାଇବେ ।ଏହାଛଡା, ଦିଆଯିବାକୁ ଥିବା ଅନ୍ୟ ସମସ୍ତ ପାଣ୍ଠି ଉପଯୁକ୍ତ Head of Account ରେ Adhoc CAMPA ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସୁନିଶ୍ଚିତ କରାଇବେ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବନଖଣ୍ଡୀୟ ଅଧିକାରୀ, ଢେଙ୍କାନାଳ ବନଖଣ୍ଡଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ ଯଦ୍ୱାରା ସମସ୍ତ ସର୍ତ୍ତାବଳୀର ଅନୁପାଳନ ହୋଇପାରିବ।

**ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାଙ୍କ ପ୍ରତି ଥିବା ସମସ୍ତ ନିର୍ଦ୍ଦେଶ ତୁରନ୍ତ ପାଳନ ହେବା ସୁନିଶ୍ଚିତ କରିବା ପାଇଁ ବନଖଣ୍ଡୀୟ ଅଧିକାରୀ, ଢାଙ୍କାନାଳ ବନଖଣ୍ଡଙ୍କୁ ନିର୍ଦ୍ଦେଶ ଦିଆଗଲା।**

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9742/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଇସ୍ପାତ ଓ ଖଣି ବିଭାଗ/ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ/ଜିଲ୍ଲାପାଳ ଢେଙ୍କାନାଳ/ଜିଲ୍ଲାପାଳ କଳାହାଣ୍ଡିଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9743/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9744/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ପରିଚାଳନା ନିର୍ଦ୍ଦେଶକ, ଓଡିଶା ଖଣି ନିଗମ, ଭୁବନେଶ୍ୱରଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା 24 । 07 । 2013ରିଖ ପତ୍ର ସଂଖ୍ୟା F.No. 7-23/2012-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା 7/2012 ର ତା 07 । 11 । 2012 ଆଦେଶକ୍ରମେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ତୁରନ୍ତ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ: -

1. ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ସହିତ କେନ୍ଦ୍ର ସରକାରଙ୍କ ପ୍ରଥମ ଓ ଦ୍ୱିତୀୟ ଚରଣ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀକୁ, ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ, ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ରରେ, ଗୋଟିଏରେ ଇଂରାଜୀ ଓ ଅନ୍ୟଟିରେ ସ୍ଥାନୀୟ ଭାଷାରେ ପ୍ରକାଶିତ କରିବେ।
2. କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ଆଦେଶର ନକଲକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ମୁଖ୍ୟ, ମ୍ୟୁନିସିପାଲିଟି ମୁଖ୍ୟ ଓ ଏସମ୍ପର୍କିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରେରଣ କରିବେ ଏବଂ ସେମାନେ ଏହାକୁ 30 ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଇବେ।
3. ରାଜ୍ୟ ସରକାରଙ୍କ ଉପରୋକ୍ତ ଆଦେଶର ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ ଢେଙ୍କାନାଳ ବନଖଣ୍ଡ/ବନଖଣ୍ଡ ଅଧିକାରୀ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ/ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଅନୁଗୁଳ/ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଭବାନୀପାଟଣା/ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓଡିଶା ଏବଂ ଜଙ୍ଗଲ ଓ ପରିବେଶ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରିବେ।

ଏସମସ୍ତ ବ୍ୟତୀତ, ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସମସ୍ତ କ୍ଷତିପୂରକ କର ଲାଗୁହୋଇଥିବା ଦରରେ ପୂର୍ଣ୍ଣରୂପେ, ପ୍ରଦାନ କରିବେ ।ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବାକୁ ଥିବା ସମସ୍ତ ପାଣ୍ଠି ଉପଯୁକ୍ତ Head of Accountରେ ପ୍ରଦାନ କରିବେ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଓ ବନ୍ୟପ୍ରାଣୀ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ/ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡଙ୍କୁ ପ୍ରେରଣ କରିବେ।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9745/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ O.I.C, State Portal, N.I.C, ସୂଚନା ଓ ପ୍ରଯୁକ୍ତି ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର/ M/s Luminous Infosys Pvt Ltd, Sadhana, N-6/373, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-15ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସମସ୍ତଙ୍କ ସୂଚନା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଓ ବନମନ୍ତ୍ରଣାଳୟଙ୍କ ପ୍ରଥମ ପର୍ଯ୍ୟାୟ ଅନୁମୋଦନ ପତ୍ର ସହିତଏହି ପତ୍ରକୁ ଜଙ୍ଗଲ ଓ ପରିବେଶ ବିଭାଗର website ରେ ତୁରନ୍ତ ସ୍ଥାନିତ କରିବାପାଇଁ ଅନୁରୋଧ କରାଗଲା । ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ନମ୍ବର 7/2012ରେ ତା7 ।11 । 2012 ରିଖରେ ଦିଆଯାଇଥିବା ଆଦେଶ ମୁତାବକ ଏହା ଆବଶ୍ୟକ, ତେଣୁ ଏହା ନିଶ୍ଚିତ ରୂପେ କରାଯିବାକୁ ଅନୁରୋଧ।

**ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା 9746/F&E ତା22 । 05 । 19**

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଉପ ଶାସନ ସଚିବ, କାର୍ଯ୍ୟାଳୟ ସଂସ୍ଥାପନ ଶାଖା, ଜଙ୍ଗଲ ଓ ପରିବେଶ ବିଭାଗଙ୍କ ପତ୍ର ସଂଖ୍ୟା 21646/F&E ତା 22 । 11 । 2016 ରିଖ ସମ୍ବନ୍ଧରେ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ସ୍ୱତନ୍ତ୍ର ଶାସନ ସଚିବ**



"ଭାରତୀୟ କ୍ରିକେଟ ବିଶ୍ୱକପ୍ ଦଳରେ ମୁଁ ସ୍ଥାନ ପାଇବା ପଛରେ ମୋ ବନ୍ଧୁ ତଥା ପରାମର୍ଶଦାତା ଅଭିଷେକ ନାୟାରଙ୍କ ବିଶେଷ ଭୂମିକା ରହିଛି।
–ଦୀନେଶ କାର୍ତ୍ତିକ, ଭାରତୀୟ କ୍ରିକେଟର



"ଭାରତୀୟ ଫୁଟ୍‌ବଲ ଦଳରେ ସ୍ଥାନ ପାଇବା ଲାଗି ସୁନୀଲ ଛେତ୍ରୀଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଫାଇଟ୍ କରିବାକୁ ପଡ଼ିବ।
–ଇଗୋର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ ଟିମ୍ କୋଚ୍

## ସଂକ୍ଷେପରେ

### ସମସ୍ତ କ୍ରିକେଟର ଦୁର୍ନୀତି ମୁକ୍ତ

**ଲଣ୍ଡନ, ୨୪।୫ (ପି.ଟି.):** ଆଗାମୀ ଆଇସିସି ବିଶ୍ୱକପ୍ ଖେଳିବା ଲାଗି ମନୋନୀତ କୌଣସି ଅନ୍ତର୍ଜାତୀୟ କ୍ରିକେଟର ଦୁର୍ନୀତି ପରିସରଭୁକ୍ତ ନୁହଁନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିରୋଧୀ ୟୁନିଟ୍ (ଏସିୟୁ)ର ଜଣେ ବରିଷ୍ଠ ପଦାଧିକାରୀ ଆଲେକ୍ସ ମାର୍ଶାଲ ସୂଚନା ଦେଇଛନ୍ତି। ଇଭେଣ୍ଟର ଇତିହାସରେ ଏହା ସବୁଠାରୁ 'ସୁରକ୍ଷିତ' ଟୁର୍ନାମେଣ୍ଟ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପରବର୍ତ୍ତୀ ୬ ସପ୍ତାହ ଧରି ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମ ଥର ସେମାନଙ୍କ ଦଳ ସହ ଦୁର୍ନୀତି ନିରୋଧୀ ମ୍ୟାନେଜର ଗସ୍ତ କରିଛନ୍ତି। ଗତ ୧୮ ମାସ ମଧ୍ୟରେ ୧୪ କିମ୍ବା ୧୫ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଛି। କିନ୍ତୁ ଏମାନଙ୍କ ମଧ୍ୟରେ ଜଣେ ହେଲେ ବର୍ତ୍ତମାନର ଖେଳାଳି ନାହାନ୍ତି। ଯେଉଁମାନଙ୍କ ବିରୋଧରେ ଅଭିଯୋଗ ହୋଇଛି, ସେମାନଙ୍କ ମଧ୍ୟରେ ପ୍ରଶାସକ, ସିନିୟର ପ୍ରଶାସକ, ବୋର୍ଡ ସଦସ୍ୟ, କୋଚ୍, ପୂର୍ବତନ ଖେଳାଳି ଏବଂ ଆନାଲିଷ୍ଟ ପ୍ରମୁଖ ଅଛନ୍ତି। ବର୍ତ୍ତମାନ ଖେଳାଳି ଗ୍ରୁପ୍‌ରୁ ଜଣେ କେହି ହେଲେ ଏମାନଙ୍କ ମଧ୍ୟରେ ନାହାନ୍ତି ବୋଲି ଆଇସିସି ଜେନେରାଲ ମ୍ୟାନେଜର (ଏସିୟୁ) ମାର୍ଶାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ମୋର୍ଗାନ ଆହତ

**ଲଣ୍ଡନ,୨୪।୫(ଏଏଫ୍‌ପି):** ଇଂଲଣ୍ଡ ଦଳର ଅଧିନାୟକ ଇଆନ ମୋର୍ଗାନ ଆହତ ହୋଇଛନ୍ତି। ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ୍ ପାଇଁ ଅଭ୍ୟାସ କରୁଥିବାବେଳେ ତାଙ୍କ ବାମହାତର ଆଙ୍ଗୁଠିରେ ଆଘାତ ଲାଗିଥିବା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ତାଙ୍କୁ ଏକ୍ସ-ରେ' ପାଇଁ ମେଡିକାଲ ପଠାଯାଇଛି। ହାମ୍ପଶାୟାର ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଜୋ ରୁଟଙ୍କ ଅନୁପସ୍ଥିତିରେ ୧୪ ଜଣିଆ ଇଂଲଣ୍ଡ ଦଳ ପ୍ରସ୍ତୁତ ହେଉଛି। ୩୨ ବର୍ଷୀୟ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଦିନିକିଆ ଦଳଗତ ମାନ୍ୟତାରେ ଶୀର୍ଷ ସ୍ଥାନ ହାସଲ କରିଛି। ଆୟୋଜକ ଦଳ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

# ଭାରତ–ନ୍ୟୁଜିଲାଣ୍ଡ ୱାର୍ମଅପ୍ ଆଜି

ଲଣ୍ଡନ,୨୪।୫(ପି.ଟି.)

**ଆଇସିସି ବିଶ୍ୱକପ୍**
**ଆଉ ୫ ଦିନ**
**ନଂ ୪ ଉପରେ ଫୋକସ**

ଆଉ ମାତ୍ର ୭ ଦିନ ପରେ ଇଂଲଣ୍ଡରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟର ଅନ୍ୟତମ ଫେଭରାଇଟ୍ ଦଳ ଭାରତ ତା'ର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ଶନିବାର ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଭାରତ ତା'ର ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛି। ଭାରତ ପାଇଁ ବ୍ୟାଟିଂ କ୍ରମର ୪ ନମ୍ବର ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଏବେ ବି ଜାରି ରହିଛି। ଭାରତ ଏହି ସ୍ଥାନରେ ପରୀକ୍ଷା ନିରୀକ୍ଷା କରିବ। କେବଳ ସେତିକି ନୁହଁ ଭାରତ ତା'ର ବୋଲିଂ ବିଭାଗ ସମେତ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ୪ ନମ୍ବରରେ ବ୍ୟାଟିଂ କରାଇବାର ସୁଯୋଗ ଦେଇ ଏକ୍ସପେରିମେଣ୍ଟ କରିବା ଆଶା କରାଯାଉଛି।

୧୯୯୨ରେ ଅନୁଷ୍ଠିତ ବିଶ୍ୱକପ୍ ଫର୍ମାଟ ଅନୁଯାୟୀ ଏଥର ଏହି ମେଗା ଇଭେଣ୍ଟ ଖେଳାଯିବ। ତେଣୁ ବିଶ୍ୱକପ୍ ବେଶ୍ ଚ୍ୟାଲେଞ୍ଜିଂ ହେବ ବୋଲି ଆଶା କରାଯାଉଛି। ଦୁଇଟି ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ଏଥର ବିରାଟ କୋହଲିଙ୍କ ନେତୃତ୍ୱରେ ଇଂଲଣ୍ଡରେ ପହଞ୍ଚିଛି। ପୂର୍ବରୁ ଭାରତ ୧୯୮୩ ଓ ୨୦୧୧ରେ ଟାଇଟଲ ହାସଲ କରିଥିଲା। ଦିନିକିଆ ର୍‍ୟାଙ୍କିଂରେ ଇଂଲଣ୍ଡ ପଛରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ଆୟୋଜକ ଇଂଲଣ୍ଡ ଓ ଭାରତ ଏଥର ଫେଭରାଇଟ୍ ବିବେଚିତ ହେଉଛନ୍ତି। ଜୁନ୍ ୫ ତାରିଖରେ ଭାରତ ସାଉଥାମ୍ପଟନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ତେବେ ଏହି ୱାର୍ମ- ଅପ୍ ମ୍ୟାଚ୍ ମାଧ୍ୟମରେ ଭାରତ ଇଂଲଣ୍ଡ ରାଜଧାନୀ ଲଣ୍ଡନରେ ତା'ର ପ୍ରଥମ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିଛି।

ଦିନିକିଆ ଫର୍ମାଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ବିରାଟ କୋହଲିଙ୍କ ସମେତ ପେସ୍ ଓ ସ୍ପିନକୁ ନେଇ ସନ୍ତୁଳିତ ଥିବା ଭାରତୀୟ ବୋଲିଂ ବିଭାଗ ଉପରେ ସମସ୍ତଙ୍କ ନଜର ରହିବ। ଦୁଇ ଓପନର ରୋହିତ ଶର୍ମା, ଶିଖର ଧାୱନ ଓ କୋହଲି ବିଶ୍ୱର ଶ୍ରେଷ୍ଠ ଟପ୍–୩ ବିବେଚିତ ହେଉଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ, ଅଲରାଉଣ୍ଡର କେଦାର ଯାଦବ ଓ ବିଗ୍ ହିଟିଂ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ବ୍ୟାଟିଂ ଲାଇନର ଗଭୀରତା ବଢାଇଛନ୍ତି। ଇଂଲଣ୍ଡ ପରିବେଶରେ ଭାରତୀୟ ପେସ୍ ବାହିନୀ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଯଶପ୍ରୀତ ବୁମ୍‌ରା ଏବେ ବିଶ୍ୱର ଶ୍ରେଷ୍ଠ ଦିନିକିଆ ବୋଲର ବିବେଚତ ହେଉଛନ୍ତି। ବୁମ୍‌ରାଙ୍କ ସହିତ ମହମ୍ମଦ ସାମି, ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକଙ୍କୁ ନେଇ ଗଠିତ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲ ଭାରତୀୟ ବୋଲିଂ ବିଭାଗରେ ବିବିଧତା ଆଣିବେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ମଧ୍ୟ ଏଥର ବିଶ୍ୱକପ୍‌ରେ କିଛି କରିଦେଖାଇବାକୁ ବ୍ୟଗ୍ର ରହିଛି। ଭାରତ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳିବାକୁ ଯାଉଥିବାର ଆମ ପାଇଁ ଏହା ଲାଭଦାୟକ ହେବ ବୋଲି ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର କହିଛନ୍ତି। ନ୍ୟୁଜିଲାଣ୍ଡ ଏକ ବିଶ୍ୱସ୍ତରୀୟ ଦଳ ହୋଇଥିବାରୁ ଭାରତକୁ ସମସ୍ୟାରେ ପକାଇବ। ଭାରତ ମଧ୍ୟ ଏହି ମ୍ୟାଚ୍ ଖେଳି ଇଂଲଣ୍ଡ ପରିବେଶ ସହ ଖାପଖୁଆଇବା ସହିତ ନିଜ ସାମର୍ଥ୍ୟକୁ ପରଖିବାର ସୁଯୋଗ ହାସଲ କରିବ। ନ୍ୟୁଜିଲାଣ୍ଡ ଶେଷଥର ପାଇଁ ଫେବୃୟାରୀ ୧୯ରେ ବାଂଲାଦେଶ ବିପକ୍ଷରେ ଦିନିକିଆ ଖେଳିଥିଲା।

ଭଲ ପ୍ରଦର୍ଶନ ନେଇ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ମଧ୍ୟ ଆଶାବାଦୀ ଅଛନ୍ତି। ଗତ କେତେମାସ ହେବ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପର ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳି ନାହାନ୍ତି। ଏହି ମ୍ୟାଚ୍ ଖେଳିବାକୁ ଆମେ ବ୍ୟଗ୍ର ବୋଲି ୱିଲିୟମଶନ କହିଛନ୍ତି। ବିଶ୍ୱକପ୍‌ର ସବୁ ଚ୍ୟାଲେଞ୍ଜକୁ ସାମ୍‌ନା କରିବାକୁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଆଙ୍ଗୁଠିରେ ଆଘାତ ସମସ୍ୟା କାରଣରୁ ଉଇକେଟକିପର ଟମ୍ ଲାଥମ ଏହି ଅଭ୍ୟାସ ଖେଳିପାରିବେ ନାହିଁ। ତାଙ୍କ ସ୍ଥାନରେ ନବାଗତ ଟମ୍ ବ୍ଲଣ୍ଡେଲ ଦଳରେ ସାମିଲ ହୋଇଛନ୍ତି ବୋଲି ୱିଲିୟମଶନ କହିଛନ୍ତି। ମୋଟାମୋଟି ଉପରେ ଏହି ୱାର୍ମ ଅପ୍ ଭାରତ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଯଶପ୍ରୀତ ବୁମ୍‌ରା, ୟୁଜବେନ୍ଦ୍ର ଚହଲ, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, କେଦାର ଯାଦବ, ଦୀନେଶ କାର୍ତ୍ତିକ (ଉଇକେଟକିପର), ଭୁବନେଶ୍ୱର କୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ଲୋକେଶ ରାହୁଲ, ମହମ୍ମଦ ସାମି, ବିଜୟ ଶଙ୍କର, ରୋହିତ ଶର୍ମା ଓ କୁଲଦୀପ ଯାଦବ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ (ଉଇକେଟକିପର), ଟ୍ରେଣ୍ଟ ବୋଲ୍ଟ, କଲିନ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍ଟିଲ, ମ୍ୟାଟ ହେନେରୀ, ଟମ୍ ଲାଥମ (ଉଇକେଟ କିପର), କଲିନ ମୁନରୋ, ଜିମି ନିଶାମ, ହେନରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧୀ, ଟିମ୍ ସାଉଦି ଓ ରସ୍ ଟେଲର।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୩.୦୦**
**ସ୍ଥାନ: କେନିଂଟନ ଓଭାଲ, ଲଣ୍ଡନ**



ଲଣ୍ଡନରେ ଇଣ୍ଡିଆନ ହିରୋଜ ରେଡ୍ କାର୍ପେଟ କାର୍ଯ୍ୟକ୍ରମ ଅବସରରେ ଅଧିନାୟକ ବିରାଟ କୋହଲି।

### କଟକ ପରେ ଭୁବନେଶ୍ୱରରେ ଧୋନୀ କ୍ରିକେଟ୍ କୋଚିଂ କ୍ଲିନିକ୍

ଭୁବନେଶ୍ୱର,୨୪।୫(କ୍ରୀଡ଼ା ପ୍ରତିନିଧି)

କଟକରେ ଶନିବାରଠାରୁ ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ (ଏମ୍‌ଏସ୍‌ଡିସିଏ) କୋଚିଂ କ୍ଲିନିକ୍ ଆରମ୍ଭ ହେବାକୁ ଯାଉଛି। ଏଥିରେ ଭାଗ ନେବା ପାଇଁ ରାଜ୍ୟର ବହୁ ସଂଖ୍ୟାରେ ଯୁବ ଖେଳାଳି ଇଚ୍ଛା ପ୍ରକାଶ କରିବା ପରେ ଏମ୍‌ଏସ୍‌ଡି ଏକାଡେମୀ ପକ୍ଷରୁ କଟକ ପରେ ଭୁବନେଶ୍ୱରରେ କୋଚଂ କ୍ଲିନିକ୍ ଆୟୋଜନ କରିବା ନେଇ ଘୋଷଣା କରାଯାଇଛି। ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ଗ୍ରାଉଣ୍ଡରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଓଡ଼ିଶା ଭଳି ରାଜ୍ୟର ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କୁ ଉଚିତ ପ୍ରଶିକ୍ଷଣ ଯୋଗାଇବା ଏମ୍‌ଏସ୍‌ଡିସିଏର ମୁଖ୍ୟ ଲକ୍ଷ୍ୟ ଥିବା ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ଅବସରରେ ଧୋନୀଙ୍କ ଉଇକେଟକିପିଂ କୋଚ୍ କେଶବ ରଞ୍ଜନ ବାନାର୍ଜୀଙ୍କ ସମେତ ଆର୍କା ସ୍ପୋର୍ଟ୍ସ ମ୍ୟାନେଜର ଶେଖର ଚହ୍ୱାନ, ସି.ଭି. ରମଣ କଲେଜ ଅଧକ୍ଷ ସଞ୍ଜୀବ ରାଉତ, ବିଭୁ ସତପଥୀ, ସତ୍ୟବ୍ରତ ମହାପାତ୍ର ଓ ପ୍ରେମ ରଞ୍ଜନ ଓଝା ଉପସ୍ଥିତ ଥିଲେ।

### ରାଜ୍ୟ କୁସ୍ତି ସଂଘ ସମ୍ପାଦକ ଦାୟିତ୍ୱରେ ଦେବେନ୍ଦ୍ର

କଟକ ଅଫିସ,୨୪।୫

ରାଜ୍ୟ କୁସ୍ତି ସଂଘର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ। ଆସନ୍ତା ନଭେମ୍ବରରେ ହେବାକୁ ଥିବା ରାଜ୍ୟ ସଂଘର ନିର୍ବାଚନ ପର୍ଯ୍ୟନ୍ତ ଦେବେନ୍ଦ୍ର ଏହି ଦାୟିତ୍ୱରେ ରହିବେ। ସମ୍ପାଦକ ବିନୋଦ ଦାସ ଅସୁସ୍ଥତା କାରଣରୁ ସଂଘର ବିଭିନ୍ନ ବୈଠକରେ ଯୋଗ ଦେଇ ପାରୁନାହାନ୍ତି। ଫଳରେ ଭାରପ୍ରାପ୍ତ ସମ୍ପାଦକ ଭାବେ ଦେବେନ୍ଦ୍ରଙ୍କୁ ଦାୟିତ୍ୱ ମିଳିଛି।

## ଆନ୍ତର୍ଜାତିକ କ୍ରିକେଟରୁ ବ୍ରେକ୍ ନେବାକୁ ଚାହୁଁଥିଲେ ହରମନପ୍ରୀତ୍

ନୂଆଦିଲ୍ଲୀ,୨୪।୫(ପି.ଟି.)

ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ବିଶ୍ୱକପ୍ ଟି୨୦ ବିବାଦ ପରେ ଆନ୍ତର୍ଜାତିକ କ୍ରିକେଟରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ରେକ୍ ବା ବିଶ୍ରାମ ନେବାକୁ ଚାହୁଁଥିଲେ। ବୋଲି ଭାରତୀୟ ଅଧିନାୟିକା ହରମନପ୍ରୀତ କୌର କହିଛନ୍ତି। ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ସିନିୟର ଖେଳାଳି ମିଥାଲି ରାଜଙ୍କୁ ବାଦ୍ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଓ ହରମନପ୍ରୀତ ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ। ସେମିଫାଇନାଲରେ ଭାରତ ପରାସ୍ତ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଭାରତୀୟ ଦଳ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଶେଷରେ କୋଚ୍ ରମେଶ ପାୱାରଙ୍କୁ ପଦରୁ ବହିଷ୍କୃତ ହେବାକୁ ପଡିଥିଲା। ଦିନିକିଆ ଅଧିନାୟକ ମିଥାଲିଙ୍କ ସହ ହରମନପ୍ରୀତଙ୍କ ମଧ୍ୟରେ ସମ୍ପର୍କ ମଧ୍ୟ ସେତେଟା ଭଲ ହୋଇପାରି ନ ଥିଲା। ଆଘାତ ସମସ୍ୟାରୁ ମଧ୍ୟ ହରମନପ୍ରୀତ କ୍ରିକେଟରୁ ବେଶ୍ କିଛିଦିନ ଦୂରେଇ ରହିଥିଲେ। ଟି୨୦ ବିଶ୍ୱକପ୍‌ର ପରାଜୟ ପରେ ଅବଶ୍ୟ ନିରାଶ ହୋଇଥିଲେ। ତେବେ ବିବାଦ ମୋତେ ଅଧିକ କଷ୍ଟ ଦେଇଥିଲା ବୋଲି ହରମନପ୍ରୀତ କହିଛନ୍ତି। ଉଲ୍ଲେଖଥାଉ କି, ୩୦ ବର୍ଷୀୟା ମହିଳା ଅଲରାଉଣ୍ଡର ହରମନପ୍ରୀତ ୨ଟି ଟେଷ୍ଟ, ୯୩ଟି ଦିନିକିଆ ଓ ୯୬ଟି ଟି୨୦ ମ୍ୟାଚ୍ ଖେଳି ବେଶ୍ ସଫଳତା ହାସଲ କରିଛନ୍ତି।

## ସର୍ବଭାରତୀୟ କରାଟେରେ ଓଡ଼ିଶାକୁ ୧୨ ପଦକ




ପଦକ ସହ କୃତୀ ପ୍ରତିଯୋଗୀମାନେ।

କଟକ ଅଫିସ,୨୪।୫

ମହାରାଷ୍ଟ୍ରର ଶିବାଜୀ ସ୍ପୋର୍ଟସ ସନକୁଲ ଷ୍ଟାଡିୟମରେ ୫ମ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୧୨ଟି ପଦକ ମିଳିଛି। ଏଥିରେ ୪ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି। ପଦକ ବିଜୟୀ ପ୍ରତିଯୋଗୀମାନେ ହେଲେ ତ୍ରିବିକ୍ରମ ଗୁଇଁ, ମୁକେଶ କୁମାର ନାୟକ, ଅସିତ୍ ରାଉତ୍, ଲକି ଦାସ, ଏମ୍. ବେଦାନ୍ତ, ଗୌରବ କର, ରାକେଶ ନନ୍ଦ ଓ ଜୁନେଦ୍ ଆବେଦିନ। ଓଡ଼ିଶା ସୋଟୋକାନ କରାଟେ ସେଣ୍ଟରର ମୁଖ୍ୟ ପ୍ରଶିକ୍ଷକ ସିହାନ ନିତାଇ ଶଙ୍କର ଗୁଇଁ, ସମ୍ପାଦକ ନର୍ମଦା ଗୁଇଁଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ଦଳ ମହାରାଷ୍ଟ୍ର ଯାତ୍ରା କରିଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନ୍‌ର ସଭାପତି ଶିବାଶିଷ କର ଶୁଭେଚ୍ଛା ଜଣାଇଛନ୍ତି।

## କୋହଲି, ବଟଲର, ୱାର୍ନର ଶ୍ରେଷ୍ଠ

ମେଲବୋର୍ନ,୨୪।୫(ପି.ଟି.)



ଜୋଶ ବଟଲର



ଡେଭିଡ୍ ୱାର୍ନର

ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ଥିବା ବେଳେ ଅଷ୍ଟ୍ରେଲୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ମାର୍କ ୱ ବିଶ୍ୱର ଶ୍ରେଷ୍ଠ ୩ ବ୍ୟାଟ୍ସମ୍ୟାନଙ୍କୁ ବାଛିଛନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କର ପ୍ରଥମ ପସନ୍ଦ ବୋଲି ମାର୍କ କହିଛନ୍ତି। କୋହଲି ହେଉଛନ୍ତି ୧ ନମ୍ବର ବ୍ୟାଟ୍ସମ୍ୟାନ ଓ ଏଥିରେ ସନ୍ଦେହ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋହଲି ଚଳିତ ବର୍ଷ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ସବୁ ଗୁରୁତ୍ୱପୂର୍ଣ୍ଣ ପୁରସ୍କାର ହାସଲ କରିଛନ୍ତି। କୋହଲି ଦିନିକିଆରେ ୫୯. ୫୭ ରନ ହାରରେ ୪୧ଟି ଶତକ ହାସଲ କରିଛନ୍ତି। ସେହିପରି ଇଂଲଣ୍ଡର ଜୋଶ ବଟଲର ହେଉଛନ୍ତି ଦ୍ୱିତୀୟ ପସନ୍ଦର ବ୍ୟାଟ୍ସମ୍ୟାନ। ବଟଲର ଏବେ ଜବରଦସ୍ତ ଫର୍ମରେ ଅଛନ୍ତି। ପାକିସ୍ତାନ ବିପକ୍ଷରେ ଗତ ସାଉଥାମ୍ପଟନ ଦିନିକିଆରେ ସେ ୫୦ ବଲରୁ ଶତକ ହାସଲ କରିଥିଲେ। ଚଳିତମାସ ପ୍ରାରମ୍ଭରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ୭୭ ବଲରୁ ୧୫୦ ରନର ଶତକୀୟ ପାଳି ଖେଳିଥିଲେ। ନିଜ ଦେଶର ଡେଭିଡ ୱାର୍ନର ହେଉଛନ୍ତ ମୋର ତୃତୀୟ ପସନ୍ଦର ବ୍ୟାଟ୍ସମ୍ୟାନ। ଦିନିକିଆ ଫର୍ମାଟରେ ୱାର୍ନର ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ଏହି ୩ ବ୍ୟାଟ୍ସମ୍ୟାନ ଆଗାମୀ ବିଶ୍ୱକପ୍‌ରେ ପ୍ରତିପକ୍ଷ ଦଳ ପାଇଁ ବିପଦ ସୃଷ୍ଟି କରିବେ। ପୁଣି ୩ ବ୍ୟାଟ୍ସମ୍ୟାନଙ୍କ ଉପରେ ସେମାନଙ୍କ ଦଳର ସଫଳତା ନିର୍ଭର କରୁଛି ବୋଲି ମାର୍କ କହିଛନ୍ତି।

### ଫ୍ରେଞ୍ଚ୍ ଓପନରେ ଟଏଲେଟ୍ କଟକଣା

**ପ୍ୟାରିସ,୨୪।୫ (ଏଏଫ୍‌ପି):** ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାରେ ଏଥର ଖେଳାଳିଙ୍କ ଲାଗି ଟଏଲେଟ୍ ବ୍ରେକ୍ ସଂଖ୍ୟାକୁ ସୀମିତ କରିବା ଲାଗି ଆୟୋଜକଗଣ ନିଷ୍ପତ୍ତି ନେଇଛନ୍ତି। ଏଥର ଏକ ମ୍ୟାଚ୍ ବେଳେ ଜଣେ ଖେଳାଳି କେବଳ ଥରେମାତ୍ର ଟଏଲେଟ୍ ବ୍ରେକ୍ ନେଇ ପାରିବ। ଏହି ନୂଆ ନିୟମ ଲାଗୁ କରିବା ପଛରେ କାରଣ ରହିଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଚାଲିଥିବାବେଳେ ଯଦି ଜଣେ ଖେଳାଳି ଟଏଲେଟ୍ ବ୍ରେକ୍‌ରେ ଯାଏ ବିଶେଷ କରି ଏକ ସେଟ୍ ହାରିବା ପରେ ଏହା ବିପକ୍ଷ ଖେଳାଳି ଓ ଦର୍ଶକଙ୍କ ମନରେ ବିରକ୍ତି ଭାବ ସୃଷ୍ଟି କରିଥାଏ। କିନ୍ତୁ ଏଥର ରୋଲାଣ୍ଡ ଗ୍ୟାରୋସରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ କାରୋଲିନା ପ୍ଲିସକୋଭା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୁରୁଷ ଖେଳାଳିଙ୍କୁ ବେଳେ ବେଳେ ୫, ୬ ଘଣ୍ଟା ଖେଳିବାକୁ ପଡୁଛି। ସେମାନଙ୍କୁ ଦୁଇଥର ସୁଯୋଗ ଦିଆଯିବା ଉଚିତ।

### ଦୁର୍ଦ୍ଧର୍ଷ ବଟଲର

ଲଣ୍ଡନ,୨୪।୫ (ଏଏଫ୍‌ପି)

ଜୋସ ବଟଲରଙ୍କ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ଯୋଗୁ ଇଂଲଣ୍ଡ ବିଶ୍ୱକପ୍‌ରେ ଫେଭରାଇଟ୍ ମାନ୍ୟତା ପାଇଛି। ସେ ୧୦ ମଧ୍ୟରୁ ୫ଟି ଦ୍ରୁତତମ ଶତକ ଲଗାଇ ସାରିଛନ୍ତି। ଫିଲ୍ଡିଂ କଟକଣା ଥିବା ଫର୍ମାଟରେ ବଟଲରଙ୍କ ଶୀଘ୍ର ରନ୍ କରିବାର ଦକ୍ଷତା ରହିଛି। ଏଣୁ ପ୍ରତିପକ୍ଷ ଦଳ ପାଇଁ ସେ ଜଣେ ବିପଦ ଜନକ ବ୍ୟାଟ୍ସମ୍ୟାନ। ଇଂଲଣ୍ଡର ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ପେସର ଜୋଫ୍ରା ଆର୍ଚର ନେଟ୍ସରେ ବଟଲରଙ୍କୁ ସ୍କୋର କରିବାକୁ ରୋକିପାରନ୍ତି ନାହିଁ ବୋଲି କହିଛନ୍ତି।

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ହରପ୍ରସାଦ ମିଶ୍ର**
ନୂଆସୋମେଶ୍ୱରପୁର, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୯୩୯
ତିରୋଧାନ: ୧୬।୦୫।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଏବଂ ଧାର୍ମିକ ଚେତନା ଆମର ପାଥେୟ ହେଉ। ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ହତଭାଗ୍ୟ ସନ୍ତାନ:**
କାଳିଆ, ବୁଢ଼ା, ସଂଜୁ, ନିରୁ, ଅଶୋକ, ମୁନା, ଇଲା, ଗାଙ୍ଗୁଲି, ବାଙ୍ଗୁଲି, ସିକୁ, ବୁବୁ, ବାବୁନି, ଜୁବୁଲି, ଟୁଇଁକିଲ, ଦୀପୁନ, ବଡ଼ବୋହୂ, ସାନବୋହୂ ଓ ପରିବାରବର୍ଗ।
ଧ–୩୪୮୯୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଉମାମଣୀ ଦାଶ**
ସ୍ୱାମୀ– ସ୍ୱର୍ଗତ ମଧୁସୂଦନ ଦାଶ
ଗ୍ରାମ– ଜିଡିକାର ସୁଆଁଲୋ,
ପୋ: ଭାଟପାଟଣା, ଖୋର୍ଦ୍ଧା
ତିରୋଧାନ: ୦୬।୦୫।୨୦୧୮
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।
ଧ–୬୨୧୮୫

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ELS-ANGL-OT-19-20-02
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍(ELS)/ ଅନୁଗୁଳର WAG-7 ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ) ଗୁଡ଼ିକର ଅଗ୍‌ଜିଲିଆରି (Auxiliary) ମୋଟରଗୁଡ଼ିକର ପରୀକ୍ଷା ଓ ମରାମତି (Overhauling), ରିୱାଇଣ୍ଡିଙ୍ଗ୍ ଏବଂ ଆସେମ୍ବ୍ଲିଙ୍ଗ୍ (Assembling)।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) :** 84,77,845/-, EMD (ଟଙ୍କାରେ) : 1,69,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ.
ବିଡ୍ ଆରମ୍ଭ ହେବା ତାରିଖ : ତା.04.06.2019ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.06.2019ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୁଳ
PR-102/K/19-20

**ଆଲ୍ଲାହାବାଦ ବ୍ୟାଙ୍କ**
**ଦଖଲ ନୋଟିସ୍**
**ନୟାପଲ୍ଲୀ ଶାଖା** : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ (ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮(୧) ଅନୁଯାୟୀ)

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ, ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଡ଼ିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା :ମେସର୍ସ ସାମନ୍ତରାଜ ଫିଲ୍ମସ୍ ପ୍ରା.ଲିଃ, ରାଜା ବଗିଚା, ତେଲେଙ୍ଗା ବଜାର, କଟକ, ପିନ୍-୭୫୩୦୦୯, ଜାମିନ୍‌ଦାରମାନେ: (୧)ଶ୍ରୀ ଦୀପକ କୁମାର ସାମନ୍ତରାୟ, ରାଜା ବଗିଚା, ତେଲେଙ୍ଗା ବଜାର, କଟକ-୭୫୩୦୦୯ (୨)ଶ୍ରୀ ଜୟଦୀପ ସାମନ୍ତରାୟ, ରାଜା ବଗିଚା, ତେଲେଙ୍ଗା ବଜାର, କଟକ-୭୫୩୦୦୯ (୩)ଶ୍ରୀ ମହେଶ୍ୱର ରାଉତ, ରାଜେନ୍ଦ୍ର ନଗର, କଟକ-୭୫୩୦୧୧, (୪)ଶ୍ରୀ ଆର.କେ ରୂପ, ଶକ୍ତି ନଗର, କଟକ-୭୫୩୦୦୮, (୫)ମେସର୍ସ ସାମନ୍ତରାୟ କନ୍‌ଷ୍ଟ୍ରକ୍ସନ୍‌ସ ପ୍ରା.ଲିଃ, ଗ୍ରାଣ୍ଡ ସିନେମା ବିଲ୍ଡିଂ, ମହତାବ ରୋଡ, କଟକ-୭୫୩୦୦୧। | ତା.୧୮.୦୨.୨୦୧୯ ସୁଦ୍ଧା ଟ.୧,୩୭,୬୫,୫୪୯.୬୯ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୮.୦୨.୨୦୧୯ / ୨୨.୦୫.୨୦୧୯ | (କ) କମ୍ପାନୀ ଦ୍ୱାରା କିଣାଯାଇଥିବା / ସ୍ଥାପିତ ହୋଇଥିବା ସମସ୍ତ ସମ୍ପତ୍ତି। (ଖ) ଗ୍ରାଣ୍ଡ ସିନେମା ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଓ ସେଠରେ ହୋଇଥିବା ନିର୍ମାଣ ଯାହାର ପ୍ଲଟ ନଂ.-୧୭୨୭/୨୩୬୫, ଖାତା ନଂ.-୮୩୪, ଏରିଆ-୦.୦୮୯ ଡିସିମିଲି, ପ୍ଲଟ ନଂ.-୧୭୨୭, ଖାତା ନଂ.-୮୩୩, ଏରିଆ-୦.୩୮୨ ଡିସିମିଲି, ସମୁଦାୟ ଏରିଆ- ୦.୪୭୧ ଡିସିମିଲି, ଦୋଳମୁଣ୍ଡେଇ, କଟକ, ୟୁନିଟ୍ ନଂ.-୨୩, ସାମନ୍ତସାହି, ଥାନା-ପୁରୀଘାଟ, ମୌଜା-କଟକ, ଜିଲ୍ଲା-କଟକ। ଉପରୋକ୍ତ ସମ୍ପତ୍ତି ଆକାଉଣ୍ଟ ମେସର୍ସ ସାମନ୍ତରାଜ ଫିଲ୍ମସ୍ ପ୍ରା.ଲିଃ ରେ ବନ୍ଧକ ସ୍ୱରୂପ ଅଛି। |

ସ୍ଥାନ-ଭୁବନେଶ୍ୱର
ତାରିଖ-୨୪.୦୫.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ
ଆଲ୍ଲାହାବାଦ ବ୍ୟାଙ୍କ







■ ଚିରଞ୍ଜୀବଙ୍କ ପାଇଁ ଆତ୍ମସମୀକ୍ଷାର ସମୟ

# ନାଉଗାଁରେ ମିଳିଲାନି ପୂର୍ବ ସମର୍ଥନ

■ ୧୬ ପଞ୍ଚାୟତରେ ପାଇଲେନି ଆଶାନୁରୂପ ଭୋଟ୍

■ ୧୩ ପଞ୍ଚାୟତରେ ରହିଲେ ପଛରେ

ନାଉଗାଁ,୨୪।୫(ସ୍ୱ.ପ୍ର.) ବାହାରି ସାରିଛି ୨୦୧୯ ନିର୍ବାଚନ ଫଳାଫଳ। ବିଜୟୀ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଏବେ ଉତ୍ସବ ପାଳୁଥିବାବେଳେ ପରାଜିତ ପ୍ରାର୍ଥୀମାନେ ନିରାଶ ହୋଇଛନ୍ତି। ତେବେ ପରାଜିତ ପ୍ରମୁଖ ପ୍ରାର୍ଥୀମାନେ ନିଜ ପରାଜୟକୁ ସହଜରେ ଗ୍ରହଣ କରି ନ ପାରି ଆତ୍ମ ସମୀକ୍ଷା ଚଳାଇଛନ୍ତି। ନିର୍ବାଚନ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ବିଜୟୀ ହେବେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଷ୍ଣୁଚରଣ ଦାସଙ୍କୁ ପରାଜିତ କରି ଚିରଞ୍ଜୀବ ଜଗତ୍‌ସିଂହପୁର ଜିଲାରେ ଏକମାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ନିର୍ବାଚନମଣ୍ଡଳୀରେ ସେ ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ କରିଥିବା କହିବା ସହ ପୁଣି ଥରେ ଭୋଟର ତାଙ୍କ ଉପରେ ଆସ୍ଥା ପ୍ରକଟ କରିବେ ବୋଲି ଆଶା କରିଥିଲେ। ସେପଟେ ବିଜେଡି ଶେଷ ମୁହୂର୍ତ୍ତରେ ବିଷ୍ଣୁଙ୍କୁ ତିର୍ତ୍ତୋଲରୁ ପ୍ରାର୍ଥୀ କରିବା ସହ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଏଠାରୁ ଟିକେଟ୍ ଦେଇଥିଲା। ଟିକେଟ୍ ଘୋଷଣା ମାତ୍ରେ ପ୍ରଶାନ୍ତ ଦଳୀୟ ବିରୋଧର ସମ୍ମୁଖୀନ ହୋଇଥିଲେ। ଅନ୍ୟତମ ଆଶାୟୀ ଅମରେନ୍ଦ୍ର ଦାସ ଖୋଲାଖୋଲି ତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ସେହିପରି ଏଠାରେ ପ୍ରଶାନ୍ତ ନୂଆ ମୁହଁ ହୋଇଥିବାରୁ ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାକୁ ଖୁବ୍ କମ୍ ସମୟ ଥିଲା। ତେବେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅମରେନ୍ଦ୍ରଙ୍କୁ ଜିଲା ବିଜେଡି ସଭାପତି କରିବା ସହ ବିବାଦର ସମାଧାନ କରିଥିଲେ। ତଥାପି ମଧ୍ୟ କମ୍ ସମୟ ମଧ୍ୟରେ ପ୍ରଶାନ୍ତ ସଫଳତା ହାସଲ କରିବା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଚିରଞ୍ଜୀବ ସହଜରେ ଜିତିଯିବେ ବୋଲି ତାଙ୍କ ସମର୍ଥକମାନେ କହୁଥିଲେ। ତେବେ ୨୩ ତାରିଖ ଫଳାଫଳ ସବୁ ଅଙ୍କ ଏପଟସେପଟ କରିଦେଇଛି। ତେଣୁ ଚିରଞ୍ଜୀବଙ୍କ ପାଇଁ ଏବେ ସମୀକ୍ଷାର ବେଳ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ୨୦୧୪ ନିର୍ବାଚନରେ କଂଗ୍ରେସ ନାଉଗାଁ ବ୍ଲକର ୧୬ ପଞ୍ଚାୟତରେ ଯେପରି ଆଶାନୁରୂପ ଫଳ ପାଇଥିଲା, ତାହା ୨୦୧୯ ନିର୍ବାଚନରେ ଦେଖିବାକୁ ମିଳିନାହିଁ। କେବଳ ରୋହିଆ, ଡେରିକି, ଶିଖର ପଞ୍ଚାୟତରେ ଦଳ ହାତଗଣତି କେତେଖଣ୍ଡ ଭୋଟ୍‌ରେ ଆଗୁଆ ରହିଥିଲା। ଅବଶିଷ୍ଟ ୧୩ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ଆଗୁଆ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ଦଳର ଏହି ପରାଜୟ ପାଇଁ ନେତା ଓ କର୍ମୀମାନେ ଦାୟୀ ବୋଲି ଆଲୋଚନା ହେଉଛି।

## ଭୋଟରଙ୍କୁ ପ୍ରଶାନ୍ତଙ୍କ କୃତଜ୍ଞତା

ନାଉଗାଁ,୨୪।୫(ସ୍ୱ.ପ୍ର.) ନାଉଗାଁ ବ୍ଲକର ଭୋଟରମାନେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ନିର୍ବାଚନରେ ବିଜୟୀ କରିଥିବାରୁ ବିଧାୟକ ପ୍ରଶାନ୍ତ ମୁଦୁଲି କୃତଜ୍ଞତା ଜ୍ଞାପନ କରିଛନ୍ତି। ଭୋଟରମାନେ ପୁନର୍ବାର ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ କରିଛନ୍ତି। ତେଣୁ ନାଉଗାଁବାସୀଙ୍କୁ ମୁଦୁଲିଙ୍କ ସହ ବ୍ଲକ ବିଜେଡି ସଭାପତି ସୁଜିତ ମଲିକ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ବରିଷ୍ଠ ନେତା ଅଜୟ ମହାନ୍ତି ଓ ନାଉଗାଁ ବ୍ଲକ ବିଜୁ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଅଧିକର ଲାଭ !!
DATSUN
ଡାଟସନ୍ କାର୍ ହେଉଛି ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତାଧାରୀ କାର୍ ନିର୍ମାତା ନିସାନ୍‌ର ଉପସ୍ଥାପନା, ଯାହା ଆପଣଙ୍କୁ ଏହାର କାରରେ ଅତ୍ୟାଧୁନିକ ଉନ୍ନତ ଜାପାନୀ ଟେକ୍ନୋଲୋଜି ଅତି ଯଥାର୍ଥ ମୂଲ୍ୟରେ ଉପଲବ୍ଧ କରାଇବାର ପ୍ରତିଶ୍ରୁତି ଦେଇଥାଏ!!
ଡାଟସନ୍ ରେଡି ଗୋ ଏ ହେଉଛି ବୈଶିଷ୍ଟ୍ୟାବଳୀରେ ସମୃଦ୍ଧ ତଥା ଦୀର୍ଘସ୍ଥାୟୀ କାର୍ ଯାହା ୫ ବର୍ଷ ଏବଂ ଅସୀମିତ କିଲୋମିଟରର ବର୍ଦ୍ଧିତ ୱାରେଣ୍ଟି ଏବଂ ନିଜ ଶ୍ରେଣୀର ସର୍ବଶ୍ରେଷ୍ଠ ଗ୍ରାଉଣ୍ଡ କ୍ଲିୟରାନ୍ସ ସହିତ ଆସିଥାଏ।
ରେଡି ଗୋ ଏ ରେ ରହିଛି ଉନ୍ନତ ୟୁକାନ ଡିଜାଇନ୍, ଏସି, ପାୱାର୍ ଷ୍ଟିୟରିଂ, ପ୍ରୋସେଫ୍ ସୁରକ୍ଷା ବୈଶିଷ୍ଟ୍ୟାବଳୀ ସହିତ
ଟ.୩୭୦୦୦/-* ପର୍ଯ୍ୟନ୍ତ ଲାଭ ତଥା ବଛା ବଛା ବଜାରରେ ଟ.୧୨୦୦୦/-*ର ବିନିମୟ ବୋନସ୍!! ୩ ବର୍ଷର "୦" ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ୟାକେଜ୍ ଉପଲବ୍ଧ। ରେଡି ଗୋ ଏ ମାତ୍ର ଟ.୩.୨୩ ଲକ୍ଷର ଏକ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ଉପଲବ୍ଧ।




ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: BHARAT NISSAN : SAMBALPUR: - 7428391340,
ANGUL: - 7428391340, BEHRAMPUR: - 7428391340,
ANANTA NISSAN : BHUBANESWAR: - 7428391352,
*T&C apply. #Ex-Showroom starting price.




ବିଜ୍ଞପ୍ତି

ଆମ ଦୃଷ୍ଟିକୁ ଏହା ଆସିଛି ଯେ କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ନିଜକୁ ଶ୍ରୀଲେଦର୍ସର ପ୍ରାଧିକୃତ କର୍ମଚାରୀ ଭାବେ ପରିଚୟ ଦେଉଛନ୍ତି ଏବଂ ମୋଟା ଅଙ୍କର ଅର୍ଥ ବଦଳରେ ଶ୍ରୀଲେଦର୍ସର ଡିଲରଶିପ୍ କରାଇବାର ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଠକୁଛନ୍ତି। ଅନେକ ବ୍ୟକ୍ତି ଉପରୋକ୍ତ ପଦ୍ଧତିରେ ଏହି ଅସାଧୁ ବ୍ୟକ୍ତିମାନଙ୍କ ଦ୍ୱାରା ଠକାମିର ଶିକାର ହୋଇସାରିଛନ୍ତି।

ଯଦି କୌଣସି ସଙ୍ଗଠନ ଶ୍ରୀଲେଦର୍ସର ଡିଲରଶିପ୍ ନେବା ପାଇଁ ଚାହୁଁଥାନ୍ତି, ତେବେ ସେମାନଙ୍କୁ କେବଳ ୩ ଓ ୪ ଲିଣ୍ଡସେ ଷ୍ଟ୍ରିଟ୍, କୋଲକାତା - ୭୦୦୦୮୭ ଠିକଣାରେ ଆମ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି।

ଶ୍ରୀଲେଦର୍ସର ଡିଲରଶିପ୍ ମଞ୍ଜୁର ପାଇଁ ଆମ ତରଫରୁ କାମ କରିବା ନିମନ୍ତେ ଆମେ କୌଣସି ବ୍ୟକ୍ତିଙ୍କୁ ଅଧିକୃତ କରିନାହୁଁ। ଆମେ ଆଶ୍ୱାସନା ଦେଉଛୁ ଯେ ଏପରି ଅସାଧୁ କାର୍ଯ୍ୟରେ ଯଦି କେହି ଲିପ୍ତ ରହିଥିବାର ଜାଣିବାକୁ ପାଉ ତେବେ ଆମେ ଅତୀତରେ କରିଥିବା ଭଳି ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

Sreeleathers



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ




**ସଂକ୍ଷେପରେ**

## ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ବିଞ୍ଝାରପୁର,୨୪।୫(ଡି.ଏନ.ଏ):** ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଅଞ୍ଚଳର ରଞ୍ଜିତ ଦାସ ନାମକ ଜଣେ ଖବରଦାତାଙ୍କୁ ୧୮ତାରିଖ ବିଳମ୍ବିତ ରାତିରେ ନିର୍ବାଚନ ସମ୍ପର୍କିତ ଘଟଣାକୁ ନେଇ କେତେଜଣ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାରେ ରଞ୍ଜିତଙ୍କ ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଥିଲା । ସେ ଏବେ କଟକରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ଏକ ମାମଲା (ନଂ ୧୧୬/୧୯) ରୁଜୁ କରି ତଦନ୍ତ କରୁଥିଲା । ଏହି ଘଟଣାରେ ଶୁକ୍ରବାର ପୂର୍ବାହ୍ନରେ ବିଞ୍ଝାରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଲ୍ୟାଣପୁର ଗ୍ରାମର ବିଟୁ ସେଠୀ। ଶନିବାର ବିଟୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଶିବ ଚରଣ ବେହେରା ସୂଚନା ଦେବା ସହିତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ସେମାନଙ୍କ ନିକଟରେ ପୋଲିସ ପହଞ୍ଚିବ ବୋଲି ଥାନାଧିକାରୀ କହିଛନ୍ତି।

■ଯାଜପୁର ଜିଲାରେ ମତଦାନ ହାର

# କମିଛି ବିଜେଡି, ବଢ଼ିଛି ଭାଜପା

**ଯାଜପୁର ଅଫିସ,୨୪।୫**

ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ସରିବା ପରେ ଯାଜପୁର ଜିଲାର ରାଜନୈତିକ ସ୍ଥିତି ନେଇ ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ୨୦୦୦ ମସିହାରୁ ଯାଜପୁର ଲୋକସଭା ଓ ୨୦୦୯ରୁ ସମସ୍ତ ବିଧାନସଭା ଆସନକୁ ବିଜେଡି ଅକ୍ତିଆର କରିଆସୁଛି। ୨୦୧୯ ନିର୍ବାଚନରେ ମଧ୍ୟ ବିଜେଡି ଅନୁରୂପ ସଫଳତା ହାସଲ କରିଛି। ଯାଜପୁର ଲୋକସଭା ସମେତ ୭ଟି ବିଧାନସଭାକୁ ବିଜେଡି ପୋଛି ନେଇଛି ସତ ହେଲେ ପୂର୍ବବର୍ଷ ଭଳି ଜନ ସମର୍ଥନ ପାଇପାରି ନାହିଁ। ଗତ ୫ବର୍ଷରେ ବିଜେଡି ୫.୯୧ ପ୍ରତିଶତ ଭୋଟ ହରାଇଛି । ୨୦୧୪ରେ ଯାଜପୁର ସଂସଦୀୟ କ୍ଷେତ୍ରରେ ବିଜେଡି ୫୫.୭୮ ପ୍ରତିଶତ ଭୋଟ ପାଇଥିଲାବେଳେ ଏଥର ୪୯.୮୧ ପ୍ରତିଶତକୁ ଖସି ଆସିଛି। କିନ୍ତୁ ଭାଜପା ୨୦୧୪ ନିର୍ବାଚନର ୧୫.୫୩ ପ୍ରତିଶତରୁ ୪୦.୫ ପ୍ରତିଶତକୁ ଲମ୍ଫ ମାରିଛି। କଂଗ୍ରେସ ୨୦୧୪ରେ ୨୨.୭୭ ପ୍ରତିଶତରୁ ଏଥର ୮.୩୯ ପ୍ରତିଶତରେ ସୀମିତ ରହିଛି। ଏହି ଜନମତକୁ ଜିଲାରେ ରାଜନୈତିକ ସ୍ଥିତିର ଏକ ମୋଟାମୋଟି ମାପଦଣ୍ଡ ଭାବେ ନିଆଗଲେ ବିଜେଡି ପାଇଁ ଏହା ନିଶ୍ଚିତ ଭାବେ ସତର୍କ ଘଣ୍ଟି ବୋଲି ଚର୍ଚ୍ଚା ହେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାରେ ଭାଜପାର ଭୋଟ ହାର ସ୍ୱତଃପ୍ରବୃତ୍ତ ବୃଦ୍ଧି ପାଇଥିଲା। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ପ୍ରତିଶତରୁ ପ୍ରାୟ ୩୧ ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଜିଲା ଭାଜପା ସଂଗଠନ ସେତେଟା ସୁଦୃଢ ହୋଇ ନ ଥିଲେ ହେଁ ଜିଲାରେ ଦ୍ୱିତୀୟ ଦଳ ଭାବେ ପରିଗଣିତ ହୋଇଥିଲା। ଭାଜପା ସପକ୍ଷରେ ଏଭଳି ଜନାଦେଶ ବୃଦ୍ଧି ସେତେବେଳେ ବିଜେଡି ଶିବିରକୁ ଅସ୍ଥିର କରିଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳକୁ ଭାଜପା ଜିଲାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇପାରେ ବୋଲି ମତପ୍ରକାଶ ପାଇଥିଲା। ଲୋକଙ୍କ ଏହି ଆଶଙ୍କା ସତରେ ପରିଣତ ହୋଇଛି। ଜିଲାରେ ବଡଚଣା ଓ ବରୀ ନିର୍ବାଚନ ମଣ୍ଡଳୀରେ କଡା ଟକ୍କର ହୋଇଛି। ବଡଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ପରାଜୟବରଣ କରିଛନ୍ତି। ବିଶେଷ କରି ଯାଜପୁର, ଧର୍ମଶାଳା, କୋରେଇ ଓ ବିଞ୍ଝାରପୁରରେ ମତଦାନ ହାର ହ୍ରାସ ପାଇଥିବାବେଳେ ସୁକିନ୍ଦା, ବରୀ ଓ ବଡଚଣାରେ ସାମାନ୍ୟ ମତଦାନ ହାର ବୃଦ୍ଧି ଘଟିଛି। ରାଜ୍ୟ ରାଜନୀତିରେ ପ୍ରଭାବଶାଳୀ ବିଜେଡି ନେତାଙ୍କ ମତଦାନ ହାର ହ୍ରାସ ପାଇବା ଯାଜପୁର ବିଜେଡି ପାଇଁ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି। ତଥାପି ଚଳିତ ନିର୍ବାଚନରେ ବିଜେଡି ବିଜୟୀ ହୋଇଥିବାରୁ ଏହି ଜନାଧାର ଆସନ୍ତା ୫ବର୍ଷ ମଧ୍ୟରେ କେତେ ପରିବର୍ତ୍ତନ ହେଉଛି ତାହା ବିରୋଧୀ ଦଳର କାର୍ଯ୍ୟ ଦକ୍ଷତା ଉପରେ ନିର୍ଭର କରିବ ବୋଲି ମତପ୍ରକାଶ ପାଉଛି । ଜିଲା ରାଜନୀତିରେ ଭାଜପା ସଂଗଠନ ସେତେଟା ସକ୍ରିୟ ହୋଇ ନ ପାରିବାରୁ ପରାଜୟବରଣ କରିଥିବା ଚର୍ଚ୍ଚା ହେଉଛି । ଭାଜପାର ଯେଉଁ ମତଦାନ ହାର ବୃଦ୍ଧି ପାଇଛି ତାହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା । ଜିଲାର ପ୍ରାୟ ସମସ୍ତ ନିର୍ବାଚନ ମଣ୍ଡଳୀରେ ଆବାସ ଦୁର୍ନୀତି ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଲୋକଙ୍କୁ ଅସନ୍ତୁଷ୍ଟ କରିଆସିଛି। ଏହାସହ ରାଜ୍ୟର ଅନେକ ଲୋକହିତକର ଯୋଜନା ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିନାହିଁ। ୨୦ବର୍ଷର ବିଜେଡି ଶାସନକୁ ଅବଲୋକନ କଲେ ଅପପୁଷ୍ଟି, ପାନୀୟ ସମସ୍ୟା, ଗମନାଗମନ କ୍ଷେତ୍ରରେ ମଧ୍ୟ ଜିଲା ବହୁ ପଛରେ ରହିଛି। କିନ୍ତୁ ଭାଜପାରେ ବଳିଷ୍ଠ ନେତୃତ୍ୱର ଅଭାବ ଓ ଉପଯୁକ୍ତ ଭାବେ ଦୁର୍ନୀତି ସମେତ ବିଭିନ୍ନ ଅନିୟମିତତାର ପ୍ରତିବାଦ କରି ନ ପାରିବାରୁ ଭାଜପା ଏଠାରେ ପୁଣି ପରାଜିତ ହୋଇଥିବା କୁହାଯାଉଛି।

■ବିଜେଡି ପାଇଁ ସତର୍କ ଘଣ୍ଟି
■ବିଜେଡି ୪୯.୮୧ %, ଭାଜପା ୪୦.୫ %, କଂଗ୍ରେସ ୭.୬୩ %

**ଯାଜପୁର ଜିଲାରେ ବିଭିନ୍ନ ରାଜନୈତିକ ଦଳର ମତଦାନ ହାର**

| ନିର୍ବାଚନ ବର୍ଷ | ବିଜେଡି | ଭାଜପା | କଂଗ୍ରେସ |
|---|---|---|---|
| ୨୦୦୦ | ୫୯.୧୮ | ୦୦ | ୩୯.୯୯ |
| ୨୦୦୪ | ୫୧.୬୦ | ୦୦ | ୪୫.୭୩ |
| ୨୦୦୯ | ୫୩.୦୩ | ୫.୯୮ | ୩୭.୪୦ |
| ୨୦୧୪ | ୫୫.୭୮ | ୧୫.୫୩ | ୨୨.୭୭ |
| ୨୦୧୯ | ୪୯.୮୧ | ୪୦.୫ | ୭.୬୩ |

## ଘଡ଼େଇଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**କାଳିଆପାଣି,୨୪।୫(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସମାନ୍ତଙ୍କୁ ୧୬ ହଜାର ୭୩୦ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ଏ ନେଇ ଶୁକ୍ରବାର ଘଡ଼େଇ ସକାଳ ୮ଟା ପାଖାପାଖି ସମୟରେ ଖଣି ଅଞ୍ଚଳରେ ପହଞ୍ଚି ପ୍ରଥମେ ସୁକିନ୍ଦା ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମା' ଖଣ୍ଡୁରାଇ ପୀଠରେ ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଭରତ ମହାନ୍ତ, ବିଦ୍ୟାଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଖଣି ନିଗମ କଲୋନୀ ପରିସରରେ ରହିଥିବା ଶ୍ରମିକ ସଂଘ କାର୍ଯ୍ୟାଳୟରେ ଘଡ଼େଇ ପହଞ୍ଚିବା ପରେ ବିଭିନ୍ନ ଖଣି କର୍ତ୍ତୃପକ୍ଷ, ଶ୍ରମିକ ସଂଘ, ଯୁବକ ସଂଘ, ନାରୀ ସଂଘ ପକ୍ଷରୁ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଉପସ୍ଥିତ କର୍ମୀଙ୍କୁ ନିର୍ବାଚନରେ ସହଯୋଗ କରିଥିବାରୁ ବିଧାୟକ ଘଡ଼େଇ ସାଧୁବାଦ ଜଣାଇଥିଲେ। ଏଥିସହ ଆଗାମୀ ଦିନରେ ଖଣି ଅଞ୍ଚଳରେ ବିକାଶର ଧାରା ଜାରି ରଖିବେ ବୋଲି କହିଥିଲେ। ପ୍ରକାଶ ଯେ, ନିର୍ବାଚନମଣ୍ଡଳୀରେ ମୋଟ ୧ଲକ୍ଷ ୬୫ ହଜାର ୪ଶହ ଭୋଟରୁ ଘଡ଼େଇ ୭୭ ହଜାର ୫୧୦, ପ୍ରଦୀପବଳ ସାମନ୍ତ ୬୦ ହଜାର ୭୮୦ ଓ କଂଗ୍ରେସ ପ୍ରାର୍ଥୀ ଶରତ ରାଉତ ୧୮ ହଜାର ୬୧୯ ଭୋଟ ପାଇଛନ୍ତି।

## ବିଜୟୀ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ


ବିଜୟୀ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଯାଜପୁର ଅଫିସ,୨୪।୫**

ନିର୍ବାଚନ ଫଳାଫଳ ଘୋଷଣା ପରେ ଜିଲାର ଲୋକସଭା ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀମାନେ ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଜିଲାପାଳ ରଞ୍ଜନ କୁମାର ଦାସଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । କୋରେଇ ବିଧାନସଭା ଆସନର ବିଜୟୀ ପ୍ରାର୍ଥୀ ବିଜେଡିର ଅଶୋକ ବଳ ଓ ସୁକିନ୍ଦାର ପ୍ରୀତିରଞ୍ଜନ ଘଡେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କଠାରୁ ବିଜୟୀ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏହାବାଦ ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳଙ୍କ ଦ୍ୱାରା ବରୀ ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀନୀ ସୁନନ୍ଦା ଦାସଙ୍କୁ ବିଜୟୀ ପ୍ରମାଣପତ୍ର ଦିଆଯାଇଛି। ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି ଧର୍ମଶାଳାର ପ୍ରଣବକୁମାର ବଳୱନ୍ତରାୟ ଓ ବଡଚଣାର ବିଜୟୀ ପ୍ରାର୍ଥୀ ଅମରପ୍ରସାଦ ଶତପଥି ଏବଂ ଯାଜପୁରର ପ୍ରଣବପ୍ରକାଶ ଦାସ ଓ ବିଞ୍ଝାରପୁରର ବିଜୟୀ ପ୍ରାର୍ଥୀ ପ୍ରମିଳା ମଲିକଙ୍କୁ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ବିଜୟ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

### ଶୃଙ୍ଖଳିତ ଭାବେ ସରିଲା ନିର୍ବାଚନ

## ଧନ୍ୟବାଦ ଦେଲେ ଜିଲାପାଳ

**ଯାଜପୁର ଅଫିସ,୨୪।୫**

ଯାଜପୁର ଜିଲାରେ ଦୀର୍ଘ ସମୟ ଧରି ଲାଗି ରହିଥିବା ନିର୍ବାଚନ କାର୍ଯ୍ୟର ପରିସମାପ୍ତି ଘଟିଛି। ଏହା ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିବାରୁ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାନ ଦେଇଛନ୍ତି। ଏହି ମର୍ମରେ ସେ ଏକ ବିବୃତିରେ କହିଛନ୍ତି ଯେ, ଏପ୍ରିଲ ୨୯ରେ ମତଦାନ ହେବାପରେ ତାହାର ସୁରକ୍ଷା ଓ ମତଗଣନା କାର୍ଯ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଗୁରୁବାର ଯାଜପୁର ଏନ୍‌ସି କଲେଜରେ ଭୋଟ ଗଣତି ସମ୍ପନ୍ନ ହୋଇଛି। ଏହା ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଶୁକ୍ରବାର ପ୍ରତ୍ୟୁଷରୁ ଗଣନା କରଯାଇଥିବା ଇଭିଏମ, ଭିଭିପାଟଗୁଡିକୁ ପୁନଶ୍ଚ ସିଲ କରାଯାଇ ଷ୍ଟ୍ରଙ୍ଗରୁମରେ ରିଟର୍ନିଂ ଅଫିସର ଓ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ରଖାଯାଇଥିଲା । ଏ ସମସ୍ତ କାର୍ଯ୍ୟରେ ହଜାର ହଜାର ଅଧିକାରୀ ଓ କର୍ମଚାରୀ ସମ୍ପୃକ୍ତ ଥିବାବେଳେ ଗଣନାରେ ମଧ୍ୟ ପ୍ରାର୍ଥୀ, ସେମାନଙ୍କ ପ୍ରତିନିଧି, ଏଜେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଭୋଟ ଫଳାଫଳ ଜାଣିବା ପାଇଁ ସାଧାରଣରେ ଉତ୍କଣ୍ଠା ରହିଥିଲା । ଏଥିପାଇଁ ଡାକବାଜି ଯନ୍ତ୍ର ଓ ଏଲଇଡି ଟିଭି ମାଧ୍ୟମରେ ଭୋଟ ଗଣତିର ପର୍ଯ୍ୟାୟକ୍ରମେ ତଥ୍ୟ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ଏହାସହିତ ପ୍ରଚଣ୍ଡ ରୌଦ୍ରତାପ ମଧ୍ୟ ପ୍ରଭାବ ପକାଇବା ସତ୍ତ୍ୱେ ସମସ୍ତେ ଧୈର୍ଯ୍ୟର ସହ କାର୍ଯ୍ୟରେ ସହଯୋଗ କରିଥିବାରୁ ଜିଲାପାଳ ଦାସ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଏହି ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ଯାଜପୁର ଜିଲାର ସମସ୍ତ ଜନସାଧାରଣ, ସଚେତନ ଭୋଟର, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ, କର୍ମଚାରୀ ଓ ପର୍ଯ୍ୟବେକ୍ଷକାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା ।

## ଫନୀ କ୍ଷତିଗ୍ରସ୍ତଙ୍କୁ ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ୨ କୋଟି ଟଙ୍କାର ସହାୟତା

**କଳିଙ୍ଗନଗର,୨୪।୫(ଡି.ଏନ୍.ଏ.)**

ରାଜ୍ୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଯାଜପୁରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ କାରଖାନା ସହାୟତାର ହାତ ବଢାଇଛି। ଶୁକ୍ରବାର କମ୍ପାନୀର ମୁଖ୍ୟ ଆବାସିକ ପ୍ରତିନିଧି ଶଶିଭୂଷଣ ଉପାଧ୍ୟାୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଭେଟି ୨ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିବା ଶିଶିଭୂଷଣ କହିଛନ୍ତି।



ଜିନ୍ଦଲ କମ୍ପାନୀର ମୁଖ୍ୟ ଆବାସିକ ପ୍ରତିନିଧି ମୁଖ୍ୟ ଶାସନ ସଚିବଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

## ଅମାନତ ହରାଇଲେ ପହୀ

**ଧର୍ମଶାଳା,୨୪।୫(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଚଳିତ ବିଧାନସଭା ନିର୍ବାଚନରେ ୧ଲକ୍ଷ ୭୨ହଜାର ୫୮୮ଜଣ ମତଦାନ କରିଥିଲେ। ସେଥିରୁ କଂଗ୍ରେସ ବିଧାୟିକା ପ୍ରାର୍ଥୀ ସ୍ମୃତିରେଖା ପହୀ ମାତ୍ର ୧୮ହଜାର ୫୮୮ଟି ଭୋଟ ପାଇ ଅମାନତ ହରାଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ପିସିସି ପକ୍ଷରୁ ବହୁବାର ବାହାର ଲୋକଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ସେମାନେ ଅମାନତ ହରାଉଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ୧୯୮୦ରେ ନଟବର ବଳ, ୧୯୯୪, ୨୦୦୯ ଓ ୨୦୧୪ରେ ଶ୍ରୀନାଥ ମିଶ୍ର କଂଗ୍ରେସ ପ୍ରାର୍ଥୀ ହୋଇ ଅମାନତ ହରାଇଥିଲେ।

■ଜିଲାରେ ପଡିଛି ୫୧୦୨ ନୋଟା ଭୋଟ

## ସୁକିନ୍ଦା ନିର୍ବାଚନମଣ୍ଡଳୀରେ ସର୍ବାଧିକ

**ଯାଜପୁର ଅଫିସ,୨୪।୫**

ସଦ୍ୟ ସମାପ୍ତ ନିର୍ବାଚନରେ ଯାଜପୁର ଜିଲାରେ ୫୧୦୨ଟି ନୋଟା ଭୋଟ ପଡିଛି। ତେବେ ସେଥିରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଭୋଟର ସର୍ବାଧିକ ୯୪୧ଟି ନୋଟା ଭୋଟ ଦେଇଛନ୍ତି। ଗତ ନିର୍ବାଚନ ଅପେକ୍ଷା ଏଥର ୧୮୧୪ଟି କମ ନୋଟା ଭୋଟ ଦିଆଯାଇଛି। ଗତ ନିର୍ବାଚନରେ ଜିଲାର ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଚୟନରେ ସେତେଟା ଅଦଳବଦଳ ହୋଇ ନ ଥିଲେ ହେଁ ୬୭୧୬ ନୋଟା ଭୋଟ ପଡିଥିଲା।

ସାଧାରଣ ଲୋକ ଏବଂ ଶାସନ ବ୍ୟବସ୍ଥା ମଧ୍ୟରେ ଦୂରତ୍ୱ ରହିଛି। ଫଳରେ ଗଣତନ୍ତ୍ରର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଶାସନ ବ୍ୟବସ୍ଥା ସହିତ ସାଧାରଣ ଲୋକଙ୍କୁ ଯୋଡିବାରେ ନିର୍ବାଚିତ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ନିର୍ବାଚିତ ପ୍ରତିନିଧିମାନେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାଠାରୁ ଦୂରେଇ ଯାଇ ନିର୍ବାଚନ ପ୍ରଚାରରେ ସହଯୋଗ କରିଥିବା କର୍ମୀଙ୍କ ସ୍ୱାର୍ଥକୁ ଅଧିକ ଧ୍ୟାନ ଦେଉଛନ୍ତି। ଫଳରେ ଠିକାଦାରୀ ରାଜନୀତି ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦଳରେ ଏହି ଠିକାଦାରୀ ରାଜନୀତି ଯୋଗୁ ନିର୍ବାଚନ ଏକ ବ୍ୟବସାୟରେ ପରିଣତ ହୋଇଛି। ୨୦୦୯ରେ ନିର୍ବାଚନ କମିଶନ ନୋଟା ବ୍ୟବସ୍ଥା କରିଥିଲେ। ଏହାକୁ କେତେକ ରାଜନୈତିକ ଦଳ ସେତେବେଳେ ବିରୋଧ କରିଥିଲେ ହେଁ ସୁପ୍ରିମକୋର୍ଟର ରାୟ ବଳରେ ନୋଟା ବ୍ୟବସ୍ଥା ବଳବତ୍ତର ରହିଛି। ଯାହାକି ଯାଜପୁର ଜିଲାରେ ଏହାର ପ୍ରଭାବ ଧିରେଧିରେ ପଡିବା ଆରମ୍ଭ ହୋଇଛି। ୩ ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଚୟନରେ ଅଦଳବଦଳ କରିଥିଲେ। କେଉଁ ପ୍ରାର୍ଥୀଙ୍କ ସେହି ନିର୍ବାଚନ ମଣ୍ଡଳୀ ପାଇଁ କେତେ କର୍ମଫଳ ରହିଛି ତାହା ଆଜିର ସଚେତନ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ତେଣୁ ବ୍ୟକ୍ତିତ୍ୱ ଓ ଚରିତ୍ରକୁ ନେଇ ଭୋଟର ନିଜର ପ୍ରତିନିଧି ଚୟନ କରିଛନ୍ତି। ଏହିକ୍ରମରେ ଜିଲାର ୫୧୦୨ ଭୋଟରଙ୍କ ମନରେ ଜିଲାରେ କେହି ଉପଯୁକ୍ତ ପ୍ରାର୍ଥୀ ନୁହନ୍ତି ବୋଲି ପ୍ରମାଣିତ ହୋଇଛି।

**ଯାଜପୁର ଜିଲାରେ ନୋଟା ଭୋଟ**

| ନିର୍ବାଚନ ମଣ୍ଡଳୀ | ୨୦୧୪ | ୨୦୧୯ |
|---|---|---|
| ଧର୍ମଶାଳା | ୧୧୮୫ | ୭୩୬ |
| ଯାଜପୁର | ୧୧୬୭ | ୮୬୬ |
| ବରୀ | ୮୦୭ | ୪୪୭ |
| ବଡଚଣା | ୫୬୭ | ୪୭୫ |
| କୋରେଇ | ୯୧୧ | ୭୩୧ |
| ସୁକିନ୍ଦା | ୯୯୪ | ୯୪୧ |
| ବିଞ୍ଝାରପୁର | ୧୦୮୫ | ୯୦୬ |



# ବଢୁଛନ୍ତି ମହିଳା ପ୍ରତିନିଧି

ଯାଜପୁର ଅଫିସ,୨୪।୫


ଆନନ୍ଦ ମଞ୍ଜରୀ ଦେବୀ | ସଞ୍ଚିତା ମହାନ୍ତି | ପ୍ରମିଳା ମଲ୍ଲିକ | ଶର୍ମିଷ୍ଠା ସେଠୀ | ସୁନନ୍ଦା ଦାସ | ରୀତା ତରେଇ

ସଦ୍ୟସମାପ୍ତ ସାଧାରଣ ନିର୍ବାଚନରେ ଯାଜପୁର ଜିଲାର ୭ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇଁ ମଇଦାନକୁ ଓହ୍ଲାଇଥିଲେ ୯ଜଣ ମହିଳା ପ୍ରାର୍ଥୀ। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ, ବରୀର ବିଧାୟିକା ପ୍ରାର୍ଥୀ ସୁନନ୍ଦା ଦାସ ଓ ଯାଜପୁରର ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ପ୍ରମୁଖ ୩ଜଣ ନିଜର ବିଜୟ ଧ୍ୱଜା ଉଡ଼ାଇଥିବାବେଳେ ଅନ୍ୟ ମହିଳା ପ୍ରାର୍ଥୀଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ମାତ୍ର ଜିଲାରେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ବଢୁଥିବା ପରିଲକ୍ଷିତ ହୋଇଛି। ତେବେ ବରୀ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ପଥ ଅବରୋଧ କରିପାରିନାହାନ୍ତି ଦଳୀୟ ବିଦ୍ରୋହୀ ପ୍ରାର୍ଥୀ। ଦଳୀୟ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଅସହଯୋଗ ସତ୍ତ୍ୱେ ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସ ୪୦୬୨ ଭୋଟ ବ୍ୟବଧାନରେ ବିଜୟୀ ହୋଇପାରିଛନ୍ତି। ଏଥିସହ ଭାଜପା ସମର୍ଥିତ ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ବିଜେଡିରେ ଯୋଗଦେଇ ଜିଲାର ୪ର୍ଥ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାବାଦ ଯାଜପୁର ଲୋକସଭା କ୍ଷେତ୍ରରେ ଶର୍ମିଷ୍ଠା ସେଠୀ ନିର୍ବାଚିତ ହୋଇ ଦ୍ୱିତୀୟ ମହିଳା ଏମ୍‌ପି ହେବାର ଗୌରବ ଅର୍ଜନ କରିଛନ୍ତି।

ବରୀ ବିଧାନସଭା ଆସନରେ ମୋଟ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ବିଜେଡିର ସୁନନ୍ଦା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଏଠାରେ ବିଜେଡି ପ୍ରାର୍ଥୀ ସୁନନ୍ଦା ଦଳୀୟ ବିଦ୍ରୋହୀ ସେକ ସଫି ଉଦ୍ଦିନ(ତାଲି) ଓ ତାଙ୍କ ସମର୍ଥକ ଗୋଷ୍ଠୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଏହି ଦଳ ବିରୋଧି କାର୍ଯ୍ୟ ଯୋଗୁ ତାଙ୍କୁ ଶେଷରେ ନିଲମ୍ବିତ କରାଯାଇଥିଲା। ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନଙ୍କ ବିରୋଧରେ କେହି ଦଳୀୟ ବିଦ୍ରୋହୀ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ ହେଁ କେତେଜଣ ବରିଷ୍ଠ ଦଳୀୟ କର୍ମୀଙ୍କ ସହଯୋଗ ପାଇପାରି ନ ଥିଲେ। ତେବେ ନିର୍ବାଚନ ସମୟରେ ଭୋଟ ରିଗିଂ, ଅନିୟମିତତା ଆଦି ହୋଇଥିବା ଅଭିଯୋଗ ହେବା ପରେ ୫ଟି ବୁଥରେ ସାନି ନିର୍ବାଚନ ହୋଇଥିଲା। ଏହି ସାନି ନିର୍ବାଚନ ହିଁ ହାରଜିତର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ଜୋର ଧରିଛି। ବରୀ

**ଯାଜପୁର ଜିଲା ରାଜନୀତି**
- ସୁନନ୍ଦା ୪ର୍ଥ ମହିଳା ବିଧାୟିକା ନିର୍ବାଚିତ
- ଶର୍ମିଷ୍ଠା ହେଲେ ଦ୍ୱିତୀୟ ମହିଳା ଏମ୍‌ପି

ନିର୍ବାଚନ ମଣ୍ଡଳୀବାସୀ ଜଣେ ମହିଳାଙ୍କୁ ନେତୃତ୍ୱ ନେବାର ସୁଯୋଗ ଦେଇଛନ୍ତି। ଏହିକ୍ରମରେ ସେ ଜିଲାର ୪ର୍ଥ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଯାଜପୁର ଜିଲାର ପ୍ରଥମ ମହିଳା ବିଧାୟିକା ହେଉଛନ୍ତି ସୁକିନ୍ଦା ରାଣୀ ଆନନ୍ଦମଞ୍ଜରୀ ଦେବୀ। ୧୯୬୭ ମସିହା ସାଧାରଣ ନିର୍ବାଚନରେ ଆନନ୍ଦ ମଞ୍ଜରୀ ଦେବୀ ଓଡ଼ିଶା ଜନକଂଗ୍ରେସରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏଥିରେ ସେ ୧୩୦୦୫ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଏନ.ସି. ପତି ୪୨୭୫ ଭୋଟ ପାଇଥିଲେ। ପୁଣି ୧୯୭୭ ମସିହା ସାଧାରଣ ନିର୍ବାଚନରେ ସେ ଜନତା ପାର୍ଟିରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଦୀର୍ଘ ୪୨ବର୍ଷ ହେଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମହିଳାଙ୍କୁ ସ୍ଥାନ ମିଳି ନାହିଁ। ଜିଲାର ଦ୍ୱିତୀୟ ମହିଳା ବିଧାୟିକା ଭାବେ ୧୯୯୦ ମସିହା ସାଧାରଣ ନିର୍ବାଚନରେ ଜନତା ଦଳର ପ୍ରମିଳା ମଲିକ ବିଞ୍ଝାରପୁର(ଏସସି) ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରମିଳା ବିଜେଡି ଦଳରୁ ଅପ୍ରତିଦ୍ୱନ୍ଦ୍ୱୀ ମହିଳା ବିଧାୟିକା ଭାବେ ନିର୍ବାଚିତ‘‘ ହୋଇଆସୁଛନ୍ତି । ୨୦୦୪ ନିର୍ବାଚନରେ ତୃତୀୟ ମହିଳା ବିଧାୟିକାର ସୌଭାଗ୍ୟ ଲାଭ କରିଥିଲେ ଭାଜପାରୁ ସଞ୍ଚିତା ମହାନ୍ତି। ଅନ୍ୟପକ୍ଷେ ୨୦୧୪ ଲୋକସଭା ନିର୍ବାଚନରେ ରୀତା ତରାଇ ପ୍ରଥମ ଏମ୍‌ପି ହୋଇଥିଲେ। ତାଙ୍କ ପଛକୁ ସଦ୍ୟ ସମାପ୍ତ ନିର୍ବାଚନରେ ବିଜେଡିରୁ ସେଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅମିୟକାନ୍ତ ମଲ୍ଲିକଙ୍କୁ ୧,୦୧,୬୯୩ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ଜିଲାର ବିଭିନ୍ନ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମହିଳା ପ୍ରାର୍ଥୀ ବିଜୟୀ ହୋଇପାରି ନାହାନ୍ତି। ଚଳିତ ନିର୍ବାଚନରେ କୋରେଇ ଆସନରେ କଂଗ୍ରେସର ବନ୍ଦିତା ପରିଡା, ବିଞ୍ଝାରପୁର ଆସନରେ ଭାଜପାର ବବିତା ମଲିକ, ଧର୍ମଶାଳା ଆସନରେ କଂଗ୍ରେସର ସ୍ମୃତିରେଖା ପହି ପ୍ରମୁଖ ନିର୍ବାଚନୀ ମଇଦାନରେ ଓହ୍ଲାଇଥିଲେ ହେଁ ବିଜୟୀ ହୋଇ ପାରିନାହାନ୍ତି। ଜିଲାର ଏବେ ବରୀ ସମେତ ସୁକିନ୍ଦା, କୋରେଇ ଓ ବିଞ୍ଝାରପୁର ଆସନକୁ ବାଦ ଦେଲେ ଅନ୍ୟ ୩ ନିର୍ବାଚନ ମଣ୍ଡଳୀରେ ମହିଳାଙ୍କୁ ସୁଯୋଗ ମିଳିନାହିଁ।

## ପୁରୀରେ ଜିନ୍ଦଲ ପକ୍ଷରୁ କୁଶଳୀ ଶ୍ରମିକ ନିୟୋଜିତ

କଳିଙ୍ଗନଗର,୨୪।୫(ଡି.ଏନ୍.ଏ.)

ଫନୀ ପ୍ରଭାବରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପହଞ୍ଚି ପାରିନାହିଁ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥିତିରେ ଶୁକ୍ରବାର ବିଦ୍ୟୁତ୍ ସରବରାହ କ୍ଷେତ୍ରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜିନ୍ଦଲ ପକ୍ଷରୁ ୨୦ ଜଣ କୁଶଳୀ ଶ୍ରମିକ ନୟୋଜିତ କରାଯାଇଛି। ଜିନ୍ଦଲ କମ୍ପାନୀର ବିସ୍ଥାପନ ଓ ଥଇଥାନ ତଥା ବାହ୍ୟସମ୍ପର୍କ ବିଭାଗ ମୁଖ୍ୟ ମୋତିପ୍ରକାଶ ରଥଙ୍କ ତତ୍ତ୍ୱାବଧାନ ଏବଂ ପ୍ରବନ୍ଧକ ମିହିର କୁମାର ଦାସ ଓ ପୀତାମ୍ବର ବେହେରାଙ୍କ ନେତୃତ୍ୱରେ ଶ୍ରମିକମାନେ ଆନୁସାଙ୍ଗିକ ଯନ୍ତ୍ରପାତି ସହ ନିମାପଡା ବିଦ୍ୟୁତ୍ ଗ୍ରୀଡ୍‌ରେ ପହଞ୍ଚିଥିଲେ। ସେଠାରେ ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା ପରେ ବିଭାଗୀୟ କର୍ମଚାରୀଙ୍କ ସହଯୋଗରେ ନିମାପଡା ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ମରାମତି, ପୁନରୁଦ୍ଧାର ଓ ନୂତନ ଲାଇନ ସଂଯୋଗ କାର୍ଯ୍ୟରେ ସହଯୋଗ କରିଥିଲେ। ଜିନ୍ଦଲର ଏହି ସହଯୋଗ ପାଇଁ ବିଦ୍ୟୁତ୍ ବିଭାଗ ତରଫରୁ ପ୍ରଶଂସା କରାଯିବା ସହ ଧନ୍ୟବାଦ ଜଣାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ ତାର ଲାଗି ୩ ଗାଈ ମୃତ ପ୍ରତିବାଦରେ ରାସ୍ତାରୋକୋ କଲେ ଗ୍ରାମବାସୀ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୪।୫(ଡି.ଏନ.ଏ./ସ୍ୱ.ପ୍ର.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିଠାରେ ଶୁକ୍ରବାର ୧୧ କେଭି ବିଦ୍ୟୁତ ତାର ଲାଗି ୩ ଗାଈଙ୍କର ମୃତ୍ୟୁ ହୋଇଛି। ଉଦୟଗିରି ଗ୍ରାମର ଶିବ ଦଳେଇ, ପୁରୁଷୋତ୍ତମ ଦଳେଇ ଓ ମହେଶ୍ୱର ଦଳେଇଙ୍କର ୩ ଗାଈ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ। ଏହାର ପ୍ରତିବାଦରେ ଉଦୟଗିରି ଗ୍ରାମବାସୀ କୃଷ୍ଣଦାସପୁର-ରତ୍ନଗିରି ପୂର୍ତ୍ତ ବିଭାଗ ରାସ୍ତାର ଚଣ୍ଡିଆ ଛକଠାରେ ରାସ୍ତାରୋକୋ କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନ ତରଫରୁ ଜଣେ କର୍ମଚାରୀ ସେଠାରେ ପହଞ୍ଚି ମୃତ ଗାଈ ମାଲିକଙ୍କୁ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଦୀର୍ଘ ଏକ ଘଣ୍ଟା ଧରି ରାସ୍ତାରୋକୋ ହେବା ଦ୍ୱାରା ଗାଡ଼ି ଚଳାଚଳରେ ଅସୁବିଧା ହୋଇଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବରୀ,୨୪।୫(ସ୍ୱ.ପ୍ର.)- ବରୀ ନିର୍ବାଚନମଣ୍ଡଳୀରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା କାର୍ଡ ଖେଳି ସୁନନ୍ଦା ଦାସଙ୍କୁ ବିଧାୟିକା ଭାବେ ନିର୍ବାଚିତ କରିଥିବା ଶୁଣିବାକୁ ମିଳୁଛି। ଏ ନେଇ ବରୀ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର କୃତଜ୍ଞତା ଜଣାଯାଇଛି। ବରିଷ୍ଠ ନାଗରିକ ରୁଦ୍ରପୁର ପଞ୍ଚାୟତର ପ୍ରଭାତ ପାଣି, ବରିଷ୍ଠ ସାମାଜିକ କର୍ମୀ ତଥା ଶିକ୍ଷକନେତା ଲୋକନାଥ ଦାସ,ବରିଷ୍ଠ ସମବାୟବିତ୍ ସରୋଜ କୁମାର ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ବରୀ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

### ଅମରଙ୍କୁ ଦଳୀୟ କର୍ମୀଙ୍କ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୨୪।୫(ଡି.ଏନ.ଏ.)- ବଡ଼ଚଣା ନିର୍ବାଚନମଣ୍ଡଳୀରୁ ୬ଷ୍ଠ ଥର ପାଇଁ ଅମର ପ୍ରସାଦ ଶତପଥୀ ବିଧାୟକଭାବେ ନିର୍ବାଚିତ ହେବା ପରେ ଶୁକ୍ରବାର ପଞ୍ଚଦେବ ପୀଠମହାବିନାୟକ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପରେ କର୍ମୀମାନେ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ। ସେଠାରେ ସମସ୍ତ କର୍ମୀ ଫୁଲତୋଡ଼ା ଦେଇ ବିଧାୟକ ଶତପଥୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକ ଶତପଥୀ ସମ୍ବର୍ଦ୍ଧନା ଉତ୍ସବରେ ବଡ଼ଚଣାବାସୀଙ୍କୁ ବିଜୟର ଶ୍ରେୟ ଦେଇଥିଲାବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଭଲ ପାଇବାକୁ ବଖାଣିଥିଲେ। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଉପସଭାପତି ନିରଞ୍ଜନ ସେନାପତି, ପଞ୍ଚାନନ ଧଳ, ବିପିନ ବିହାରୀ ଜେନା, କୋଷାଧ୍ୟକ୍ଷ ମିହିର ସ୍ୱାଇଁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସରସ୍ୱତୀ ବେହେରା, ଗଣେଶ୍ୱର ବରାଳ,ସେକ୍ ମୋଇନ୍ ଅହେମ୍ମଦ, ନିବେଦିତା ସାହୁ, ସୌଭାଗ୍ୟଲକ୍ଷ୍ମୀ ବଳଙ୍କ ସମେତ ବହୁ ବିଜେଡି କର୍ମୀ ନବନିର୍ବାଚିତ ବିଧାୟକ ଅମର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଅମରଙ୍କ ପୁତ୍ର ଆଦିତ୍ୟ ଶତପଥୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ରୋଟାରୀ ଜିଲା ଗଭର୍ନରଙ୍କ ଗାନ୍ଧୀପଲ୍ଲୀ ପରିଦର୍ଶନ

ଯାଜପୁରରୋଡ,୨୪।୫(ନି.ପ୍ର.)

ରୋଟାରୀ ଜିଲା ଗଭର୍ନର ରୋଟାରିଆନ ଭବାନୀ ପ୍ରସାଦ ଚୌଧୁରୀ ତାଙ୍କ ସ୍ତ୍ରୀ ପ୍ରତିଭା ମହାନ୍ତିଙ୍କ ସହ ମଙ୍ଗଳବାର ବ୍ୟାସନଗରସ୍ଥିତ କଳିଙ୍ଗନଗରସ୍ଥିତ ରୋଟାରୀ କ୍ଲବ ପରିଦର୍ଶନରେ ଆସି ବ୍ୟାସନଗରସ୍ଥିତ ଗାନ୍ଧୀ ପଲ୍ଲୀ ପରିଦର୍ଶନ କରିଥିଲେ। ସଭାପତି ରୋଟାରିଆନ ସଂଗ୍ରାମ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ପ୍ରାୟୋଜକ ରୋଟାରୀ କ୍ଲବ କଳିଙ୍ଗନଗର ଓ ଜିଲା ଲେପ୍ରସି ସୋସାଇଟିର ସହଯୋଗରେ ଆୟୋଜିତ କୁଷ୍ଠ ସଚେତନତା ଶିବିରରେ ଯୋଗଦେଇ ପରିଷ୍କାର ପରିଚ୍ଛନ୍ନ ରହିବା ସହ କୁଷ୍ଠ ରୋଗ ସଅଳ ଚିକିତ୍ସାରେ ଶୀଘ୍ର ଆରୋଗ୍ୟ ହୋଇଥାଏ ବୋଲି ପରାମର୍ଶ ଦେଇଥିଲେ। ଗାନ୍ଧୀ ପଲ୍ଲୀର ଅନ୍ତେବାସୀ ରୋଟାରୀ ଜିଲା ଗଭର୍ନର ରୋଟାରିଆନ ଭବାନୀ ପ୍ରସାଦ ଚୌଧୁରୀ ଓ ତାଙ୍କ ସ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଯାଜପୁରଜିଲା କୁଷ୍ଠ ସଂସ୍ଥାର ଡାକ୍ତର ଅମରେନ୍ଦ୍ର


କୁଷ୍ଠ ସଚେତନତା ଶିବିରରେ ଉପସ୍ଥିତ ଅତିଥି ।

ମହାପାତ୍ର କୁଷ୍ଠରୋଗର ଉତ୍ପତ୍ତି, ଆସୁ ଚିକିତ୍ସା, ଆବଶ୍ୟକ ଉପଚାର ଓ ନିରାକରଣ ବିଷୟରେ ବୁଝାଇଥିଲେ। ଦ୍ୱିତୀୟାର୍ଦ୍ଧରେ ସ୍ଥାନୀୟ ଏକ ହୋଟେଲରେ ସଭାପତି ରୋଟାରିଆନ ସଂଗ୍ରାମ ପଟ୍ଟନାୟକଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଜିଲା ଗଭର୍ନର ଚୌଧୁରୀ ଯୋଗଦେଇ ଦିଗ୍‌ଦର୍ଶନ ଦେବା ସହ ରୋଟାରୀ କ୍ଲବ କଳିଙ୍ଗନଗର ନଥିପତ୍ର ତଦାରଖ କରି ଖୁସି ବ୍ୟକ୍ତ କରିଛନ୍ତି। ଉପସଭାପତି ମହେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ଲୋକନାଥ ରାଉତ, କୋଷାଧ୍ୟକ୍ଷ ଦିନେଶ ସାହୁ, କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ ମିଶ୍ର, ସହସମ୍ପାଦକ ଶିବାନନ୍ଦ ନାୟକ, ସେବା ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମହାନ୍ତି, ଦେବସ୍ମିତା ସାହୁ, ଅକ୍ଷୟ ପତି, ପରମେଶ୍ୱର ଦାଶ, ରୋଟାରୀ ଇଣ୍ଟରାକ୍ଟ କ୍ଲବ ବ୍ୟାସନଗର ପବ୍ଲିକ ସ୍କୁଲର ସଭାପତି ତଥା ରୋଟାରୀ ଜିଲା ୩୨୬୨ ଇଣ୍ଟରାକ୍ଟ ମୁଖ୍ୟ ଅଂଶ ଅନିର୍ବାଣ ପ୍ରମୁଖ ଉଭୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ଧର୍ମଶାଳା/ଜେନାପୁର,୨୪।୫ (ଡି.ଏନ୍.ଏ.)- ଧର୍ମଶାଳା ତହସିଲ ଅନ୍ତର୍ଗତ ରେଖିଦେଇପୁର ଗ୍ରାମ ନୂଆସାହିରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବେଣୁଧର ତରାଇଙ୍କ ୩ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ଘରେ ଥିବା ସମସ୍ତ ଆସବାବପତ୍ର ଓ କିଛି ଟଙ୍କା ପୋଡିଯାଇଥିବା ସ୍ତ୍ରୀ ବିଦ୍ୟୁଲତା ତରାଇ ଅଭିଯୋଗ କରିଛନ୍ତି। ଖବର ପାଇ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ସୁଶାନ୍ତ ସ୍ୱାଇଁ ଅଗ୍ନିବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ପଲିଥିନ୍ ଯୋଗାଇଦେବା ସହ ଆର୍ଥିକ ସହାୟତା ଦେବା ପାଇଁ ତହସିଲଦାରଙ୍କୁ ସୁପାରିସ କରିଛନ୍ତି।

## ଯାଦବ ସଂଗଠକଙ୍କ ପରଲୋକ

ବିଞ୍ଝାରପୁର/ ସିଂହପୁର, ୨୪।୫(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତରକୁଳ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସେବା ନିବୃତ୍ତ ରାଜସ୍ୱ ନିରୀକ୍ଷକ ମଧୁସୂଦନ ନାୟକ(୭୭)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ସକାଳୁ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ମଧୁସୂଦନ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ବିଞ୍ଝାରପୁର ଯାଦବ ମଣ୍ଡଳର ଜଣେ ଦକ୍ଷ ସଂଗଠକଭାବେ ସେ ବେଶ ପରିଚିତ। ତାଙ୍କ ମୃତଦେହ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଯାଦବ ମହାସଭା ବିଞ୍ଝାରପୁର ମଣ୍ଡଳ ପକ୍ଷରୁ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସଭାପତି ନାରାୟଣ ନାୟକଙ୍କ ସଭାପତିତ୍ୱରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରବୀନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ଗୁରୁ, ବସନ୍ତ କୁମାର ଦାସ, ବିଷ୍ଣୁଚରଣ ବାରିକ, ରତ୍ନାକର ମହାକୁଳ, ନିରନ ଦାସ, ସୁଧାକର ମହାକୁଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ବିଜୟ ଉତ୍ସବ ପାଳିଲେ କର୍ମୀ

ଯାଜପୁର ଟାଉନ,୨୪।୫(ଡି.ଏନ.ଏ.)

ନିର୍ବାଚନକୁ ନେଇ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଥିବାବେଳେ ଯାଜପୁରରେ ବିଜେଡି ୭ଟି ବିଧାନସଭା ଓ ୧ଟି ଲୋକ ସଭା ଆସନରେ ବାଜିମାତ କରିଛି। ଚଳିତ ନିର୍ବାଚନରେ ଘମାଘୋଟ ଲଢ଼େଇ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଥିଲା। ମାତ୍ର ସବୁ ସ୍ଥାନରେ ବିଜେଡି ବାଜି ମାରିନେଇଛି। କେବଳ ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ ବିଜେଡି କମ୍ ଭୋଟ ବ୍ୟବଧାନରେ ବିଜୟଲାଭ କରିଛି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଣବ ପ୍ରକାଶ ଦାସ ୯୮ହଜାର ୮୯୬ ଭୋଟ୍ ପାଇ ୬୨.୨୧ ପ୍ରତିଶତ ହାସଲ କରିଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଗୌତମ ରାୟ ୫୮ହଜର ୨୦୯ ଖଣ୍ଡ ଭୋଟ ପାଇ ୩୩.୬୬ ପ୍ରତିଶତ ହାସଲ କରିଛନ୍ତି। ଗୌତମ ୪୦ହଜାର ୬୮୭ ଭୋଟ୍‌ରେ ପରାଜିତ ହୋଇଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ମାତ୍ର ୪ହଜାର ୭୧୩ ଖଣ୍ଡ ଭୋଟ୍ ପାଇ ନିଜର ଅମାନତ ହରାଇଛନ୍ତି। ଏହି ବିଜୟ ପରେ ଯାଜପୁର ସହରର ସମସ୍ତ ଛକ, ବଜାର, ସାହି, ବସ୍ତିରେ ବିଜେଡି କର୍ମୀ ଓ ଶୁଭେଚ୍ଛୁ ସାରାରାତି ବାଣ ଫୁଟାଇ ବିଜୟ ଉତ୍ସବ ପାଳିଥିଲେ। ଶୁକ୍ରବାର ବିଜେଡି କର୍ମୀ ବିଭିନ୍ନ ସ୍ଥାନରେ ମିଠା ବାଣ୍ଟିଥିଲେ। ସେହିପରି ନିର୍ବାଚନ ପୂର୍ବରୁ ଓ ପରେ ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅମିୟକାନ୍ତ ମଲ୍ଲିକ ନିଶ୍ଚିତ ବିଜୟ ହେବେ ବୋଲି ସାଧାରଣରେ ଆଲୋଚନା ହେଉଥିଲା। ମାତ୍ର ଅମିୟକାନ୍ତ ୧ଲକ୍ଷ ୧୬୯୩ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜେଡି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କଠାରୁ ପରାଜୟବରଣ କରିଛନ୍ତି। ଶର୍ମିଷ୍ଠା ୫ଲକ୍ଷ ୪୪ହଜାର ୨୦ଖଣ୍ଡ ଭୋଟ୍ ପାଇ ୪୯.୭୭ ପ୍ରତିଶତ ହାସଲ କରିଥିବା ବେଳେ ଭାଜପା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ ୪ଲକ୍ଷ ୪୨ହଜାର ୩୨୭ ଖଣ୍ଡ ଭୋଟ୍ ପାଇ ୪୧.୨୨ ପ୍ରତିଶତ ହାସଲ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ସର୍ବାଧିକ ଓ ବଡ଼ଚଣାର ଅମରପ୍ରସାଦ ଶତପଥୀ ସର୍ବନିମ୍ନ ଭୋଟ୍‌ରେ ବିଜୟଲାଭ କରିଛନ୍ତି। ବହୁ ଚର୍ଚ୍ଚିତ ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ୭୨ ହଜାର ୫୫୯ ଖଣ୍ଡ ଭୋଟ୍ ପାଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱରଞ୍ଜନ ମଲ୍ଲିକ ୬୮ହଜାର ୪୯୭ଖଣ୍ଡ ଭୋଟପାଇ ୪୦୬୨ ଖଣ୍ଡ ଭୋଟ୍‌ରେ ପରାଜିତ ହୋଇଛନ୍ତି। ତେବେ ଚଳିତ ନିର୍ବାଚନରେ ଭାଜପା ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି।

# ମହିଳା କାର୍ଡ ଖେଳି ବାଜିମାରିଲା ବିଜେଡି

ବରୀ/ରତ୍ନଗିରି, ୨୪।୫ (ସ୍ୱ.ପ୍ର./ଡି.ଏନ୍.ଏ.)

**ବରୀ ନିର୍ବାଚନମଣ୍ଡଳୀ**

୨୦୧୯ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ସରିଛି। ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ୭୧,୩୮୮ ଖଣ୍ଡ ଭୋଟ ପାଇଥିଲାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୬୭ହଜାର ୧୮୩ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ୨୦୦୦ ମସିହାରୁ ବରୀରେ ବିଜେଡି ହାତରେ ଲଗାତର ଆସନ ରହିଆସିଛି। ତେବେ ପୁନର୍ବାର ୫ମ ଥର ପାଇଁ ମହିଳା କାର୍ଡ ଖେଳି ବରୀରେ ବିଜେଡି ବାଜି ମାରିନେଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଲଗାତର ୪ ଥର ବରୀ ବିଧାୟକଭାବେ ଦେବାଶିଷ ନାୟକ ରହିଆସିଥିଲାବେଳେ ଶୁକ୍ରବାର ପଦବୀରୁ ବିଦାୟ ନେଇଛନ୍ତି। ସୁନନ୍ଦା ଦାସ ବରୀ ବିଧାୟିକାଭାବେ ନିର୍ବାଚିତ ହେବାପରେ ତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କର୍ମୀ, ବୁଦ୍ଧିଜୀବୀ, ବିଜୁ ଯୁବ ବାହିନୀ, ମହିଳା ସଂଗଠନ, ଶ୍ରମିକ ସଂଗଠନ ପକ୍ଷରୁ ସୁଅ ଛୁଟିଛି। ସୁନନ୍ଦାଙ୍କ ଜନ୍ମମାଟି ବରୀରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ୨୦୦୭ରେ ସୁନନ୍ଦା ଜିଲା ପରିଷଦ ସଭ୍ୟା, ୨୦୧୨ରେ ସରପଞ୍ଚ, ୨୦୧୭ରେ ସମିତି ସଭ୍ୟାଭାବେ ନିର୍ବାଚିତ ହୋଇ ବରୀ ବ୍ଲକର ଅଧ୍ୟକ୍ଷାଭାବେ ନିର୍ବାଚିତ ହୋଇଥିଲେ। ତୃଣମୂଳସ୍ତରରୁ ସୁନନ୍ଦା ରାଜନୈତିକ ଜୀବନ ଆରମ୍ଭ କରି ବରୀର ବିଧାୟିକାଭାବେ ନିର୍ବାଚିତ ହୋଇଛନ୍ତି। ସୁନନ୍ଦାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସୁନନ୍ଦା ଭାଜପାରେ ରହିଥିଲାବେଳେ ବିଜେଡି ମହିଳା କାର୍ଡ ଖେଳି ତାଙ୍କୁ ବରୀ ପାଇଁ ଟିକେଟ ପ୍ରଦାନ କରିଥିଲା। ବରୀରେ ଭାଜପା ଆସନ ଅକ୍ତିଆର କରିନେବ ବୋଲି କେତେକ ସଂସ୍ଥା ପକ୍ଷରୁ ଏକଜିଟ୍ ପୋଲରେ ଦର୍ଶାଯାଇଥିଲା। ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ବିଜେଡି ସପକ୍ଷରେ ଜନମତ ଯାଇଥିବାରୁ ବରୀ ବ୍ଲକ ବିଜେଡି ପକ୍ଷରୁ ସମସ୍ତ ଭୋଟରଙ୍କୁ କୃତଜ୍ଞତା ଜଣାଯାଇଛି। ସୁନନ୍ଦା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବରୀ ତାଙ୍କର ଜନ୍ମମାଟି। ସେଠାରେ ସେ ପିଲାଦିନୁ ବଢିଛନ୍ତି। ଅପରପକ୍ଷରେ ବରୀରେ ତାଙ୍କ ଶାଶୁଘର। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ବରୀ ମାଟି ପାଇଁ କାମ କରିବେ। ବରୀରେ କେବେ ଅଶାନ୍ତ ବାତାବରଣ ସୃଷ୍ଟି ହେବାକୁ ଦେବେ ନାହିଁ। ବରୀର ବିକାଶ ତାଙ୍କର ଲକ୍ଷ୍ୟ। ଏ ବିଜୟ ହେଉଛି ବରୀବାସୀଙ୍କର। ସେ କେବଳ ସେବକ ହୋଇ ସେବା କରିବେ ବୋଲି କହିଛନ୍ତି। ବିଗତ ଦିନରେ ବରୀ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା କ୍ଷେତ୍ରରେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ତାଙ୍କ ସହ ରହିବ ବୋଲି ବିଶ୍ୱାସ ଓ ଭରଷା ରହିଥିବା କହିଛନ୍ତି।

# ଅର୍ଦ୍ଧନିର୍ମିତ ଅବସ୍ଥାରେ କମଲପୁର ସେତୁ

ରତ୍ନଗିରି,୨୪।୫(ଡି.ଏନ.ଏ.)



- କାର୍ଯ୍ୟ ଆରମ୍ଭରୁ ଦୁର୍ନୀତିର ଗନ୍ଧ ଅଭିଯୋଗ
- ଅବଧିକୁ ପୂରିଲା ୯ ମାସ
- ଶେଷ ହୋଇନି କାମ
- ସେତୁ ନିର୍ମାଣ ପାଇଁ ୨୦କୋଟି ୫୪ଲକ୍ଷ ୨୭ହଜାର ଟଙ୍କା ବ୍ୟୟବରାଦ

ଦ୍ୱୀପାଞ୍ଚଳକୁ ଗମନାଗମନର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ବିଜୁ ସେତୁ ଯୋଜନା ମାଧ୍ୟମରେ ଖରସ୍ରୋତା ନଦୀର କଳମପୁର ଘାଟରେ ଏକ ସେତୁ ନିର୍ମାଣ ପାଇଁ ଯୋଜନା କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଏହି ବିଭାଗ ତରଫରୁ ବିଜୁ ସେତୁ ଯୋଜନାରେ ୨୦୧୫ରେ ଏକ ଠିକା ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ଦାୟିତ୍ୱ ଦିଆଯାଇଥିଲା। ଏହି ସେତୁ ନିର୍ମାଣ ହେଲେ ଭଇଁରା ପଞ୍ଚାୟତର ରାୟପୁର, ଭଇଁରା, ବରିଲୋ, ଶାସନ, ବୋଦୁଅ ପଞ୍ଚାୟତର ପାଳସାହି, ଛତିଶଦେବିଲ ଓ ମାର୍କଣ୍ଡପୁର ପଞ୍ଚାୟତ, ସାନସୁଆର ଓ ବଡ ସୁଆର ପଞ୍ଚାୟତବାସୀ ଗମନାଗମନର ସୁବିଧା ପାଇବା ସହ ଡଙ୍ଗା ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ସରକାର ଚିନ୍ତା କରିଥିଲେ। କିନ୍ତୁ ଠିକା ସଂସ୍ଥାର ମନମାନି ଯୋଗୁ ବିଜୁ ସେତୁ ଯୋଜନାରେ ନିର୍ମାଣ ହେଉଥିବା କମଳପୁର ସେତୁର ଅବଧି ଶେଷ ହୋଇଥିଲେ ମଧ୍ୟ ସେତୁ କାର୍ଯ୍ୟ ଅଦ୍ୟାବଧି ଭୂଇଁରୁ ଉଠୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି। ଏପରି କି ଖରସ୍ରୋତା ନଦୀ ଉପରେ କରାଯାଉଥିବା ଅସ୍ଥାୟୀ ରାସ୍ତା ଚଳିତ ବର୍ଷ ନିର୍ମାଣ କରାଯାଇ ନ ଥିବା ଯୋଗୁ ସାଧାରଣଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଏହି ବିଜୁ ସେତୁ ଯୋଜନା ଏବେ ଦିଗହରା ପାଲଟିଥିବା ଦେଖିବାକୁ ମିଳିଛି। ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ନିର୍ମାଣରେ ବିଳମ୍ବ ହେଉଛି। କାର୍ଯ୍ୟ ଆରମ୍ଭରୁ ନିମ୍ନମାନର କାମ ଯୋଗୁ ବାରମ୍ବାର ସେତୁ ଧସିଯାଉଥିବା ଅଭିଯୋଗ ହେଉଛି। ଛତିଶଦେବିଲ, ଭଇଁରା, ବୋଦୁଅ ଓ ଅନ୍ୟ ପଞ୍ଚାୟତର ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖରସ୍ରୋତା ନଦୀ ଉପରେ କମଳପୁର ସେତୁ ନିର୍ମାଣ ପାଇଁ ଯୋଜାନା ପ୍ରସ୍ତୁତ କରାଯାଇଥିଲା। ସେତୁ ନିର୍ମାଣ ପାଇଁ ବିରଜା କନ୍‌ଷ୍ଟ୍ରକସନ୍ ନାମକ ଠିକା ସଂସ୍ଥା ନିର୍ମାଣ ଦାୟିତ୍ୱ ନେବା ପାଇଁ ୨୨।୧୧।୨୦୧୫ରେ ଚୁକ୍ତି କରିଥିଲା। ସେତୁ ନିର୍ମାଣର ଅବଧି ୧।୫।୨୦୧୮ରେ ଶେଷ ହେବ ବୋଲି ସ୍ଥିର କରାଯାଇଥିଲା। ୨୦କୋଟି ୫୪ଲକ୍ଷ ୨୭ହଜାର ବ୍ୟୟବରାଦ କରାଯାଇଥିଲା। ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧା ହୋଇ ନ ଥିବା ଜଣାପଡ଼ିଛି। ଗତବର୍ଷ ନିର୍ମାଣ ସମୟରେ ସେତୁର ମଝି ଖୁଣ୍ଟ ଧସିଯାଇଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବିରଜା କନ୍‌ଷ୍ଟ୍ରକଶନ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ପରେ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସରକାରୀ ନିୟମ ମୁତାବକ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ, ଦାୟିତ୍ୱରେ ଥିବା ଠିକାଦାର ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ନ କଲେ ବିଭାଗ ପକ୍ଷରୁ ନୋଟିସ୍ କରାଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ମେ, ୨୦୧୯



“ ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍ ଆଡିଶନ



## ସଂକ୍ଷେପରେ



### ଦଶପଲ୍ଲାରେ ବିଜୟ ଶୋଭାଯାତ୍ରା

**ଦଶପଲ୍ଲା,୨୪।୫ (ଡି.ଏନ.ଏ.)-** ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ବିଜୟୀ ହୋଇଛନ୍ତି। ନବନିର୍ବାଚିତ ବିଧାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏନେଇ ଶୁକ୍ରବାର ସ୍ଥାନୀୟ ମହାବୀର ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସମେତ ଏନ୍ଏସି ଅଧ୍ୟକ୍ଷା ବବିତା ସାହୁ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ କାଉନସିଲର ମାନେ ଉପସ୍ଥିତ ଥିଲେ।

### ପାରିବାରିକ କଳହକୁ ନେଇ ମହିଳାଙ୍କୁ ଆକ୍ରମଣ

**ଦଶପଲ୍ଲା,୨୪।୫(ଡି.ଏନ.ଏ.)-** ବାଣିଗୋଛା ଥାନା ଅନ୍ତର୍ଗତ ଭାତପଡା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଆକ୍ରମଣ ହୋଇଛି। ଫଳରେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କର ଜଣେ ସମ୍ପର୍କିୟ ତାଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସମ୍ପୃକ୍ତ ମହିଳାଙ୍କୁ ସେହି ଗ୍ରାମର ସମ୍ପର୍କିୟ ଉତ୍ତମ ଗୁରୁ ବିଭିନ୍ନ ସମୟରେ ଅସଦ୍ ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଉଭୟ ପରିବାର ମଧ୍ୟରେ କଳହ ସୃଷ୍ଟି ହେଉଥିଲା। ଗୁରୁବାର ସମ୍ପୃକ୍ତ ମହିଳା ଘରେ ଶୋଇଥିବା ବେଳେ ଉତ୍ତମ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମହିଳା ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ବାଣିଗୋଛା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

### କୁମ୍ଭକାର ନିଯୋଗ ସଦସ୍ୟଙ୍କୁ ମିଳିବ ୨ ହଜାର ଆର୍ଥିକ ସହାୟତା

**ପୁରୀ ଅଫିସ, ୨୪।୫ :** ବାତ୍ୟା ଫନୀ ପ୍ରଭାବରେ କୁମ୍ଭକାରମାନଙ୍କ ବିଶେଷ କ୍ଷତି ଘଟିଥିଲା। କୁମ୍ଭାରପଡା, ଟିକରପଡା, ଜେନାପୁର, ସଦର ଓ ବ୍ରହ୍ମଗିରି ଅଞ୍ଚଳର ଶତାଧିକ କୁମ୍ଭକାର ପରିବାର ପ୍ରଭାବିତ ହୋଇଥିଲେ। କୁମ୍ଭକାରମାନଙ୍କ ଶାଳ, ଭାଟି କ୍ଷତିଗ୍ରସ୍ତ ହୋଇଥିଲା। ମହାପ୍ରସାଦ ଲାଗି ଅଭାବ ପଡିବ କୁଡୁଆ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏନେଇ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କୁମ୍ଭକାର ନିଯୋଗ ସହ ମଧ ପ୍ରଶାସନ ଆଲୋଚନା କରିଥିଲେ। ମନ୍ଦିର ପ୍ରଶାସନ ଓ ପୁରୀ ତହସିଲ ପକ୍ଷରୁ ଯୁଗ୍ମ ସର୍ଭେ ଆରମ୍ଭ ହୋଇଛି। କୁମ୍ଭାରପଡାର୨୧୩ କ୍ଷତିଗ୍ରସ୍ତ ଭାଟି, ଶାଳ ମଧ୍ୟରୁ ୧୬୮ର ସର୍ଭେ ସରିଥିବା ଜଣାପଡିଛି। ଆଗାମୀ ଦିନରେ ବଳକା ଭାଟି, ସଦର ଓ ବ୍ରହ୍ମଗିରି ଅଞ୍ଚଳର କ୍ଷତିଗ୍ରସ୍ତ କୁମ୍ଭକାର ପରିବାରଙ୍କ ସର୍ଭେ ଆରମ୍ଭ ହେବ। ଅନ୍ୟ ପଟେ ଶ୍ରୀମନ୍ଦିର ମହାପ୍ରସାଦ ଲାଗି କୁଡୁଆ ଦେବା ଲାଗି କୁମ୍ଭାରପଡା କୁମ୍ଭକାରମାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ସମସ୍ତ କୁମ୍ଭକାରମାନେ ସେମାନଙ୍କ ପାଖରେ ରହିଥିବା ବିଭିନ୍ନ ପ୍ରକାର କୁଡୁଆ ଏକତ୍ର କରିଛନ୍ତି। ଶୁକ୍ରବାର ଦାସିଆ, ସମାଧି, ବାଇହାଣ୍ଡି, ସାନ ମଠ, ନମ୍ବରୀ ୨ଟି ଗାଡି ଏକାଠି କରିଛନ୍ତି। ଶନିବାର ଭୋର ସମୟରେ ଏହା ଶ୍ରୀମନ୍ଦିର ଅଭିମୁଖେ ଯିବ ବୋଲି କୁମ୍ଭକାର ନେତା ମହେନ୍ଦ୍ର ବିଶୋଇ କହିଛନ୍ତି।

# ଶଙ୍ଖନାଦରେ କମ୍ପିଲା ନୟାଗଡ଼ ଜିଲା

**ନୟାଗଡ଼ ଅଫିସ,୨୪।୫**



ବିଧାୟକ ଅରୁଣ ଓ ସତ୍ୟନାରାୟଣ ଉପଜିଲାପାଳ ଏବଂ ବିଧାୟକ ସୌମ୍ୟରଞ୍ଜନ ଓ ରମେଶ ଅତିରିକ୍ତ ଜିଲାପାଳଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି।

- **କ୍ଲିନ୍ ସୁଇପ୍ କଲା ବିଜେଡି**
- **ପ୍ରଥମ ଥର ବିଧାୟକ ହେଲେ ରମେଶ ଓ ସୌମ୍ୟ**

ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀମାନଙ୍କ ୫ରୁ ଊର୍ଦ୍ଧ୍ୱ ଥର ନୟାଗଡ଼ ଗସ୍ତ, ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଚାର, ଭାଜପାର ୧୨୦ ମିଶନ ସବୁ କିଛି ଫିକା ପଡ଼ିଲା ନୟାଗଡ଼ ଜିଲାରେ। ଜିଲାର ୩ ନିର୍ବାଚନ ମଣ୍ଡଳୀକୁ ୩ ଥର ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାବାସୀଙ୍କ ମନ ଜିଣି ନେଇଥିଲେ। ଫଳସ୍ୱରୂପ ଜିଲାବାସୀ ଶଙ୍ଖରେ ଭୋଟ ଦେଇ ବିଜେଡିର ପଲା ଭାରି କରିଦେଲେ। ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରୁ ୪ଟି ଯାକରେ କ୍ଲିନ୍ ସୁଇପ୍ କରିଛି ବିଜେଡି। ଶଙ୍ଖନାଦରେ କମ୍ପିଛି ନୟାଗଡ଼ ଜିଲା। ବିଜେଡିର ଗଡ଼ ନୟାଗଡ଼ ତା'ର ସ୍ଥିତିକୁ ଅକ୍ଷୁଣ୍ଣ ରଖିବାରେ ସକ୍ଷମ ହୋଇଛି। ଭାରତୀୟ ଜନତା ପାର୍ଟି (ଭାଜପା)ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀକୁ ଛାଡ଼ିଦେଲେ ଅନ୍ୟ ସବୁଠି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ତା'ର ସ୍ଥିତି ହରାଇଛି। ୪ ନିର୍ବାଚନମଣ୍ଡଳୀରେ କେଉଁଠାରେ ବି କଂଗ୍ରେସ ୧୦ ପ୍ରତିଶତ ଭୋଟ ହାସଲ କରି ପାରିନାହିଁ । ଜିଲାର ୪ ନିର୍ବାଚନମଣ୍ଡଳୀରୁ ଖଣ୍ଡପଡ଼ାରେ ସୌମ୍ୟରଞ୍ଜନ ପଟ୍ଟନାୟକ ସର୍ବାଧିକ ୮୧,୪୩୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ରଣପୁରରେ ସତ୍ୟ ନାରାୟଣ ପ୍ରଧାନ ସର୍ବନିମ୍ନ ୪୨୫୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପ୍ରଥମଥର ପାଇଁ ବିଧାୟକ ହୋଇଛନ୍ତି ପ୍ରଶାସକରୁ ରାଜନେତା ସାଜିଥିବା ଦଶପଲ୍ଲାରୁ ରମେଶ ଚନ୍ଦ୍ର ବେହେରା ଓ ଖଣ୍ଡପଡ଼ାରୁ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ । 'ଆମ ପାଇଁ ବଡ଼ ଆମ ନୟାଗଡ଼' ସ୍ଲୋଗାନ୍ ଦେଇଥିବା ବିଧାୟକ ଡ. ଅରୁଣ କୁମାର ସାହୁ ନୟାଗଡ଼କୁ ନିଜ କବ୍ଜାରେ ରଖିବାରେ ସକ୍ଷମ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଇରାନୀ ରାୟଙ୍କୁ ୧୪,୮୫୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ଚତୁର୍ଥ ଥର ପାଇଁ ଅରୁଣ ବିଧାୟକ ହୋଇଛନ୍ତି। ୨୦୦୯ରେ ରଣପୁରର ବିଧାୟକ ହୋଇଥିବା ସତ୍ୟନାରାୟଣ ପ୍ରଧାନ ୨୦୧୯ରେ ମଧ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସୁରମା ପାଢୀଙ୍କୁ କଡ଼ା ଟକ୍କର ଦେଇ ୪୨୫୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୨୦୦୯ ନିର୍ବାଚନରେ ସତ୍ୟନାରାୟଣ ୨୧,୬୦୧ ଖଣ୍ଡ ଭୋଟ ବ୍ୟବଧାନରେ ସୁରମାଙ୍କଠାରୁ ବିଜୟୀ ହୋଇଥିଲେ। ବିଜୟୀ ବିଧାୟକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଆଗାମୀ ଦିନରେ ନିଜ ନିର୍ବାଚନମଣ୍ଡଳୀର ଉନ୍ନତି କରିବେ ବୋଲି ପ୍ରକାଶ କରିଛନ୍ତି।

## ଦରମା, ଭତ୍ତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେବେ ପିନାକୀ

**ପୁରୀ ଅଫିସ, ୨୪।୫**

ପୁରୀ ଲୋକ ସଭା ଆସନରୁ ଲଗାତର ତୃତୀୟଥର ଲାଗି ବିଜୟୀ ହୋଇଛନ୍ତି ବିଜେଡିର ପନାକୀ ମିଶ୍ର। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଭୋଟରଙ୍କ ଭଲପାଇବା ଯୋଗୁ ସେ ପୁଣିଥରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି ବୋଲି କହିଛନ୍ତି ପିନାକୀ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିର୍ବାଚିତ ପ୍ରମାଣପତ୍ର ନେବାକୁ ଆସିଥିବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ପିନାକୀ କହିଥିଲେ ପାର୍ଲାମେଣ୍ଟର ସଦସ୍ୟ ଭାବେ ୫ ବର୍ଷ ତାଙ୍କୁ ମିଳିବାକୁ ଥିବା ସବୁ ଦରମା ଏବଂ ଭତ୍ତା ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରିବେ। ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ଲୋକେ କୌଣସି ଅସୁବିଧାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ପାଇଁ ଆବେଦନ କଲେ ତାଙ୍କୁ ଏଥିରୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ।

## ନିର୍ବାଚନ ପରବର୍ତ୍ତୀ ଚର୍ଚ୍ଚା

## କିଏ ହେବେ ମନ୍ତ୍ରୀ

**ନୟାଗଡ଼ ଅଫିସ, ୨୪।୫**

ଜିଲାର ୪ ନିର୍ବାଚନମଣ୍ଡଳୀରୁ କେଉଁ ବିଧାୟକ ମନ୍ତ୍ରୀ ହେବେ ତାହାକୁ ନେଇ ଚାଲୁଛି କଳ୍ପନାଜଳ୍ପନା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ନା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ସୌମ୍ୟରଞ୍ଜନ ଜିଲାରେ ସର୍ବାଧିକ ୮୧,୪୩୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାରୁ ତାଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀପଦ ମିଳିପାରେ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ୨୦୦୪ ମସିହାରୁ ଲଗାତର ଜିତିଆସୁଥିବା ଅରୁଣ କୁମାର ସାହୁ କ୍ୟାବିନେଟ ମନ୍ତ୍ରୀପଦ ପାଇବା ନେଇ ମଧ ଚର୍ଚ୍ଚା ହେଉଛି। ବିଧାୟକ ଅରୁଣ ଚତୁର୍ଥ ଥର ପାଇଁ ନିଜ ଗଡ଼ ସମ୍ଭାଳି ନୟାଗଡ଼ ବିଜେଡିର ଗଡ଼ ବୋଲି ପ୍ରମାଣିତ କରିଦେଇଛନ୍ତି। ଅରୁଣ ବିଧାୟକ ହେବା ପରେ ୨୦୧୨ ମସିହାରୁ ବିଭିନ୍ନ ସମୟରେ ପଞ୍ଚାୟତିରାଜ ବିଭାଗ, ଶକ୍ତି, ଆଇନ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ରହିଆସିଛନ୍ତି। ୨୦୧୭ ମେଠାରୁ ଜିଲା ମନ୍ତ୍ରୀଶୂନ୍ୟ ହୋଇପଡ଼ିଛି। ତେଣୁ ଚଳିତଥର ଜିଲାର ଜଣେ ନା ଦୁଇଜଣ ବିଧାୟକ ମନ୍ତ୍ରୀ ପଦ ହାସଲ କରୁଛନ୍ତି, ତାହାକୁ ଜିଲାବାସୀ ଅପେକ୍ଷା କରିଛନ୍ତି।

### ବଢ଼ିଛି ଭାଜପାର ଭୋଟ ହାର

ଗତଥର ଅପେକ୍ଷା ଚଳିତ ନିର୍ବାଚନରେ ଜିଲାର ୪ଟି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ ହାର ବଢ଼ିଛି। ଗତଥର ଭାଜପା ନୟାଗଡ଼ରେ ୫.୨୫ ପ୍ରତିଶତ ଭୋଟ ପାଇଥିବା ବେଳେ ଏଥର ୪୨.୮୭ ପ୍ରତିଶତ ଭୋଟ ପାଇଛି। ଖଣ୍ଡପଡ଼ାରେ ଗତଥର ୨.୯୫ ପ୍ରତିଶତ ଭୋଟ ପାଇଥିବା ବେଳେ ଏଥର ୧୦.୪୧ ପ୍ରତିଶତ , ଦଶପଲ୍ଲାରେ ଗତଥର ୧୩.୮୬ ପ୍ରତିଶତ ଭୋଟ ପାଇଥିବା ବେଳେ ଏଥର ୩୦.୯୪ ପ୍ରତିଶତ ଭୋଟ ମିଳିଛି। ସେହିପରି ରଣପୁରରେ ଗତଥର ୩୨.୪୪ ପ୍ରତିଶତ ଭୋଟ ପାଇଥିବାବେଳେ ଏଥର ଭାଜପା ୪୩.୮୨ ପ୍ରତିଶତ ଭୋଟ ପାଇଛି। ଚଳିତ ନିର୍ବାଚନରେ ଭୋଟ ହାର ବଢ଼ିଛି ହେଲେ ଜିଲାର ଗୋଟିଏ ବି ନିର୍ବାଚନମଣ୍ଡଳୀରେ ଭାଜପା ଖାତା ଖୋଲିପାରିନାହିଁ। ତୃଣମୂଳସ୍ତରରେ ଭାଜପା ନିଜର ସ୍ଥିତି ଜାହିର କରିବାରେ ବିଫଳ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ଆଲୋଚନା ହେଉଛି। ସେହିପରି କେତେକ ନିର୍ବାଚନମଣ୍ଡଳୀରେ କେବଳ ଭାଜପା ହାୱାରେ ଭୋଟ ମିଳିବ ବୋଲି କହି ପ୍ରାର୍ଥୀମାନେ ଅନେକ ଗ୍ରାମକୁ ନ ଯିବା ମଧ ମହଙ୍ଗା ପଡ଼ିଛି। ରଣପୁର ନିର୍ବାଚନମଣ୍ଡଳୀକୁ ଛାଡ଼ିଦେଲେ ଅନ୍ୟ କେଉଁଠି ଭାଜପା କଡ଼ା ଟକ୍କର ଦେଇପାରିନାହିଁ।

### ୪ ବିଧାୟକଙ୍କ ଆଗରେ ରହିଛି ଅନେକ ପରୀକ୍ଷା

ନୟାଗଡ଼ ଜିଲାରୁ ନିର୍ବାଚିତ ହୋଇଥିବା ୪ ବିଧାୟକଙ୍କ ଆଗରେ ରହିଛି ଅନେକ ପରୀକ୍ଷା। ଜିଲାର ୪ ନିର୍ବାଚନମଣ୍ଡଳୀରେ ଥିବା ମାତ୍ର ୩୫ପ୍ରତିଶତ ଜମିକୁ ଜଳସେଚନର ବନ୍ଦୋବସ୍ତ କରାଯାଇଛି। ସମସ୍ତ ଜମିକୁ ଜଳସେଚିତ କରିବା ପାଇଁ ଚାଷୀ ମହଲରେ ଦାବି ହେଉଛି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ୪ ବର୍ଷ ହେଲାଣି ଚିନିକଳ ବନ୍ଦ ହୋଇ ପଡ଼ିଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବୃତ୍ତଙ୍ଗ ପ୍ରକଳ୍ପ ଏବେ ବି ସ୍ୱପ୍ନ ପାଲଟିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଭାପୁର ବ୍ଲକର କରବରଠାରେ ହେବାକୁ ଥିବା ତାପଜ ବିଦ୍ୟୁତ ପ୍ରକଳ୍ପ କାମ ଫେରିଯାଇଛି। ରଣପୁର ନିର୍ବାଚନମଣ୍ଡଳୀର ଭେଟଗଡ଼ ପ୍ରକଳ୍ପ ପୁନରୁଦ୍ଧାର ଅପେକ୍ଷାରେ ରହିଛି। ଏହାର ପୁନରୁଦ୍ଧାର କରାଗଲେ ୧୫ରୁ ୧୭ ପଞ୍ଚାୟତର ହଜାରରୁ ଅଧିକ ହେକ୍ଟର ଜମିକୁ ଜଳସେଚିତ କରାଯାଇପାରିବ। ଏଠାରେ ରହିଥିବା ଏପରି ସମସ୍ୟାକୁ ବିଧାୟକମାନେ ଆଦରି ନେଇ ସମାଧାନ କରୁଛନ୍ତି ନା ପ୍ରତିଶ୍ରୁତି ଦେଇ ୫ ବର୍ଷ ପାର ହେଉଛନ୍ତି, ତାହା ଏବେ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି।

### କମିବାରେ ଲାଗୁଛି ଅରୁଣଙ୍କ ବିଜୟ ବ୍ୟବଧାନର ହାର

୨୦୦୪ରୁ ୨୦୧୯ ଯାଏ ୪ଥର ନୟାଗଡ଼ ବିଧାୟକ ହୋଇଥିବା ଅରୁଣ କୁମାର ସାହୁଙ୍କ ବିଜୟ ଭୋଟର ବ୍ୟବଧାନ ୨୦୦୯ ନିର୍ବାଚନରୁ ଲଗାତର କମିବାରେ ଲାଗିଛି। ୨୦୦୯ ମସିହାରେ ଅରୁଣ ୬୭,୧୦୦ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂହଙ୍କଠାରୁ ୨୭,୩୪୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ଏହା କମିଯାଇ ୨୦,୮୬୭ ଖଣ୍ଡରେ ପହଞ୍ଚିଥିଲା। ବିଧାୟକ ଅରୁଣ ୭୫,୫୩୮ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଲାଲା ମନୋଜ ରାୟ ୫୪,୬୭୧ ଭୋଟ ପାଇଥିଲେ। ଚଳିତ ଥର ବିଜୟ ବ୍ୟବଧାନ ଖସିଆସି ୧୪,୮୫୫ରେ ପହଞ୍ଚିଛି। ବିଧାୟକ ଅରୁଣ ୮୧,୫୯୨ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ଇରାନୀ ରାୟ ୬୬,୭୩୭ ଖଣ୍ଡ ଭୋଟ ପାଇଛନ୍ତି। ୨୦୧୪ ନିର୍ବାଚନରେ ବିଧାୟକ ଅରୁଣ ୫୨.୭୮% ଭୋଟ ପାଇଥିବା ବେଳେ ୨୦୧୯ରେ ୫୨.୪୧ ପ୍ରତିଶତ ଭୋଟ ପାଇଛନ୍ତି।

## ୩୨ ହଜାର ପରିବାରକୁ ଦିଆଗଲାଣି ବିଦ୍ୟୁତ୍ ସଂଯୋଗ

**ପୁରୀ ଅଫିସ, ୨୪।୫**

ପୁରୀ ଜିଲାରେ ରିଲିଫ ଏବଂ ପୁନରୁଦ୍ଧାର କାମ ଚାଲିଛି। ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କ୍ଷତିଗ୍ରସ୍ତଙ୍କୁ ୫୦ କେଜି ଚାଉଳ ଏବଂ ୨ ହଜାର ଟଙ୍କା କାର୍ଡଧାରୀଙ୍କୁ ପ୍ରଦାନ କରାଯାଇଛି। ୨/୩ ଦିନ ମଧ୍ୟରେ ବିନା କାର୍ଡଧାରୀଙ୍କୁ ଏହା ଯୋଗାଣ ଆରମ୍ଭ ହୋଇ ଚଳିତ ମାସ ସୁଦ୍ଧା ଶେଷ କରାଯିବ ବୋଲି କହିଛନ୍ତି ଜିଲାପାଳ ବଲୱନ୍ତ ସିଂ। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ସିଂ କହିଛନ୍ତି, ବିଦ୍ୟୁତ୍ ପୁନରୁଦ୍ଧାର କାମ ଚାଲିଛି। ସହରାଞ୍ଚଳରେ ୩୨,୦୦୦ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆସରିଲାଣି। ଆହୁରି ବଳକା ୧୮,୦୦୦ ଉପଭୋକ୍ତାଙ୍କୁ ୩/୪ ଦିନ ମଧ୍ୟରେ ସଂଯୋଗ ଦିଆଯିବ ବୋଲି ଆଶା ରଖିଛୁ ବୋଲି ଜିଲାପାଳ କହିଛନ୍ତି।

## ଏମ୍‌ପି ଓ ବିଧାୟକ ଭୋଟରେ ପଡ଼ିଛି ଫରକ

**ନୟାଗଡ଼ ଅଫିସ, ୨୪।୫**

ଚଳିତ ନିର୍ବାଚନରେ ଏମ୍‌ପି ଓ ବିଧାନସଭା ଭୋଟରେ ମଧ ଫରକ ପଡ଼ିଥିବା ଦେଖିବାକୁ ମିଳିଛି। ଭୋଟରମାନେ କେଉଁଠି ଗୋଟିଏ ଦଳର ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବେଳେ ଏମ୍‌ପି ଅନ୍ୟ ଦଳକୁ ଦେଇଥିବା ଜଣାପଡ଼ିଛି। ଫଳରେ କେଉଁଠାରେ ଗୋଟିଏ ଦଳର ବିଧାୟକ ଅଧିକ ଭୋଟ ହାସଲ କରିଥିବାବେଳେ ଉକ୍ତ ଦଳର ଏମ୍‌ପି ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା କମିଛି। ଅନୁରୂପ ଭାବେ ମଧ କେଉଁଠାରେ ଏମ୍‌ପି ପ୍ରାର୍ଥୀ ଅଧିକ ଭୋଟ ହାତେଇଥିବା ବେଳେ ଉକ୍ତ ନିର୍ବାଚନମଣ୍ଡଳୀରେ ଉକ୍ତ ଦଳର ବିଧାୟକ ପ୍ରାର୍ଥୀ କମ୍ ଭୋଟ ପାଇଥିବା ଦେଖିବାକୁ ମିଳିଛି। ରଣପୁର ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ୬୯,୮୪୯ ଖଣ୍ଡ ଭୋଟ ପାଇଥିବା ବେଳେ ସେଠାରୁ ପୁରୀ ଏମ୍‌ପି ପିନାକୀ ୬୮,୬୪୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ସୁରମା ୬୫,୫୯୮ ଖଣ୍ଡ ଭୋଟ ପାଇଥିବା ବେଳେ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ୬୭,୨୦୫ ଖଣ୍ଡ ଭୋଟ ପାଇଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ଅରୁଣ ୮୧,୫୯୨ ଖଣ୍ଡ ଭୋଟ ପାଇଥିବା ବେଳେ ପୁରୀ ଏମ୍‌ପି ପିନାକୀ ୭୯,୧୪୧ ଖଣ୍ଡ ଭୋଟ ପାଇଛନ୍ତି। ଭାଜପାର ବିଧାୟକ ପ୍ରାର୍ଥୀ ଇରାନୀ ୬୬,୭୩୭ ଖଣ୍ଡ ଭୋଟ ପାଇଥିବା ବେଳେ ଏମ୍‌ପି ପ୍ରାର୍ଥୀ ସମ୍ବିତ ୬୬,୪୫୯ ଖଣ୍ଡ ଭୋଟ ପାଇଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ପିନାକୀ ସମ୍ବିତ୍‌ଙ୍କଠାରୁ ୧୨,୬୮୨ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ପିନାକୀଙ୍କ ବିଜୟ ହେବାରେ ନୟାଗଡ଼ର ଭୋଟ ଗୁରୁତ୍ୱ ରଖୁଥିବା ନେଇ ଆଲୋଚନା ହେଉଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ରମେଶ ୭୫,୦୦୬ ଖଣ୍ଡ ଭୋଟ ପାଇଥିବା ବେଳେ ଉକ୍ତ ଦଳର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ୭୭,୮୫୦ ଖଣ୍ଡ ଭୋଟ ପାଇଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ୩୯,୭୧୫ ଖଣ୍ଡ ଭୋଟ ପାଇଥିବା ବେଳେ ଉକ୍ତ ଦଳର କନ୍ଧମାଳ ଏମ୍‌ପି ଖାରବେଳ ସ୍ୱାଇଁ ୪୦,୧୮୧ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସୌମ୍ୟରଞ୍ଜନ ୧ ଲକ୍ଷ ୩୮ ଖଣ୍ଡ ଭୋଟ ପାଇଥିବା ବେଳେ କଟକ ଲୋକ ସଭା ଏମ୍‌ପି ଭର୍ତ୍ତୃହରି ମହତାବ ୮୯,୯୩୫ ଖଣ୍ଡ ଭୋଟ ପାଇଛନ୍ତି। ଭାଜପାର ସିଦ୍ଧାର୍ଥ ଶେଖର ସିଂ ୧୪,୦୧୪ ଭୋଟ ପାଇଥିବା ବେଳେ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ୩୭,୩୮୫ ଖଣ୍ଡ ଭୋଟ ପାଇଛନ୍ତି। ଏଥିରୁ ଜଣାପଡୁଛି ଲୋକ ଦଳ ଅପେକ୍ଷା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଛନ୍ତି।

## ଜୈବ ବିବିଧତା ସୁରକ୍ଷା ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ସହ ଯୁବକମାନେ।

**ଖଣ୍ଡପଡା,୨୪।୫(ସ୍ୱ.ପ୍ର.)**

ସବୁଜସୁନ୍ଦର ପରିବେଶରେ ଦୃଶ୍ୟ ହେଉଥିବା ଅଣୁଜୀବଠାରୁ ଆରମ୍ଭ କରି ବିରାଟକାୟ ହସ୍ତୀ, ତିମି ଓ ଜଳଜୀବ ଆଦିଙ୍କ ସମାହାରକୁ ଜୈବ ବିବିଧତା କୁହାଯାଏ । ଏଥିରୁ ଗୋଟିକର ଅଭାବରେ ଅନ୍ୟମାନେ ପରୋକ୍ଷରେ ଅବା ପ୍ରତ୍ୟକ୍ଷରେ ପ୍ରଭାବିତ ହୋଇଥାନ୍ତି। ମାନବ ସମାଜ ଏମାନଙ୍କ ଉପରେ ନିର୍ଭର କରି ବଞ୍ଚିଥାନ୍ତି। ଏଣୁ କୁହାଯାଏ ଗଛଲତା ସହିତ ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଆଦି ବଞ୍ଚି ନ ରହିଲେ ମନୁଷ୍ୟ ସମାଜ ତିଷ୍ଠିପାରିବ ନାହିଁ। ବୁଧବାର ବିଶ୍ୱ ଜୈବ ବିବିଧତା ସୁରକ୍ଷା ଦିବସ ଅବସରରେ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ଦ୍ୱାରା ବାପୁଜୀନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକସଂଘର ସଦସ୍ୟମାନେ ଯୋଗଦେଇ ଜୈବ ବିବିଧତା ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୫୮ବର୍ଷ ହେଲା ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ସାହୁ କିପରି ଉଜୁଡା ଜଙ୍ଗଲକୁ ସଂରକ୍ଷଣ କରିପାରିଛନ୍ତି, ବନ୍ୟ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରୁଛନ୍ତି ସେ ସମ୍ପର୍କରେ ଅବଗତ କରିଥିଲେ। ସେହିପରି ବାଇଚଢେଇ ଓ ଘରଚଟିଆଙ୍କ ବଂଶବୃଦ୍ଧି ପାଇଁ ରାସ୍ତା, ମାଳବନ୍ଧ କଡରେ ତାଳ, ଖଜୁରି ଗଛ ରୋପଣ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିଶେଷ କରି ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଜୀବଜନ୍ତୁ ତଥା ପଶୁପକ୍ଷୀଙ୍କ ପାଇଁ ପକ୍ଷୀ ନିବାସ ସହ ସେମାନଙ୍କ ତୃଷା ମେଣ୍ଟାଇବା ଲାଗି ବିଭିନ୍ନ ସ୍ଥାନରେ ଜଳପାତ୍ର ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ମହୁମାଛି, ପ୍ରଜାପତି, ଭ୍ରମର ଆଦିଙ୍କ ଆହାର ପାଇଁ ଗଛରୁ ଅଧିକ ଫୁଲ ନ ତୋଳି ଛାଡିଦେବାକୁ କହିଥିଲେ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଅରୁଣ, ଅଶ୍ୱିନୀ, ପିନ୍ଟୁ, ଶିବୁ, ପ୍ରଭାତ ପ୍ରମୁଖ ଯୋଗଦେଇଥିଲେ।

## ବିଲେଇ ବାଡ଼ିଆ ଅନୁକୂଳ

**ପୁରୀ ଅଫିସ, ୨୪।୫**

ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ବିଲେଇ ବାଡିଆ ଆରମ୍ଭ ହୋଇଛି। ତୁମ୍ବରେ ଅର ସହ ପହି ସଂଯୋଗ ଲାଗି ଏକ ବଡ କାଠରେ କତା ଦଉଡି ବାନ୍ଧି ଦୁଇ ପଟେ ଚାରିଜଣ ଭୋଇ ସେବକ ପିଟି ଚାରିପଟେ ସମାନ କରନ୍ତି। ଏହାକୁ ବିଲେଇ ବାଡିଆ କହନ୍ତି। ଶୁକ୍ରବାର ତିନି ରଥର ଗୋଟିଏ ଲେଖାଏ ଚକରେ ବିଲେଇ ବାଡିଆ ହୋଇଛି। ଜନ୍ତାଗାଡରେ ସିଙ୍ଗଡା ବାଡିଆ ଚାଲିଛି। ଶୁକ୍ରବାର ସୁଦ୍ଧା ୧୦ଟା ତୁମ୍ବରେ ସିଙ୍ଗଡା ବାଡିଆ କରାଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ତୁମ୍ବରେ ବିନ୍ଧ କାମ ଚାଲିଛି। କରତି ସେବକମାନେ କାଠ ଚିରଟ କରୁଛନ୍ତି। ୩ଟି ନାହାକା ଅଖ ଅନୁକୂଳ ହୋଇଛି। ତୁମ୍ବରେ ଅର ବିନ୍ଧ ଚାଲିଛି। କମାର ଚାଳିରେ ଅରକଣ୍ଟା, ପନ୍ଦାରୀ, ବଳା କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ କଣଗୁଜ କରୁଛନ୍ତି। ଭଉଁରିରେ ତିନି ରଥର ଗୋଟିଏ ଲେଖାଏ ଚକ ଅଖ ଡେରା ହେବା ନେଇ ରଥଖଳାରେ କାମ ଚାଲିଛି।

## ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ରଣପୁର, ୨୪।୫(ସ୍ୱ.ପ୍ର.)**

- **୨ ମାସରେ ମଲେଣି ୨୦ରୁ ଊର୍ଦ୍ଧ୍ୱ ଗୋରୁ, ଛେଳି**
- **ଅଭିଯୋଗ କଲେ ମିଳୁଛି ଧମକ**



ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବାରୁ ବିଦ୍ୟୁତ୍ ଆଘାତରେ ମରି ପଡ଼ିଥିବା ଏକ ବଳଦ।

ନିରାପଦରେ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳସ୍ୱରୂପ ଅନେକ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ ହେଉଛି। ଏହାର ପରିଣତି ନିରୀହ ପ୍ରାଣୀମାନଙ୍କୁ ଭୋଗିବାକୁ ପଡୁଛି। ଏହାର ଏକ ନମୁନା ନୟାଗଡ଼ ଜିଲା ରଣପୁର ବିଦ୍ୟୁତ୍ ବିଭାଗ (ସେସୁ) ଅଧୀନ ଗୋପାଳପୁର ଗ୍ରାମରେ ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମର ମୁକୁଳା ପଡିଥିବାରୁ ଗୁରୁବାର ବିଦ୍ୟୁତ୍ ଆଘାତରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ବଳଦର ମୃତ୍ୟୁ ଘଟିଛି। ଦୁଇମାସ ଭିତରେ ଏହି କାରଣରୁ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗ ପାଖରେ ଅଭିଯୋଗ କଲେ ସେମାନଙ୍କୁ ଧମକ ମିଳୁଥିବା ଜଣାଯାଇଛି।

ଗୋପାଳପୁର ଗ୍ରାମ ବଣିଆ ସାହିକୁ ବିଦ୍ୟୁତ୍ ଯୋଗାଣ ପାଇଁ ବିଭାଗ ତରଫରୁ ଗ୍ରାମ ମୁଣ୍ଡ ରାସ୍ତା କଡରେ ଏକ ଟ୍ରାନ୍ସଫର୍ମର ବସାଯାଇଛି। ଦୀର୍ଘମାସ ହେବ ଏହି ଟ୍ରାନ୍ସଫର୍ମରଟି ଏଠାରେ ବସାଯାଇଥିଲେ ମଧ ବିଭାଗ ତରଫରୁ ଏହା ଚାରିପାଖରେ ପାଚେରି କିମ୍ବା ତାରବାଡ କରାଯାଇ ନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଅନେକ ସମୟରେ ଗୃହପାଳିତ ପ୍ରାଣୀମାନେ ଚରିବା ପାଇଁ ଟ୍ରାନ୍ସଫର୍ମର ନିକଟକୁ ଚାଲିଯାନ୍ତି। ଫଳରେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥାଆନ୍ତି। ଦୁଇମାସ ଭିତରେ ବିଭିନ୍ନ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଗାଈ, ବଳଦ, ଛେଳି ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି। ଗୁରୁବାର ବଣିଆ ସାହିର ଉଲି ମୁଖୀଙ୍କ ବଳଦ ବାହାରକୁ ଚରାଇବା ପାଇଁ ନେଉଥିବା ବେଳେ ଟ୍ରାନ୍ସଫର୍ମର ନିକଟକୁ ପଳାଇଥିଲା। ସେଠାରେ ବିଦ୍ୟୁତ୍ ଆଘାତରେ ବଳଦର ମୃତ୍ୟୁ ଘଟିଥିଲା। ଏ ନେଇ ଉଲି ରଣପୁର ସେସୁ ଅଧିକାରୀଙ୍କୁ ଜଣାଇଥିଲେ ମଧ ତାଙ୍କୁ ସମାଧାନ ବଦଳରେ ଧମକ ଦେଇଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ଟାଙ୍ଗୀ ବିଦ୍ୟୁତ୍ ବିଭାଗ ସେସୁର ଏସ୍‌ଡିଓଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଏ ବିଷୟରେ ଅବଗତ ନାହିଁ । ଯଦି ସେଠାରେ ଖୋଲା ଟ୍ରାନ୍ସଫର୍ମର ପଡିଆରେ ବସିଛି ତା'ହେଲେ ତୁରନ୍ତ ତାକୁ ତାରବାଡ ଦ୍ୱାରା ଆବଦ୍ଧ କରାଯିବ।

## ବ୍ରହ୍ମଗିରି ଦଖଲ କଲା ଭାଜପା: କୃଷ୍ଣପ୍ରସାଦରେ ଉତ୍ସାହ

**କୃଷ୍ଣପ୍ରସାଦ,୨୪।୫(ଡି.ଏନ.ଏ.)–** ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବିଜୟୀ ହେବା ପରେ କୃଷ୍ଣପ୍ରସାଦ ବ୍ଲକରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କର୍ମୀମାନେ ଗାଁ ଗାଁରେ ବାଣ ଫୁଟାଇ, ବାଜାବଜାଇ ଆନନ୍ଦରେ ନାଚିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ବିୟୋଗ ପରେ ତାଙ୍କ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଭାଜପାରେ ଯୋଗ ଦେଇଥିଲେ। ସେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇ ବିଜେଡିର ସଞ୍ଜୟ ଦାସବର୍ମାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ଲୁଲୁଙ୍କ ଝିଅ ଉପାସନା ମହାପାତ୍ର ଦାଦାଙ୍କ ପାଇଁ ନିର୍ବାଚନ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲୁଲୁଙ୍କ ପ୍ରତି ଲୋକଙ୍କ ଭଲ ପାଇବା ତଥା ଲଳିତେନ୍ଦୁଙ୍କ ସରଳ ବ୍ୟବହାର ତାଙ୍କୁ ଜିତିବାରେ ସହାୟକ ହୋଇଥିଲା। ଅନ୍ୟପକ୍ଷେ ସଞ୍ଜୟ ଦାସବର୍ମା ବହୁ ଉନ୍ନତିମୂଳକ କାର୍ଯ୍ୟକରିଥିଲେ ମଧ୍ୟ ତାଙ୍କୁ ପରାଜିତ ହେବାକୁ ପଡିଲା। ସମୀକ୍ଷକଙ୍କ ମତରେ ଦାସବର୍ମା ସାମୁହିକ କାମ କରିଥିଲେ ମଧ୍ୟ ଲୋକସମ୍ପର୍କରେ ଊଣା କରିଥିଲେ । ଯାହାଦ୍ୱାରା ତାଙ୍କୁ ଆଜି ପରାଜିତ ହେବାକୁ ପଡିଛି । ରାଜ୍ୟରେ ୫ ଥର ବିଜେଡି ଲଗାତର ବିଜୟୀ ହୋଇ ଶାସନ କରିବାକୁ ଯାଉଥିବାବେଳେ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳର ଆଗଧାଡିର ମନ୍ତ୍ରୀଥିବା ସଞ୍ଜୟଙ୍କ ପରାଜୟରେ କର୍ମୀ ଓ ସମର୍ଥକମାନେ ନିରୁତ୍ସାହିତ ହୋଇପଡିଛନ୍ତି ।